ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩ (୮+୮= ୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 1/2023 Page 16 ₹ 7.00 SAMBALPUR

୪୯ଶ ଭାଗ ୧୨୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 126 ମୂଲ୍ୟ ₹୭/-

# ୟୁସି ଦେଉନାହାନ୍ତି ବିଭାଗ

**ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ କେନ୍ଦ୍ରୀୟ ଯୋଜନା ବାବଦକୁ ପାଉଥିବା ଅର୍ଥକୁ ଠିକ୍ ସମୟରେ ଖର୍ଚ୍ଚ କରି ପାରୁ ନାହାନ୍ତି। ୨୦୨୦-୨୧ରେ ରାଜ୍ୟର ୪୨ଟି ବିଭାଗରେ ବର୍ଷ ଶେଷ ସୁଦ୍ଧା ୯,୭୧୯ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିଲା। ଫଳରେ ରାଜ୍ୟ ସରକାର ବିନିଯୋଗ ପତ୍ର (ୟୁସି) ଦାଖଲ କରିବାରେ ବିଫଳ ହୋଇଥିବା ସିଏଜି ଉଦ୍‌ବେଗ ପ୍ରକାଶ କରିଛନ୍ତି।**

ଭୁବନେଶ୍ୱର,୩୧।୩(ବ୍ୟୁରୋ)

## ସିଏଜି ରିପୋର୍ଟ

- ୨୭,୪୨୩.୦୩ କୋଟିର ୟୁସି ବାକି
- କମୁଛି କେନ୍ଦ୍ରୀୟ ଅନୁଦାନ




ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଯେଉଁ ଅର୍ଥ ପାଉଛନ୍ତି, ତାକୁ ଠିକ୍ ସମୟରେ ଖର୍ଚ୍ଚ କରି ପାରୁନାହାନ୍ତି। ବିଭାଗଗୁଡ଼ିକ ବଜେଟରେ ଅଧିକ ଅର୍ଥ ଦାବି କରୁଥିବାବେଳେ ମିଳୁଥିବା ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହୁଛି। ଏହାକୁ ନେଇ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୧-୨୨ ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୨୦-୨୧ରେ ରାଜ୍ୟ ସରକାରଙ୍କ ୪୨ଟି ବିଭାଗରେ ବର୍ଷ ଶେଷ ସୁଦ୍ଧା ୯,୭୧୯ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଥିଲା। କେବଳ ସେତିକି ନୁହେଁ, ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ବିଭାଗଗୁଡ଼ିକ ବିନିଯୋଗ ପ୍ରମାଣ ପତ୍ର (ୟୁସି) ଦେବାରେ ମଧ୍ୟ ବିଫଳ ହୋଇଛନ୍ତି। ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରଛନ୍ତି ଯେ ସରକାରଙ୍କ ବିଭାଗୁଡ଼ିକ ୨୭,୪୨୩.୦୩ କୋଟି ଟଙ୍କାର ୟୁସି ଦେଇନାହାନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୨୫,୯୩୦.୯୭ କୋଟି ଟଙ୍କାରୁ ବିଭାଗଗୁଡ଼ିକ ମାତ୍ର ୭,୮୨୬.୮୨ କୋଟି ଟଙ୍କାର ୟୁସି ଦେବାରେ ସମର୍ଥ ହୋଇଛନ୍ତି। ରାଜ୍ୟ ସରକାର ଯେଉଁ ସଂସ୍ଥାଗୁଡିକରେ ପୁଞ୍ଜିନିବେଶ କରିଥିଲେ ସେଥିରେ ମଧ୍ୟ ରାଜକୋଷକୁ କ୍ଷତି ସହିବାକୁ ପଡ଼ିଛି। ରାଜ୍ୟ ସରକାର ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ୧୪୯ଟି ସଂସ୍ଥାରେ ୭,୨୮୮.୨୯ କୋଟି ଟଙ୍କା ବିନିଯୋଗ କରିଛନ୍ତି। ସେଥିରୁ ୭୨ଟି ସଂସ୍ଥା ୬ରୁ ୫୦ ବର୍ଷ ଧରି ଅଚଳ ହୋଇରହିଛି। ଏଥିପାଇଁ ସରକାର ବିନିଯୋଗ କରିଥିବା ୬୮.୫୨ କୋଟି ଟଙ୍କା ଆଦାୟ ହୋଇ ପାରିନାହିଁ। ଏଥିସହିତ ରାଜ୍ୟ ସରକାର ବିଭିନ୍ନ ସରକାରୀ ନିଗମ, ପୌର ସଂସ୍ଥା, ବେସରକାରୀ ସଂସ୍ଥାକୁ ୮୬୨୪ କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରିଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ କେନ୍ଦ୍ରରୁ ୩୧,୭୬୮ କୋଟି ଟଙ୍କା ପାଇବାକୁ ଥିବାବେଳେ ମାତ୍ର ୩୭ ପ୍ରତିଶତ ଅର୍ଥାତ ୧୧,୮୨୦ କୋଟି ଟଙ୍କା। ସେହିପରି ରାଜ୍ୟ ସରକାରଙ୍କ ଉପରେ ୨୦୨୨ ଡିସେମ୍ବର ୩୧ ସୁଦ୍ଧା ୭୨,୪୮୫.୦୬ କୋଟି ଟଙ୍କା ରହିଥିଲା। ସେଥିରୁ ରାଜ୍ୟ ସରକାର ନିଜେ ବିଭିନ୍ନ ସୂତ୍ରରୁ ୫୩,୯୭୭.୨୪ କୋଟି ଟଙ୍କା ଏବଂ କେନ୍ଦ୍ରଠାରୁ ୧୮୫୦୭.୮୨ କୋଟି ଟଙ୍କା ଋଣ କରିଥିଲେ ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

# ଦୀପାଳି ବିଜେଡି ପ୍ରାର୍ଥୀ

## ଝାରସୁଗୁଡ଼ା ଉପନିର୍ବାଚନ

ଭୁବନେଶ୍ୱର,୩୧।୩(ବ୍ୟୁରୋ)



ଦୀପାଳି ଦାସ

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଶୁକ୍ରବାର ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିଛି। ସ୍ୱର୍ଗତ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ଦଳ ପ୍ରାର୍ଥୀ କରିଛି। ଏ ନେଇ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରଥମ ଥର ଲାଗି ବିଜେଡି ଉପନିର୍ବାଚନ ନିମନ୍ତେ ଆଗୁଆ ପ୍ରାର୍ଥୀ ଘୋଷଣା କରିଛି। ଏପ୍ରିଲ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜାପାନ ଗସ୍ତ ଥିବାରୁ ଆଗୁଆ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ତଦନ୍ତ କରିବେ ପୂର୍ବତନ ବାବୁ

## ଆଜିର ମନ୍ତବ୍ୟ

“ ପ୍ରଧାନମନ୍ତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଜାଣିବାକୁ ଦାବି କରୁଥିବା ଲୋକଙ୍କୁ ଜରିମାନା କରାଯାଉଛି। ନିରକ୍ଷର ଅଥବା ଅଳ୍ପ ଶିକ୍ଷିତ ପ୍ରଧାନମନ୍ତ୍ରୀ ଦେଶ ପାଇଁ ବିପଜ୍ଜନକ।

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

DADLS - 99

ବନ୍ଦେ ଉତ୍କଳ ଜନନୀ

सत्यमेव जयते



ପବିତ୍ର ଉତ୍କଳ ଦିବସ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ-୨୦୨୩ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)
ରାଜ୍ୟପାଳ, ଓଡ଼ିଶା

OIPR-15001/13/0286/2223

DADLS - 99

ବନ୍ଦେ ଉତ୍କଳ ଜନନୀ

ଓଡ଼ିଶା ସରକାର



ଓଡ଼ିଶା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗରେ ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ସଫଳତାର ନୂଆ ପରିଚୟ ନେଇ ଆଗକୁ ବଢୁଛି । ଆସନ୍ତୁ, ଏହି ଧାରାକୁ ଆହୁରି ଆଗକୁ ନେବା ଓ ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0286/2223



ଓଡ଼ିଶା ଦିବସ ୨୦୨୩
ପାଳନ ଅବସରରେ ବାର୍ତ୍ତା

DADLS - 99

ଆମ ରାଜ୍ୟର ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଆଜିର ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାମନୀଷୀମାନଙ୍କୁ ମୁଁ ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ ଓ ସମୃଦ୍ଧି ସହ ଓଡ଼ିଶାର ଗୌରବକୁ ସାରା ବିଶ୍ୱରେ ପହଞ୍ଚାଇବା ନିମନ୍ତେ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ଶପଥ ନେଇ କାର୍ଯ୍ୟ କରିବା ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0286/2223



**ମୋଦି ବିରୋଧୀ ପୋଷ୍ଟର: ୮ ଏଏପି କର୍ମୀ ଗିରଫ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅହମଦାବାଦର ବିଭିନ୍ନ ସ୍ଥାନରେ 'ମୋଦି ହଟାଓ, ଦେଶ ବଚାଓ' ପୋଷ୍ଟର ଲଗାଇବା ଅଭିଯୋଗରେ ୮ ଜଣ ଏଏପି କର୍ମୀଙ୍କୁ ପୋଲିସ ଗିରଫ କରିଛି। ଏନେଇ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସ କହିଛି। ମୋଦିଙ୍କ ବିରୋଧରେ ଆମ୍ ଆଦ୍ମୀ ପାର୍ଟି (ଏଏପି) ପକ୍ଷରୁ ଦେଶବ୍ୟାପୀ ପୋଷ୍ଟର ଅଭିଯାନ ଆରମ୍ଭ ପରେ ୮ ଜଣ ଗିରଫ ହୋଇଛନ୍ତି।

# ଗିରଫ ନା ଆତ୍ମସମର୍ପଣ

**ୱାଶିଂଟନ,୩୧।୩**

୨୦୦୬ ଜୁଲାଇ ମାସର କଥା। ଆମେରିକାର ତତ୍କାଳୀନ ବିଶିଷ୍ଟ ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ୬୦ ବର୍ଷ ହେଉଥିଲା। ୨୭ ବର୍ଷୀୟା ପର୍ନ ଆକ୍ଟ୍ରେସ୍ ଷ୍ଟର୍ମି ଡାନିଏଲ୍ସ (ମୂଳ ନାମ ଷ୍ଟେଫାନି କ୍ଲିଫ୍‌ଫୋର୍ଡ)ଙ୍କ ସହ ହୋଇଥିଲା ଟ୍ରମ୍ପ୍‌ଙ୍କ ପ୍ରଥମ ଦେଖା। ଏହି ସାକ୍ଷାତ ପରେ ଷ୍ଟର୍ମିଙ୍କ ସହ ଟ୍ରମ୍ପ୍ ଏକାଧିକ ଥର ଯୌନ ସମ୍ପର୍କ ରଖିଥିଲେ। ଏହି ଗୁପ୍ତ ସମ୍ପର୍କ ଦୁହିଁଙ୍କ ମଧ୍ୟରେ ସୀମିତ ଥିଲା। ୨୦୧୬ରେ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ବେଳେ ଏହା ପ୍ରଘଟ ହେଲେ ଅଡୁଆ ପରିସ୍ଥିତି ଉପୁଜିବା ଆଶଙ୍କା କରି ଟ୍ରମ୍ପ୍ ନିଜ ଓକିଲ ମାଇକେଲ୍ କୋହେନ୍‌ଙ୍କ ଜରିଆରେ ଷ୍ଟର୍ମିଙ୍କ ମୁହଁ ବନ୍ଦ କରାଇଥିଲେ। ଏଥିପାଇଁ ଟ୍ରମ୍ପ୍ ୧୩୦,୦୦୦ ଡଲାର ଦେଇଥିଲେ। ଟ୍ରମ୍ପ୍ ଅର୍ଗାନାଇଜେଶନ୍ ଅଧୀନ ଏକ ଜାଲ୍ କମ୍ପାନୀ ଜରିଆରେ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ଷ୍ଟର୍ମିଙ୍କ ଏହି ଷ୍ଟୋରି ୨୦୧୮ରେ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ପ୍ରଘଟ କରିବା ପରେ ଟ୍ରମ୍ପ୍‌ଙ୍କ ଜୀବନରେ ଉଠିଥିଲା ଝଡ଼। ଷ୍ଟର୍ମିଙ୍କ ହଶ୍ ମନି ଅଭିଯୋଗକୁ ନେଇ ଗ୍ରାଣ୍ଡ୍ ଜୁରି ପକ୍ଷରୁ ତଦନ୍ତ ଚାଲିଥିଲା। ଏଥିରେ ଟ୍ରମ୍ପ୍‌ଙ୍କ ଦୋଷ ପ୍ରମାଣିତ ହୋଇଛି। ଏଥିଯୋଗୁ ତାଙ୍କ ବିରୋଧରେ ଆପରାଧିକ ମାମଲା ଚାଲିଛି। ଏପରି ଅଭିଯୋଗରେ ଦୋଷୀ ହେବାରେ ଆମେରିକା ଇତିହାସରେ ଟ୍ରମ୍ପ୍ ହେଉଛନ୍ତି ପ୍ରଥମ ପୂର୍ବତନ ରାଷ୍ଟ୍ରପତି।

ଟ୍ରମ୍ପ୍‌ଙ୍କ ବିରୋଧରେ ଆସିଥିବା ସାଂଘାତିକ ଅଭିଯୋଗକୁ ନେଇ ଗୁରୁବାର ମାନ୍‌ହାଟନ ଡିଷ୍ଟ୍ରିକ୍ଟ ଆଟର୍ନି ଅଲ୍‌ଭିନ୍ ବ୍ରାଗ୍‌ଙ୍କ ଅଫିସ୍ ପକ୍ଷରୁ ହଶ୍ ମନି ସମ୍ପର୍କିତ ଅଭିଯୋଗପତ୍ର ମଗାଯାଇଥିଲା। ଗ୍ରାଣ୍ଡ୍ ଜୁରି ଗୋଟିଏ ଭୋଟରେ ଅଭିଯୋଗପତ୍ରକୁ ଫେରାଇ ଦେଇଥିଲେ। ଟ୍ରମ୍ପ୍ ତାଙ୍କ ବିରୋଧରେ ଆଗତ ଅଭିଯୋଗର ଶୁଣାଣି ପାଇଁ ନ୍ୟୁୟର୍କ ଯିବେ। ସେ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରିପାରନ୍ତି। ପ୍ରତିବାଦୀ କୋର୍ଟରେ ହାଜର ନ ହେବା ପର୍ଯ୍ୟନ୍ତ ନ୍ୟୁୟର୍କରେ ବିଚାରପତିମାନେ ତାଙ୍କ ଅଭିଯୋଗ ପ୍ରଘଟ କରି ନ ଥାଆନ୍ତି। ତେଣୁ ଟ୍ରମ୍ପ୍ ମଙ୍ଗଳବାର କୋର୍ଟରେ ହାଜର ହୋଇ ଆତ୍ମସମର୍ପଣ କରିପାରନ୍ତି ବୋଲି ତାଙ୍କର ଜଣେ ଓକିଲ ନେଟେଲେସ୍ ସୂଚନା ଦେଇଛନ୍ତି। ନେଟେଲେସ୍ ଏବଂ ତାଙ୍କ ସହଯୋଗୀ ଜୋ ଟାକୋପିନା କହିଛନ୍ତି, ଟ୍ରମ୍ପ୍ କୌଣସି ଅପରାଧ କରିନାହାନ୍ତି। କୋର୍ଟରେ ଆମେ ଏହି ରାଜନୈତିକ ମାମଲାର କଡ଼ା ମୁକାବିଲା କରିବୁ। ଟ୍ରମ୍ପ୍‌ଙ୍କ ମତରେ ଡେମୋକ୍ରାଟ୍‌ମାନେ ଅକଳ୍ପନୀୟ କାର୍ଯ୍ୟ କରିଛନ୍ତି। ଜଣେ ନିରୀହ ବ୍ୟକ୍ତିଙ୍କୁ ଫସାଇଦେବା ନିର୍ବାଚନୀ ହସ୍ତକ୍ଷେପ ଛଡ଼ା କିଛି ନୁହେଁ। ଆମେରିକାର ନ୍ୟାୟ ବ୍ୟବସ୍ଥାକୁ ଜଣେ ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିରୁ ପ୍ରାର୍ଥୀ ହେବାକୁ ଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦଣ୍ଡିତ କରିବା ଲାଗି ଅସ୍ତ୍ର ଭାବେ ବ୍ୟବହାର କରିବା ପୂର୍ବରୁ କେବେ ଦେଖାଯାଇ ନ ଥିଲା ବୋଲି ଟ୍ରମ୍ପ୍ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ୍‌ଙ୍କ ପୂର୍ବତନ ଓକିଲ ମାଇକେଲ କୋହେନ୍ କହିଛନ୍ତି, ୨୦୧୬ ରାଷ୍ଟ୍ରପତି ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆଡଲ୍ଟ ଆକ୍ଟ୍ରେସ୍ ଷ୍ଟର୍ମିଙ୍କୁ ଚୁପ୍ କରାଇବା ପାଇଁ ୧୩୦,୦୦୦ ଡଲାର ଦେବାକୁ ଟ୍ରମ୍ପ୍ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇଓ୍ୱା କଲେଜ୍ ଅଫ୍ ଲ' ୟୁନିଭର୍ସିଟି ପ୍ରଫେସର ଡେରେକ୍ ମୁଲ୍ଲେର କହିଛନ୍ତି, ଆମେରିକା ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ହେବାକୁ ଥିବା ବ୍ୟକ୍ତିଙ୍କ ରେକର୍ଡ ସ୍ୱଚ୍ଛ ହୋଇଥିବା ଜରୁରୀ ନୁହେଁ। ଆମେରିକାର ଆଇନ ଅନୁସାରେ ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କ ବିରୋଧରେ ମାମଲା ରୁଜୁ ହୋଇପାରିବ ନାହିଁ। ଟ୍ରମ୍ପ୍ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତା ବାହାରେ ଥିବାରୁ ତାଙ୍କୁ ଏହି ଆଇନଗତ ସୁରକ୍ଷା ମିଳିବ ନାହିଁ। ଅନ୍ୟପକ୍ଷେ ପୂର୍ବରୁ ୨ ଥର ମହାଭିଯୋଗରୁ ବର୍ତ୍ତିଯାଇଥିବା ୭୬ ବର୍ଷୀୟ ଟ୍ରମ୍ପ୍‌ଙ୍କ ରାଜନୈତିକ ଯାତ୍ରାରେ ଏହି ମାମଲା ପ୍ରତିବନ୍ଧକ ସାଜିପାରେ। ଆପରାଧିକ ମାମଲା ସତ୍ତ୍ୱେ ଟ୍ରମ୍ପ୍ ରାଷ୍ଟ୍ରପତି ଦୌଡ଼ରୁ ଓହରିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି। ଓଲଟା ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଏହା ତାଙ୍କୁ ସହାୟକ ହେବ ବୋଲି ଟ୍ରମ୍ପ୍ କହିଛନ୍ତି। ଏହା ପୂର୍ବରୁ ଟ୍ରମ୍ପ୍ ତାଙ୍କୁ ଗିରଫ କରାଯାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ତେଣୁ ସେ ଗିରଫ ହେବେ ନା ଆତ୍ମସମର୍ପଣ କରିବେ ତା' ଉପରେ ସମସ୍ତଙ୍କ ନଜର ରହିଛି।



ପୂର୍ବତନ ପର୍ନଷ୍ଟାର ଷ୍ଟର୍ମି ଡାନିଏଲ୍।


ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

**୨୦୦୬ରେ ପର୍ନଷ୍ଟାର ଷ୍ଟର୍ମି ଡାନିଏଲ୍‌ଙ୍କ ସହ ଡୋନାଲ୍ଡ ଟ୍ରମ୍ପ୍ ଯୌନ ସମ୍ପର୍କ ରଖିଥିଲେ**

**୨୦୧୬ରେ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବା ସମୟରେ ଷ୍ଟର୍ମିଙ୍କ ମୁହଁ ବନ୍ଦ କରିବା ପାଇଁ ୧୩୦,୦୦୦ ଡଲାର ଦେଇଥିଲେ**

**ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଆଗତ ଅଭିଯୋଗ ଆପାତତଃ ପ୍ରମାଣିତ ହୋଇଛି, ଯାହାକି ଆମେରିକା ଇତିହାସରେ ପ୍ରଥମ ଘଟଣା**


ଟ୍ରମ୍ପ୍‌ଙ୍କ ପୂର୍ବତନ ଓକିଲ ମାଇକେଲ୍ କୋହେନ କହିଛନ୍ତି, ଯୌନ ସମ୍ପର୍କ ସମ୍ବନ୍ଧରେ ଷ୍ଟର୍ମି ଡାନିଏଲ୍‌ଙ୍କ ମୁହଁ ବନ୍ଦ କରାଇବା ପାଇଁ ଅର୍ଥ ପ୍ରଦାନ ସକାଶେ ପ୍ରାକ୍ତନ ରାଷ୍ଟ୍ରପତି ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କେଜ୍‌ରିୱାଲଙ୍କୁ ୨୫,୦୦୦ ଜରିମାନା

### ସିଆଇସି ନିର୍ଦ୍ଦେଶନାମା ହାଇକୋର୍ଟରେ ଖାରଜ

**ଅହମଦାବାଦ, ୩୧।୩ (ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଡିଗ୍ରୀ ସମ୍ପର୍କିତ ତଥ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦେବା ଲାଗି କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ୭ ବର୍ଷ ତଳେ ଗୁଜରାଟ ୟୁନିଭର୍ସିଟିକୁ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାକୁ ଗୁଜରାଟ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ସିଆଇସିଙ୍କ ନିର୍ଦ୍ଦେଶନାମା ବିରୋଧରେ ଗୁଜରାଟ ୟୁନିଭର୍ସିଟି ହାଇକୋର୍ଟରେ ଅପିଲ କରିଥିଲେ। ଏହାକୁ ଗ୍ରହଣ କରି ବିଚାରପତି ବୀରେନ୍ ବୈଷ୍ଣବ କେଜ୍‌ରିୱାଲଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି। ୪ ସପ୍ତାହ ମଧ୍ୟରେ ଜରିମାନା ଅର୍ଥ ଗୁଜରାଟ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷ (ଜିଏସ୍‌ଏଲ୍‌ଏସ୍‌ଏ)ରେ ଦାଖଲ କରିବାକୁ କେଜ୍‌ରିୱାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଆଇସି ୨୦୧୬ ଏପ୍ରିଲ ୨୯ରେ ଦେଇଥିବା ନିର୍ଦ୍ଦେଶନାମାକୁ ଖାରଜ କରାଗଲା ବୋଲି ଜଷ୍ଟିସ୍ ବୈଷ୍ଣବ ତାଙ୍କ ରାୟରେ କହିଛନ୍ତି। ହାଇକୋର୍ଟ ଖଣ୍ଡପୀଠଙ୍କ ରାୟ ବିରୋଧରେ ଅପିଲ୍ କରିବ ବୋଲି ଏଏପି କହିଛି।



## ମଶାବତିରୁ ନିଆଁ: ୬ ମୃତ

**ନୂଆଦିଲ୍ଲୀ, ୩୧।୩ :** ଦିଲ୍ଲୀର ଶାସ୍ତ୍ରୀ ପାର୍କ ଅଞ୍ଚଳରେ ମଶାବତିରୁ ନିଆଁ ଲାଗି ଘର ଜଳିଯିବା ସହ ପରିବାରର ୬ ଜଣଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏହା ବ୍ୟତୀତ ଅନ୍ୟ ୩ ଜଣ ଆହତ ହୋଇଥିବା ପୋଲିସ କହିଛି। ଶାସ୍ତ୍ରୀ ପାର୍କ ମଚ୍ଛି ମାର୍କେଟର ମାଜାରୱାଲା ରୋଡରେ ଥିବା ଘରେ ସକାଳ ୯ଟାରେ ନିଆଁ ଲାଗିଥିଲା ବୋଲି ଦିଲ୍ଲୀ ଉତ୍ତରପୂର୍ବାଞ୍ଚଳ ଡିସିପି ଜୟ ତିର୍କୀ କହିଛନ୍ତି।

## ରିଚାର୍ଡ ବର୍ମା ଆମେରିକା ପରରାଷ୍ଟ୍ର ବିଭାଗ ଉପସଚିବ

**ୱାଶିଂଟନ, ୩୧।୩**

ଭାରତୀୟ ବଂଶୋଦ୍ଭବ ରିଚାର୍ଡ ବର୍ମା ଆମେରିକା ପରରାଷ୍ଟ୍ର ପରିଚାଳନା ଓ ସମ୍ବଳ ବିଭାଗ ଉପସଚିବ ନିଯୁକ୍ତ ହେବାକୁ ଯାଉଛନ୍ତି। ଏହା କ୍ଷମତାଶାଳୀ ପରରାଷ୍ଟ୍ର ବିଭାଗ ସିଇଓ ପଦବୀ ସହ ସମାନ। ୫୪ ବର୍ଷୀୟ ବର୍ମାଙ୍କ ଏହି ନିଯୁକ୍ତିକୁ ଆମେରିକା ସିନେଟ ୬୭-୨୬ ଭୋଟ୍‌ରେ ମଞ୍ଜୁରୀ ପ୍ରଦାନ କରିଛି। ବର୍ମା ୨୦୧୫ ଜାନୁୟାରୀ ୧୬ରୁ ୨୦୧୭ ଜାନୁୟାରୀ ୨୦ ପର୍ଯ୍ୟନ୍ତ ଭାରତରେ ଆମେରିକା ରାଷ୍ଟ୍ରଦୂତ ଥିଲେ। ଏବେ ସେ ମୁଖ୍ୟ ନ୍ୟାୟିକ ଅଧିକାରୀ ଏବଂ ମାଷ୍ଟରକାର୍ଡରେ ବୈଶ୍ୱିକ ସାର୍ବଜନିକ ନୀତିର ମୁଖ୍ୟ ଅଛନ୍ତି। ବାରାକ ଓବାମାଙ୍କ ସରକାରରେ ସେ ପରରାଷ୍ଟ୍ର ବିଭାଗ ବ୍ୟବସ୍ଥାପିକା ବ୍ୟାପାର ସହକାରୀ ସଚିବ ଭାବେ କାର୍ଯ୍ୟ କରିଥିଲେ।



## ମନ୍ଦିର କୂଅ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୩୬

**ଭୋପାଳ, ୩୧।୩**

ରାମନବମୀ ପାଳନ ଅବସରରେ ଗୁରୁବାର ଇନ୍ଦୋର ସହରର ପଟେଲ ନଗର ଅଞ୍ଚଳରେ ଥିବା ବେଲେଶ୍ୱର ଝୁଲେଲାଲ ମହାଦେବ ମନ୍ଦିର କୂଅର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଶୁକ୍ରବାର ୩୬ରେ ପହଞ୍ଚିଛି। ମନ୍ଦିର ପରିସରରେ ପ୍ରବଳ ଗହଳି ଯୋଗୁ ସ୍ଲାବ୍ ଭୁଶୁଡ଼ିଲା ବୋଲି କୁହାଯାଉଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୁକ୍ରବାର ସେଠାକୁ ଗସ୍ତରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ହସ୍ପିଟାଲରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିଥିଲେ।







# କଲେଜ ଛାତରୁ ଡେଇଁ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

## ତଦନ୍ତ କରୁଛି ପୋଲିସ

**ବାଲେଶ୍ୱର ଅଫିସ, ୩୧।୩**

ବାଲେଶ୍ୱର ଜିଲା ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜ ଛାତରୁ ଡେଇଁ ଜଣେ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତି ପ୍ରାୟ ସାଢ଼େ ୩ଟା ବେଳେ ଏହି ଘଟଣା ଘଟିଥିଲା। ମୃତ ଛାତ୍ର ହେଲେ ତୃତୀୟ ବର୍ଷର ହିତେଷ୍ଣୁ ଦାସ(୨୨)। ମେଡିକାଲ କଲେଜର କେତେଜଣ ଛାତ୍ର ହିତେଷ୍ଣୁଙ୍କୁ ତଳେ ପଡ଼ିବା ଦେଖି ପ୍ରଥମେ ମେଡିକାଲ କର୍ତ୍ତୃପକ୍ଷ ଓ ପୋଲିସକୁ ଜଣାଇଥିଲେ। ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୯/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକୃତରେ ଏହା ହତ୍ୟା ନା ଆତ୍ମହତ୍ୟା ସେ ଦିଗକୁ ନେଇ ପୋଲିସ ତଦନ୍ତ ଚଳାଇଛି। ସଦର ଥାନା ଅଧୀନ ରସାଳପୁର ପଞ୍ଚାୟତ ଭୀମପୁରା ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ଏକମାତ୍ର ପୁଅ ହିତେଷ୍ଣୁ ଜଣେ ମେଧାବୀ ଛାତ୍ର ଥିଲେ। ଡାକ୍ତର କରିବାକୁ ଆଶା ରଖିଥିବା ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ତାଙ୍କ ସାଙ୍ଗସାଥୀ ମଧ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ସାଙ୍ଗସାଥୀଙ୍କ ମଧ୍ୟରେ ହିତେଷ୍ଣୁଙ୍କ କୌଣସି ପ୍ରକାର ଶତ୍ରୁତା ନ ଥିଲା। ଗୁରୁବାର ରାତିରେ ଅନ୍ୟ ସାଙ୍ଗମାନଙ୍କ ସହ


ହିତେଷ୍ଣୁ ଦାସ

ସେ ଫିଲ୍ମ ନାଇଟ୍ ଶୋ' ଦେଖି ଫେରିଥିଲେ। ଏହାପରେ ସମସ୍ତେ ନିଜ ନିଜ ରୁମ୍‌କୁ ଚାଲିଯାଇଥିଲେ। ପରେ କ'ଣ ହେଲା, ହଷ୍ଟେଲରୁ ଏକାଡେମିକ୍ ବିଲ୍ଡିଂକୁ ସେ କିପରି ଗଲେ, ତାଙ୍କର ମୃତ୍ୟୁ କିପରି ହେଲା ଏ ସମ୍ପର୍କରେ ମେଡିକାଲ କଲେଜ କର୍ତ୍ତୃପକ୍ଷ କିମ୍ବା ସାଙ୍ଗସାଥୀମାନେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅନ୍ୟପକ୍ଷରେ ପରିବାର ଲୋକ ମଧ ଥାନାରେ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି।

ଏ ସମ୍ପର୍କରେ ଶିଳ୍ପାଞ୍ଚଳ ଥାନା ଆଇଆଇସି ସଲଖାନ ମୁର୍ମୁ କହିଛନ୍ତି, ହିତେଷ୍ଣୁ ଫକୀରମୋହନ ମେଡିକାଲ କଲେଜର ପୁରୁଷ ଛାତ୍ରାବାସର ୩ ନମ୍ବର ରୁମ୍‌ରେ ରହୁଥିଲେ। ରାତିରେ ସେ ଅନ୍ୟ ସାଙ୍ଗମାନଙ୍କ ସହ ଫିଲ୍ମ ଦେଖି ଫେରିଥିଲେ। ତେବେ ରାତି ପ୍ରାୟ ସାଢ଼େ ୩ଟା ବେଳେ ସେହି କ୍ୟାମ୍ପସର ୩ଜଣ ଛାତ୍ର ବାଲେଶ୍ୱର ଷ୍ଟେଶନକୁ ଆସୁଥିବା ବେଳେ ହିତେଷ୍ଣୁଙ୍କ ମୃତଦେହ ୫ ମହଲା ବିଶିଷ୍ଟ ଏକାଡେମିକ ବିଲ୍ଡିଂ ତଳେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ ସେମାନେ କଲେଜ କର୍ତ୍ତୃପକ୍ଷ ଏବଂ ଥାନାକୁ ଖବର ଦେଇଥିଲେ। ଘଟଣା ପଛରେ ପ୍ରକୃତ ରହସ୍ୟ କ'ଣ ରହିଛି, ସେ କୌଣସି କାରଣରୁ ବିଲ୍ଡିଂରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ହତ୍ୟାର ଶିକାର ହୋଇଛନ୍ତି, ଏତେ ରାତିରେ ୫ମହଲା ବିଶିଷ୍ଟ ଏକାଡେମିକ ବିଲ୍ଡିଂ ଉପରକୁ ସେ କାହିଁକି ଯାଇଥିଲେ, ସେଠାକୁ ଯଦି ଆତ୍ମହତ୍ୟା କରିବାକୁ ଯାଇଥିଲେ ତେବେ ନିଜେ ରହୁଥିବା ୫ ମହଲା ବିଶିଷ୍ଟ ଛାତ୍ରାବାସ ବିଲ୍ଡିଂରୁ ନ ଡେଇଁ ଏକାଡେମିକ ବିଲ୍ଡିଂକୁ କାହିଁକି ଗଲେ ? ଏସବୁ ପ୍ରଶ୍ନ ଉପରେ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ହିତେଷ୍ଣୁଙ୍କ ବାପା ଚନ୍ଦ୍ରକାନ୍ତ ଦାସ ବାଲେଶ୍ୱର ଜିଲା ପୋଲିସ ମୁଖ୍ୟାଳୟ(ଡିପିଓ)ରେ ମୁଖ୍ୟ କିରାଣି ଭାବେ ଚାକିରି କରିଥିଲେ। ନିକଟରେ ସେ ଅବସର ନେଇଛନ୍ତି। ବାଲେଶ୍ୱର ସହର ଓଟିରୋଡ୍‌ସ୍ଥିତ ପୋଲିସ କଲୋନୀର ଇ/୨୫ କ୍ୱାର୍ଟର୍ସରେ ତାଙ୍କ ପରିବାର ସହିତ ରହୁଥିବା ଜଣାପଡ଼ିଛି।

# ପୋଲିସକୁ ହାଣିଲେ ଅଭିଯୁକ୍ତ

## ୫ ଆହତ

**ନୀଳଗିରି, ୩୧।୩(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଜଡ଼ିଦା ପଞ୍ଚାୟତର ଜାମୁଡ଼ିହି ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ହତ୍ୟା ଉଦ୍ୟମ ମାମଲାରେ କୋର୍ଟ ସମନ ଦେବା ପାଇଁ ଯାଇଥିବା ପୋଲିସକୁ ଅଭିଯୁକ୍ତ କଟୁରିରେ ଗୋଡ଼େଇ ହାଣିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଆକ୍ରମଣରେ ନୀଳଗିରି ଥାନା ଏସ୍ଆଇ ବିରଞ୍ଚି ସାହୁ, ଏଏସ୍ଆଇ ପ୍ରବୋଧ ମଲିକ, ଅନନ୍ତ ମୁର୍ମୁ, କନଷ୍ଟେବଲ ଅର୍ଜୁ ମାଡ଼ିଙ୍ଗା ଓ ଦୀପକ ପ୍ରଧାନ ଆହତ ହୋଇଛନ୍ତି। ସମସ୍ତଙ୍କୁ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଅଭିଯୁକ୍ତ ହେଲେ ଜାମୁଡ଼ିହି ଗାଁର ପଦ୍ମଲୋଚନ


ଅଟକ ପଦ୍ମଲୋଚନ ପାତ୍ର

ପାତ୍ର(୫୩)। ଗତ ୨୦୨୧ରେ ଏକ ହତ୍ୟା ଉଦ୍ୟମ ଅଭିଯୋଗରେ କୋର୍ଟରୁ ଆସିଥିବା ସମନକୁ ଦେବା ପାଇଁ ନୀଳଗିରି ଥାନାର ଗ୍ରାମରକ୍ଷୀ ଅଭିଯୁକ୍ତ ପଦ୍ମଲୋଚନଙ୍କ ଘରକୁ ଯାଇଥିଲେ। ଗ୍ରାମରକ୍ଷୀଙ୍କୁ ଦେଖିବା ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏ ସମ୍ପର୍କରେ ଗ୍ରାମରକ୍ଷୀ ଥାନାକୁ ଖବର ଦେଇଥିଲେ। ନୀଳଗିରି ପୋଲିସ ସଦଳବଳେ ପହଞ୍ଚିଥିଲେ। ପୋଲିସକୁ ଦେଖି ପଦ୍ମଲୋଚନ ସେମାନଙ୍କୁ ଧାରୁଆ କଟୁରିରେ ଆକ୍ରମଣ କରିଥିଲେ। କିଛି ସମୟ ଖଣ୍ଡଯୁଦ୍ଧ ପରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିବା ସହ କଟୁରିକୁ ଜବତ କରିଥିଲା। ନୀଳଗିରି ଥାନାରେ ପଦ୍ମଲୋଚନଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଛି।

# ଭୁବନେଶ୍ୱରରୁ ଦୁବାଇକୁ ଉଡ଼ିବ ବିମାନ

## ଆଜିଠାରୁ ଟିକେଟ ବୁକିଂ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଓଡ଼ିଶା ଦିବସ ଅବସରରେ ରାଜ୍ୟବାସୀଙ୍କୁ ନୂତନ ବିମାନ ସେବା ଭେଟି ଦେଇଛନ୍ତି ରାଜ୍ୟ ସରକାର। ଏଣିକି ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବା ନେଇ ଶୁକ୍ରବାର ୫ଟି ସଚିବ ଭି.କେ. ପାଣ୍ଡିଆନ୍ ଘୋଷଣା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ବିମାନ ଉଡ଼ାଣ ନିମନ୍ତେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକେଟ ବୁକିଂର ଶୁଭାରମ୍ଭ କରିବେ। ତେବେ ମେ' ୧୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଭୁବନେଶ୍ୱରରୁ ଦୁବାଇକୁ ପ୍ରଥମ ବିମାନ ଉଡ଼ିବ। ସେହିପରି ଦୁବାଇ ପରେ ଖୁବଶୀଘ୍ର ସିଙ୍ଗାପୁର ଓ ବ୍ୟାଙ୍କକ୍ ମଧ୍ୟରେ ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

# ଆଜି ୧୨ ଘଣ୍ଟିଆ ତାଳଚେର ବନ୍ଦ

**ତାଳଚେର, ୩୧।୩ (ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମାଣ ହୋଇଥିବା ମେଡିକାଲ କଲେଜ ବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ମିମ୍‌ସାର)କୁ ରାଜ୍ୟ ସରକାର ଏଯାଏ କାର୍ଯ୍ୟକ୍ଷମ କରୁନାହାନ୍ତି। ଏହାର ପ୍ରତିବାଦରେ ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏପ୍ରିଲ ୧ ଶନିବାର ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯିବ। ଶୁକ୍ରବାର ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ସହ ହୋଇଥିବା ବୈଠକ ବିଫଳ ହେବା ପରେ କମିଟି ପକ୍ଷରୁ ବନ୍ଦ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

ଅପରାହ୍ନରେ ଉପଜିଲାପାଳ ଏକ ବୈଠକ ଡକାଇଥିଲେ। ଏଥିରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାଙ୍କ ସହ ବହୁ ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗଦେଇଥିଲେ। ହେଲେ ବୈଠକରୁ କୌଣସି ନିର୍ଯ୍ୟାସ ବାହାରି ନ ଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯିବା ସହ ଦଳମତ ନିର୍ବିଶେଷରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ ନିମନ୍ତେ ତାଳଚେରର ବୁଦ୍ଧିଜୀବୀ, ଓକିଲ ସଂଘ, ବଣିକ ସଂଘ, ଟ୍ରକ୍ ଓ ବସ୍ ମାଲିକ ସଂଘ, ସମସ୍ତ ୟୁନିଅନ ସଭାପତି ଏବଂ ତାଳଚେରବାସୀ ଏପ୍ରିଲ ୧ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦରେ ସାମିଲ ହେବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ ଉପଜିଲାପାଳ ରଥ କହିଛନ୍ତି, ଆସନ୍ତା ଅକ୍ଟୋବର ୧ରୁ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କିତ ସରକାରଙ୍କ ଚିଠି ବୈଠକରେ ଦେଖାଇଥିଲୁ। କିନ୍ତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୌଣସି ମତାମତ ଦିଆଯାଇ ନ ଥିଲା। ଏହି ବୈଠକରେ କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମଚରଣ ସାମଲଙ୍କ ସହ ଦିଗାମ୍ବର ଗଡନାୟକ, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଚୈତନ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ

**ଚିକିଟି,୩୧।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଖୋରଧାର ଗ୍ରାମ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ସଡ଼କ ଦୁର୍ଘଟଣାରେ ସ୍ୱାମୀ, ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ କୋଟିଲିଙ୍ଗ ଗ୍ରାମର ଡି. ମୁକୁନ୍ଦ ରାଓ (୫୦) ଓ କେ. ହେମାବତୀ (୪୦)। ପ୍ରକାଶ ଥାଉକି, ମୁକୁନ୍ଦ ଓ ହେମାବତୀ ଉଭୟେ ବାଇକ୍ ଯୋଗେ ପିତାତଳୀ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେବାକୁ ଯାଉଥିଲେ। ଖୋରଧାର ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ଗାଡି ରଖି ଠିଆ ହୋଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ସ୍କୁଲ ଭ୍ୟାନ୍ ଉଭୟଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ସେମାନଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। କେ. ନୂଆଗାଁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ୩ରୁ କମିବ ଝଡ଼ବର୍ଷା

- **ଜଗତସିଂହପୁରରେ ୩୩.୨ ମିମି ବର୍ଷା**
- **ଆଜି ୧୫ ଜିଲାକୁ ଅରେଞ୍ଜ ୱାର୍ନିଂ**

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ଅସହ୍ୟ ତାତି ଜାରି ରହିଥିବାବେଳେ ଅପରାହ୍ନରୁ ଘଡ଼ଘଡ଼ି ସହ ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୭.୪ ଡିଗ୍ରୀ ରହିଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, କନ୍ଧମାଳ ଆଦି ଜିଲାରେ ପ୍ରବଳ ବର୍ଷା ହୋଇଛି। ଜଗତ୍‌ସିଂହପୁରରେ ସର୍ବାଧିକ ୩୩.୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବଡ଼ଗଡ଼ରେ ୨୮.୬ ମିମି, ନୟାଗଡ଼ ୧୩.୦ ମିମି, ଚାନ୍ଦବାଲି ୧୦.୫ମିମି ଓ ବାରିପଦାରେ ୭.୮ ମିମି ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଶନିବାର ଓଡ଼ିଶା ଭିଜିବ। ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ କନ୍ଧମାଳରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ବିଜୁଳି ମାରିପାରେ। ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ୭-୧୦ ସେଣ୍ଟିମିଟର ବର୍ଷା ହେବ ବୋଲି ବିଭାଗ ଆକଳନ କରିବା ସହ ସଂପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରିଛି। ଏଥିସହ ଅନ୍ୟ ଜିଲାଗୁଡ଼ିକରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, ବୌଦ୍ଧ, ପୁରୀ, କୋରାପୁଟ, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକୁ ଉକ୍ତ ଦିନପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୩ ତାରିଖରୁ ଝଡ଼ବର୍ଷା କମିବ। ଉକ୍ତଦିନ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୪ ତାରିଖରେ ଦକ୍ଷିଣ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ କେନ୍ଦ୍ରପଡ଼ା, ମାଲକାନଗିରି, କୋରାପୁଟରେ ଘଡ଼ଘଡ଼ି ଓ ବିଜୁଳି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ୫ ତାରିଖରେ ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ, ରାୟଗଡ଼ା, ମାଲକାନଗିରି, କୋରାପୁଟରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି।

# ଗୁଜୁରାଣ ମେଣ୍ଟାଉଛି ଚାରକୋଳି

**ବଜାରରେ ଚାର କୋଳିର ଚାହିଦା କାହିଁରେ କେତେ। ବିଶେଷକରି ଏହାର ମଞ୍ଜି ବହୁ ମୂଲ୍ୟବାନ ହୋଇଥିବାରୁ ଏହାକୁ କେନ୍ଦୁଝରର ବନବାସୀଙ୍କଠାରୁ କିଣି ନେଉଛନ୍ତି ବାହାର ବେପାରୀ। ତେବେ ଘର ନିକଟରେ ଅଧିକ ଦର ମିଳୁ ନ ଥିଲେ ମଧ ଏହି ବନଜାତ କୋଳି ବିକ୍ରି କରି ବେଶ୍ ଅର୍ଥ ରୋଜଗାର କରିପାରୁଛନ୍ତି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ଲୋକେ।**

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୩୧।୩**

- **କେଜିକୁ ୧ ହଜାରରେ ବିକ୍ରି ହେଉଛି ମଞ୍ଜି**
- **ମିଠା, କେକ୍‌ରେ ବ୍ୟବହାର କରାଯାଉଛି**
- **ପ୍ରୋତ୍ସାହନ ମିଳିଲେ ବନବାସୀ ହେବେ ଉପକୃତ**

ଗ୍ରୀଷ୍ମଋତୁରେ ଫଳୁଥିବା ଚାର (ଚାହାର) କୋଳି ଖାଇବାକୁ ଯେପରି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟପକ୍ଷେ ମଧ ସେପରି ହିତକର। ଏହାଛଡ଼ା ଏହା ମିଠା, କେକ୍ ଆଦିରେ ବ୍ୟବହାର ହେଉଥିବାରୁ ଚାରକୋଳିର ଚାହିଦା ବଜାରରେ ବଢ଼ିବାରେ ଲାଗିଛି। ମଞ୍ଜି କେଜିକୁ ୧ ହଜାରରୁ ଅଧିକ ଟଙ୍କାରେ ବିକ୍ରି ହେଉଥିବାରୁ ଏହା କେନ୍ଦୁଝର ଜିଲାର ଅନେକ ବନବାସୀଙ୍କ ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୋଇପାରୁଛି।

କେନ୍ଦୁଝର ଜିଲାର ତେଲକୋଇ, ବାଂଶପାଳ, ହରିଚନ୍ଦନପୁର, ଘଟଗାଁ, ପାଟଣା, ଚମ୍ପୁଆ, ଯୋଡ଼ା ଆଦି ବ୍ଲକ୍ ଅଞ୍ଚଳର ଜଙ୍ଗଲରେ ଚାରଗଛ ବହୁ ପରିମାଣରେ


୨ ମହିଳା ରାସ୍ତାକଡ଼ରେ ଚାରକୋଳି ବିକ୍ରି କରୁଛନ୍ତି।

ରହିଛି। ବନବାସୀମାନେ ବହୁ କଷ୍ଟରେ ଜଙ୍ଗଲରୁ ଏହାର କୋଳି ସଂଗ୍ରହକରି ପ୍ରାୟ ୬୦ କି.ମି. ଦୂର କେନ୍ଦୁଝର ସହରକୁ ଆଣି ରାସ୍ତାପାର୍ଶ୍ୱରେ ବସି ବିକ୍ରି କରିଥାଆନ୍ତି। କୋଳିର ଚାହିଦା ଜିଲା ଓ ରାଜ୍ୟ ବାହାରେ ଅଧିକ ଥିବାରୁ ବେପାରୀମାନେ କମ୍ ମୂଲ୍ୟରେ କିଣିନେଇ ବାହାରକୁ ପଠାଇ ଅଧିକ ଲାଭବାନ୍ ହେଉଛନ୍ତି। ବିଶେଷକରି ଏହାର ମଞ୍ଜିକୁ ଫଟାଇ ଭିତରେ ଥିବା ସସକୁ ମଧ ଖାଦ୍ୟରୂପେ ବ୍ୟବହାର କରାଯାଏ। ସେଥିରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ମିଠା ପ୍ରସ୍ତୁତ ହେବା ସହ କେକ୍‌ରେ ବ୍ୟବହାର ହେଉଥିବାରୁ ମଞ୍ଜିର ମୂଲ୍ୟ କିଲୋ ପିଛା ୧ ହଜାରରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ଆଗରୁ ଚାରକୋଳି ବହୁ ପରିମାଣରେ ମିଳୁଥିଲା। ତେବେ ଖଣିଖାଦାନ, ପୋଡୁଚାଷ, ଜଙ୍ଗଲପୋଡ଼ି, ଜଙ୍ଗଲ ଜବରଦଖଲ ଆଦି କାରଣରୁ ଗଛ ପଦା ହୋଇଗଲାଣି। ଚାର କୋଳି ସହ ଅନ୍ୟାନ୍ୟ ଫଳମୂଳ ମଧ ମିଳୁନାହିଁ। ବନବାସୀଙ୍କ ଜୀବିକା ଉପରେ କୁପ୍ରଭାବ ପଡୁଛି ବୋଲି ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ପ୍ରାକୃତିକ ପରିବେଶରେ ଏବଂ ଜଙ୍ଗଲରେ ଆପେ ଆପେ ଏହା ବଢୁଥିବାରୁ ଏହାର ସୁରକ୍ଷା କରିବା ଜରୁରୀ। ଜଙ୍ଗଲର ସୁରକ୍ଷା କରିବା ସହ ମହୁଲ, ଟୋଲ, ହରିଡ଼ା, ବାହାଡ଼ା, ଅଁଳା ଆଦି ଲଘୁ ବନଜାତ ଦ୍ରବ୍ୟ ଭଳି ଚାରକୋଳି ପାଇଁ ପ୍ରୋତ୍ସାହନ ମିଳିଲେ ବନବାସୀଙ୍କ ଅର୍ଥନୀତିରେ ସୁଧାର ଆସିପାରିବ ବୋଲି ଦାବି ହେଉଛି। ଏହାର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ବିଭାଗ କ୍ଷୟକ୍ଷତିର ଭରଣା କରିପାରୁ ନ ଥିବାରୁ ଧୀରେ ଧୀରେ ଚାରକୋଳି ଲୋପପାଇବାକୁ ବସିଛି ବୋଲି ଅବସରପ୍ରାପ୍ତ କେନ୍ଦ୍ର ସରକାରଙ୍କ କ୍ଷେତ୍ର ପ୍ରଚାର ଅଧିକାରୀ ଅଲେଖ ଚନ୍ଦ୍ର ପାତ୍ର କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଙ୍କଡ଼ ଗଛରେ କଷି**
**ମାଙ୍କଡ଼ ଯାଇଛି ଯାତରା ଦେଖି**
**ରଙ୍ଗ ପଲଙ୍କରେ ବସି ।**

ଅଯୋଗ୍ୟ ତଥା ଅଲାଜୁକ ଶ୍ରେଣୀର ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ହୋଇ ନ ଥାଏ । ମାଙ୍କଡ଼ ପାଲିଙ୍କିରେ ବସି ଯାତ୍ରା ଦେଖିବାକୁ ଯିବା ଭଳି ଅଯୋଗ୍ୟ ବ୍ୟକ୍ତିଙ୍କର ଆଡମ୍ବରପୂର୍ଣ୍ଣ ଯାତ୍ରାକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**କଳି ଯେବେ କରି ପଶିବୁ**
**ସଙ୍ଗେ ଥିବ ଭାଇ**
**ଦୁଧ ଯେବେ ଖାଇ ବସିବୁ**
**ଘରେ ଥିବ ଗାଈ।**

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ। ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟିଏସ୍ଏଲ୍ପିଏଲ୍ ନିଯୁକ୍ତି ବିଜ୍ଞପ୍ତି ପ୍ରସଙ୍ଗ ବିଧାନସଭାରେ ଉଠିଲା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟ ଲିମିଟେଡ୍ (ଟିଏସ୍ଏଲ୍ପିଏଲ୍) କୁ ନେଇ ଗୃହରେ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ଉକ୍ତ କମ୍ପାନୀର କାରଖାନା ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତର ବିଲେଇପଦା ଏବଂ ଝାଡ଼ଖଣ୍ଡର ଜାମ୍ଶେଦପୁରଠାରେ ରହିଛି। କିନ୍ତୁ ବିଲେଇପଦା କାରଖାନା ପାଇଁ ଆବଶ୍ୟକ ନିଯୁକ୍ତି ନିମନ୍ତେ ବାହାରିଥିବା ବିଜ୍ଞପ୍ତିରେ ଝାଡ଼ଖଣ୍ଡ ଡୋମିସାଇଲ ନିୟମ ଅନୁଯାୟୀ ଆବେଦନ କରିବାକୁ କୁହାଯାଇଥିଲା। ଏଥିରେ ଓଡ଼ିଶାକୁ ଅଣଦେଖା କରାଯାଇଥିବାରୁ ବିରିକଳା ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗତ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଶୁକ୍ରବାର ବିଧାନସଭାରେ ପ୍ରଶ୍ନକାଳ ଚାଲିଥିବାବେଳେ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି।

### ଧରିତ୍ରୀରେ ପ୍ରକାଶିତ ଖବର ଦେଖାଇ ବର୍ଷିଲେ ସାଲୁଜା

ସାଲୁଜା ପ୍ରଶ୍ନକାଳରେ କହିଛନ୍ତି ଯେ, ରାଜ୍ୟରେ ମେକ୍ ଇନ୍ ଓଡ଼ିଶା ବା ଓଡ଼ିଶା କନ୍କ୍ଲେଭ୍ କରନ୍ତୁ କିମ୍ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ୍ରୁ ଇନ୍ଭେଷ୍ଟମେଣ୍ଟ ଆଣନ୍ତୁ ସେସବୁ ନେଇ ବିରୋଧୀ ସଦସ୍ୟ ଦଳ ମତ ନିର୍ବିଶେଷରେ ସ୍ୱାଗତ କରୁଛନ୍ତି। କୌଣସି ଦଳ ଏହାକୁ ବିରୋଧ କରନ୍ତି ନାହିଁ। ହେଲେ ସ୍ଥାନୀୟ ଯୁବତୀ ଯୁବକ ଯେଉଁମାନେ ଚାକିରି ଆଶାରେ ଅଛନ୍ତି ସେମାନେ କ'ଣ କରିବେ। ରାଜ୍ୟରେ ୮ ଲକ୍ଷ ୮୦ ହଜାର ୧୭୫ ବେକାର ଯୁବତୀ ଯୁବକ ୪୦ଟି ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ଆବେଦନ କରିଛନ୍ତି। ଓଡ଼ିଶା ଏବଂ ଝାଡ଼ଖଣ୍ଡ ସୀମାରେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍ ଏକ ପ୍ଲାଣ୍ଟ ବସାଇବାକୁ ଯାଉଛି। ଓଡ଼ିଶା ସରକାରଙ୍କଠାରୁ ଏବଂ ଆମ ରାଜ୍ୟରୁ ଯାହାସବୁ ସୁବିଧା ନେବା କଥା ସେମାନେ ପାଉଛନ୍ତି। ବିରିକଳା ପାଖରେ ଏହି ପ୍ଲାଣ୍ଟ ବସିବ। ଆଶ୍ଚର୍ଯ୍ୟର ବିଷୟ, ସେହି ଟାଟା କମ୍ପାନୀ ଚାକିରି ବିଜ୍ଞାପନରେ ଉଲ୍ଲେଖ କରିଛି ଯେ, ଝାଡ଼ଖଣ୍ଡର ମୂଳବାସିନ୍ଦା ଏଥିରେ ଆବେଦନ କରିପାରିବେ। ଏହିଭଳି ନ ହେବା ଦରକାର। ଓଡ଼ିଶାର ବେକାର ଯୁବତୀ ଯୁବକ ଯେଉଁମାନେ ପଢ଼ିଛନ୍ତି ସେମାନଙ୍କୁ ଚାକିରି ଦିଆଯାଉ। ନ ହେଲେ ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ ଏବଂ ବଣିକ କୋଚିଂ ଯେମିତି ଚାଲିଛି ସେହିଭଳି ପରିସ୍ଥିତି ଉପୁଜିବ ବୋଲି ସାଲୁଜା କହିଛନ୍ତି। ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହା ଉପରେ ଉତ୍ତର ରଖି କହିଛନ୍ତି, ମାନ୍ୟବର ସଦସ୍ୟ ଯେଉଁ ପରାମର୍ଶ ଦେଉଛନ୍ତି, ସେନେଇ ସରକାର ସଚେତନ ଅଛନ୍ତି। ଏହାସହ ଗୃହକୁ ମଧ ବିଶ୍ୱାସ ଦେବାକୁ ଚାହୁଁଛି ଯେ, ଆଇନ ପରିସର ଭିତରେ ଯେତିକି ଓଡ଼ିଆ ଯୁବତୀ ଯୁବକ ଚାକିରି ପାଇବା କଥା ନିଶ୍ଚୟ ପାଇବେ। କେବଳ ସେତିକି ନୁହେଁ, ଓଡ଼ିଆ ଯୁବତୀ ଯୁବକଙ୍କୁ ଅଧିକ ଗୁରୁତ୍ୱ ଦେବା ଲାଗି କେତେକ ଶିଳ୍ପକୁ ନିର୍ଦ୍ଦେଶ ଦେବୁ ।

# ରେକର୍ଡ କଲା ପଠାଣି ସାମନ୍ତ ପ୍ଲାନେଟୋରିୟମ୍

### ୩୨ବର୍ଷର ଆୟକୁ ପଛରେ ପକାଇଲା

- ଚଳିତ ଆର୍ଥିକ ବର୍ଷରେ ସର୍ବାଧିକ ଆୟ, ସର୍ବାଧିକ ଦର୍ଶକ
- ୧ଲକ୍ଷ ୭୫ହଜାର ୮୩୬ ଦର୍ଶକଙ୍କଠାରୁ ୪୩ଲକ୍ଷ ୪୬ହଜାର ୨୦୫ ଟଙ୍କା ରାଜସ୍ୱ ଆଦାୟ

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବାଧିକ ଦର୍ଶକ ଏବଂ ସର୍ବାଧିକ ଆୟ କରି ପଠାଣି ସାମନ୍ତ ପ୍ଲାନେଟୋରିୟମ ଏକ ମାଇଲ୍ଖୁଣ୍ଟ ସ୍ଥାପନ କରିଛି। ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୭୫ହଜାର ୮୩୬ ଜଣ ଦର୍ଶକଙ୍କଠାରୁ ୪୩ଲକ୍ଷ ୪୬ହଜାର ୨୦୫ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି, ଯାହାକି ବିଗତ ୩୩ ବର୍ଷର ଇତିହାସ ମଧ୍ୟରେ ସର୍ବାଧିକ ବୋଲି ପ୍ଲାନେଟୋରିୟମ୍ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ରାଜସ୍ୱ ଆଦାୟ ଓ ଦର୍ଶକ ବିଗତ ୧୧ ବର୍ଷର ହାରାହାରି ଆୟଠାରୁ ୩୨% ଅଧିକ ହୋଇଛି। ଚଳିତ ଆର୍ଥିକ ବର୍ଷର ଶେଷ ଦିନର ଶେଷ 'ଶୋ'ରେ ଓ ବିଜ୍ଞାନ ଏକାଡେମୀକୁ ରାଜ୍ୟର ୨୯ଟି ଜିଲାରୁ ଆସିଥିବା ୬୦ ଛାତ୍ରୀଛାତ୍ର ଓ ୬୦ ଜଣ ଶିକ୍ଷକ ପ୍ଲାନେଟୋରିୟମର ଶୋ' ଦେଖିଥିଲେ। ଏହାପରେ ଡ. ପଟ୍ଟନାୟକ ଛାତ୍ରୀଛାତ୍ର ତଥା ଶିକ୍ଷକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଗାମୀ ଦିନରେ ପଠାଣି ସାମନ୍ତ ପ୍ଲାନେଟୋରିୟମକୁ ଆହୁରି ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ତରଫରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ଦିଆଯାଇଛି। ୧୯୯୦ ଜାନୁୟାରୀ ୯ରେ ଜନସାଧାରଣଙ୍କ ନିମନ୍ତେ ଭୁବନେଶ୍ୱରଠାରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଖୋଲାଯାଇଥିଲା। ପ୍ରତିବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଦର୍ଶକ ପ୍ଲାନେଟୋରିୟମକୁ ଆସିଥାନ୍ତି। କୋଭିଡ ମହାମାରୀ ପରେ ଅଧିକ ସଂଖ୍ୟକ ଦର୍ଶକ ପ୍ଲାନେଟୋରିୟମ୍କୁ ଆସୁଛନ୍ତି। ବିଶେଷକରି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଭଳି ମହାଜାଗତିକ ଘଟଣା ସମୟରେ ପ୍ଲାନେଟୋରିୟମକୁ ହଜାର ହଜାର ସଂଖ୍ୟକ ଦର୍ଶକ ଆସିଥା'ନ୍ତି।

# ବିଧାୟକ ସାରଦା ନାୟକଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ପରେ ବିଧାୟକ ଆଲୋଚନା କରୁଛନ୍ତି।

**କାମାକ୍ଷାନଗର, ୩୧।୩(ଡି.ଏନ୍.ଏ.)**

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ କାର୍ (ଜେଏଚ୍ ୦୭ କେ ୮୪୭୫) ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଚୁଳିଆ ଗ୍ରାମ ନିକଟ ୫୩ନଂ. ଜାତୀୟ ରାଜପଥରେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ ବିଧାୟକ, ତାଙ୍କ ପିଏସ୍ଓ ଏବଂ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଅପରାହ୍ନ ପ୍ରାୟ ୪ଟାରେ ବିଧାୟକ ନାୟକ ରାଉରକେଲାରୁ ଉକ୍ତ କାର୍ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ଚୁଳିଆ ନିକଟରେ ଏକ ହାଇଡ୍ରା ସହ ଗାଡ଼ିଟିର ଧକ୍କା ହୋଇଥିଲା। ତେବେ ଏଥିରେ କାହାରି କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବିଧାୟକ ଅନ୍ୟ ଏକ ଗାଡ଼ିରେ ଭୁବନେଶ୍ୱର ଯାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗାଡ଼ିକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ବିଇଓ ଅଫିସ ଆକାଉଣ୍ଟାଣ୍ଟଙ୍କୁ ୩ବର୍ଷ ଜେଲ

### ପ୍ରଧାନ ଶିକ୍ଷକଙ୍କଠାରୁ ୧୫ ହଜାର ଲାଞ୍ଚ ନେବା ମାମଲା

ବାରିପଦା ଅଫିସ,୩୧।୩- ମୟୂରଭଞ୍ଜ ଜିଲା ବାରିପଦା ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟରେ ଶୁକ୍ରବାର ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡା ଏହାର ବିଚାର କରି ଦୋଷୀଙ୍କୁ ୩ବର୍ଷ କାରାଦଣ୍ଡ ଓ ୧୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୫ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ବାଙ୍ଗିରିପୋଷି ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ମନୋରଞ୍ଜନ ବେହେରା।

ମାମଲାର ବିବରଣୀ ଅନୁଯାୟୀ, ବାଙ୍ଗିରିପୋଷି ବ୍ଲକ ଅଧୀନ ହିଞ୍ଜିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମଣ ମୁର୍ମୁଙ୍କ ଚାକିରିର ପରିବୃଦ୍ଧି କରିବା ପାଇଁ ଆକାଉଣ୍ଟାଣ୍ଟ ବେହେରା ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଧାନ ଶିକ୍ଷକ ମୁର୍ମୁ ଏତେ ଟଙ୍କା ଦେବାକୁ ଅମଙ୍ଗ ହେବାରୁ ଶେଷରେ ୧୫ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏନେଇ ପ୍ରଧାନ ଶିକ୍ଷକ ମୁର୍ମୁ ବାରିପଦା ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ୨୦୧୯ ଜାନୁୟାରୀ ୩ ତାରିଖରେ ଅଭିଯୋଗ ଜଣାଇଥିଲେ। ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ସେଲ୍ରେ ଏକ ମାମଲା ରୁଜୁ ହୋଇଥିଲା। ତହିଁ ପରଦିନ ପୂର୍ବ ଯୋଜନା ମୁତାବକ ବାଙ୍ଗିରିପୋଷି ବିଇଓଙ୍କ କାର୍ଯ୍ୟାଳୟରେ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଆକାଉଣ୍ଟାଣ୍ଟ ବେହେରାଙ୍କୁ ଭିଜିଲାନ୍ସ ମାଡ଼ି ବସିଥିଲା। ଏନେଇ ୧/୧୯ରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସରକାରୀ ଆଇନଜୀବୀ ଶାନ୍ତନୁ ଦାସ ମାମଲା ପରିଚାଳନା କରୁଥିଲେ।

# କବାଟ ଭାଙ୍ଗି ଘରେ ପଶିଲା ଦନ୍ତା


ଗାଁ ଦାଣ୍ଡରେ ଦନ୍ତାହାତୀ ଘୂରି ବୁଲୁଛି ।

**ଭଞ୍ଜନଗର,୩୧।୩(ଡି.ଏନ୍.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ଅନ୍ତର୍ଗତ ମାଣପୁର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଏଣେତେଣେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଲୋକଙ୍କ ପାଟି ଶୁଣି ହାତୀଟି ଉତ୍କ୍ଷିପ୍ତ ହେବାସହ ଏକାଧିକ ଲୋକଙ୍କ କବାଟ ଭାଙ୍ଗି ଘରେ ଥିବା ଜିନିଷ ଭଙ୍ଗାରୁଜା କରିବା ସହିତ ଖାଦ୍ୟ ଖାଇଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରାୟ ୧ ଘଣ୍ଟା ଧରି ହାତୀଟି ଗ୍ରାମରେ ଏଭଳି ଆତଙ୍କ ଖେଳାଇବା ପରେ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ସୂଚନାଯୋଗ୍ୟ, ୩ ମାସ ପୂର୍ବେ ମାଣପୁର ଗ୍ରାମ ନିକଟରେ ଏକ ଦନ୍ତା ହାତୀ ମୃତ୍ୟୁବରଣ କରିଥିଲା। ଏହି ବନଖଣ୍ଡରେ ବର୍ତ୍ତମାନ ୪୦ରୁ ଊର୍ଦ୍ଧ୍ୱ ହାତୀ ଥିବା ଜଣାପଡ଼ିଛି ।

# କଟକ ଜିଲାପାଳ, ପିସିସିଏଫ୍ଙ୍କୁ ଏନ୍ଏଚ୍ଆର୍ସିଙ୍କ ରିପୋର୍ଟ ତଲବ

### ବଡ଼ମ୍ବା ବନ ବିଭାଗ ହେପାଜତରେ ଧନେଶ୍ୱରଙ୍କ ମୃତ୍ୟୁ ଘଟଣା

### ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କଟକ ଜିଲା ବଡ଼ମ୍ବା ବନ ବିଭାଗ ହେପାଜତରେ ସ୍ଥାନୀୟ ଅଞ୍ଚଳର ଧନେଶ୍ୱର ବେହେରା (୫୯)ଙ୍କ ମୃତ୍ୟୁ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ କମିଶନ କଟକ ଜିଲାପାଳ ଏବଂ ପିସିସିଏଫ୍ (ପ୍ରଧାନ ମୁଖ୍ୟ ବନ ସଂରକ୍ଷକ)ଙ୍କୁ ଶୁକ୍ରବାର ରିପୋର୍ଟ ତଲବ କରିଛନ୍ତି। ଘଟଣାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବଡ଼ମ୍ବା ଥାନା ଅନ୍ତର୍ଗତ ସାତଗୋଛିଆ ଗ୍ରାମର ଧନେଶ୍ୱରଙ୍କ ସମେତ ଅନ୍ୟ ୩ଜଣଙ୍କୁ ଫେବୃୟାରୀ ୫ରେ ବନ ବିଭାଗ କର୍ମଚାରୀମାନେ ଉଠାଇ ନେଇଥିଲେ। ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ହିତିଣ୍ଡା ସଂରକ୍ଷିତ ଜଙ୍ଗଲରେ ସେମାନେ ହାତୀ ଶିକାର କରିଥିବା ଅଭିଯୋଗରେ ସମସ୍ତଙ୍କୁ ପଚରାଉଚରା କରାଯାଇଥିଲା। ସମସ୍ତଙ୍କୁ ବନ କର୍ମଚାରୀମାନେ ନିସ୍ତୁକ ମାଡ଼ ମାରିଥିଲେ। ପରେ ବନବିଭାଗ ହେପାଜତରେ ଥିବା ସମୟରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଧନେଶ୍ୱରଙ୍କୁ ବନ କର୍ମଚାରୀମାନେ ପିଟି ହତ୍ୟା କରିଥିବା ସ୍ତ୍ରୀ ତୁଳସୀ ବେହେରା ବଡ଼ମ୍ବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୫/୨୦୨୩) ରୁଜୁ କରି ବଡ଼ମ୍ବା ରେଞ୍ଜରଙ୍କ ସମେତ ୬ଜଣ ବନ କର୍ମଚାରୀଙ୍କୁ ଗିରଫ କରିଥିଲା। ଏନେଇ ଏନ୍ଏଚ୍ଆର୍ସିଙ୍କ ନିକଟରେ ମାନବାଧିକାର କର୍ମୀ ଅଖଣ୍ଡ ଅଭିଯୋଗ କରିଥିଲେ। ସମ୍ପୃକ୍ତ ବନ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଧନେଶ୍ୱରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବାକୁ ଅଖଣ୍ଡ କମିଶନଙ୍କୁ ନିବେଦନ କରିଥିଲେ।

# ଗାଡ଼ି ଧକ୍କାରେ ଯୁବକ ମୃତ

**ଫୁଲନଖରା,୩୧।୩(ଡି.ଏନ୍.ଏ.)**

ଫୁଲନଖରା-ନିଆଳି ରାସ୍ତାର ଅନନ୍ତପୁରଠାରେ ଗୁରୁବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ସନ୍ତୋଷ ବାରିକ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ହୋଇଥିବାବେଳେ ସେ ଫୁଲନଖରା ଅଞ୍ଚଳରେ ରହି ରଙ୍ଗମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ କାମ ସାରି ବାଇକ୍(ନଂ.ଓଡ଼ି୦୬ଏଚ୍-୦୩୦୦) ରେ ଘରକୁ ଫେରୁଥିବାବେଳେ ପଛରୁ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପାହାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯୮/୨୩) ତଦନ୍ତ ଚଳାଇଛି।

# ନାବାଳିକାଙ୍କୁ ବଳାତ୍କାର: ଦୋଷୀଙ୍କୁ ୧୦ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୩୧।୩**

ନାବାଳିକା ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ନାରାୟଣୀ ସାହିର ଦୁର୍ଗାପ୍ରସାଦ ପ୍ରଧାନ। ସୂଚନା ଅନୁସାରେ, ଦୁର୍ଗାପ୍ରସାଦ ସମ୍ପୃକ୍ତା ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ବହୁବାର ବଳାତ୍କାର କରିଥିଲେ। ଫଳରେ ପୀଡ଼ିତା ଗର୍ଭବତୀ ହୋଇଥିଲେ। ବିବାହ ପାଇଁ ନାବାଳିକା ଜଣକ ବାରମ୍ବାର ଅନୁରୋଧ କରିଥିଲେ ହେଁ ଦୁର୍ଗାପ୍ରସାଦ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏ ନେଇ ୭ ମାସ ଗର୍ଭବତୀ ଥିବା ନାବାଳିକା ଫୁଲବାଣୀ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୯/୧୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ୧୭ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ସାଇଣ୍ଟିଫିକ୍ ରିପୋର୍ଟ ଆଧାରରେ ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାରୁ...

# ଦୀପାଳି ବିଜେଡି ...

ପ୍ରାର୍ଥୀଙ୍କ ନାମ ଘୋଷଣା କରି ସେ ଦ୍ୱନ୍ଦ୍ୱ ଦୂର କରିଛନ୍ତି। ଦୀପାଳିଙ୍କ ନାମ ପୂର୍ବରୁ ଚର୍ଚ୍ଚାରେ ରହିଥିଲା। ନବଙ୍କ ମୃତ୍ୟୁ ପରେ ସେ ଝାରସୁଗୁଡ଼ାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିଲେ। ବ୍ରଜରାଜନଗର ଏବଂ ପଦ୍ମପୁର ଉପନିର୍ବାଚନରେ ମଧ ଦୀପାଳି ତାଙ୍କ ବାପା ନବଙ୍କ ସହ ବୁଲି ବିଜେଡି ସପକ୍ଷରେ ପ୍ରଚାର କରୁଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଦୀପାଳିଙ୍କୁ ଛିଡ଼ା କରିବା ପାଇଁ ନବ ଉଦ୍ୟମ କରୁଥିବା ସେତେବେଳେ ଚର୍ଚ୍ଚା ହେଉଥିଲା। କିଛିଦିନ ଧରି ଦୀପାଳି ରାଜନୀତିରେ ସକ୍ରିୟ ଥିବାରୁ ବିଜେଡି ତାଙ୍କୁ ପ୍ରାର୍ଥୀ କରିଥିବା କୁହାଯାଉଛି।

ପ୍ରାର୍ଥୀ ଘୋଷଣା ପରେ ଦୀପାଳି କହିଛନ୍ତି, 'ମୋ ଉପରେ ଭରସା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ମୁଖ୍ୟମନ୍ତ୍ରୀଙ୍କ ଏହି ଭରସାକୁ ଆଗାମୀ ଦିନରେ ଜାରି ରଖିବି। ଆଜି ମୋ ବାପା ଥିଲେ ବହୁତ ଖୁସି ହୋଇଥାଆନ୍ତେ।' ସୂଚନାଯୋଗ୍ୟ, ୨୦୨୩ ଜାନୁୟାରୀ ୨୯ରେ ନବ ଦାସଙ୍କୁ ବ୍ରଜରାଜନଗରରେ ଗୁଳିକରି ହତ୍ୟା କରାଯାଇଥିଲା। ସେବେଠାରୁ ଝାରସୁଗୁଡ଼ା ବିଧାନସଭା ଆସନ ଖାଲି ପଡ଼ିଥିଲା। ମାର୍ଚ୍ଚ ୨୯ରେ ନିର୍ବାଚନ କମିଶନ ଏହି ଆସନରେ ଉପନିର୍ବାଚନ କରିବା ପାଇଁ ତାରିଖ ଘୋଷଣା କରିଥିଲେ। ମେ' ୧୦ରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଏପ୍ରିଲ ୧୩ରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏଥିସହିତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏହି ପ୍ରକ୍ରିୟା ଏପ୍ରିଲ ୨୦ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ୨୧ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ଏପ୍ରିଲ ୨୪ ରହିଛି। ମେ' ୧୩ରେ ଭୋଟ ଗଣତି ହେବ। ମେ' ୧୫ରେ ଏହି ଉପନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବ। ସୂଚନାଯୋଗ୍ୟ, ଝାରସୁଗୁଡ଼ା ବିଧାନସଭା ଆସନରୁ ସ୍ୱର୍ଗତ ନବ କିଶୋର ଦାସ ୩ ଥର ନିର୍ବାଚିତ ହୋଇଥିଲେ। ୨୦୦୪ରେ ସେ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୦୯ ଓ ୨୦୧୪ରେ ସେ କଂଗ୍ରେସ ଟିକେଟରେ ଏହି ଆସନରୁ ବିଜୟୀ ହୋଇଥିଲେ। ୨୦୧୯ରେ ସେ ବିଜେଡି ଟିକେଟରେ ଏହି ଆସନରୁ ଜିତିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ୟାବିନେଟରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ।

ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୨୧ହଜାର ୭୦ଜଣ ଭୋଟର ଅଛନ୍ତି। ସେମାନଙ୍କ ପାଇଁ ୨୫୩ ମତଦାନ କେନ୍ଦ୍ର ପ୍ରସ୍ତୁତ କରାଯିବ। ଏହି ନିର୍ବାଚନମଣ୍ଡଳୀରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର ଅଧିକ ଅଛନ୍ତି। ପୁରୁଷ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୧୦ହଜାର ୩୨୦ ହୋଇଥିବାବେଳେ ୧ଲକ୍ଷ ୧୦ହଜାର ୬୮୭ ଜଣ ମହିଳା ଭୋଟର ଅଛନ୍ତି। ସେହିପରି ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶିରେ ଏକାଧିକ ପାପଗ୍ରହ ଥିବାରୁ ଚିନ୍ତାଧାରା ବିକ୍ଷିପ୍ତ ରହିପାରେ। କୃତ୍ତିକା ନକ୍ଷତ୍ର ପ୍ରତ୍ୟେକ କାମ ପାଇଁ ଉତ୍ସାହିତ କରିବ। ଉତ୍ତମ ବୁଝାମଣା ଥିବାରୁ ପାରିବାରିକ ଜୀବନରେ ସ୍ଥିରତା ଅବ୍ୟାହତ ରହିବ। କୌଣସି ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ।

**ବୃଷ**
ରାଶ୍ୟାଧିପତି ଶୁକ୍ରଙ୍କ ପ୍ରତି ଶନିଙ୍କ କ୍ରୁରଦୃଷ୍ଟି ପ୍ରତ୍ୟେକ ପ୍ରକାରର ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ରୋହିଣୀ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ବିଶେଷ ଅସୁବିଧା ହେବ ନାହିଁ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**
ତୃତୀୟାଧିପତି କର୍ମଭାବସ୍ଥ ଯୋଗୁ ଆପଣ ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟ ହାସଲ କରିବେ। ଅନୁକୂଳ ବାତାବରଣ ମଧ୍ୟରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ମୃଗଶିରା ନକ୍ଷତ୍ର ବ୍ୟକ୍ତି ଯେତେ ଭଲ କାମ କଲେ ମଧ ନିନ୍ଦିତ ହେବେ। ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ**
ସହକର୍ମୀଙ୍କ ଉଦାରତାରୁ କାର୍ଯ୍ୟରେ ସହଯୋଗ ଜନିତ ଟେନସନ୍ କିଛି ମାତ୍ରାରେ କମିଯିବ। ଯାତ୍ରା କାଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପଡ଼ୋଶୀଙ୍କ ସହାୟତାରେ ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାର ଆଶା ରହିଛି। କିନ୍ତୁ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ**
ଆଜି ବନ୍ଧୁଙ୍କ ସହ ଆଲୋଚନାରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ଗବେଷଣା ଲବ୍ଧଜ୍ଞାନ ପରିବେଷଣ ତଥା ସାହିତ୍ୟ,କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସାଧାରଣ ବ୍ୟତିକ୍ରମ ଜନିତ କୌଣସି କ୍ଷେତ୍ରରେ ଭାଙ୍ଗି ପଡନ୍ତୁ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ରର ଶତ୍ରୁତା, ଅଶାନ୍ତି ଓ ଋଣଭାର ହ୍ରାସ ପାଇବ।

**କନ୍ୟା**
କର୍ମକ୍ଷେତ୍ରରେ ଜଣା ପଡୁ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ନିଜ ପରିସରରେ କଲ୍ୟାଣମୂଳକ କାମରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ। ଟଙ୍କାପଇସାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଚିତ୍ରା ନକ୍ଷତ୍ର ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
ଦୀର୍ଘଦିନର ଆଶା ଫଳବତୀ ହେବା କାରଣରୁ ସାମୟିକ ଆନନ୍ଦ ଲାଭ କରିପାରନ୍ତି। ବିଶାଖା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ଆଗମନୀ ବାର୍ତ୍ତା ଦେଇଥିବା କୌଣସି ବିଶିଷ୍ଟ ଅତିଥିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସ୍ୱାତୀ ନକ୍ଷତ୍ରର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା**
ହାତକୁ ନେଇଥିବା କାମ ଠିକ୍ ସମୟରେ ସମ୍ପନ୍ନ ହେବାରୁ ମାନସିକ ସ୍ତରରେ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ବିଶାଖା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବନ୍ଧୁମାନଙ୍କ ସହିତ ମାତ୍ରାଧିକ ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିବେ।

**ଧନୁ**
ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ମୂଳା ନକ୍ଷତ୍ର ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ବିବାଦୀୟ ପରିସ୍ଥିତିରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପରିଜନଙ୍କ ସହିତ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ଆଜି ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ ବଢ଼ିପାରେ। ନିଜର କଠୋର ଏବଂ ରୁକ୍ଷ ବ୍ୟବହାର ଯୋଗୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅଧସ୍ତନ କର୍ମଚାରୀଙ୍କ ସହ ଅପ୍ରିୟ ସତ୍ୟ ବ୍ୟବହାର କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରେ। ଆଶା କରିଥିବା କାମ ଶେଷ ପର୍ଯ୍ୟାୟକୁ ନେଇପାରିବେ।

**କୁମ୍ଭ**
ପରିବାରର ବରାଦ ଅନୁଯାୟୀ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ସଭାସମିତିରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ସହଯୋଗ ଦ୍ୱାରା ଉପକୃତ ହୋଇପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଜିର ଦୂରଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ**
ଆଜି କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ଓଡ଼ିଶା ଦିବସ, ଏପ୍ରିଲ୍ ୧ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା ଏକାଦଶୀ, ଶନିବାର, ଶ୍ରୀମନ୍ଦିରରେ ସୀତାବିବାହ ଲୀଳା, ନୂତନ ଆର୍ଥିକ ବର୍ଷ ଆରମ୍ଭ, ରାଶି ନକ୍ଷତ୍ର -ମଘା/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୯ ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୭ ଗତେ ଘ.୧୦।୧୯ ମଧ୍ୟେ ରାହୁକାଳ।



କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ କାର୍‌କୁ ଅଟକାଇ ନିର୍ବାଚନ ଫ୍ଲାଇଂ ସ୍କାଡ୍ ଅଧିକାରୀମାନେ ଯାଞ୍ଚ କରୁଛନ୍ତି ।

# ଅପରାଧ ବିଷୟରେ ପଚାରିଲେ ବିଜେଡି କହୁଛି ରାଜନୀତି କରୁଛୁ: ଧର୍ମେନ୍ଦ୍ର

## ଭାଜପାରେ ଯୋଗଦେଲେ ବିଧାୟକ ପ୍ରାର୍ଥୀ ହୋଇଥିବା ଅଭୟ ବାରିକ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଶାସକ ଦଳର ନେତାଙ୍କୁ ଓଡ଼ିଶାର ଅପରାଧ ଓ ଅନ୍ୟାନ୍ୟ ସମସ୍ୟା ନେଇ ଭାଜପା ପକ୍ଷରୁ ପ୍ରଶ୍ନ ପଚାରିଲେ ରାଜନୀତି କରାଯାଉଥିବା ଉତ୍ତର ଆସୁଛି। ଗଣତନ୍ତ୍ରରେ ପ୍ରଶ୍ନ କରିବା ପାଇଁ ଓଡ଼ିଆ ଲୋକମାନେ ଆମକୁ ଦାୟିତ୍ୱ ଦେଇଛନ୍ତି। ଏହାକୁ ଆମେ ଜାରି ରଖିବୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ଆପରାଧିକ ପ୍ରବଣତା ବଢିଥିବା ବେଳେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସତ ଶୁଣିବାକୁ ସାହସ ନାହିଁ। ଶାସନ କରୁଥିବା ଲୋକମାନେ ଇଷ୍ଟ ଇଣ୍ଡିଆ ଭଳି କଥା କହୁଛନ୍ତି। ଓଡ଼ିଶା ସରକାରଙ୍କ ଶାସନର ଚାବି ଅସାମ୍ବିଧାନିକ ଲୋକଙ୍କ ପାଖରେ ଅଛି। ଝାରସୁଗୁଡ଼ାରେ ମନ୍ତ୍ରୀ ନବ ଦାସଙ୍କଠାରୁ ଆରମ୍ଭକରି ନାବାଳକ ସମର୍ଥଙ୍କ ହତ୍ୟା ହେଉଥିବା ବେଳେ ପ୍ରଶ୍ନ ପଚାରିଲେ ଓଡ଼ିଶାକୁ ଅପମାନ କରିବା କଥା କୁହାଯାଉଛି। ଆଠଗଡରେ କର୍ପୋରେଟିଭ୍ ବ୍ୟାଙ୍କ୍ ନାଁରେ ଗରିବର ଲୋକଙ୍କୁ ଗୋଟିଏ ପରିବାର ହରିଲୁଟ କଲେ। ଅପରପକ୍ଷରେ ଦୀର୍ଘ ୨୩ ବର୍ଷର ଶାସନରେ ଶାସକ ଦଳର ଅଧିକରୁ ଅଧିକ ନେତାମାନେ ଅପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି। ସିସୋର ଚିଟଫଣ୍ଡରେ ଅଭିଯୁକ୍ତ ଉତ୍ତରପ୍ରଦେଶ ସହ ତୁଳନା କରିବା ଦୁର୍ଭାଗ୍ୟଜନକ। ଅପରାଧୀଙ୍କୁ ଦମନ କରି ଯୋଗୀ ଆଦିତ୍ୟନାଥ ପୁଣି ସରକାରକୁ ଫେରିଛନ୍ତି। ସାହସ ଥିଲେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କରିକି ଦେଖାନ୍ତୁ ବୋଲି ସେ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଏବଂ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ କଟକ ଜିଲା ଆଠଗଡ ନିର୍ବାଚନମଣ୍ଡଳୀର ଯୁବ ବିଜେଡି ନେତା ତଥା ଗତ ସାଧାରଣ ନିର୍ବାଚନର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଅଭୟଙ୍କ ସମେତ ତାଙ୍କର ଶତାଧିକ ସମର୍ଥକ ଓ ବିଜେଡିର ଶତାଧିକ ନେତା ଓ କର୍ମୀ ମିଶିଛନ୍ତି। ଭାଜପା ପ୍ରତି ରାଜ୍ୟବାସୀଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ମନମୋହନ କହିଛନ୍ତି। ତେବେ ନୂତନ ସଦସ୍ୟମାନଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଉଭୟ ଧର୍ମେନ୍ଦ୍ର ଏବଂ ମନମୋହନ ସେମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ଓ ଦଳୀୟ ନେତାଙ୍କ ଗହଣରେ ଶୁକ୍ରବାର ଯୋଗଦେଇଥିବା ଆଠଗଡ଼ ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ନେତା ଅଭୟ ବାରିକ।

# କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ କାର୍ ଯାଞ୍ଚ କଲେ ନିର୍ବାଚନ ଅଧିକାରୀ

ବେଙ୍ଗାଲୁରୁ, ୩୧।୩



ବାସବରାଜ ବୋମାଇ

ମେ’ ୧୦ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା କର୍ନାଟକରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏଥିସହିତ ସେଠାରେ ଗାଡ଼ିମୋଟର ଯାଞ୍ଚକୁ ଜୋର୍‌ଦାର କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଚିକ୍କାବାଲ୍ଲାପୁର ଜିଲାର ଏକ ମନ୍ଦିରକୁ ଯାଉଥିବାବେଳେ ତାଙ୍କ କାର୍‌କୁ ନିର୍ବାଚନ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବୋମାଇ ତାଙ୍କ ସରକାରୀ କାର୍‌କୁ ଫେରାଇ ଦେଇଥିଲେ। ଶୁକ୍ରବାର ସେ ଏକ ଘରୋଇ କାର୍‌ରେ ଗାଟିସୁବ୍ରମଣ୍ୟ ମନ୍ଦିର ଯାଉଥିବାବେଳେ ହୋସାହୁଦ୍ୟା ଚେକ୍‌ପୋଷ୍ଟରେ ଏହାକୁ ଅଟକା ଯାଇଥିଲା। କୌଣସି ଆପତ୍ତି ଜନକ ଜିନିଷ ନ ବାହାରିବାରୁ ଅଧିକାରୀ ମାନେ କାର୍‌କୁ ଛାଡ଼ି ଦେଇଥିଲେ।

# ମୌନବ୍ରତ କରୁଛନ୍ତି ପ୍ରଧାନମନ୍ତ୍ରୀ:ଆମୀ

## ରାହୁଲ ଗାନ୍ଧୀ ସଭ୍ୟପଦ ରଦ୍ଦ ପ୍ରସଙ୍ଗ

## ବିଜେଡି ଅନ୍ୟ ଭାଜପା ବିରୋଧୀ ରାଜନୈତିକ ଦଳ ସହ ସାମିଲ ହେବା ଆଶା ଅଛି

ଭୁବନେଶ୍ୱର, ୩୧।୩(ବ୍ୟୁରୋ): କେଉଁ ସୂତ୍ରରୁ ଆଦାନୀ କମ୍ପାନୀକୁ ୨୦ ହଜାର କୋଟି ଟଙ୍କା ଆସିଛି। ଆଦାନୀ ମହା କେଲେଙ୍କାରୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ମୌନବ୍ରତ ଅବଲମ୍ବନ କରୁଛନ୍ତି। ତାଙ୍କ ତରଫରୁ କେନ୍ଦ୍ର ମନ୍ତ୍ରୀମାନେ କଂଗ୍ରେସ ଓ ବିରୋଧୀଙ୍କ ତରଫରୁ କରାଯାଇଥିବା ପ୍ରଶ୍ନର ଉତ୍ତର ନ ରଖି ଏକତରଫା କାହିଁକି ଭାଷଣ ଦେଉଛନ୍ତି ବୋଲି କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଆମୀ ୟାଗନିକ୍ ପ୍ରଶ୍ନ କରିଛନ୍ତି। ସେହିପରି ବିଜେଡି ଅନ୍ୟ ସବୁ ଭାଜପା ବିରୋଧୀ ରାଜନୈତିକ ଦଳ ସହିତ ସାମିଲ ହେବ ବୋଲି ସେ କହିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ଆମୀ କଂଗ୍ରେସ ଭବନଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆହୁରି କହିଛନ୍ତି, ମୋଦି ସରକାରର ୮ ବର୍ଷ ମଧ୍ୟରେ ବିଶ୍ୱ ଧନୀ ତାଲିକାରେ ଆଦାନୀ ୬୦୯ ସ୍ଥାନରୁ ଉଠି ୩ୟ ସ୍ଥାନରେ ପହଞ୍ଚାଇବା ପଛରେ କ’ଣ ରହସ୍ୟ ରହିଛି। ପୂର୍ବ କଂଗ୍ରେସ ସରକାର ଅମଳରେ ଜାତୀୟ ସମ୍ପତ୍ତିକୁ ଆଦାନୀ ତଥା ମୁଷ୍ଟିମେୟ ପୁଞ୍ଜିପତିଙ୍କୁ କାହିଁକି ଗୋଟିଏ ପରେ ଗୋଟିଏ ଟେକି ଦିଆଯାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହିସବୁ ପ୍ରଶ୍ନଗୁଡ଼ିକ ପଚାରି ଉତ୍ତର ମାଗୁଥିବା ଯୋଗୁ ଭୟଭୀତ ମୋଦି ସରକାର ଆକ୍ରୋଶ ରାଜନୀତିରେ ଆଶ୍ରୟ ନେଇଛନ୍ତି। ଫେବୃୟାରୀ ୨୭ରୁ ମାର୍ଚ୍ଚ ୨୩ ଏକ ମାସରୁ କମ୍ ସମୟ ମଧ୍ୟରେ କୋର୍ଟ ରାୟ ଆସିବା ଓ ମାନହାନି ମକଦ୍ଦମାରେ ସର୍ବାଧିକ ୨ ବର୍ଷର ଦଣ୍ଡ ମିଳିବା ପଛରେ ଯେଉଁ ଷଡ଼ଯନ୍ତ୍ର ଅଛି ତାହା ସର୍ବତ୍ର ଆଲୋଚିତ ହେଉଛି। ରାହୁଲଙ୍କୁ ପାର୍ଲାମେଣ୍ଟରେ କହିବାକୁ ନ ଦେବା, ସଂସଦରେ କହିଥିବା ବକ୍ତବ୍ୟକୁ ବିବରଣୀରୁ ବାଦ୍ ଦେବା ଓ ସଂସଦ ବାହାରେ ଦେଇଥିବା ଭାଷଣ ଉପରେ ସଂସଦରେ କ୍ଷମା ମାଗିବାର ଦାବି କରିବା ଭଳି କାର୍ଯ୍ୟପନ୍ଥା ସେମାନଙ୍କଠାରୁ ଦେଖିବାକୁ ମିଳୁଛି। ଯେତେବେଳେ ଗଣତନ୍ତ୍ର ପ୍ରତି ବିପଦ ଦେଖାଦେଇଛି, ସେତେବେଳେ ସମସ୍ତ ବିରୋଧୀ ଦଳ ଏକାଠି ହୋଇ ପ୍ରତିବାଦ କରିବା ଆବଶ୍ୟକ। ଗଣତନ୍ତ୍ରରେ ବିଶ୍ୱାସ ଥିବାର ଦାବି କରୁଥିବା ବିଜେଡି ଏ ସମୟରେ ଅନ୍ୟ ଭାଜପା ବିରୋଧୀ ରାଜନୈତିକ ଦଳ ସହ ସାମିଲ ହେବ ବୋଲି ସେ ଆଶା କରୁଥିବା କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦେଶରେ ମୋଦି ସରକାର ଗଣତନ୍ତ୍ର ନାମରେ ଏକଛତ୍ରବାଦ ଚଳାଇଛି।



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତାଙ୍କ ସହ ରାଜ୍ୟ ସଭା ସଦସ୍ୟ ଆମୀ ୟାଗନିକ୍।

# ଦୀପାଳିଙ୍କ ଖଣ୍ଡାବୁଲା ଭିଡିଓ ଭାଇରାଲ

ସମ୍ବଲପୁର,୩୧।୩ (ବ୍ୟୁରୋ): ଝାରସୁଗୁଡା ବିଧାନସଭା ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଛି। ଶୁକ୍ରବାର ଏହା ଘୋଷଣା ହେବା ପରେ ଦୀପାଳି ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅପରପକ୍ଷରେ ଦୀପାଳି ଖଣ୍ଡା ବୁଲାଉଥିବାର ଏକ ଭିଡିଓ ଗୁରୁବାର ରାତିରୁ ଭାଇରାଲ ହେବାରେ ଲାଗିଛି। ସାମାଜିକ ଗଣମାଧ୍ୟମରେ ଏହା ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରୁଛି। ଏହି ପ୍ରସଙ୍ଗରେ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଅଭିଯୋଗ କରିଛନ୍ତି, ଜୟନାରାୟଣ ମିଶ୍ର କିମ୍ବା ଅନ୍ୟ ଭାଜପା ନେତା ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ର ଖଣ୍ଡା ବୁଲାଇଲେ ଗିରଫ କରାଯାଉଛି। ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଉଛି। ମାତ୍ର ବିଜେଡିର ପୂର୍ବତନ ମନ୍ତ୍ରୀଙ୍କ ଝିଅ ଦୀପାଳି ସର୍ବସମ୍ମୁଖରେ ଖଣ୍ଡା ବୁଲାଇଲେ ସବୁ ମାଫ୍ କରାଯାଉଛି। ଆଇନ କ’ଣ ବିଜେଡି ନେତାଙ୍କ ପାଇଁ ଗୋଟିଏ ଓ ଅନ୍ୟ ଲୋକଙ୍କ ପାଇଁ ଅଲଗା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଇରାଲ ଭିଡିଓରେ ଦୀପାଳିଙ୍କ ସହିତ ତାଙ୍କ ଭାଇ ବିଶାଳ ମଧ୍ୟ ଅଛନ୍ତି। ଦୀପାଳି ହାତରେ ଖଣ୍ଡା ଓ ମୁଣ୍ଡରେ ରାଜ ପଗଡି ପିନ୍ଧି ଖଣ୍ଡା ବୁଲାଉଛନ୍ତି। ତାଙ୍କ ସମର୍ଥକମାନେ ଭିଡିଓ କରିବା ସହ ଝାନ୍‌ସୀ କି ରାନି ବୋଲି ସମ୍ବୋଧନ କରୁଥିବା ମଧ୍ୟ ଶୁଣାଯାଉଛି। ଅନ୍ୟପଟେ ଘଟଣାଟି ଝାରସୁଗୁଡା ବୁରୋମାଲର ବୋଲି ଜଣାପଡିଛି। ସେଠାରେ ରାମନବମୀ ଉତ୍ସବରେ ଦୀପାଳି ଯୋଗଦେଇଥିଲେ। ଆୟୋଜକମାନେ ପ୍ରଥମେ ଲାଠି ଓ ପରେ ଖଣ୍ଡା ବୁଲାଇବାକୁ ଅନୁରୋଧ କରିବାରୁ ଦୀପାଳି ଖଣ୍ଡା ବୁଲାଇଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଝାରସୁଗୁଡା ଏସ୍‌ପି ପରମାର ସ୍ମିତ କହିଛନ୍ତି, ଭିଡିଓ ଓ ଖଣ୍ଡା ବୁଲାଇବାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ଆସି ନାହିଁ। ଅଭିଯୋଗ ପାଇବା ପରେ ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ଦୀପାଳି ଦାସ ଖଣ୍ଡା ବୁଲାଉଥିବା ଦୃଶ୍ୟ ।

PARADIP PORT AUTHORITY
PARADIP PORT-754142,Odisha (India)
ADMINISTRATIVE DEPARTMENT
(Estate Wing)
AD/EST/GENL-01/2021/1010 Dt.28.03.2023
E-Tender Notice
An e-Tender notice invites bids for the work "Providing field/office assistance for Estate Works for a period of 2 (Two) years" is available in the website from 29.3.2023 to 19.04.2023. Interested bidders may log on the website:- https://eprocure.gov.in./eprocure/app.
Sd./-
PPA/PR/239/2022-23 29/3/23
Sr.Asst.Estate Manager
Paradip Port Authority

ପୂର୍ବ ତଟ ରେଳପଥ
ଫାଇଲ ସଂ. DRM/Engg/KUR/22-23/ E-Tender/172, ତା.24.03.2023ରିଖ
(1) ଟେଣ୍ଡର ସଂ. etender-North-KUR-477-2022, ତା.23.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ ଷ୍ଟେସନରେ 12 M ପ୍ରସ୍ଥ ବିଶିଷ୍ଟ ଫୁଟ ଓଭର ବ୍ରିଜର ବ୍ୟବସ୍ଥା (ଅମୃତ ଭାରତ ଯୋଜନା ସମ୍ବନ୍ଧୀୟ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 931.82 ଲକ୍ଷ, EMD : ₹ 6,15,900/-
(2) ଟେଣ୍ଡର ସଂ. etender-North-KUR-478-2022, ତା.23.03.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯାଜପୁର କେନ୍ଦୁଝର ରୋଡ଼ (JJKR) ଷ୍ଟେସନରେ 12 M ପ୍ରସ୍ଥ ବିଶିଷ୍ଟ ଫୁଟ ଓଭର ବ୍ରିଜର ବ୍ୟବସ୍ଥା (ଅମୃତ ଭାରତ ଯୋଜନା ସମ୍ବନ୍ଧୀୟ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 866.71 ଲକ୍ଷ, EMD : ₹ 5,83,400/-
ଶେଷ ହେବା ଅବଧି : 06 (ଛଅ) ମାସ (ଉଭୟ କ୍ରମ ସଂଖ୍ୟା ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.04.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା / ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-1120/N/22-23

NOTICE
This is to bring to the notice of all concerned that Environmental Clearance (EC) under the provisions of the EP Act, 1986 has been accorded in favour of M/s River Front Developers Private Limited, Plot No.-11-3B/1326, 1st Floor, CDA, Sector-11, Cuttack-753014, for the setting up of Proposed Residential Project DIONS TWIN TOWER over Revenue Plot No. 34(P) & 32(P) at Mouza Bidhyadharpur under Sector-11, Cuttack Sadar, Odisha by SEIAA (State Level Environment Impact Assessment Authority), Bhubaneswar, Odisha vide EC Identification No. : EC23B038OR193379 dated 14.03.2023. Copies of EC are available at State Pollution Control Board & SEIAA Website- http://www.orissaseiaa.gov.in/

NOTICE
This is to bring to the notice of all concerned that Environmental Clearance (EC) under the provisions of the EP Act, 1986 has been accorded in favour of M/s River Front Developers Private Limited, Plot No.-11-3B/1326, 1st Floor, CDA, Sector-11, Cuttack-753014 for the setting up of Proposed Residential Cum Commercial Apartment DIONS SKYWALK ( Integrated envelope 3B+GF (commercial) upper stilt + First Floor ( Amenity Floor) + SF ( Service Floor) + 4 towers of 22 multistoried residential apartment building by SEIAA (State Level Environment Impact Assessment Authority), Bhubaneswar, Odisha vide EC Identification No. : EC23B038OR186298 dated 14.03.2023. Copies of EC are available at State Pollution Control Board & SEIAA Website- http://www.orissaseiaa.gov.in/

ଭାରତ ସରକାର
କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ
ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ
ୱେଷ୍ଟ ବ୍ଲକ୍-୭, ଆର୍.କେ.ପୁରମ୍, ନୂଆଦିଲ୍ଲୀ-୧୧୦୦୬୬
ଟେଲି: ୦୧୧-୨୦୮୬୨୩୫୬ ଏକ୍ସଟେନ୍‌ସନ୍- ୨୧୨/୨୩୫/୨୩୬/୨୮୧
କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ ବର୍ଷ ୨୦୨୨ ନିମନ୍ତେ ଶିକ୍ଷା ପୁରସ୍କାର ଯୋଜନା ଏବଂ ହିନ୍ଦୀତର ଭାଷୀ ହିନ୍ଦୀ ଲେଖକ ପୁରସ୍କାର ଯୋଜନା ଅଧୀନରେ ପ୍ରତ୍ୟେକ ଏକ ଲକ୍ଷ ଟଙ୍କାର ଯଥାକ୍ରମେ ୦୫ ଓ ୧୯ଟି ପୁରସ୍କାର ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି । ସବିଶେଷ ସୂଚନା, ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍: www.chd.education.gov.in ପରିଦର୍ଶନ କରନ୍ତୁ । ଦରଖାସ୍ତ ଏବଂ ଘୋଷଣା ଫର୍ମ ଏହି ବିଜ୍ଞାପନ ଜାରି ହେବା ତାରିଖରୁ ୬୦ ଦିନ ମଧ୍ୟରେ ପ୍ରାପ୍ତ ହେବା ଆବଶ୍ୟକ ।
CBC 21252/11/0006/2223

ୟୁକୋ ବ୍ୟାଙ୍କ
ଶହୀଦ ନଗର ଶାଖା
ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଟେଣ୍ଡର ଆହ୍ୱାନକାରୀ ବିକ୍ରୟ ବିଜ୍ଞପ୍ତି
ଯେହେତୁ ଋଣଗ୍ରହୀତା: ମେସର୍ସ ଆୟୁଷୀ ବେଭେରେଜେସ୍ ପ୍ରା.ଲିଃ., ସା: ପ୍ଲଟ୍ ନଂ.: ୨/୧୪୭, ୧ମ ମହଲା, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖାରୁ ଋଣ ନେଇ ପରିଶୋଧ କରିବାରେ ଖିଲାପ କରିଛନ୍ତି। ତେଣୁ ୟୁକୋ ବ୍ୟାଙ୍କ, ପ୍ଲଟ୍ ନଂ.: ୨୮୫/୧୭୭୯, ମୌଜା: ନଗରୀ, କଟକ ସଦର, କଟକ, ଓଡ଼ିଶା ଠାରେ ଅବସ୍ଥିତ ଥିବା ଅସ୍ଥାବର ସମ୍ପତ୍ତି (ପ୍ୟାକେଜଡ୍ ଡ୍ରିଙ୍କିଙ୍ଗ୍ ୱାଟରର କଳକବ୍ଜା ଏବଂ ଯନ୍ତ୍ରପାତିଗୁଡିକ)ର ବିକ୍ରୟ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ଟେଣ୍ଡର ଆହ୍ୱାନ କରୁଅଛି । ଯନ୍ତ୍ରପାତିଗୁଡିକର ସଂରକ୍ଷିତ ମୂଲ୍ୟ ଟ.୯,୧୯,୭୦୦/- (ନଅ ଲକ୍ଷ ଉଣେଇଶ ହଜାର ସାତ ଶହ ଟଙ୍କା ମାତ୍ର) ଠାରୁ କମ୍ ମୂଲ୍ୟରେ ଯନ୍ତ୍ରପାତିଗୁଡିକୁ ବିକ୍ରୟ କରାଯିବ ନାହିଁ। ଯନ୍ତ୍ରପାତିଗୁଡିକର କ୍ରୟ ନିମନ୍ତେ ଆଗ୍ରହୀ ବ୍ୟକ୍ତିମାନେ ସେମାନଙ୍କର ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ ତା.୧୫.୦୪.୨୦୨୩ରିଖ ସୁଦ୍ଧା ଶାଖା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା ନିକଟରେ ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା ସପକ୍ଷରେ ଡ଼ିମାଣ୍ଡ ଡ୍ରାଫ୍ଟ ଡ୍ର କରି ଅମାନତ ଜମା ଟ.୯୧,୯୭୦/- (ସଂରକ୍ଷିତ ମୂଲ୍ୟର ୧୦%) ସହିତ ଦାଖଲ କରିବେ । ଅମାନତ ଜମା ବିନା ଗ୍ରହଣ କରାଯାଇଥିବା ଟେଣ୍ଡରଗୁଡ଼ିକୁ ରଦ୍ଦ କରାଯିବ । ଗ୍ରହଣ କରାଯାଇଥିବା ଟେଣ୍ଡରଗୁଡ଼ିକ ତା.୧୭.୦୪.୨୦୨୩ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା ଠାରେ ଖୋଲାଯିବ । ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ ଟେଣ୍ଡର ଦ୍ୱାରା ପ୍ରାପ୍ତ କରିଥିବା ସର୍ବୋଚ୍ଚ ବିଡ୍/ଅଫର ଠାରୁ ଅଧିକ ରାଶି ପାଇଁ ପରବର୍ତ୍ତୀ ବିଡ୍/ଅଫର ଡାକିବା ନିମନ୍ତେ ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସର୍ବସାଧାରଣ ନିଲାମ ଡାକିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ଏହି ପରବର୍ତ୍ତୀ ବିଡ୍ ନିଲାମ ଡାକ ଅଧିକାର ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର ଅଧିକାର ଅଟେ। ସର୍ବାଧିକ ମୂଲ୍ୟ ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଯନ୍ତ୍ରପାତିଗୁଡିକ ବିକ୍ରୟ କରାଯିବ । ସଫଳ ନିଲାମଧାରୀ / କ୍ରେତା ସମସ୍ତ ବିକ୍ରୟ ମୂଲ୍ୟ ବିକ୍ରୟ ସମାପ୍ତ ହେବା ସଙ୍ଗେ ସଙ୍ଗେ ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଜମା କରିବେ ଏବଂ ଯଦି ବିକ୍ରୟ ସମାପ୍ତ ହେବା ପରେ ବଳକା ରାଶି ପଇଠ ନ କରନ୍ତି, ତେବେ ଜମା କରିଥିବା ଅମାନତ ରାଶି ବାଜ୍ୟାପ୍ତି କରାଯିବ ଏବଂ ବ୍ୟାଙ୍କ ପୁନର୍ବାର ଏହି ଯନ୍ତ୍ରପାତିଗୁଡିକୁ ବିକ୍ରୟ କରିବା ପାଇଁ ପଦକ୍ଷେପ ନେବ ।
ଯନ୍ତ୍ରପାତିଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍‌ସେସ୍ ନଥିବା ଉପରୋକ୍ତ ଶାଖାକୁ ଜଣାଅଛି। ଯନ୍ତ୍ରପାତିଗୁଡିକର ଯାଞ୍ଚ ନିମନ୍ତେ ଆଗ୍ରହୀ ପକ୍ଷମାନେ ଯେକୌଣସି କାର୍ଯ୍ୟ ଦିବସରେ ଉପରୋକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରୁ ପ୍ରାକ୍ ଅନୁମତି/ପରାମର୍ଶ କରି ତା.୧୫.୦୪.୨୦୨୩ରିଖ ସୁଦ୍ଧା କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଯନ୍ତ୍ରପାତିଗୁଡିକୁ ଯାଞ୍ଚ କରିପାରିବେ । କ୍ରେତା ବିକ୍ରୟ ନିମନ୍ତେ ଆବଶ୍ୟକୀୟ ଦଲିଲ ପାଇଁ କୌଣସି ସ୍ଥାନୀୟ ଟିକସ, ଏକସାଇଜ୍ ଡ୍ୟୁଟି ଏବଂ ଅନ୍ୟ କୌଣସି ବୈଧାନିକ ଦେୟ, ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେସନ ଦେୟ ଆଦି ଖର୍ଚ୍ଚ ବହନ କରିବେ । ଯନ୍ତ୍ରପାତିଗୁଡିକ "ଯେଉଁଠାରେ ଯେପରି ଅଛି" ଭିତ୍ତିରେ ଏବଂ "ଯେଉଁଠାରେ ଯେପରି ଅଛି" ଅବସ୍ଥାରେ ବିକ୍ରୟ କରାଯିବ । ଯନ୍ତ୍ରପାତିଗୁଡିକର ବିକ୍ରୟ ପାଇଁ ବ୍ୟାଙ୍କର ନିଷ୍ପତ୍ତି ଚୂଡାନ୍ତ, ବାଧ୍ୟତାମୂଳକ ଏବଂ ପ୍ରଶ୍ନାତୀତ । କୌଣସି କାରଣ ନଦର୍ଶାଇ ବିକ୍ରୟକୁ ବାତିଲ କିମ୍ବା ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି । ପ୍ୟାକେଜଡ୍ ଡ୍ରିଙ୍କିଙ୍ଗ୍ ୱାଟରର କଳକବ୍ଜା ଏବଂ ଯନ୍ତ୍ରପାତିଗୁଡିକର କ୍ରୟ ନିମନ୍ତେ ଆଗ୍ରହୀ ନିଲାମଧାରୀମାନେ ଟେଣ୍ଡର ଗୁଡ଼ିକୁ ନିର୍ଦ୍ଧାରିତ ଫର୍ମରେ ଦାଖଲ କରିବେ, ଯାହାକି ଉପରଦର୍ଶିତ ଶାଖା ପରିଚାଳକଙ୍କ ଠାରୁ ପାଇପାରିବେ।
ସ୍ଥାନ : ଭୁବନେଶ୍ୱର
ତାରିଖ : ୩୧.୦୩.୨୦୨୩
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ, ଶହୀଦ ନଗର ଶାଖା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

WALK IN INTERVIEW
For Bhubaneswar, SALES EXECUTIVE (Male).
Date: 3.4.2023 and 6.4.2023
Time: 11 A.M.
Venue: Hindustan Jewellers, Bomikhal, Bhubaneswar
Contact No. 9437395347
email: ashokmallick100@gmail.com

See Career Appointment on every Wednesday & Saturday

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-V)/718 Dated, the 28th March, 2023
Advertisement
Applications are invited from Indian Nationals for engagement of 01 (one) Sr. Manager (Business Development & Trade Promotion) on contractual basis in Paradip Port Authority.
For further details, visit our website https://www.paradipport.gov.in/Carrer.aspx .
PPA/PR/238/2022-23
Dt. 29/03/2023
Sd/- Dy. Secretary, Paradip Port Authority

ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୨୨/୨୩/୨୪ ତାରିଖ: ୩୦।୦୩।୨୦୨୩
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/websiteରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧ | ପାର୍ସଲ | ଲିଜ୍-କେଜିପି-୨୩-୨୨ | ୧୧।୦୪।୨୦୨୩ | ୧୨.୦୦ ଘଟିକା | ୧୩.୨୦ ଘଟିକା |
| ୨ | ପାର୍ସଲ | ଲିଜ୍-କେଜିପି-୨୩-୨୩ | ୧୨।୦୪।୨୦୨୩ | ୧୧.୦୦ ଘଟିକା | ୧୫.୩୦ ଘଟିକା |
| ୩ | ପାର୍ସଲ | ଲିଜ୍-କେଜିପି-୨୩-୨୪ | ୧୪।୦୪।୨୦୨୩ | ୧୧.୦୦ ଘଟିକା | ୧୬.୩୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-1240) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

ପୂର୍ବ ତଟ ରେଳପଥ
ମଇ-2023 ପାଇଁ ଇ-ନିଲାମ କାର୍ଯ୍ୟସୂଚୀ
ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ମଇ-2023 | ଡିପୋ ମଞ୍ଚେଶ୍ୱର | 02.05.23, 09.05.23, 16.05.23 & 23.05.23 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 03.05.23, 10.05.23, 17.05.23 & 25.05.23 |
| | ୱାଲ୍ଟିୟର ମଣ୍ଡଳ | 04.05.23, 11.05.23, 18.05.23 & 26.05.23 |
| | ସମ୍ବଲପୁର ମଣ୍ଡଳ | 08.05.23, 15.05.23, 22.05.23 & 29.05.23 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକସ (ଲୋକୋ, କୋଚ, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗସ (ସୁଇଚ, କ୍ରସିଙ୍ଗସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ୍ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ।
PR-1119/N/22-23 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

झारखण्ड सरकार
ग्रामीण कार्य विभाग,मुख्य अभियंता का कार्यालय, 102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, जमशेदपुर के निविदा आमंत्रण संख्या– 185/2022-23/ RWD/JAMSHEDPUR, दिनांक– 19.12.2022, PR NO.- 285542 द्वारा प्रकाशित निविदा में आईडेन्टीफिकेशन संख्या– RWD/JAMSHEDPUR/17/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी ई–प्रोक्युर्मन्ट सेल
PR 294040 (Rural Work Department)22-23*D

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय, 102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, लातेहार के निविदा आमंत्रण संख्या–112/RI/2022-23/RWD/ LATEHAR, दिनांक–03.01.2023, PR NO.-286605 द्वारा प्रकाशित निविदा में आईडेन्टीफिकेशन संख्या–RWD/LATEHAR/02/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी ई–प्रोक्युर्मन्ट सेल
PR 294065 Rural Work Department(22-23)D

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय, 102, द्वितीय तल्ला, अभियंत्रण भवन, कचहरी रोड, राँची
पत्रांक– दिनांक–
आमंत्रित निविदा रद्द संबंधी सूचना
एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, चतरा के निविदा आमंत्रण संख्या– 208/2022-23/RWD/CHATRA, दिनांक– 02.01.2023, PR NO.- 286517 द्वारा प्रकाशित निविदा में आईडेन्टीफिकेशन संख्या– RWD/CHATRA/10/2022-23एवं RWD/CHATRA/11/2022-23 की निविदा को अपरिहार्य कारणवश रद्द किया जाता है।
नोडल पदाधिकारी ई–प्रोक्युर्मन्ट सेल
PR 294120 Rural Work Department(22-23)D

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। **-ଶ୍ରୀଅରବିନ୍ଦ**



# ତଦନ୍ତ କରିବେ ପୂର୍ବତନ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦେଶରେ ବାବୁମାନଙ୍କ ମଧ୍ୟରେ ଦୁର୍ନୀତି ଓ ସର୍ଭିସ୍ ନିୟମଗୁଡ଼ିକର ଉଲ୍ଲଂଘନ କରିବା ଘଟଣା ବଢିଚାଲିଛି। ଏଥିପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) କାର୍ଯ୍ୟରତ ଆଇଏଏସ୍ ଅଧିକାରୀମାନଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକର ତଦନ୍ତ ଲାଗି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀମାନଙ୍କୁ ଆମନ୍ତ୍ରଣ କରିବାକୁ ନିଷ୍ପତ୍ତି ନେଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସାଧାରଣରେ ବିଶ୍ୱାସ ଫେରାଇ ଆଣିବା ସହ ଦୁର୍ନୀତି ଓ ସର୍ଭିସ୍ ରୁଲ୍ସ ଉଲ୍ଲଂଘନ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବ ବୋଲି ନିଶ୍ଚିତ କରିବାକୁ ଚାହୁଁଛି। ପ୍ରକୃତ କଥା ହେଉଛି, ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗତ ୬ ମାସରେ ଦୁର୍ନୀତି ସମ୍ପୃକ୍ତ ମାମଲାରେ ବହୁ ଆଇଏଏସ୍ ଅଧିକାରୀଙ୍କୁ ଗିରଫକରି ତ୍ୱରିତ ପଦକ୍ଷେପ ନେବାରେ କେନ୍ଦ୍ର ଗୁରୁତ୍ୱ ଦେଉଛି। ୨୦୧୧ ଏବଂ ୨୦୨୧ ମଧ୍ୟରେ ସିବିଆଇ କେନ୍ଦ୍ରର ନ୍ୟାୟିକ କ୍ଷମତା ଅଧୀନରେ ୮୦୫ ବରିଷ୍ଠ ବାବୁଙ୍କ ବିରୋଧରେ ୬୭୨ ଅଭିଯୋଗପତ୍ର ଦାୟର କରିଥିଲା। ଏହାସହ ଜାନୁୟାରୀ ୨୦୧୮ ଏବଂ ଜୁନ୍ ୨୦୨୧ ମଧ୍ୟରେ ୫୫ ଜଣ କାର୍ଯ୍ୟରତ ଅଧିକାରୀଙ୍କ ସମେତ ୯୬ ଜଣଙ୍କ ବିରୋଧରେ ୮୪ଟି ମାମଲାରେ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। କେବଳ ଗତ ୬ ମାସରେ ସିବିଆଇ କିମ୍ବା ଇଡି ଛତିଶଗଡ, କେରଳ, ପଞ୍ଜାବ, ଝାଡ଼ଖଣ୍ଡ ଏବଂ ହରିୟାଣାରୁ ୭ ଜଣ ଆଇଏଏସ୍ ଅଧିକାରୀଙ୍କୁ ବିଭିନ୍ନ ଦୁର୍ନୀତି ମାମଲାରେ ଗିରଫ କରିଛି। ଡିଓପିଟି ସଚିବ ଏସ୍. ରାଧା ଚୌହାନ କହିଛନ୍ତି , ତଦନ୍ତ କମିଟିଗୁଡ଼ିକରେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀମାନେ କାମ କରୁଛନ୍ତି, ଯେଉଁମାନେ ପ୍ରତ୍ୟେକ ମାମଲାରେ ଏକ ଉଚିତ୍ ପଦ୍ଧତି ଅନୁସରଣ ହେଉଥିବା ନିଶ୍ଚିତ କରିବେ। ପଦକ୍ଷେପଗୁଡ଼ିକ ସଫଳ ହେବାର ସମ୍ଭାବନା ଅଛି କି? ବରିଷ୍ଠ ବାବୁମାନେ ସେମାନଙ୍କ ନିଜ ଗୋଷ୍ଠୀର ଲୋକଙ୍କ ବିରୋଧରେ ଥିବା ଗମ୍ଭୀର ଅଭିଯୋଗଗୁଡ଼ିକର ନିଷ୍ପକ୍ଷ ଭାବେ ତଦନ୍ତ କରିବେ ବୋଲି ତୁମେ ଆଶା କରୁଛ କି?

### ପଦବୀ ଦୌଡ଼

ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ପଦବୀ ପାଇଁ ଦୌଡ଼ ତୀବ୍ର ହେଉଛି। ଏହି ପ୍ରତିଷ୍ଠିତ ପଦବୀ ପାଇଁ ୧୯୮୭ ବ୍ୟାଚର ଆଇଏଏସ୍ ଦମ୍ପତି ମନୋଜ ସୌନିକ ଓ ସୁଜାତା ସୌନିକ ପ୍ରତିଯୋଗିତାରେ ଅଛନ୍ତି। ଏବକାର ମୁଖ୍ୟ ଶାସନ ସଚିବ ମନୁକୁମାର ଶ୍ରୀବାସ୍ତବ ଏପ୍ରିଲ ୩୦ରେ ପଦାବନତ ହେବାର ଅଛି। ଏଣୁ ତାଙ୍କ ଉତ୍ତରାଧିକାରୀ ସୌନିକ ଦମ୍ପତିଙ୍କ ମଧ୍ୟରୁ ଜଣେ ହେବାର ସମ୍ଭାବନା ଅଛି କିମ୍ବା ଅତିରିକ୍ତ ମୁଖ୍ୟ ସଚିବ (ରାଜସ୍ୱ) ନୀତିନ ଏନ୍. କରିର୍ ହୋଇପାରନ୍ତି। ମହାରାଷ୍ଟ୍ର ମୁଖ୍ୟ ଶାସନ ସଚିବ ପଦବୀରେ ସବୁବେଳେ ପୁରୁଷମାନଙ୍କୁ ନିଯୁକ୍ତ କରାଯାଇଛି। ଏଣୁ ସୁଜାତା ସୌନିକ ଯଦି ଉକ୍ତ ପଦବୀରେ ନିଯୁକ୍ତି ପାଆନ୍ତି ତେବେ ପୁରୁଷପ୍ରାଧାନ୍ୟ ଧାରାକୁ ଭାଙ୍ଗି ସେ ମହାରାଷ୍ଟ୍ରର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେବେ। ସୂତ୍ରରୁ ପ୍ରକାଶ , ମନୋଜଙ୍କର ତ୍ୱରିତ ବିଚାର ଓ ପ୍ରଭାବୀ ନୀତିନିର୍ଦ୍ଧାରଣ ଦକ୍ଷତା ପାଇଁ ତାଙ୍କୁ ଉଭୟ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଉପ-ମୁଖ୍ୟମନ୍ତ୍ରୀ ଫଡ୍‌ନବିସ ସମର୍ଥନ କରୁଛନ୍ତି। ନିଯୁକ୍ତି ଘୋଷଣା ଏବେ ବି ବାକି ଅଛି ଓ ଏହା ମଧ୍ୟରେ ଅନେକ କିଛି ଘଟିପାରେ। ଏପରିକି ଏହି ପଦବୀ ଲାଗି ଅନ୍ୟ ଯୋଗ୍ୟ ପ୍ରାର୍ଥୀମାନେ ସାମ୍ନାକୁ ଆସିପାରନ୍ତି। ଏବକାର ମୁଖ୍ୟ ଶାସନ ସଚିବ ପରବର୍ତ୍ତୀ ମୁଖ୍ୟ ସୂଚନା ଅଧିକାରୀ( ସିଆଇସି) ପଦ ଲାଗି ପ୍ରତିଯୋଗିତା କରିବାର ସମ୍ଭାବନା ଥିବା ବିଶ୍ୱାସ କରାଯାଏ। ତେବେ ଏଭଳି ନିଯୁକ୍ତି ପାଇଁ ଅପେକ୍ଷାର କୌତୂହଳ ଦିଗଟି ହେଉଛି, ରାଜ୍ୟରେ ଦୁଇ କ୍ଷମତା କେନ୍ଦ୍ର ସିନ୍ଦେ ଓ ଫଡ୍‌ନବିସ୍ ଉଭୟଙ୍କ ସହ ଯିଏ କାମ କରିପାରିବ ସେ ହିଁ ହେବ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ।

### ଆଇବିରେ ପରିବର୍ତ୍ତନ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ୧୦ ଜଣ ଆଇପିଏସ୍ ଅଧିକାରୀଙ୍କୁ ଇଣ୍ଟେଲିଜେନ୍ସ ବ୍ୟୁରୋ( ଆଇବି)ର 'ହାର୍ଡ-କୋର୍' ମଧ୍ୟରେ ସାମିଲ କରିଛି। 'ହାର୍ଡ-କୋର'ଶବ୍ଦ ଅଡୁଆ ଲାଗୁଥାଇପାରେ ଓ ଆଇବିରେ ଏହା ଏକ ସ୍ୱତନ୍ତ୍ର ଆଭିଜାତ୍ୟ ବର୍ଗ ବୋଲି ମନେ ବି ହେଉଥାଇପାରେ, କିନ୍ତୁ ଏଥିରେ ଯେଉଁ ଅଧିକାରୀମାନେ ରହିବେ ସେମାନେ ଆଇବିରେ ଅବସର ନେବା ଯାଏ ସେବା କରିବାର ସମ୍ଭାବନା ଅଛି। ଏଭଳି ପଦକ୍ଷେପରେ ଏମ୍‌ଏଚ୍‌ଏର ଉଦ୍ଦେଶ୍ୟ କ'ଣ ରହିଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହା ପଛରେ ଥିବା କାରଣଗୁଡ଼ିକ ସମ୍ପୂର୍ଣ୍ଣ ସ୍ପଷ୍ଟ ହେଇନଥିବାବେଳେ ଦୁଇଟି ସମ୍ଭାବ୍ୟ କାରଣ ଥିବା କୁହାଯାଉଛି। ଗୋଟିଏ ହେଉଛି, ଉଭୟ ଦେଶ ଓ ବିଦେଶରୁ ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କେନ୍ଦ୍ର ଚାହୁଁଛି। ନିକଟରେ କଶ୍ମୀରରେ କିରଣ ପଟେଲ ଖସିଯିବା ଓ ପଞ୍ଜାବରେ ଅମ୍ରିତପାଲ ସିଂ ଧରା ନ ପଡ଼ିବା ଘଟଣା ଇଣ୍ଟେଲିଜେନ୍ସର ବିଫଳତାକୁ ଦର୍ଶାଇଛି। ସାମ୍ପ୍ରତିକ ସ୍ଥିତିରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ଆହ୍ୱାନଗୁଡ଼ିକୁ ଟାଳିବା ପାଇଁ ଆଇବିକୁ ସାହାଯ୍ୟ କରିବା ଲାଗି ନୂଆ ପ୍ରତିଭା ଓ ବିଶେଷଜ୍ଞ ଆଣିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲା ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି। ଆଉ ଏକ ସମ୍ଭାବନା ହେଉଛି, ଆଇବିରେ ଖାଲି ଥିବା ପ୍ରମୁଖ ପଦବୀଗୁଡ଼ିକୁ ପୂରଣ କରିବାକୁ ସରକାର ଚାହୁଁଛନ୍ତି। ଏକ ନୂଆ ଗୋଷ୍ଠୀର ଆଇପିଏସ୍ ଅଧିକାରୀଙ୍କୁ ଆଇବିକୁ ଆଣି ମନ୍ତ୍ରଣାଳୟ କର୍ମଚାରୀ ସଙ୍କଟ ଦୂର କରିବା ଏବଂ ଆଇବି ସମ୍ପୂର୍ଣ୍ଣ ଦକ୍ଷତାର ସହ କାର୍ଯ୍ୟ କରାଇବା ଲାଗି ସକ୍ଷମ କରିବାକୁ ମନ୍ତ୍ରଣାଳୟ ଆଶା ରଖିଥାଇପାରେ। କିନ୍ତୁ କେବଳ ଏହି ପରିବର୍ତ୍ତନ ହେଉନାହିଁ, ବରଂ ଆଗକୁ ଆଇବି ଏକ ବଡ଼ ଧରଣର ଅଦଳବଦଳ ଓ ନିଯୁକ୍ତି ଦେଖିବାର ସମ୍ଭାବନା ଥିବା କଥା ବି ଉଠୁଛି।

Email: dilipcherian@gmail.com

# ସଂକଳ୍ପ ଓ ସମୀକ୍ଷାର ଦିବସ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଭାଷାଭିତ୍ତିରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା। ଓଡ଼ିଶାର ଅତୀତ ଗୌରବ ସମୃଦ୍ଧମୟ। ୧୫୬୮ ମସିହା ପର୍ଯ୍ୟନ୍ତ ଓଡ଼ିଶା ସ୍ୱତନ୍ତ୍ର ରାଷ୍ଟ୍ର ମର୍ଯ୍ୟାଦା ପାଇଥିଲା। ୧୫୬୮ ମସିହାରେ ଶେଷ ସ୍ୱାଧୀନ ନରପତି ମୁକୁନ୍ଦ ଦେବଙ୍କର ଯାଜପୁର ସନ୍ନିକଟ ଗୋହିରାଟିକିରି ରଣକ୍ଷେତ୍ରରେ ପରାଜୟ ଓ ନିଧନ ପରେ ଓଡ଼ିଶାର ଭାଗ୍ୟଲିପି ଅସ୍ତମିତ ହୋଇଗଲା ବୋଲି କହିଲେ ଭୁଲ ହେବନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଆଫଗାନ୍, ମୋଗଲ, ମରହଟ୍ଟା ଏବଂ ପରିଶେଷରେ ବ୍ରିଟିଶମାନଙ୍କ ଦ୍ୱାରା ଶାସିତ ହେଲା ପରେ ସେହି ବ୍ରିଟିଶ ଶାସନ ସମୟରେ ବହୁ ଆନ୍ଦୋଳନ, ପ୍ରତୀକ୍ଷା ଓ ନିବେଦନ ପରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଲାଭ କରିଛି।

ହଁ ! ଆମେ ଓଡ଼ିଆ, ଏବେ ମଧ୍ୟ ପୃଥିବୀର ଯେକୌଣସି ସ୍ଥାନରେ ଠିଆହୋଇ ସଗର୍ବେ କହିପାରୁ ଆମେ ଓଡ଼ିଆ। ପୃଥିବୀର କୋଡ଼ିଏଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଗୋଟିଏ। ସ୍ୱତନ୍ତ୍ର କଳାର ସୃଜନ (ଉତ୍କଳ ହେତୁ) ପଥର ନିହାଣରେ ଏହାର ଶିଳ୍ପୀ କୋଣାର୍କ, ଲିଙ୍ଗରାଜ ଏବଂ ଜଗନ୍ନାଥ ଆଦି ବିରାଟ ମନ୍ଦିର ନିର୍ମାଣ କରିପାରିଛି। କୋଣାର୍କକୁ ଦେଖି ରବୀନ୍ଦ୍ରନାଥ ଟାଗୋର କହିଥିଲେ, ଏଠାରେ ପ୍ରସ୍ତରର ଭାଷା ଆଗରେ ମନୁଷ୍ୟର ଭାଷା ପରାଜୟ ବରଣ କରିଛି। ପ୍ରେମ, ସଦ୍‌ଭାବ ଓ ସୃଜନଶୀଳ ବୀରତ୍ୱର ପରିବେଶ ମଧ୍ୟରେ କିପରି ଏକ ଜାତି ବଞ୍ଚିରହେ ତା'ର ଜ୍ୱଳନ୍ତ ନିଦର୍ଶନ ହେଉଛି କୋଣାର୍କ ମନ୍ଦିର।

ସାତ ସମୁଦ୍ର ତେର ନଈ ପାରି ହୋଇ ଦେଶବିଦେଶରେ ଓଡ଼ିଆମାନେ ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ। ଏହି ଜାତି ଗଢ଼ିଛି ଅଧାଗଢ଼ା ତିନି ଠାକୁର। ଆମେ ତ ମଣିଷ; କିପରି ଗଢ଼ିପାରିବୁ ପୂର୍ଣ୍ଣ ଈଶ୍ୱର। ଆମର ଏଇ ସରଳ ଠାକୁର ମଧ୍ୟରେ ସବୁ ଧର୍ମ, ସବୁ ମତ, ସବୁ ପଥ ନିଜ ଅସ୍ତିତ୍ୱ ହରେଇ ଦେଇଛନ୍ତି। ସେଥିପାଇଁ ସେଦିନ ଭକ୍ତକବି ଜଗନ୍ନାଥ ଦାସ କହିଥିଲେ-

''ଦେଖ ଏ ଯେତେ ନଦନଦୀ।
ପ୍ରବାହେ ମିଳନ୍ତି ଜଳଧି॥
ଲବଣ ଜଳେ ସେ ମିଶନ୍ତି।
ନିଜ ସ୍ୱଗୁଣ ପାସୋରନ୍ତି॥''

ବାସ୍ତବରେ ସମୁଦ୍ରର ଲବଣାକ୍ତ ଜଳ ଭିତରେ ନଦୀ ତା'ର ସତ୍ତା ହରାଇଲା ଭଳି ଭାରତର ସକଳ ପ୍ରାନ୍ତର ଧର୍ମୀୟ ଚେତନା ଶ୍ରୀଜଗନ୍ନାଥଙ୍କ ଚେତନାରେ ନିଜ ସତ୍ତା ହରାଇଛି। ସେ ହୁଅନ୍ତୁ ବୌଦ୍ଧ, ଜୈନ, ଶିଖ୍ ଅବା ଖ୍ରୀଷ୍ଟିଆନ୍। ଐତିହାସିକମାନେ ମଧ୍ୟ ସ୍ୱୀକାର କରନ୍ତି ଯେ, ପ୍ରଭୁ ଯିଶୁ କିଛିଦିନ ପାଇଁ ପୁରୀରେ ଅବସ୍ଥାନ କରିଥିଲେ। ଏଠାକୁ ନାନକ ଆସିଛନ୍ତି, ଚୈତନ୍ୟ ଆସିଛନ୍ତି, ଶଙ୍କର ଆସିଛନ୍ତି, ରାମାନୁଜ ଏବଂ ତୁଳସୀ ଦାସ ମଧ୍ୟ ଆସିଛନ୍ତି। ସମସ୍ତେ ଶ୍ରୀଜଗନ୍ନାଥଙ୍କ ମହିମାରେ ମହିମାନ୍ୱିତ।



ସେଦିନ ଏ ପବିତ୍ର ମାଟିକୁ ଛୁଇଁ ଚଣ୍ଡାଶୋକ ଧର୍ମାଶୋକ ହୋଇଥିଲେ। ପୁରାଣ କହେ ଦ୍ୱାରକାର ଶାପଗ୍ରସ୍ତ ଶାମ୍ବ ଋଷି ଆଦେଶ ଘେନି ଆସିଥିଲେ ଶାପ ମୁକ୍ତିପାଇଁ ଅର୍କଭୂମି କୋଣାର୍କର କଦର୍ମକୁ ଦେହରେ ବୋଳିହୋଇ ଆରୋହଣ କରି ହୋଇଥିଲେ ଶାପମୁକ୍ତ। ମହାଭାରତ ଯୁଦ୍ଧ ପରେ ପାଣ୍ଡବ ପାଞ୍ଚ ଭାଇ ଭ୍ରାତୃହତ୍ୟା, ପିତୃହତ୍ୟା, ଗୁରୁହତ୍ୟା ଓ ବ୍ରହ୍ମହତ୍ୟା ମହାପାପରୁ ମୁକ୍ତି ପାଇଁ ଲୋମଷ ମୁନିଙ୍କ ଆଦର୍ଶରେ ଆସିଥିଲେ ଏ ମାଟିକୁ; ମହାମାୟଙ୍କ ନାଭିପୀଠ ମା' ବିରଜାଙ୍କ ପାଖକୁ। ଏ ମାଟି ରାମାୟଣର ରାମଙ୍କୁ ମଧ୍ୟ କରିଛି ରମଣୀୟ। ରାବଣକୁ ହତ୍ୟା କରିଥିବା ଧନୁକୁ ରଘୁବୀର ଏକାମ୍ର କ୍ଷେତ୍ରରେ ଲିଙ୍ଗରାଜଙ୍କ ପୀଠରେ ମହାଦେବଙ୍କୁ ଅର୍ପଣ କରି ତାଙ୍କର ଶରଣ ପଶିଥିଲେ। ସେଥିପାଇଁ ଏକମାତ୍ର ଶୈବପୀଠ ଲିଙ୍ଗରାଜ ଚୂଡ଼ାରେ ଧନୁ ବିରାଜିତ। ଏ ପବିତ୍ର ଭୂମିର ଦାୟାଦ ଭାବେ ଆମେ କ'ଣ ଗର୍ବ ଅନୁଭବ କରୁନାହୁଁ?

ଏଇ ମାଟିର ପୁଅ ଭୀମଭୋଇଙ୍କର କବିତା ସ୍ୱର୍ଣ୍ଣିମ ଅକ୍ଷରରେ ଜାତିସଂଘରେ ଖୋଦିତ ହୋଇଛି, 'ମୋ ଜୀବନ ପଛେ ନର୍କେ...'। ସାରଳା ଦାସ ବିଶାଳ ଗ୍ରନ୍ଥ ମହାଭାରତ ରଚନାକରି ବେଦବ୍ୟାସ ପାଲଟିଯାଇଛନ୍ତି। ପୁଣି ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଶାର ଘରେ ଘରେ ଲୋକପ୍ରିୟ। ଜୟଦେବଙ୍କ କବିତାର ପଂକ୍ତି ପୂରଣ କରିଛନ୍ତି ସ୍ୱୟଂ ଜଗନ୍ନାଥ। ସମ୍ବଲପୁରର ମହାନ୍ କବି ଗଙ୍ଗାଧରଙ୍କ 'ତପସ୍ୱିନୀ', ସୂର୍ଯ୍ୟ ଭଳି ବିଶ୍ୱ ଆଧୁନିକ ସାହିତ୍ୟରେ ଗାଥା ପ୍ରଚାର କରୁଛି। ଆହୁରି ଅନେକ ସୁଯୋଗ୍ୟ ସନ୍ତାନସନ୍ତତି ଯଥା- ଫକୀରମୋହନ, ରାଧାନାଥ, ଗୋପବନ୍ଧୁ, ମଧୁସୂଦନ ଦାସ, ମଧୁସୂଦନ ରାଓ, ବିଦ୍ୟୁତପ୍ରଭା ଦେବୀ, କୁନ୍ତଳା କୁମାରୀ, ମନୋଜ ଦାସ, ମାୟାଧର ମାନସିଂ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ସାରସ୍ୱତ ସାଧିକା/ସାଧକଙ୍କର ସୃଷ୍ଟି ସମ୍ଭାରରେ ପଲ୍ଲବିତ ହୋଇଛି ଓଡ଼ିଆ ଭାଷା ସାହିତ୍ୟ। ଆଜି ସରକାର ମହିଳା ସଶକ୍ତୀକରଣ ବିଷୟରେ କହୁଛନ୍ତି। ଏହାର ପାଞ୍ଚଶହ ବର୍ଷ ପୂର୍ବରୁ ବଳରାମ ଦାସ, ମହିଳା ସଶକ୍ତୀକରଣ ବିଷୟରେ ଲକ୍ଷ୍ମୀପୁରାଣ ମାଧ୍ୟମରେ ଯେଉଁ ଗଣଆନ୍ଦୋଳନ ସୃଷ୍ଟି କରିଛନ୍ତି ତାହା କ'ଣ ଉଲ୍ଲେଖଯୋଗ୍ୟ ନୁହେଁ କି?

ସିପାହୀ ବିଦ୍ରୋହର ଯଥେଷ୍ଟ ପୂର୍ବରୁ ଇଂରେଜ ଶାସକ ବିରୋଧରେ ଓଡ଼ିଆ ତେଜିଥିଲା ପାଇକ ବିଦ୍ରୋହ। ଏ ଭୂମି ଭବ୍ୟଭାରତ ଆତ୍ମା ବୋଲି ଶ୍ରୀରାମକୃଷ୍ଣ ବିବେକାନନ୍ଦଙ୍କୁ ଓଡ଼ିଶାକୁ (ଜଗନ୍ନାଥଧାମକୁ) ନ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ବିବେକାନନ୍ଦ ପଦବ୍ରଜରେ ସମଗ୍ର ଭାରତ ବୁଲିଥିଲେ ଓ ପ୍ରତିନିଧି ହୋଇ ବିଶ୍ୱରେ ଭାରତ ମହିମାର ଗାଥା ବର୍ଣ୍ଣନା କରିଥିଲେ ମଧ୍ୟ ଓଡ଼ିଶା ମାଟିକୁ ଆସି ନ ଥିଲେ। ଗୁରୁ କହିଥିଲେ, ''ମୁଁ ଯାଇନି; ତୁ ବି ଯିବୁ ନାହିଁ। ସେଠାକୁ ଥରେ ଗଲେ ଅଟକିଯିବୁ। ଯେଉଁ କାମ ପାଇଁ ଆସିଛୁ ତାହା ଆଉ କରିପାରିବୁନାହିଁ।'' ଏ ଆତ୍ମାର ଭୂମି ବୋଲି ତ ଏଠି ଏତେ ଆକର୍ଷଣ; ଏଠି ଅବତାରୀ ବି ଅଟକିଯାଏ। ସେଦିନ କପିଳମୁନି କହିଗଲେ, ''ଉତ୍କଳସ୍ୟ ସମଦେଶ, ଦେଶନାସ୍ତି ମହୀତଳେ।'' ଓଡ଼ିଆ ଭାଷା ଦକ୍ଷିଣ ଭାଷା ଭଳି କ୍ଷୀପ୍ର ନୁହେଁ କିମ୍ବା ଉତ୍ତର ଭାରତ ଭାଷା ପରି ଧୀର ମଧ୍ୟ ନୁହେଁ। ଏହା ମଧ୍ୟମ। ଏହା ଦକ୍ଷିଣ ଓ ଉତ୍ତର ଭାରତର ଏକ ଅଦ୍ଭୁତ ସମନ୍ୱୟ। ଓଡ଼ିଆର ଖାଦ୍ୟ ପୋଷାକ ପରିପାଟି ନିଜର ସ୍ୱତନ୍ତ୍ରତା ସତ୍ତ୍ୱେ ଉତ୍ତର ଭାରତର ଏକ ଅପୂର୍ବ ସମନ୍ୱୟ। ଆତ୍ମାର ଭୂମିରେ ଠିଆହୋଇ ମଧୁସୂଦନ ରାଓ ଲେଖିଗଲେ ''ବିଶ୍ୱେ ଦେଖ, ମଧୁମୟରେ ଭୁବନ, ବିଶ୍ୱେ ଦେଖ ମଧୁମୟ।'' ମଧୁମୟୀ ମା' ଶ୍ରୀମାଙ୍କୁ ଜଣେ ପ୍ରଶ୍ନ କରିଥିଲେ, ''ଅତିମାନସ ମହାଶକ୍ତିକୁ ଧାରଣ କରିବାକୁ କେଉଁ ଜାତିର ନାମ ପ୍ରଥମ?'' ଶ୍ରୀମା କିଛି ସମୟ ନୀରବ ରହି ଅସୀମ ଆକାଶକୁ ଚାହିଁ କହିଲେ 'ଓଡ଼ିଶା'। ଆଜି ଓଡ଼ିଶାର ଜୟନ୍ତୀ ପାଳନ ବେଳେ ଆମ ମନରେ ଦ୍ୱନ୍ଦ୍ୱ ଉପୁଜୁଛି। ଏହା ମଧ୍ୟ ସ୍ୱାଭାବିକ। ଆଜି ଓଡ଼ିଶାର କୋଟିଆର କିଛି ଗ୍ରାମପୁଞ୍ଜକୁ ଆନ୍ଧ୍ର ନିଜର ବୋଲି ଦାବି କରୁଛି। ସେପଟେ ପଶ୍ଚିମାଞ୍ଚଳର କିଛି ଗ୍ରାମ ଛତିଶଗଡ଼ରେ ମିଶିବାକୁ ଅଣ୍ଟା ଭିଡ଼ିଲେଣି ବୋଲି ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ହେଉଛି। ଏକ ସଂଘୀୟ ରାଷ୍ଟ୍ରରେ ଏସବୁ କଥା ଶୋଭା ପାଏନା। ବର୍ତ୍ତମାନ ସମୟ ଆସିଛି ଦଳମତ ନିର୍ବିଶେଷରେ ଏସବୁ ବିରୋଧରେ ପ୍ରତିବାଦର ସ୍ୱର ଶାଣିତ କରିବା।

ସେଦିନ ଭାର୍ଗବୀ ନଦୀକୂଳରେ ଗୋପବନ୍ଧୁଙ୍କ ସମେତ ପଞ୍ଚସଖା ଏହି ଶପଥ ନେଇଥିଲେ ଯେ, ଆଜି ଆମେ ଓଡ଼ିଶାକୁ ଯେଉଁ ଅବସ୍ଥାରେ ଦେଖୁଛେ ମୃତ୍ୟୁବେଳକୁ ତାକୁ ଢେର୍ ଉନ୍ନତ ଅବସ୍ଥାରେ ଦେଖିବା। ଆଜି ଉତ୍କଳ ଦିବସ ପାଳନ ଅବସରରେ ଆମ ସମସ୍ତଙ୍କର ଏହାହିଁ ସ୍ୱପ୍ନ ହେବା ଆବଶ୍ୟକ।

**ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ**
**ମୋ:୯୪୩୮୦୭୨୮୫୦**

# ଆମେ କ'ଣ ନୀରବ ରହିବା



ଡ.ମୌସୁମୀ ପରିଡ଼ା

ଅରାଜକତାର ବିଲୋପ କିମ୍ବା ମାନବିକତା ପ୍ରତିଷ୍ଠାକୁ ନେଇ ଆନ୍ଦୋଳନ କରିବା ଆବଶ୍ୟକ ମନେହୁଏ ବର୍ତ୍ତମାନ ସ୍ଥିତିରେ। କିନ୍ତୁ ପ୍ରଶ୍ନ -ଏଭଳି ଆନ୍ଦୋଳନ କରିବ କିଏ, କାହା ବିପକ୍ଷରେ ଏବଂ କାହା ପାଖରେ? ମାନବିକତା, ଦୟାଭାବ, ସମ୍ବେଦନଶୀଳତା କିଣାବିକା କିମ୍ବା ପେଟପାଟଣା ସମ୍ପର୍କିତ ନୁହେଁ। କାଲିଠାରୁ ଯଦି ଏ ସମ୍ପର୍କିତ କିଣାବିକା ସଂସ୍ଥାଟିଏ ଗଢ଼ିଉଠନ୍ତା ତେବେ ହୁଏତ ସମ୍ବେଦନଶୀଳତା, ଦୟାଭାବ ମଣିଷଙ୍କ ଭିତରେ ଜାଗ୍ରତ ହୁଅନ୍ତା। ଯେହେତୁ ଏସବୁର ଅବମୂଲ୍ୟାୟନ ଘଟିଚାଲିଛି ତେଣୁ ସମ୍ବେଦନଶୀଳ ମଣିଷଟିଏ ଚୁପ୍ ରହିଯିବାକୁ ବାଧ୍ୟ ହେଉଛି। ନିଜପାଇଁ ବିପଦ ସୃଷ୍ଟି ନ କରି ସଚେତନ ଲୋକେ ଚୁପ୍ ରହିବାକୁ ବାଧ୍ୟ। ଆଜିକାଲିର ସମାଜରେ, ବ୍ୟବସ୍ଥା ନାମରେ ଅନେକ ଅବ୍ୟବସ୍ଥା ପ୍ରତ୍ୟହ କିଛି ଉଦ୍ଭ୍ରାନ୍ତ ଓ ବିଶୃଙ୍ଖଳିତ ଲୋକମାନଙ୍କୁ ଉତ୍ସାହିତ କଲାବେଳେ ସଚେତନଧର୍ମୀ ଲୋକଙ୍କୁ ଭୟ ଓ ଚିନ୍ତାରେ ପକାଉଛି, ଯାହାର ନିରାକରଣ ଅସମ୍ଭବ। ଏଥି ସମ୍ପର୍କରେ କିଛି ଲେଖିବା ଆବଶ୍ୟକ।

ଯେଉଁମାନେ ଆଖିରେ ଅନ୍ଧପୁଟୁଳି ବାନ୍ଧି ନୀରବ ରହିବାକୁ ବାଧ୍ୟ ହେଉଛନ୍ତି ସେମାନଙ୍କ ଅନୁଭୂତି ଅଦେଖା ଜାଗାର ଘା' ପରି ଯନ୍ତ୍ରଣାଦାୟକ କିନ୍ତୁ ନିଦାନର ଉପାୟ ନାହିଁ ବୋଲି ସେମାନଙ୍କ କ୍ଷୋଭ। ସେମାନଙ୍କ ଅସହାୟତା ଶୁଣିବାବେଳେ ମନେହେଉଛି ଇଂରେଜମାନେ ଆମ ଦେଶକୁ ଛାଡିଗଲେ ସିନା କିନ୍ତୁ ପ୍ରତିଟି ସ୍ଥାନରେ ଡିଭାଇଡ୍ ଆଣ୍ଡ୍ ରୁଲ୍‌ର ବୀଜ ବପନ କରି ବିଷ ଭରିଦେଲେ। ଆଜି ସେ ବିଷ-ବୀଜ ମହାଦ୍ରୁମ ହୋଇଛି। ସାରାଦେଶରେ ନିଜ ସ୍ଥିତି ବିସ୍ତାର କରି ସମସ୍ତଙ୍କ ରକ୍ତରେ ପ୍ରବାହିତ ହେଲାଣି। ଯାହାଠାରୁ ମୁକୁଳିବା ଅସମ୍ଭବ।

ଜାନୁୟାରୀ ମାସରେ ପ୍ରକାଶିତ ସ୍ତମ୍ଭ - 'ବରିଷ୍ଠମାନଙ୍କ ସମସ୍ୟା ଓ ପ୍ରତିକାର' ପରିପ୍ରେକ୍ଷୀରେ ଯେତୋଟି ଫୋନ୍ କଲ୍ ଆସିଥିଲା ସେଥି ମଧ୍ୟରୁ କିଛି ମନକୁ ଅଶାନ୍ତି କରିଦେଲା ପରି ଥିଲା। ସବୁ ପ୍ରକାଶ କରିବା ଅସମ୍ଭବ। ଜଣେ ବରିଷ୍ଠଙ୍କ ସମସ୍ୟା ଶୁଣି ଆମ ନିୟମକାନୁନ୍ ଓ ବ୍ୟବସ୍ଥାର ଅସଫଳତାକୁ ଅନୁଭବ କରିହେଉଥିଲା। ଜମିବାଡି ସମସ୍ୟା ଉପରେ ଆଧାରିତ ଥିଲା ତାଙ୍କ ସମସ୍ୟା। ଏହା କେବଳ ଜଣେ ଅବସରପ୍ରାପ୍ତ ବରିଷ୍ଠଙ୍କର ନୁହେଁ ଏଭଳି ଅନେକ ବ୍ୟକ୍ତିଙ୍କର ଯେଉଁମାନେ ନିଜ ଜମିକୁ ହାସଲ କରିବାକୁ ସବୁ ପ୍ରକାରର ଚେଷ୍ଟା କରି ମଧ୍ୟ ବିଫଳ। ଅବଶ୍ୟ ତାଙ୍କ ଜମିକୁ ଅସାଧୁ ଉପାୟରେ ହାସଲ କରିଥିଲେ ଜଣେ ପ୍ରଭାବଶାଳୀ ବ୍ୟକ୍ତି। ପୀଡିତ ଭଦ୍ରବ୍ୟକ୍ତି ଦୀର୍ଘ ବର୍ଷ ଧରି ପ୍ରଶାସନର ଦ୍ୱାରସ୍ଥ ହୋଇ ସୁଦ୍ଧା ସୁଫଳ ପାଇପାରି ନ ଥିଲେ ଯଦିଓ ଉକ୍ତ ଜମିର ମାଲିକ ସେ ନିଜେ ବୋଲି ତାଙ୍କ ପାଖେ ଯଥେଷ୍ଟ ପ୍ରମାଣ ରହିଥିଲା। ଥରଥର ସ୍ୱରରେ କହିଲେ- ମୋ ପରିବାର କହିଲେ ସ୍ତ୍ରୀ ଓ ବିବାହଯୋଗ୍ୟା ଝିଅଟିଏ। ମୋତେ ଭୟ ଲାଗୁଛି ଯେ ସେ ପ୍ରଭାବଶାଳୀ ବ୍ୟକ୍ତିଟି ମୋ ଉପରେ କେତେବେଳେ ମରଣାନ୍ତକ ଆକ୍ରମଣ କରିପାରେ। ନ୍ୟାୟ ପାଇଁ ଲଢ଼ିବାକୁ ସମ୍ବଳ ନାହିଁ ମୋ ପାଖରେ।

ଆଉଜଣେ ବରିଷ୍ଠ ସରକାରୀ କ୍ୱାର୍ଟରରେ ବୋହୂ ପାଖରେ ରହୁଥିବାବେଳେ ସମାଜର ଗତିବିଧିକୁ ନେଇ ସନ୍ଦେହ ପ୍ରକଟ କରି କହିଲେ- ଆଜିକାଲି ବହୁତଳ କୋଠା ତିଆରି ହେଉଛି। ପ୍ରତିବର୍ଷ ସରକାରୀ କ୍ୱାର୍ଟର୍ସ ରିପ୍ୟାରିଂ ହେଉଛି। ନ ହୋଇପାରିଲେ ବି ଲୁଟାଛପାରେ ବିଲ୍ ତିଆରି ହୋଇ ରାଜସ୍ୱ ହରିଲୁଟ ହେଉଛି। ସେଆଡକୁ କାହାର ନିଘା ନାହିଁ। ହସ୍ପିଟାଲ୍‌ଗୁଡିକରେ ତ ବହୁତଳ ପ୍ରାସାଦ, ରୋଗୀମାନଙ୍କ ସଂଖ୍ୟାବୃଦ୍ଧି ସାଙ୍ଗକୁ ସୀମିତ ପରିସର। ସେଠାରେ ରହୁଥିବା କର୍ମଚାରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଥିଲେ ତୁଣ୍ଡ ଖୋଲିବାକୁ ସାହସ କରିପାରୁନାହାନ୍ତି। କଣ୍ଟ୍ରାକ୍ଟର୍‌ମାନଙ୍କ ଭୟ ଓ ପ୍ରଶାସନିକ ସ୍ଥାଣୁତା ପାଇଁ ପରିସର ଭିତରେ ରହୁଥିବା ଲୋକମାନଙ୍କ ଜୀବନ ବିପଦରେ। ଶବ୍ଦ ପ୍ରଦୂଷଣ ସାଙ୍ଗକୁ ଧୂଳି ସିମେଣ୍ଟରେ ବରିଷ୍ଠବ୍ୟକ୍ତିଙ୍କର ଶ୍ୱାସରୋଗ ବାହାରିଛି। କାର୍ଯ୍ୟ ତଦାରଖ କରୁଥିବା ଓଡ଼ିଆ ପିଲାମାନେ ବୟସ୍କଙ୍କ ଅଭିଯୋଗ ଶୁଣି କହୁଛନ୍ତି- ଘର ତିଆରି କଲାବେଳେ ଶବ୍ଦ ହେବନି ତ କ'ଣ ହେବ? ଯଦି କାମ ବନ୍ଦ କରିବାକୁ ଚାହୁଁଛ ପ୍ରଶାସକଙ୍କୁ କହୁନ। ଏଭଳି ଅପ୍ରକାଶ୍ୟ ଧମକରେ ବରିଷ୍ଠଜଣକ ଅସହାୟ ସ୍ୱରରେ କହିଲେ- ପୁଅ ବାହାର ଚାକିରି କରେ। ଏଠି ବୋହୂକୁ କ୍ୱାର୍ଟରଟିଏ ମିଳିଛି। କଲେଜ ପଢୁଆ ନାତୁଣୀଟିଏ ଘରେ। ବୋହୂ କହେ- ବାପା, କାହା ପାଖେ ଅଭିଯୋଗ କରିବା! ପ୍ରଶାସନ କ'ଣ କାମ ଅଟକାଇଦେବ? ଓଲଟା ମୋର ବଦଳି କରିଦେବ। କିନ୍ତୁ ମୋର ଭୟ ହୁଏ ଯଦି ଏ ଅସଭ୍ୟ ଲୋକମାନେ ମୋ ବୋହୂ କି ନାତୁଣୀକୁ ଦୁର୍ବ୍ୟବହାର କରନ୍ତି...! ମୋର ପିଲାଙ୍କ ଚିନ୍ତା। ଆଜିକାଲି ମାନବିକତା ମରିଗଲାଣି।



କେତେପ୍ରକାରର ଯୋଜନା ହେଉଛି। ସତରେ କ'ଣ ଆମେ ଆଗେଇପାରିଛୁ? ଏହିସବୁ କନ୍‌ଷ୍ଟ୍ରକ୍ସନ୍ କାମରେ ବିଦ୍ୟୁତ୍ ବିଭାଗ କାହାଠାରୁ ନିଜ ପ୍ରାପ୍ୟ ନେଉଛି? କିନ୍ତୁ ଆମମାନଙ୍କୁ ନିର୍ଦ୍ଦିଷ୍ଟ ତାରିଖ ଡେଇଁଲେ ବିଦ୍ୟୁତ୍ ବିଭାଗକୁ ଫାଇନ୍ ଦେବାକୁ ପଡୁଛି! ପ୍ରାଇଭେଟ୍ କମ୍ପାନୀଙ୍କୁ ଟିକସ୍ ଛାଡ। ଅରାଜକତା ଚାରିଆଡେ, କାହିଁ ତା'ର ସମାଧାନ? ଆପଣମାନେ ଲେଖୁଛନ୍ତି ଆମେମାନେ ପଢୁଛୁ। ଯେଉଁମାନଙ୍କ ପାଇଁ ଲେଖୁଛନ୍ତି ସେମାନେ ପଢ଼ିଲେ ସିନା ସୁଫଳ ମିଳିବ। ମୁଁ ଜାଣିଛି, ସେମାନେ ପଢ଼ିଲେ ପରିହାସରେ ଉଡ଼େଇଦେବେ। ତେବେ ବି ବତିଟାଏ ଜଳାଇଚାଲନ୍ତୁ ଲେଖା ମାଧ୍ୟମରେ। କାହା ମନ କାଳେ ବଦଳିଯିବ!

ସେ କରିଯାଇଥିବା କେତୋଟି ପ୍ରଶ୍ନ ମନକୁ ଆନ୍ଦୋଳିତ କରିରଖିଲା। ଏଭଳି ଅସଂଖ୍ୟ ସମସ୍ୟା, ଅଭିଯୋଗ। ଅଥଚ କିଏ ଉତ୍ତରଦାୟୀ? ଆମ ମନରେ ଭଲପାଇବା ଅପେକ୍ଷା ଅଧିକ ଅସୂୟା। କୌଣସି ଦଣ୍ଡ ବ୍ୟବସ୍ଥା ଲୋକଙ୍କ ମନରେ ମାନବିକତା ବା ଦୟାଭାବ ସୃଷ୍ଟି କରିପାରିବ ନାହିଁ କିମ୍ବା ନିଜ ଦୃଷ୍ଟିଭଙ୍ଗୀ ବଦଳାଇଲେ ସମସ୍ୟା ବଦଳିଯିବ ନାହିଁ। ସେଥିପାଇଁ ନିରପେକ୍ଷ ତର୍ଜମା ଜରୁରୀ। ଯେଉଁମାନଙ୍କ ହାତରେ ବ୍ୟବସ୍ଥାର ସମୀକରଣ ସେମାନେ ଏଭଳି ଅରାଜକତା କିଭଳି ଏଡ଼େଇପାରିବେ ସେଥିପ୍ରତି ଦୃଷ୍ଟିଦେବା ଜରୁରୀ।

କୌଣସି ସମସ୍ୟାର ସମୂଳ ବିନାଶ ପାଇଁ ଯେତିକି ସଚେତନତା ଲୋଡ଼ା ସେତିକି ବ୍ୟବସ୍ଥା ସଂସ୍ଥାପନ ମଧ୍ୟ ଜରୁରୀ। କାଗଜପତ୍ର କାମ ଓ ବାସ୍ତବତା ଦୁଇଟା ଭିନ୍ନକଥା। ବିପଦର ଆଶଙ୍କାରେ କିଛିବ୍ୟକ୍ତି ଅଭିଯୋଗ କରିପାରନ୍ତି ନାହିଁ ବୋଲି କ'ଣ ସେମାନଙ୍କ ସମସ୍ୟାକୁ ଆଖି ମୁଦିଦେବା? ସତ୍ କାର୍ଯ୍ୟ ହେଉ। କିନ୍ତୁ ଏଥିପାଇଁ ପ୍ରକୃଷ୍ଟ ସ୍ଥାନ ନିରୂପଣ ହେଉ। କେତେଜଣ ଅସାଧୁ ବ୍ୟକ୍ତିଙ୍କ ସ୍ୱାର୍ଥପାଇଁ ଅନ୍ୟମାନେ ବିପଦରେ ନ ପଡ଼ନ୍ତୁ।

**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ

ଚାକିରି ଛାଡ଼ି ନଡ଼ିଆ ଚାଷରୁ ଅନ୍ୟମାନଙ୍କୁ ରୋଜଗାର ଦେଇ ଉଦାହରଣ ସୃଷ୍ଟି କରିଛନ୍ତି ବେଙ୍ଗାଲୁରୁର ଇଂ. ମଧୁ କାରଗୁଣ୍ଡ। ସେ ଟେନ୍‌ଜିନ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି ଓ ନଡ଼ିଆ ଅମଳ କରିବା ପରେ ସମସ୍ତ ବର୍ଜ୍ୟର ଉପଯୋଗ କରୁଛନ୍ତି। ନଡ଼ିଆରୁ ତେଲ, ସାବୁନ, କ୍ୟାଣ୍ଡେଲ, ସୁଗାର, ଚିପ୍ସ ତିଆରି କରିବା ସହ ଷଢ଼େଇରୁ ଛୋଟ ବାସନ ଓ କତାରୁ ଘରର ବିଭିନ୍ନ ଜିନିଷ ପ୍ରସ୍ତୁତ କରୁଛନ୍ତି। ଦୀପାବଳି ବେଳେ ନଡ଼ିଆ ଦୀପ ଏବଂ ରକ୍ଷାବନ୍ଧନରେ ଷଢ଼େଇ ଓ କତାରୁ ରାଖୀ ତିଆରି କରୁଛନ୍ତି। ଏଥିରୁ ମାସକୁ ସେ ୪ ଲକ୍ଷ ଟଙ୍କା ରୋଜଗାର କରିବା ସହ ଅନେକ ମହିଳା ଓ ପୁରୁଷଙ୍କୁ ରୋଜଗାର ଦେବାରେ ସକ୍ଷମ ହୋଇଛନ୍ତି। କେବଳ ଏତିକି ନୁହେଁ, ସେ କର୍ନାଟକର ବିଭିନ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ ବର୍ଜ୍ୟରୁ ଚାଷୀମାନଙ୍କୁ ଏଭଳି ସବୁ ଉତ୍ପାଦ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷଣ ଦେଉଛନ୍ତି। କମ୍ ବଜେଟରେ କିଭଳି ଜୈବିକ କୃଷି କରାଯାଇପାରିବ ସେ ସମ୍ପର୍କରେ ବି ଚାଷୀମାନଙ୍କୁ ସାହାଯ୍ୟ କରୁଛନ୍ତି। ୩୦ ବର୍ଷୀୟ ମଧୁ ଏମ୍‌ସିଏ ଶେଷ କରି ଭଲ ଦରମାରେ ଚାକିରି କରିଥିଲେ। ହେଲେ ୨୦୧୮ରେ ତାହାକୁ ଛାଡ଼ି ଏହି କାର୍ଯ୍ୟ ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୯୮

- ଆଲ୍‌ଜେରିଆର ସୈନ୍ୟବାହିନୀ ଦେଶର ପଶ୍ଚିମାଞ୍ଚଳରେ ସାମରିକ ପଦକ୍ଷେପ ଗ୍ରହଣ କରି ୧୦୦ ଜଣ ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି।
- ସୋମାଲିଆର ଦକ୍ଷିଣାଞ୍ଚଳରେ ଦୁଇ ପରସ୍ପର ବିରୋଧୀ ମାରେହାନ ଏବଂ ମାଜେରଟେନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩୩ ମୃତ।
- ତ୍ରିପୁରାର ଧଳାଇ ଜିଲା କମଲପୁର ସବ୍‌ଡିଭିଜନ ଅନ୍ତର୍ଗତ ଆମ୍ବାସାଠାରେ ଉଗ୍ରପନ୍ଥୀଙ୍କ ଗୁଳିମାଡ଼ରେ ସ୍ୱାସ୍ଥ୍ୟମନ୍ତ୍ରୀ ବିମଳ ସିହ୍ନା ଓ ତାଙ୍କ ସାନ ଭାଇ ନିହତ।

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | 1 | | |
| | | 6 | | | | | | |
| | | 4 | | 6 | 8 | 9 | | 7 |
| 2 | | 7 | 1 | | | | | |
| | | | | 8 | | | 3 | |
| 3 | | | 7 | | | 5 | | |
| | 7 | | | | | | 2 | |
| | 8 | | | | | | | 9 |
| | 9 | | 5 | | 3 | | 7 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 2 | 1 | 6 | 9 | 5 | 4 | 8 |
| 9 | 5 | 1 | 8 | 4 | 3 | 6 | 7 | 2 |
| 6 | 4 | 8 | 7 | 2 | 5 | 3 | 1 | 9 |
| 7 | 1 | 6 | 2 | 5 | 8 | 4 | 9 | 3 |
| 8 | 3 | 5 | 4 | 9 | 7 | 1 | 2 | 6 |
| 2 | 9 | 4 | 6 | 3 | 1 | 7 | 8 | 5 |
| 1 | 6 | 7 | 5 | 8 | 2 | 9 | 3 | 4 |
| 5 | 2 | 3 | 9 | 7 | 4 | 8 | 6 | 1 |
| 4 | 8 | 9 | 3 | 1 | 6 | 2 | 5 | 7 |

ଗତକାଲିର ଉତ୍ତର



## ପାଠକ ଶ୍ରେଷ୍ଠ ବିଚାରକ

### ଦୂରହେଉନି ମଣ୍ଡି ସମସ୍ୟା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ମଣ୍ଡି ପରିଚାଳନା ସ୍ୱଚ୍ଛତାରେ ବ୍ୟତିକ୍ରମ ଦେଖାଦେଇଛି। ଅଧିକାଂଶ ମଣ୍ଡି ମିଲ୍‌ରଙ୍କ ନିୟନ୍ତ୍ରଣରେ ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ଧାନର ମାନ ପରୀକ୍ଷା ହେଉନାହିଁ। ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ମିଲର, କର୍ମଚାରୀ ଧାନ ଦେଖି କାଟ ନିର୍ଦ୍ଧାରଣ କରୁଛନ୍ତି। କୁଇଣ୍ଟାଲ ପିଛା ୫ କେ.ଜି. କାଟ ନିଶ୍ଚିତ ହୋଇଯାଇଛି। ସରକାରୀ ଦର କୁଇଣ୍ଟାଲ ପ୍ରତି ୨,୦୪୦ ଟଙ୍କା ରହିଛି। କାଟ, ଗାଡିଭଡ଼ା, ଶ୍ରମିକ ମଜୁରି, ଅଖା ମୂଲ୍ୟ ପ୍ରଭୃତି ଖର୍ଚ୍ଚ ବାଦ୍ ଦେଲେ କୁଇଣ୍ଟାଲ ପ୍ରତି ପ୍ରାୟ ୧୮ ଶହ ଟଙ୍କା ଚାଷୀମାନେ ପାଉଥିବା ଜଣାପଡ଼ିଛି। ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତାଙ୍କ ଦୂରଦୃଷ୍ଟି ଅଭାବରୁ ସତ୍ୟବାଦୀ ବ୍ଲକରେ ମଣ୍ଡି ଖୋଲା ଯାଇ ନ ଥିବାରୁ ଚନ୍ଦନପୁରରେ ଚାଷୀମାନେ ହାତରୁ ଗାଡ଼ିଭଡ଼ା ବହନ କରି ଧାନ ବିକ୍ରୟ କରୁଛନ୍ତି। ମିଲରଙ୍କୁ ବେପାରୀ ଧାନ ଦେବା ପରେ ମିଲ୍‌ର କର୍ମଚାରୀମାନେ ସେବା ସମବାୟ ସମିତି ସମ୍ପାଦକ ନିକଟକୁ ଫୋନ୍ କରିଥାନ୍ତି ଯେ, ତୁମ ସମିତିର ଏତିକି ଚାଷୀ ଆସି ଧାନ ମିଲ୍‌ରେ ଦେଇଛନ୍ତି। ଏପଟେ ମାଳ ମାଳ ବେପାରୀ ଗାଁ ଗଣ୍ଡାରେ ଚାଷୀଙ୍କଠାରୁ ୧୪ ଶହ ଟଙ୍କାରେ ଧାନ କିଣି ବିଭିନ୍ନ ସମିତିର ବାରି ଅନୁଯାୟୀ ମିଲରଙ୍କ ନିକଟରେ ପହଞ୍ଚାଇ ମାଲାମାଲ ହେଉଛନ୍ତି।

**-ଦେବବ୍ରତ ମିଶ୍ର, ଦେବଭବନ,**
**ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜିଠାରୁ ନୂଆ ଶୁଳ୍କ ହାର

ନୂଆଦିଲ୍ଲୀ: ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍ଏଚ୍ଏଆଇ)ର ବିଜ୍ଞପ୍ତି ଅନୁଯାୟୀ ଶନିବାରଠାରୁ ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜମାର୍ଗ (ଏନ୍ଏଚ୍) ରେ ଯାତାୟାତ ମହଙ୍ଗା ହେବ। ବିଶେଷକରି ଏପ୍ରିଲ ୧ରୁ ଏନ୍ଏଚ୍ଏଆଇ ଟୋଲ୍ ଟିକସ ବୃଦ୍ଧି କରିଛନ୍ତି। ଏପରିକି ବିଭିନ୍ନ ଶ୍ରେଣୀର ଯାନବାହନ ପୂର୍ବାପେକ୍ଷା ୫ରୁ ୧୫% ର ଅଧିକ ଟୋଲ୍ ଟିକସ ଦେବାକୁ ପଡ଼ିବ। ସେହିପରି କମ୍ ଦୂରତା ଲାଗି ୧୦% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଉଲ୍ଲେଖଯୋଗ୍ୟ, ଏନ୍ଏଚ୍ ଓ ଏକ୍ସପ୍ରେସ୍ ୱେରେ ଟୋଲ୍ ଟିକସ ବୃଦ୍ଧି ନେଇ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଜାରି କରାଯାଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦିନକରେ ୩.୪୫ ଲକ୍ଷ କୋଟିର ନିବେଶ ବୃଦ୍ଧି

■ସେନ୍‌ସେକ୍ସ ୧୦୩୧ ପଏଣ୍ଟ
■ନିଫ୍ଟି ୨୭୯

ଭୁବନେଶ୍ୱର,୩୧।୩



ନୂଆଦିଲ୍ଲୀ,୩୧।୩: ଦୀର୍ଘଦିନ ପରେ ଭାରତୀୟ ଶେୟାର ବଜାର କାରବାର ଏକ ବୃହତ୍ ନିବେଶ ବୃଦ୍ଧିରେ ଶେଷ ହୋଇଛି। ଏପରିକି ଭାରତୀୟ ଶେୟାର ବଜାରର କାରବାର ବୃଦ୍ଧି ଫଳରେ ଦିନକ ମଧ୍ୟରେ ଭାରତୀୟ ପୁଞ୍ଜି ବଜାରରେ ପ୍ରାୟ ୩.୪୫ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ବିଶେଷକରି କ୍ରମାଗତ ୨ୟ ଦିନ ଲାଗି ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ କାରବାର ବୃଦ୍ଧି ପାଇଛି। ସେହିଭଳି ଶୁକ୍ରବାର ସେନ୍‌ସେକ୍ସ ପ୍ରାୟ ୧୦୩୧ ପଏଣ୍ଟ ବଢ଼ି ୫୯,୯୯୨ ଅଙ୍କରେ ପହଞ୍ଚିଥିବା ବେଳେ ନିଫ୍ଟି-୫୦ରେ ୨୭୯ ପଏଣ୍ଟ ବୃଦ୍ଧି ଘଟି ୧୭,୩୬୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ବିଏସ୍‌ଇର ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ଯଥାକ୍ରମେ ୧.୭୮% ଏବଂ ୧.୬୩% ପଏଣ୍ଟ ବୃଦ୍ଧି ସହ କାରବାର ବନ୍ଦ ହୋଇଛି। ଅପରପକ୍ଷରେ ବିଏସ୍‌ଇର ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ମାର୍ଚ୍ଚ ୩୧ରେ ବଢ଼ି ୨୫୮.୧୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି କାରବାରର ଶେଷ ଦିନରେ ଏହାର ପରିମାଣ ୨୫୪.୭୧ ଲକ୍ଷ କୋଟି ଟଙ୍କା ଥିଲା। ସେହିପରି ଶୁକ୍ରବାର କାରବାର ମଧ୍ୟରେ ଆଇଟି, ଟେକ୍, ବ୍ୟାଙ୍କିଙ୍ଗ୍, ଫାଇନାନ୍ସିଆଲ୍ ସର୍ଭିସେସ୍, ଏନର୍ଜି, ତୈଳ ଏବଂ ଗ୍ୟାସ୍ ଏବଂ ଟେଲିକମ୍ୟୁନିକେଶନ ଭଳି ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିଲା।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୩୧।୩

କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ଫଳରେ ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୩୧ (୧୦୩୧.୪୩) ପଏଣ୍ଟ ବୃଦ୍ଧି ଘଟି ୫୮,୯୯୨ (୫୮,୯୯୧.୫୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୭୯ (୨୭୯.୦୫) ପଏଣ୍ଟ ବଢି ୧୭,୩୬୦(୧୭,୩୫୯.୭୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଟାଟା ଷ୍ଟିଲ୍ ମାଇନିଂକୁ କଳିଙ୍ଗ ସିଏସ୍‌ଆର୍ ପୁରସ୍କାର



ଭୁବନେଶ୍ୱର,୩୧।୩

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ହାଇଦ୍ରାବାଦର ଏକ ପ୍ରମୁଖ ସହଯୋଗୀ ସଂସ୍ଥା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ମ୍ୟାନେଜ୍‌ମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ଓ ଓଡ଼ିଶା ରାଜ୍ୟ ଉତ୍ପାଦିକତା ପରିଷଦର ମିଳିତ ସହଯୋଗରେ ଶୁକ୍ରବାର ଏକ ଦିନିକିଆ କର୍ମଶାଳା 'ସାମାଜିକ ଦାୟିତ୍ୱବୋଧ ପ୍ରୟାସ-୨୦୨୩'ର ଆୟୋଜନ କରାଯାଇଥିଲା। ବିଶେଷକରି କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଅଭିଯାନ-୨୦୨୩ର ଉକ୍ତ ଆଲୋଚନାଚକ୍ର ଅବସରରେ ଟାଟା ଷ୍ଟିଲ୍ ମାଇନିଂକୁ ସମ୍ମାନଜନକ 'କଳିଙ୍ଗ ସିଏସ୍‌ଆର୍ ପୁରସ୍କାର-୨୦୨୨' ପ୍ରଦାନ କରାଯାଇଛି। ଏପରିକି ଟାଟା ଷ୍ଟିଲ୍ ମାଇନିଂର ଉଲ୍ଲେଖନୀୟ ସିଏସ୍‌ଆର୍ ପଦକ୍ଷେପ ଓ ସିଏସ୍‌ଆର୍ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ପାଇଁ ଗ୍ରହଣ କରାଯାଇଥିବା ଶ୍ରେଷ୍ଠ ପ୍ରଥାକୁ ବିଚାରକୁ ନେଇ କମ୍ପାନୀକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ବିଭିନ୍ନ ସିଏସ୍‌ଆର୍ ପଦକ୍ଷେପ ପାଇଁ ସମ୍ମାନଜନକ କଳିଙ୍ଗ ସିଏସ୍‌ଆର୍ ପୁରସ୍କାର ହାସଲ କରିବା ଆମ ପାଇଁ ନିଶ୍ଚିତ ଭାବେ ଏକ ଖୁସିର ବିଷୟ। ଆମ କାର୍ଯ୍ୟକ୍ଷେତ୍ର ପାରିପାର୍ଶ୍ୱିକ ସମାଜର ଗୁଣାତ୍ମକ ଜୀବନରେ ଉନ୍ନତି ଆଣିବା ପାଇଁ ଆମ ଅଦମ୍ୟ ପ୍ରତିବଦ୍ଧତା ହିଁ ଆମକୁ ଏ ଦିଗରେ ଆଗକୁ ବଢ଼ିବାକୁ ଶକ୍ତି ଯୋଗାଉଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କଠାରୁ ଟାଟା ଷ୍ଟିଲ୍ ମାଇନିଂର ବରିଷ୍ଠ ମହାପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର ଉକ୍ତ ପୁରସ୍କାର ଗ୍ରହଣ କରୁଛନ୍ତି।



ଓଡ଼ିଶା ସରକାରଙ୍କ ହରିଶ୍ଚନ୍ଦ୍ର ଏବଂ ମହାପ୍ରୟାଣ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ୧୦୦ କୋଟି ଟଙ୍କାର ଏକ ଚେକ୍ ପ୍ରଦାନ କରୁଛନ୍ତି। ଏହି ଅବସରରେ ଓଏମ୍‌ସିର ଅଧ୍ୟକ୍ଷ ଦେଓରଞ୍ଜନ ସିଂ ଏବଂ ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ ଉପସ୍ଥିତ ଅଛନ୍ତି।

## ୟୁବିଆଇର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୧।୩

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ମାନସିକ ବିକାରଗ୍ରସ୍ତ ଏବଂ ମୂକ,ବଧିର ଛାତ୍ରୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଛି। ବିଶେଷକରି ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ମେଶିନ ପ୍ରଦାନ କରାଯାଇଛି। ଏପରିକି ବାରିପଦାସ୍ଥିତ ବେତନାଠାରେ ମନ ବିକାଶ ସ୍ୱତନ୍ତ୍ର ସ୍କୁଲରେ ମାନସିକ ବିକାରଗ୍ରସ୍ତ ଏବଂ ମୂକ, ବଧିର ଛାତ୍ରୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଥିଲା।

# ଦୃଢ଼ ଇକୋସିଷ୍ଟମ୍ ଗଠନକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୩୧।୩

ଦେଶର ପ୍ରମୁଖ ଫିନ୍‌ଟେକ୍ କମ୍ପାନୀ ଭାରତପେ ଗ୍ରୁପ୍ ଏବଂ ମହିଳା ଉଦ୍ୟୋଗୀ ପ୍ଲାଟ୍‌ଫର୍ମ (ଡବ୍ଲ୍ୟୁଇପି) ମଧ୍ୟରେ ଏକ ବ୍ୟବସାୟିକ ସହଭାଗିତା ସ୍ଥାପନ କରାଯାଇଥିବା ଉଭୟ ପକ୍ଷରୁ କୁହାଯାଇଛି। ବିଶେଷକରି ମହିଳା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭରଶୀଳତା ଏବଂ ବ୍ୟବସାୟ ଅଭିବୃଦ୍ଧିରେ ସକ୍ଷମ କରାଇବା ଦିଗରେ ଉକ୍ତ ସହଭାଗିତା କାର୍ଯ୍ୟ କରିବ। ଏପରିକି ଉକ୍ତ ସହଭାଗିତା ଦ୍ୱାରା ଏକ ଦୃଢ଼ ଇକୋସିଷ୍ଟମ୍ ଗଠନ କରିବାକୁ ଉଭୟ ସଂସ୍ଥା ଲକ୍ଷ୍ୟ ରଖିଛି, ଯାହା ଭାରତର ବିଭିନ୍ନ ପ୍ରାନ୍ତରୁ ମହିଳା ଉଦ୍ୟୋଗୀଙ୍କୁ ଏକତ୍ର କରିଥାଏ ଏବଂ ସେମାନଙ୍କୁ ଆବଶ୍ୟକ ଡୋମେନ୍ ଜ୍ଞାନ ସହ ସେମାନଙ୍କର ବ୍ୟବସାୟ ଲକ୍ଷ୍ୟ ପୂରଣ କରିବା ପାଇଁ ଆର୍ଥିକ ଏବଂ ବୈଷୟିକ ଜ୍ଞାନ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଭାରତପେର ସିଏଫ୍‌ଓ ଏବଂ ମଧ୍ୟବର୍ତ୍ତିକାଳୀନ ସିଇଓ ନଳୀନ ନେଗି କହିଛନ୍ତି, ଭାରତ ଏକ ଷ୍ଟାର୍ଟଅପ୍ ଏବଂ ୟୁନିକର୍ନ ହବ୍ ହୋଇଥିବାବେଳେ ଦେଶରେ ମହିଳା ଉଦ୍ୟୋଗୀଙ୍କ ଅଂଶ କମ୍ ରହିଛି। ଦେଶରେ ମହିଳା ଉଦ୍ୟୋଗିତାକୁ ଚଳାଇବା ଦିଗରେ ଡବ୍ଲ୍ୟୁଇପିର ଏକ ଅପରିପକ୍ୱ କାର୍ଯ୍ୟ ରହିଛି ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ବ୍ୟବସାୟର ଅଭିବୃଦ୍ଧିରେ ସକ୍ଷମ ହେବା ପାଇଁ ଆମର ସହଭାଗୀ ଦୃଷ୍ଟିକୋଣରେ ସେମାନଙ୍କ ସହ ଭାଗୀଦାରି କରି ଆମେ ଗର୍ବିତ କରିଛି। ଏକ ଫିନ୍‌ଟେକ୍ ସଂସ୍ଥା ଭାବେ ମହିଳା ସୋଲୋପ୍ରେନର ଏବଂ କ୍ଷୁଦ୍ର ବ୍ୟବସାୟ ମାଲିକମାନଙ୍କ ସହିତ ଆମର ନିୟମିତ ଯୋଗଦାନ ଆମକୁ ସେମାନଙ୍କର ଅସୁବିଧାରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିଛି। ସେହିଭଳି ଡବ୍ଲ୍ୟୁଇପି ମିଶନ ନିର୍ଦ୍ଦେଶକ ଆନ୍ନା ରୟ କହିଛନ୍ତି, ଭାରତରେ ଉଦ୍ୟୋଗୀ ଇକୋସିଷ୍ଟମ ଆଗକୁ ବଢୁଛି, କିନ୍ତୁ ମହିଳା ନେତୃତ୍ୱାଧୀନ ବ୍ୟବସାୟଗୁଡ଼ିକ ବ୍ୟବସାୟକୁ ମାପିବା ପାଇଁ ଅନେକ ସହାୟତା ଆବଶ୍ୟକ କରନ୍ତି ଏବଂ ସାମାଜିକ ପକ୍ଷପାତିତା କାରଣରୁ ଏହା ଅଧିକ ନେଟ୍‌ୱାର୍କିଂ ଚ୍ୟାନେଲ ଏବଂ ମେଣ୍ଟରଶିପ୍ ସୁଯୋଗରୁ ବାଦ୍ ପଡ଼ିଥିବାରୁ ସାରା ଦେଶରେ ମହିଳା ଉଦ୍ୟୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଅରୁନ୍ଧତୀକୁ ବେଷ୍ଟ ରିଜିଓନାଲ ଜୁଏଲେରି ରିଟେଲ ଅଫ୍ ଦି ଇୟର (ଇଷ୍ଟ) ସମ୍ମାନ

ଭୁବନେଶ୍ୱର,୩୧।୩




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସକୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ମୁମ୍ବାଇ ସ୍ଥିତ ସାହାର ଷ୍ଟାର୍ ହୋଟେଲଠାରେ ଇଣ୍ଡିଆ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏଶନ (ଆଇବିଜେଏ) ଲିମିଟେଡ୍ ଏବଂ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ (ଡବ୍ଲ୍ୟୁଜିସି) ଦ୍ୱାରା ଆୟୋଜିତ ୮ମ ଇଣ୍ଡିଆ-ଇଣ୍ଟରନ୍ୟାଶନାଲ ବୁଲିୟନ ଆଣ୍ଡ ଜୁଏଲେରି ସମ୍ମିଟ୍-୨୦୨୩ ଅବସରରେ ଅରୁନ୍ଧତୀ ଜୁଏଲର୍ସକୁ ବେଷ୍ଟ ରିଜିଓନାଲ ଜୁଏଲେରି ରିଟେଲ ଅଫ୍ ଦି ଇୟର (ଇଷ୍ଟ) ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ନରୱେକର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ, ଆଇବିଜେଏର ଜାତୀୟ ସଭାପତି ପୃଥୀରାଜ କୋଠାରି, ଡବ୍ଲ୍ୟୁଜିସିର ଭାରତ ମୁଖ୍ୟ ସୋମସୁନ୍ଦର ପି.ଆର୍, ଜିଜେସିର ଅଧ୍ୟକ୍ଷ ସୋୟମ ମେହେରା,ଓସ୍‌ୱଲା ଫାଇନାସିଆଲ ସର୍ଭିସେସ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୋତିଲାଲ ଓସ୍‌ୱଲା,ନ୍ୟାଶନାଲ ଜେମ୍ସ ଆଣ୍ଡ ଜୁଏଲେରି କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଗତ ୩ମାସ ମଧ୍ୟରେ ୨ ଦୁଇ ଥର ଜାତୀୟସ୍ତରର (ପୂର୍ବ ଭାରତର ଏକ ଅଗ୍ରଣୀ ଓ ବିଶ୍ୱାସନୀୟ ଜୁଏଲେରି ବ୍ରାଣ୍ଡ) ସମ୍ମାନରେ ସମ୍ମାନିତ ହେବା ଆମ ସମସ୍ତଙ୍କ ପାଇଁ ଓ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

# ୧ ନିୟୁତ ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବ ଡାଲମିଆ

ଭୁବନେଶ୍ୱର,୩୧।୩

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଜରିଆରେ କମ୍ପାନୀ ୧ନିୟୁତ ଗ୍ରାମୀଣ ମହିଳାଙ୍କୁ ଛତୁଚାଷ ଜରିଆରେ ଜୀବିକା ଯୋଗାଇଦେବା ଲକ୍ଷ୍ୟ ରଖିଛି। ଏପରିକି ଛତୁଚାଷରେ କମ୍ ନିବେଶ କରାଯାଉଛି ଏବଂ ଏହା ଏକ ଲାଭଜନକ କୃଷି-ବ୍ୟବସାୟ ମଡେଲ ଭାବେ ଉଭା ହୋଇଛି। ଏହାକୁ ଅନଗ୍ରସର ବର୍ଗର ମହିଳାମାନେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ନିମନ୍ତେ ସହଜରେ ଆପଣାଇବା ସହ ସ୍ୱାବଲମ୍ବୀ ମଧ୍ୟ ହୋଇପାରିବେ। ସେହିଭଳି କମ୍ପାନୀ ତା'ର କଟକ, ରାଜଗାଙ୍ଗପୁର କାରଖାନା ଏବଂ ଲାଞ୍ଜିବେର୍ଣ୍ଣା ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାଙ୍କ ପାଇଁ ଏ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମକୁ ମଧ୍ୟ ସୁଗମ କରାଉଛି ଏବଂ ସେମାନଙ୍କୁ ଛତୁଚାଷ ୟୁନିଟ୍ ସ୍ଥାପନ ଜରିଆରେ ମାସିକ ଅତିରିକ୍ତ ୫ ହଜାର ଟଙ୍କା ଆୟ କରିବାକୁ ସମର୍ଥ କରାଇଛି।

ଏ ସମ୍ପର୍କରେ ଡିସିବିଏଲ୍‌ର ଡେପୁଟି ଏକଜିକ୍ୟୁଟିଭ ଡାଇରେକ୍ଟର ଏବଂ ୟୁନିଟ୍ ହେଡ୍-କେସିଏମ୍‌ଡବ୍ଲ୍ୟୁ ଭାବେଶ ୱାଲା କହିଛନ୍ତି, କୋଭିଡ୍ ପରବର୍ତ୍ତୀ ସମୟରେ ଅର୍ଥନୀତି କ୍ରମଶଃ ସ୍ୱାଭାବିକ ସ୍ଥିତିକୁ ଫେରୁଥିବାବେଳେ ସ୍ଥାନୀୟ ବଜାରଗୁଡିକରେ ଛତୁ ଚାହିଦା ବୃଦ୍ଧି ପାଉଥିବା ଆମେ ଲକ୍ଷ୍ୟ କରୁଛୁ। ଆମେ ଆଶା କରୁଛୁ , ଆଗାମୀ ମାସଗୁଡ଼ିକରେ ଆମେ ଅଧିକ ମହିଳାଙ୍କୁ ସେମାନଙ୍କର ନିଜସ୍ୱ ୟୁନିଟ୍ ସ୍ଥାପନ କରିବା ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ପ୍ରୟାସ ନିରନ୍ତର ଜାରି ରଖିବୁ। ଉଲ୍ଲେଖଯୋଗ୍ୟ, ସ୍ଥାନୀୟସ୍ତରରେ ୨ପ୍ରକାର ଛତୁ ଚାଷକରାଯାଉଛି। ତାହା ବିକ୍ରି ନିମନ୍ତେ ବଜାରରେ ଉପଲବ୍ଧ ହେଉଛି।

**Classified Everyday 0674-2580101, 2549949**


REAL ESTATE

SALE

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

Litigation free 2400sqft. plot at Maruti Nagar, Nuagaon for sale. Contact- 9938329821 No broker please. D-3137

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରିଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Residential / Gharabari plot near SBI on SH 65 at Badamba Garh is ready for sale. Ideal Location for Petrol Pump or Market Complex. Plot Size : 1.04 Acres Imp : Only persons interested to purchase the entire plot need to contact. Please contact through Whatsapp / SMS : 9937077222. D-3088

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

House for sale at GGP Colony 3Storied building (10nos of individual quarters). Contact: 7978141625. D-3080


CONSTRUCTION

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Full body massage in homely atmosphere all therapy. Mob: 8114881641. D-73425

**Full Body massage by Experience Therapist @999 only- 9078484455. (Bhubaneswar).** D-3134

**AFFIDAVIT**

By virtue of an affidavit sworn in before the Court of Executive Magistrate, Bhubaneswar on 31.03.2023, I, Santosh Kumar Giri have changed my Minor daughter's name from Saini Giri to Sai Tanvi Giri. Henceforth my daughter will be known as Sai Tanvi Giri instead of Saini Giri for all purposes.
Sd./- Santosh Kumar Giri D-3135

Affidavit before Executive Magistrate, Dhenkanal, declare that changed my wife's name from Rengulathathey to Rangalata Samal. Henceforth she shall be known as Rangalata Samal and correct date of birth 15.07.1961 for Army record and all purposes, W/o. Sanatan Samal(Ex service No-6903245H, Rank-TS, NK), At/PO: Kalanga, PS-Sadar, Dist-Dhenkanal. D-74057

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସରୋଜିନୀ ମିଶ୍ର**
(ସ୍ୱର୍ଗତ ସାଧୁଚରଣ ମିଶ୍ରଙ୍କ ସହଧର୍ମିଣୀ)
ମାଳପଡ଼ା, ବଲାଙ୍ଗୀର
ଆବିର୍ଭାବ: ୧୯।୧୦।୧୯୩୦
ତିରୋଧାନ: ୨୧।୦୩।୨୦୨୩
ହେ ପୂଜ୍ୟା, ପବିତ୍ର ଦ୍ୱାଦଶାହ ଉପଲକ୍ଷେ ଆପଣଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ପୁତ୍ର: ଆଶୁତୋଷ ମିଶ୍ର, ଅରୁଣ ମିଶ୍ର, ପ୍ରଫେସର ତରୁଣ ମିଶ୍ର, ପୁତ୍ରବଧୂ: ମନୋରମା, ସବିତା, ନନ୍ଦିତା, ଆରତୀ ଓ ମଧୁଛନ୍ଦା, ଝିଅ: ମଣିକୁନ୍ତଳା, ମଞ୍ଜୁଳା, ଜ୍ୱାଇଁ: ବିଜୟ, ନାତିନାତୁଣୀ: ସ୍ୱରୂପ, ଚିକୁ, ସୌରଭ, ଆଦିତ୍ୟ, ସିଦ୍ଧାର୍ଥ, ଚନ୍ଦନ, ଡା. ସାର୍ଥକ, ପୂଜା ଏବଂ ଶୋକସନ୍ତପ୍ତ ମିଶ୍ର ପରିବାରବର୍ଗ ।
ଧ-୩୧୩୯

## ସଂକ୍ଷେପରେ

### ଦଣ୍ଡଯାତ୍ରାରେ ଅଘଟଣ

## ୨ ଦଣ୍ଡୁଆଙ୍କ ମୃତ୍ୟୁ

ବୌଦ୍ଧ,୩୧।୩(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ଚଳିତବର୍ଷ ଚୈତ୍ରମାସରୁ ଦଣ୍ଡଯାତ୍ରା ଆରମ୍ଭ ହୋଇଥିବା ବେଳେ ପ୍ରଥମରୁ ଅଘଟଣ ଘଟିଛି । ଜିଲାର ହରଭଙ୍ଗା ବ୍ଲକରେ ଗୋଟିଏ ଦିନରେ ଦୁଇଟି ପୃଥକ୍ ଦଣ୍ଡରେ ଦୁଇଜଣ ଦଣ୍ଡୁଆଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଭକ୍ତମାନଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହେଉଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ରାମନବମୀ ରାତିରେ ହରଭଙ୍ଗା ବ୍ଲକ ଅଧୀନ କୁଶଙ୍ଗ ପଞ୍ଚାୟତ ଅତଲସରା ଗ୍ରାମରେ କରଡ଼ି ଦଣ୍ଡ ଦଳ ରହିଥିଲା । ମଧରାତିରେ ଦଣ୍ଡୁଆମାନେ ନାଚ ପାଇଁ ବାହାରିବା ବେଳେ ଏହି ଦଣ୍ଡୁଆ ଦଳରେ ଥିବା ବୌଦ୍ଧ ମାଉଲସିଙ୍ଗା ଅଞ୍ଚଳର ଦଣ୍ଡୁଆ ବୁଦ୍ଧିଆ ନାଏକ(୪୫) ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ । ତାଙ୍କୁ ସଙ୍ଗେସଙ୍ଗେ ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଉକ୍ତ ବ୍ଲକର ପୁରୁଣାକଟକ ଥାନା ଅନ୍ତର୍ଗତ ତାକୁଡ଼ ଦଣ୍ଡରେ ଅନ୍ୟ ଜଣେ ଦଣ୍ଡୁଆଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଗୁରୁବାର ରାତିରେ ତାକୁଡ଼ ଦଣ୍ଡ ଦଳ ବାଦିକଟା ଗ୍ରାମରେ ଦଣ୍ଡନୃତ୍ୟ ପରିବେଷଣ କରିଥିଲା । ଦଳରେ ସାମିଲ ଥିବା ତିଲେଶ୍ୱର ଅଞ୍ଚଳ ଛେଲିଲେଣ୍ଡି ଗ୍ରାମ ପାତ୍ରସାହିର ଶ୍ରୀବତ୍ସ ବାରିକ(୭୦) ରାତିରେ ଶୋଇବା ପରେ ସକାଳୁ ଆଉ ଉଠି ନ ଥିଲେ । ପରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । ଖବର ପାଇ ହରଭଙ୍ଗା ଓ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି । ଏନେଇ ପୋଲିସ ପୃଥକ୍ ପୃଥକ୍ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ଚୈତ୍ରମାସରେ ବୌଦ୍ଧ ଜିଲାରେ ଦଣ୍ଡଯାତ୍ରା ପାଳିତ ହୋଇଥାଏ ।

## ମୋବାଇଲ ଟାୱାର ପୋଡ଼ିଲେ ମାଓବାଦୀ



ମାଲକାନଗିରି,୩୧।୩(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବସ୍ତର ଅଞ୍ଚଳରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି । ମାଓବାଦୀମାନେ ଛତିଶଗଡ଼ର କୋଣ୍ଡାଗାଁବ ଜିଲାରେ ଥିବା ଏକ ମୋବାଇଲ ଟାୱାରକୁ ନିଆଁ ଲଗାଇ ପୋଡ଼ିଦେଇଛନ୍ତି । ବୟନାର ଥାନା ଅନ୍ତର୍ଗତ ଚେରଙ୍ଗ ଗ୍ରାମରେ ଏହି ମୋବାଇଲ ଟାୱାର ଥିଲା । ଟାୱାର ପୋଡି ଯୋଗୁ ଆଖପାଖ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଦେଖାଦେଇଛି । ଗୁରୁବାର ବିଳମ୍ବିତ ରାତିରେ ବହୁ ସଂଖ୍ୟକ ସଶସ୍ତ୍ର ମାଓବାଦୀ ଚେରଙ୍ଗ ଗ୍ରାମରେ ପହଞ୍ଚି ଗ୍ରାମରେ ଥିବା ମୋବାଇଲ ଟାୱାରର କଣ୍ଟ୍ରୋଲ ୟୁନିଟ୍‌ରେ ନିଆଁ ଲଗାଇ ଦେଇଥିଲେ । ଏହି ଘଟଣା ବୟନାର ଏରିଆ କମିଟି ମାଓବାଦୀ ସଙ୍ଗଠନ ପକ୍ଷରୁ କରାଯାଇଥିବା ସେମାନେ ଛାଡି ଯାଇଥିବା ବ୍ୟାନର ଓ ପୋଷ୍ଟରରେ ଉଲ୍ଲେଖ ରହିଛି ।

# କୋଟିଆ, ଜାଲ୍ ସାର୍ଟିଫିକେଟ୍ ପ୍ରସଙ୍ଗରେ ତୁମ୍ବିତୋଫାନ

**କୋଟିଆ ପାଇଁ ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ପ୍ୟାକେଜ୍‌ରେ କ'ଣ ପଦକ୍ଷେପ ନିଆଯାଇଛି? ବଣିକ୍ କୋଚିଂ ସେଣ୍ଟର ସହିତ ସୁବ୍ରତ ଛାଟୋଇଙ୍କ ସମ୍ପର୍କ କ'ଣ? ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ୍ ଘଟଣାରେ ଶାସକ ଦଳର ନେତାଙ୍କ ସମ୍ପୃକ୍ତି ଗନ୍ଧ ବାହାରୁଛି। ଏସବୁ ପ୍ରସଙ୍ଗ ଉଠାଇ ବିଧାନସଭାରେ ଶୁକ୍ରବାର ତୁମ୍ବିତୋଫାନ କରିଛନ୍ତି ବିରୋଧୀ। ଶାସକ-ବିରୋଧୀ ମୁହାଁମୁହିଁ ହେବା ଯୋଗୁ ଗୃହକାର୍ଯ୍ୟ ଚାଲିପାରି ନ ଥିଲା। ଦ୍ୱିତୀୟାର୍ଦ୍ଧରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷର ବ୍ୟୟମଞ୍ଜୁରୀ ବିଲ୍ ବାଚନିକ ଭୋଟରେ ପାରିତ ହୋଇଥିଲା।**



ଭୁବନେଶ୍ୱର, ୩୧।୩(ବ୍ୟୁରୋ)

କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ, ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ ଘଟଣା ଏବଂ ବଣିକ୍ କୋଚିଂ ସେଣ୍ଟର ପ୍ରସଙ୍ଗ ଉଠାଇ ଶୁକ୍ରବାର ବିରୋଧୀ ଭାଜପା ଓ କଂଗ୍ରେସ ବିଧାନସଭାରେ ରାଜ୍ୟ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଛନ୍ତି। 'ବଣିକ୍' କୋଚିଂ ସେଣ୍ଟରର ସୁବ୍ରତ ଛାଟୋଇଙ୍କ ସହିତ ୫-ଟି ସଚିବ ଓ ଆଇଟି ସଚିବଙ୍କ ସହ କ'ଣ ସମ୍ପର୍କ ରହିଛି ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଥିଲେ। ଏହାକୁ ନେଇ ଗୃହରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ଦିନତମାମ ଠପ୍ ହୋଇଯାଇଥିଲା।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳନେତା ମିଶ୍ର କୋଟିଆ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। କୋଟିଆବାସୀଙ୍କୁ ଆନ୍ଧ୍ର ସରକାର ନିଜ ଆଡ଼କୁ ଆକର୍ଷିତ କରୁଛନ୍ତି। ମୁଖ୍ୟମନ୍ତ୍ରୀ କୋଟିଆ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିଲେ। ଏଥିରେ କ'ଣ ସବୁ ପଦକ୍ଷେପ ନିଆଯାଇଛି। ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଗୃହରେ ବିବୃତି ରଖାଯାଉ ବୋଲି ସେ ଦାବି କରିଥିଲେ। ବଲାଙ୍ଗୀର ଜାଲ୍ ସାର୍ଟିଫିକେଟ କାରବାରରେ 'ବଣିକ୍' କୋଚିଂ ସେଣ୍ଟରର ସୁବ୍ରତ ଛାଟୋଇଙ୍କର କ'ଣ ସମ୍ପର୍କ ରହିଛି? '୫-ଟି' ସ୍କୁଲକୁ କମ୍ପ୍ୟୁଟର କିଏ ଦେଇଥିଲେ? ସେଥିରେ ସୁବ୍ରତ ଛାଟୋଇଙ୍କ କିଛି ସମ୍ପର୍କ ଅଛି କି? ଛାଟୋଇଙ୍କ ସହିତ ୫-ଟି ସଚିବ ଓ ଆଇଟି ସଚିବଙ୍କ କ'ଣ ସମ୍ପର୍କ ରହିଛି? ଏହାର ଜବାବ ସରକାର ଦେବା ଆବଶ୍ୟକ ବୋଲି ଜୟନାରାୟଣ ଦାବି କରିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ବଲାଙ୍ଗୀର ଜାଲ ସାର୍ଟିଫିକେଟ ପ୍ରସଙ୍ଗ ଉଠାଇଥିଲେ। କେବଳ ବଲାଙ୍ଗୀର ନୁହେଁ, ରାଜ୍ୟ ଓ ରାଜ୍ୟ ବାହାରକୁ ଏହାର ଚେର ଲମ୍ବିଛି ବୋଲି ସେ କହିଥିଲେ। ଏହି ସମୟରେ ସଭ୍ୟ ସନ୍ତୋଷ ସିଂ ସାଲୁଜା ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ଫଟୋ ଦେଖାଇଥିଲେ। ନରସିଂହ କହିଥିଲେ, ଏହି ଫଟୋ ସମ୍ପର୍କରେ ମନ୍ତ୍ରୀ ଗୃହରେ କିଛି ପ୍ରତିକ୍ରିୟା ରଖିଲେ ନାହିଁ। ବଲାଙ୍ଗୀରରେ କେବଳ ଜାଲ୍ ସାର୍ଟିଫିକେଟ ନୁହେଁ, ଡ୍ରଗ୍ସ କାରବାର ମଧ୍ୟ ଚାଲିଛି। ଯେତେ ଧରାପଡୁଛନ୍ତି ସେଥିରେ ଶାସକ ଦଳର ଲୋକ ସମ୍ପୃକ୍ତ ଅଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟର ସୀମା ସୁରକ୍ଷିତ ନୁହେଁ। ଝାରସୁଗୁଡ଼ାରେ ପିଲାଙ୍କୁ ହତ୍ୟା କରାଯାଉଛି। ବିଧାନସଭାରେ କୋଏଡା ବିଡିଓଙ୍କ ପ୍ରସଙ୍ଗ ଉଠାଗଲା। ସେ ବିଷୟରେ ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଥିଲେ। ବିଡିଓଙ୍କୁ ତାଙ୍କ ବାପା, ଭାଇ ମାଡ଼ ମାରିଛନ୍ତି ଓ ସେ ଗୁରୁତର ହୋଇ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଯଦି ବିଡିଓଙ୍କୁ ବଦଳି କରାଯାଇ ଥାଆନ୍ତା, ତେବେ ଏଭଳି ଘଟଣା ଘଟି ନ ଥାଆନ୍ତା ବୋଲି ସେ କହିଥିଲେ। ଯଦି ବିଧାନସଭାରେ କୌଣସି ପ୍ରସଙ୍ଗର ସମାଧାନ ହେଉନାହିଁ, ତେବେ ଗୃହକୁ କାହିଁକି ଆସିବୁ ବୋଲି ନରସିଂହ ପ୍ରଶ୍ନ କରିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ବାଚସ୍ପତିଙ୍କ ଟେବୁଲ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ଭାଜପା ସଦସ୍ୟମାନେ କୋଟିଆ ଓ ଜାଲ୍ ସାର୍ଟିଫିକେଟ ପ୍ରସଙ୍ଗରେ ବିଧାନସଭାରେ ହଟ୍ଟଗୋଳ କରିଥିଲେ।

ବିଜେଡି ସଭ୍ୟ ଅରୁଣ ସାହୁ କହିଲେ, ଭାଜପାର ୮ ଏମ୍‌ପି ଓ ୩ ମନ୍ତ୍ରୀ କେନ୍ଦ୍ରରେ ଅଛନ୍ତି। କୋଟିଆ ପ୍ରସଙ୍ଗରେ କିଛି କହୁନାହାନ୍ତି। କେନ୍ଦ୍ରରେ ୯ ବର୍ଷ ଧରି ଭାଜପା ସରକାର ଅଛି। ଏହି ପ୍ରସଙ୍ଗରେ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହିତ ଜାଲ୍ ସାର୍ଟିଫିକେଟ୍ ଓ ବଣିକ୍ କୋଚିଂ ସେଣ୍ଟରର ଏକ କାର୍ଯ୍ୟକ୍ରମରେ ନରସିଂହଙ୍କ ଫଟୋ ଦେଖାଇଥିଲେ। ତେବେ ଏହାକୁ ନେଇ ନରସିଂହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ କହିଲେ, ତାଙ୍କ ବିରୋଧରେ ଯଦି କିଛି ଅଭିଯୋଗ ଅଛି, ତା'ହେଲେ ତଦନ୍ତ ହେଉ। ବର୍ତ୍ତମାନର ଗୃହ ରାଷ୍ଟ୍ରମନ୍ତ୍ରୀ, ଜଣେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ବିଧାୟକଙ୍କ ଟେଲିଫୋନ୍ ଓ ଲାପ୍‌ଟପ ଯାଞ୍ଚ କରାଯାଉ। ବଲାଙ୍ଗୀର ଜିଲାର ୨ଜଣ ପୂର୍ବତନ ବିଜେଡି ଏମ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ତଦନ୍ତରେ ଅନ୍ତର୍ଭୁକ୍ତ କରାଯାଉ। ଯିଏ ଦୋଷୀ ବୋଲି ଭାବୁଥିବ, ସିଏ ତଦନ୍ତକୁ ଭୟ କରିବ। ବାଚସ୍ପତି ଏ ନେଇ ରୁଲିଂ ଦିଅନ୍ତୁ। ବର୍ତ୍ତମାନ ବଲାଙ୍ଗୀରରେ ଯେତେସବୁ ଚୋର, ଡକାୟତଙ୍କ ଘର ଭଙ୍ଗାଯାଉଛି, ସେମାନେ ସବୁ ହେଉଛନ୍ତି ବିଜେଡି ନେତା। ଯେତେସବୁ କଫ୍ ସିରପ୍ ମାମଲାରେ ଧରାପଡ଼ିଛନ୍ତି, ସେମାନେ ସମସ୍ତେ ବିଜେଡି ନେତା। ସେକଥାକୁ କାହିଁକି ସେମାନେ ଖଣ୍ଡନ କଲେ ନାହିଁ ବୋଲି ନରସିଂହ ପ୍ରଶ୍ନ କହିଥିଲେ। ଏହାକୁ ନେଇ ଗୃହରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ହଟ୍ଟଗୋଳ ଜାରି ରହିଥିଲା। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲ୍‌କୁ ବିଧାନସଭାରେ ବାଚନିକ ମତଦାନରେ ପାରିତ କରିଥିଲେ।

**ବିଧାନସଭାରେ ହଟ୍ଟଗୋଳ, ଗୃହ ମୁଲତବୀ**

## ପୂର୍ବତନ ଥାନା ଅଧିକାରୀଙ୍କୁ ୨ ବର୍ଷ ଜେଲଦଣ୍ଡ




ସୁନ୍ଦରଗଡ,୩୧।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଭଷ୍ମା ଥାନାର ପୂର୍ବତନ ଥାନା ଅଧିକାରୀ ତଥା ବର୍ତ୍ତମାନର ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧିକାରୀ ସୁଜିତ୍ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସବ୍‌ଇନ୍ସପେକ୍ଟର ସାହୁ ୨୦୦୭ରେ ସୁନ୍ଦରଗଡ଼ ଜିଲା ଭଷ୍ମା ଥାନା ଅଧିକାରୀ ଥିବାବେଳେ ମହାନ୍ତିପଡ଼ାର ତ୍ରିବିକ୍ରମ ବକ୍ସିଙ୍କ ପୁଅ ସିଦ୍ଧାର୍ଥଙ୍କ ନାମରେ ଥିବା ଏକ ମାମଲାର ଫାଇନାଲ ରିପୋର୍ଟ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ । ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନା କେସ୍ ନଂ. ୩୯/୨୦୦୭ରେ ମାମଲା ରୁଜୁ କରାଯାଇଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି କରି ଅଦାଲତ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟରେ ଅଧିକ ୩ ମାସ ଜେଲଦଣ୍ଡ ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସମ୍ବଲପୁର ଭିଜିଲାନ୍ସ ଡିଭିଜନର ତତ୍କାଳୀନ ସବ୍‌ଇନ୍ସପେକ୍ଟର ଧୀରେନ୍ଦ୍ର କୁମାର ଦାସ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ସରକାରଙ୍କ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗୌରମୋହନ ଦାଶ ଓ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ ।

# ନକଲି ସାର କାରଖାନା ଠାବ, ୯ ଗିରଫ

ବରଗଡ଼ ଅଫିସ୍,୩୧।୩

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଅଧୀନ ଜାମମାଲ ଗ୍ରାମରେ ଶୁକ୍ରବାର ପୋଲିସ ଏକ ନକଲି ସାର କାରଖାନା ଠାବ କରିଛି । ସେଠାରୁ ଗୋଟିଏ ଟାଟା ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡ଼ି୨୧ଏଚ୍/୫୯୫୪), ୨୫ କି.ଗ୍ରା ବିଶିଷ୍ଟ ୬୦ ପ୍ୟାକେଟ୍ ଲୁଣ, ୩୪ ପ୍ୟାକେଟ୍ ନକଲି ପଟାସ୍ (ଏମ୍‌ଓପି) ସାର, ଏମ୍‌ଓପି ଲେଖାଥିବା ୩୬ ପ୍ଲାଷ୍ଟିକ ବସ୍ତା, ଗୋଟିଏ କଲର ପ୍ୟାକେଟ୍, ୨ ଖାଲି କଲର ପ୍ୟାକେଟ୍, ୬୦ ଖାଲି ଲୁଣବସ୍ତା, ପ୍ୟାକେଟ୍ ସିଲ୍ କରିବା ମେଶିନ, ଓଜନ ମାପକ ଯନ୍ତ୍ର ଏବଂ ୭ଟି ମୋବାଇଲ ଫୋନ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୯ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗାଇସିଲେଟ ଥାନା ଜାମମାଲ ଗ୍ରାମର ହୃଷୀକେଶ ସାହୁ(୩୦), ବଡ଼ସାହାଜବାହାଲ ଗ୍ରାମର ଆକାଶ ସାହୁ(୨୭), ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ଡୁମେରପାଲି ଗ୍ରାମର ବିଶ୍ୱାମିତ୍ର ସାହୁ(୨୪), ବାବୁଲୁ ତରିଆ(୨୪), ଡୁଙ୍ଗୁରିପାଲି ଥାନା କର୍ଲାଜୁରି ଗ୍ରାମର ଭରତ ସାହୁ(୨୪), କାର୍ତ୍ତିକ ସାହୁ(୩୭), ସୁନିଲ ସାହୁ(୨୬), ବଲାଙ୍ଗୀର ଜିଲା ଆଗଲପୁର ଥାନା ମହୁଲପାଲି ଗ୍ରାମର ସତ୍ୟବାଦୀ ସାହୁ(୨୪) ଏବଂ ଲୋଇସିଂହା ଥାନା ଗଣ୍ଡପାଲି ଗ୍ରାମର ଗୌରାଙ୍ଗ ସାହୁ(୩୦)। ସେମାନଙ୍କ ବିରୋଧରେ ଗାଇସିଲେଟ ଥାନାରେ ଏକ ମାମଲା (ନଂ.୫୩।୨୩) ରୁଜୁ ହୋଇଛି ।



ଗିରଫ ୯ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

**■ଲାଇସେନ୍ସପ୍ରାପ୍ତ ଦୋକାନକୁ ଯାଉଥିଲା ସାର**

**■ଘେଁସର ଏକ ଦୋକାନରୁ ମିଳିଲା ୧୪୦ ପ୍ୟାକେଟ୍**

ଶୁକ୍ରବାର ଏ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ବିଭୂତି ଭୂଷଣ ଭୋଇ ସୂଚନା ଦେଇ କହିଥିଲେ, ଜାମମାଲ ଗ୍ରାମରେ ନକଲି ପଟାସ ସାର ପ୍ରସ୍ତୁତ କରି ବିକ୍ରି ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଫଳରେ ଏସ୍‌ପି ପି.ଏସ୍. ମିନାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସେଠାରେ ଚଢ଼ାଉ କରି ନକଲି ସାର ସହିତ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଏହି ଘଟଣାରେ ହୃଷୀକେଶ ମୁଖ୍ୟ ଅଭିଯୁକ୍ତ ଏବଂ ତାଙ୍କ ତତ୍ତ୍ୱାବଧାନରେ ନକଲି ସାର ପ୍ରସ୍ତୁତ କରି ପ୍ୟାକେଟ୍ ପ୍ରତି ୧୨୦୦ ଟଙ୍କାରେ ବିକ୍ରି କରାଯାଉଥିଲା। କେବଳ ଚାଷୀମାନେ ସେଠାରୁ ସାର କିଣୁଥିଲେ ତାହା ନୁହେଁ, ଏହି ନକଲି ସାର କାରଖାନାରୁ ବିଭିନ୍ନ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତାଙ୍କ ପାଖକୁ ମଧ୍ୟ ତାହା ଯୋଗାଇ ଦିଆଯାଉଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ଡ଼ିପିଓ ଭୋଇ କହିଛନ୍ତି। ଏହି କ୍ରମରେ ଘେଁସ ସ୍ଥିତ ଶଙ୍କର ଟ୍ରେଡର୍ସ ସାର ଦୋକାନକୁ ୧୪୦ ପ୍ୟାକେଟ୍ ନକଲି ସାର ଯାଇଥିବା ତଦନ୍ତରୁ ଜଣାପଡିବା ପରେ ସେହି ଦୋକାନକୁ ସିଲ୍ ସହ ଲାଇସେନ୍ସ ରଦ୍ଦ ପ୍ରକ୍ରିୟା ଚାଲିଛି ବୋଲି ଏସ୍‌ଡ଼ିପିଓ ଭୋଇ ସୂଚନା ଦେଇଛନ୍ତି।

# ଚଳନ୍ତା ଟ୍ରେନ୍‌ରୁ ସହଯାତ୍ରୀଙ୍କୁ ଠେଲିଦେଲେ

କୋରାପୁଟ/ନନ୍ଦପୁର, ୩୧।୩ (ସ୍ୱ.ପ୍ର./ଡି.ଏନ.ଏ.)

**କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ଅଘଟଣ**

କିରାଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ଗୁରୁବାର ଜଣେ ଯୁବକଙ୍କୁ କେତେ ଜଣ ସହଯାତ୍ରୀ ଚଳନ୍ତା ଟ୍ରେନରୁ ଠେଲି ଦେଇଛନ୍ତି। ଫଳରେ ତାଙ୍କ ବାମଗୋଡ କଟିଯାଇଛି। ସେ ଜଗଦଲପୁର ଅଞ୍ଚଳର ଜାଭେଦ ମହମ୍ମଦ ବୋଲି ଜଣାପଡିଛି। ଏଭଳି ଘଟଣା ନନ୍ଦପୁର ବ୍ଲକ ପାଡୁଆ ଷ୍ଟେଶନରୁ ମାତ୍ର ଦେଢ଼ କି.ମି.ପୂର୍ବରୁ ଘଟିଛି। ଖବରରୁ ଜଣାପଡିଛି, ନନ୍ଦପୁର ବ୍ଲକ ଥିବା ପଞ୍ଚାୟତର କେତେ ଜଣ ମୁସଲମାନ ସମ୍ପ୍ରଦାୟ ଲୋକେ ରମଜାନ ମାସ ପାଳନ ଓ ଦୁଃଖୀରଙ୍କୀଙ୍କୁ ଖଇରାତ ବାଣ୍ଟିବା ଲାଗି ଟ୍ରେନ ଯୋଗେ ଆସୁଥିଲେ। ସେମାନଙ୍କ ମଧ୍ୟରେ ଜଗଦଲପୁର ଅଞ୍ଚଳର ଜାଭେଦ ମହମ୍ମଦ ଥିଲେ। ପୂର୍ବରୁ ତାଙ୍କ ଭାଇ ଉମା ସିଦିକ ଓ ମାଉସୀ ରାଜିଆ ଖାନ ଆସିଥିଲେ। ଜାଭେଦ ଗୁରୁବାର ସନ୍ଧ୍ୟାରେ ଟ୍ରେନ୍ ଯୋଗେ ଥିବା ଆସୁଥିଲେ। ସେ ପାଡୁଆ ଷ୍ଟେଶନରେ ଓହ୍ଲାଇ ଥାଆନ୍ତେ। ତେବେ ଜୟପୁରରେ କିଛି ଲୋକଙ୍କ ସହ ଜାଭେଦଙ୍କ କୌଣସି କଥାକୁ ନେଇ ଟ୍ରେନ୍‌ରେ ଯୁକ୍ତିତର୍କ ହୋଇଥିଲା। ସେ ପାଡୁଆ ଷ୍ଟେଶନ ଆସିବା ପୂର୍ବରୁ ଗେଟ୍ ପାଖକୁ ଆସି ତଳେ ବସିଥିଲେ। ଏହି ସମୟରେ ତାଙ୍କୁ ପଛରୁ କେହି ଠେଲି ଦେଇଥିଲେ ବୋଲି ଜାଭେଦ କହିଛନ୍ତି। ରାତିସାରା ଘୁଷୁରି ଘୁଷୁରି ସେ ପ୍ରାୟ ୩ଶହ ମିଟର ଦୂର ଆସି ଶେଷରେ ନନ୍ଦପୁର-ପାଡୁଆ ରାସ୍ତାର ଡ୍ରେନ ଭିତରେ ପଡ଼ିଯାଇଥିଲେ। ସକାଳୁ ଉକ୍ତ ରାସ୍ତାରେ ଯାଉଥିବା କେତେ ଜଣ ଲୋକ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାରକରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଜାଭେଦଙ୍କ ଏଭଳି ଅବସ୍ଥା ଦେଖି ଥିବା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ରେଲୱେ ଜିଆର୍‌ପି ପୋଲିସ ଓଆଇସି ବିନୟ ଭୋଇଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ବାଘଛାଲ ଜବତ, ୩ ଗିରଫ

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.)/ ପଦ୍ମପୁର(ଡି.ଏନ୍.ଏ.),୩୧।୩

ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ନାରାୟଣପୁର ଜଙ୍ଗଲରୁ ପୋଲିସ ଏକ କଲରାପତରିଆ ବାଘ ଛାଲ ଓ ୧୩୬ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବହୁପଦର ଗ୍ରାମର ନାଗେଶ୍ୱର ମାଝୀ, ସଉଲା ମାଝୀ ଓ ନଉସେନ ମଲ୍ଲିକ। ଖାନ୍ ନାମକ ଜଣେ ବ୍ୟକ୍ତି ୪ ଫୁଟ ଲମ୍ବର ଏହି ବାଘଛାଲଟି ଦେଇଥିବା ଅଭିଯୁକ୍ତମାନେ ପୋଲିସ ଆଗରେ କହିଛନ୍ତି। ତେବେ ବନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଶୁକ୍ରବାର ରାୟଗଡ଼ାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।



ଜବତ ହୋଇଥିବା ବାଘଛାଲ ଓ ୩ ଅଭିଯୁକ୍ତ।

ନାରାୟଣପୁର ଜଙ୍ଗଲରେ ବାଘଛାଲ ଓ ଗଞ୍ଜେଇ ରଖାଯାଇଥିବା ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉକ୍ତ ଅଞ୍ଚଳରେ ଚଢ଼ାଉ ଚାଲିଥିବା ବେଳେ ଅଭିଯୁକ୍ତ ନାଗେଶ୍ୱରଙ୍କୁ କାବୁ କରି ତାଙ୍କ ନିକଟରୁ ୬୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ନିକଟବର୍ତ୍ତୀ ସ୍ଥାନରୁ ପୋଲିସ ଆଉ ୭୨ କେଜି ଗଞ୍ଜେଇ ଓ ୪ ଫୁଟ୍ ଲମ୍ବର କଲରାପତରିଆ ବାଘଛାଲ ଜବତ କରି ଅନ୍ୟ ୨ ଅଭିଯୁକ୍ତ ସଉଲା ଓ ନଉସେନଙ୍କୁ ଧରିଥିଲା। ବାଘଛାଲ କେଉଁଠୁ ଆସିଲା ଅଧିକ ତଦନ୍ତ ପାଇଁ ବନ ବିଭାଗର ସହାୟତା ଲୋଡ଼ା ଯାଇଥିବା ଏସ୍‌ପି କହିଛନ୍ତି।

# ଭୁବନେଶ୍ୱରରୁ ଅଟୋରିକ୍ସାରେ କୋରାପୁଟ

ରାୟଗଡା ଅଫିସ,୩୧।୩

**ସାହାଯ୍ୟ ପାଇଁ ସନ୍ତୋଷୀଙ୍କ ସାହସିକତା**

ସାହାଯ୍ୟ କରିବା ପାଇଁ ଜଣେ ମହିଳା ସାହାସକିତା ଦେଖାଇଛନ୍ତି। ଭୁବନେଶ୍ୱରରୁ ସେ ଅଟୋ ଚଳାଇ କୋରାପୁଟ ଆସି ଏକ ଅସହାୟ ପରିବାରକୁ ଭେଟିଛନ୍ତି। କୋରାପୁଟ ଅଞ୍ଚଳର ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ପରେ ପରିବାର ବହୁ କଷ୍ଟରେ ଚଳୁଛନ୍ତି। ସେମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ସନ୍ତୋଷୀ ଦେଓ। କୋରାପୁଟରୁ ସନ୍ତୋଷୀ ଶୁକ୍ରବାର ରାୟଗଡ଼ା ଆସିବା ପରେ ଅଟୋ ମହାସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି ।

ସନ୍ତୋଷୀଙ୍କ ନିଜ ଘର କେନ୍ଦୁଝର ଜିଲାରେ। ସେ ଭୁବନେଶ୍ୱରରେ ରହି ଅଟୋ ଚଳାଉଛନ୍ତି। କୋରାପୁଟ ଅଞ୍ଚଳର ଜଣେ ଝିଅ ସୁନନ୍ଦା ଗେଲରୀ ୩ ବର୍ଷ ତଳେ ବାପାଙ୍କ ମୃତ୍ୟୁ ପରେ ତାଙ୍କ ଅଟୋ ଚଳାଇ ପରିବାର ପୋଷୁଥିବା ସନ୍ତୋଷୀ ସାମାଜିକ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ଅସହାୟ ସୁନନ୍ଦା ଏବେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ପରିବାରରେ ମା', ସାନ ଭଉଣୀଭାଇ ଅଛନ୍ତି। ତାଙ୍କ ପରିବାର କଥା ବୁଝିବା ପାଇଁ ଅଟୋ ଚଳାଇ ଭୁବନେଶ୍ୱରରୁ ଆସିଥିଲି ବୋଲି ସନ୍ତୋଷୀ କହିଛନ୍ତି। ସେ ସୁନନ୍ଦାଙ୍କ ଭଉଣୀ ଭାଇଙ୍କ ପାଠ ପଢିବା ଦାୟିତ୍ୱ ନେବେ। ସୁନନ୍ଦା ସ୍ୱାବଲମ୍ବୀ ହେବା ପାଇଁ ଯଦି ଅଟୋ ଚଳାଇବାକୁ ଚାହିଁବେ ତାଙ୍କୁ ଅଟୋ ଦେବି ବୋଲି ସେ କହିଛନ୍ତି। ଭୁବନେଶ୍ୱରରୁ ରାୟଗଡା ଅଟୋ ଚଳାଇ ଆସିବା ବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିବା ସନ୍ତୋଷୀ କହିଛନ୍ତି ।



ରାୟଗଡ଼ାରେ ମହିଳା ଅଟୋ ଚାଳକଙ୍କ ସନ୍ତୋଷୀ ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 1/2023 Page 16 ₹ 7.00 | SAMBALPUR






**ଋତୁରାଜଙ୍କ ଦୃଢ଼ ବ୍ୟାଟିଂ**
ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସର ଋତୁରାଜ ଗାଏକ୍ୱାଡ ପ୍ରଭାବୀ ୯୨ ରନ ସଂଗ୍ରହ କରିଛନ୍ତି।
୦୮

୦୭
**ପରଦାକୁ ଆସିବ 'ସତ୍ୟପ୍ରେମ କି କଥା'**
ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡ଼ିକୁ ଦର୍ଶକ ବେଶ ପସନ୍ଦ କରନ୍ତି। ଉଭୟ ଖୁବଶୀଘ୍ର 'ସତ୍ୟପ୍ରେମ କି କଥା'ରେ ନଜର ଆସିବେ।





ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦାନା ନୃତ୍ୟ ପରିବେଷଣ କରୁଛନ୍ତି।

# ଆଇପିଏଲ୍ ଉଦ୍‌ଘାଟିତ

**ଅହମଦାବାଦ, ୩୧।୩**

ବହୁ ଆଡମ୍ବର ସହକାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୩ ସଂସ୍କରଣ। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ହୋଇଥିଲା ଅକର୍ଷଣୀୟ ଓ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ୧୯୯୦ ଦଶକରେ କ୍ରିକେଟ ବ୍ରଡକାଷ୍ଟିଂରେ ଲୋକପ୍ରିୟତା ଅର୍ଜନ କରିଥିବା ସୁପ୍ରସିଦ୍ଧ ଅଭିନେତ୍ରୀ ମନ୍ଦିରା ବେଦୀଙ୍କ କିଛି ବର୍ଷ ବ୍ୟବଧାନରେ ଆଇକନିକ ପ୍ରତ୍ୟାବର୍ତ୍ତନ ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ଉପସ୍ଥିତ ଭରପୁର ଦର୍ଶକଙ୍କୁ ଚକିତ କରିଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଅରଜିତ ସିଂଙ୍କ କେସରିଆ, ଚାନ୍ନା ମୋରିୟା ଏବଂ ବର୍ତ୍ତମାନର ତୁଝେ କିତ୍‌ନା ଚାହନେ ଲଗେ ହମ୍‌ଙ୍କ ଗୀତ ☞ପୃଷ୍ଠା–୭

# ନର୍ସିଂହୋମ୍‌ରେ ବିଏସ୍‌କେୱାଇ ଠକେଇ, ୨ ଗିରଫ

- ଜଣେ ରୋଗୀ ଏକସଙ୍ଗେ ୨ ନର୍ସିଂହୋମରେ ଭର୍ତ୍ତି
- ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ
- ଡାକ୍ତରଙ୍କ ଦସ୍ତଖତକୁ ଜାଲ୍ କରି କାଗଜାତ ପ୍ରସ୍ତୁତି
- ତଦନ୍ତ ଚାଲିଛି, ଆହୁରି ବଢ଼ିବ ଅଭିଯୁକ୍ତଙ୍କ ତାଲିକା

**କଟକ ଅଫିସ,୩୧।୩**

ରାଜ୍ୟ ସରକାର ଘରୋଇ ନର୍ସିଂହୋମ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ଗରିବ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗରିବ ଲୋକଙ୍କ ଅଜ୍ଞତାର ସୁଯୋଗ ନେଇ ନର୍ସିଂହୋମ୍‌ରେ ଠକେଇ କରାଯାଉଛି। ଏପରି କି ଜଣେ ରୋଗୀଙ୍କୁ ଏକସଙ୍ଗେ ଦୁଇଟି ନର୍ସିଂହୋମ୍‌ରେ ଆଡ୍‌ମିସନ କରାଇ ନର୍ସିଂହୋମ ମାଲିକ ମାଲାମାଲ ହେଉଛନ୍ତି। ଅପରପକ୍ଷରେ ବିଏସ୍‌କେୱାଇ କାର୍ଡ ନେଇ ଘରୋଇ ନର୍ସିଂହୋମ୍‌କୁ ମାଗଣାରେ ଚିକିତ୍ସା ପାଇଁ ଯାଉଥିବା ରୋଗୀ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଉଛନ୍ତି। ହେଲେ ଏ ନେଇ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ଖାତିର ନାହିଁ। ଏଭଳି ଠକେଇ ମାମଲାରେ କଟକ ମଧୁପାଟଣା ପୋଲିସ ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ର ମାଲିକ ଅଶୋକ କୁମାର ପତି(୫୫) ଓ ମ୍ୟାନେଜର ଶାନ୍ତନୁ କୁମାର ପତି(୩୯)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୮୩/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ବଡ଼ଗଡ଼ ବିଡିଏ କଲୋନୀର ପ୍ରଶାନ୍ତ କୁମାର ପାତ୍ରଙ୍କ ସ୍ତ୍ରୀ କୁନି ପାତ୍ରଙ୍କର କିଡ୍‌ନୀ ଷ୍ଟୋନ୍ ହୋଇଥିବାରୁ ଗତ ଫେବୃୟାରୀ ୨୧ରେ କଟକ ଗୋଶାଳା ରୋଡ୍‌ସ୍ଥିତ ଜେ.ଏମ୍. କେୟାର ହସ୍ପିଟାଲରେ ଅପରେଶନ ହୋଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଫେବୃୟାରୀ ୨୪ରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦେଇଥିଲେ। ହେଲେ ମାର୍ଚ୍ଚ ୬ରେ କୁନି ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଶାନ୍ତ ତାଙ୍କୁ ଉକ୍ତ ନର୍ସିଂହୋମକୁ ଆଣିଥିଲେ। ଉକ୍ତ ଦିନ ଡାକ୍ତର କୁନିଙ୍କ ଚିକିତ୍ସା କରି ନ ଥିଲେ। ଫଳରେ ସେହିଦିନ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ କୁନିଙ୍କ ମୃତ୍ୟୁ ଘଟିଥିବା ପ୍ରଶାନ୍ତ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ପାଇଥିଲା। କୁନି ଜେ.ଏମ୍. କେୟାର ହସ୍ପିଟାଲରେ ଆଡ୍‌ମିଟ୍ ହୋଇ ଅପରେଶନ୍ ହୋଇଥିଲେ ବି ରେକର୍ଡ କିଛି ଅଲଗା ଥିଲା। ଉକ୍ତ ହସ୍ପିଟାଲରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ସୁବିଧା ନ ଥିବା ପୋଲିସ ତଦନ୍ତରୁ ନିଶ୍ଚିତ ହୋଇଥିଲା। ହେଲେ ଡା. ଚିନ୍ମୟ କୁମାର ସାହୁ ମୃତା ରୋଗୀଙ୍କ ବିଏସ୍‌କେୱାଇ କାର୍ଡ ସଂଗ୍ରହ କରିନେଇଥିଲେ। ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ରେ ଫେବୃୟାରୀ ୨୨ରେ ଭର୍ତ୍ତି କରାଯାଇ ସେହିଦିନ ମୃତାଙ୍କ କିଡ୍‌ନୀ ଅପରେଶନ କରାଯାଇଥିବା ଦର୍ଶାଯାଇଥିଲା। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଜେ.ଏମ୍. କେୟାର ହସ୍ପିଟାଲରେ ଅପରେଶନ କରିଥିବା ଡାକ୍ତର ମଧ୍ୟ ଶୋଭା ନର୍ସିଂହୋମ୍‌ରେ ସେଇ ସମାନ ରୋଗୀଙ୍କ ଅପରେଶନ କରିଥିବା ସେଠାକାର ରେକର୍ଡରେ ଦର୍ଶାଯାଇଛି। ଅପରେଶନ କରିଥିବା ଡାକ୍ତରଙ୍କ ଦସ୍ତଖତକୁ ଏଠାରେ ଜାଲ୍ କରି ରେକର୍ଡ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ଡା. ଚିନ୍ମୟ କୁମାର ସାହୁ, ଭାରତୀ ସାହୁ ନାମକ ମହିଳା ଓ ନର୍ସିଂହୋମ୍‌ର ମାଲିକ, ମ୍ୟାନେଜର ଏହି କାର୍ଯ୍ୟରେ ସାମିଲ ଅଛନ୍ତି। ଜଣେ ରୋଗୀଙ୍କୁ ଦୁଇ ଆଡ଼େ ଆଡ୍‌ମିସନ କରି ବେଆଇନ କାର୍ଯ୍ୟ କରାଯାଇଛି। ଏଭଳି ଭାବେ ଅନେକ ରୋଗୀଙ୍କୁ ଠକେଇ କରାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଜେ. ଏମ୍. କେୟାର ହସ୍ପିଟାଲ ଓ ଶୋଭା ନର୍ସିଂହୋମ୍‌ର ଆଡ୍‌ମିସନ ରେଜିଷ୍ଟର ଏବଂ କୁନିଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ପୋଲିସ ଜବତ କରିଛି। ମାମଲାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

# ଆଗୁଆ ସରିଲା ବିଧାନସଭା ଅଧିବେଶନ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନ ଏପ୍ରିଲ ୬ରେ ଶେଷହେବାର ଥିଲା। ୬ଦିନ ଆଗୁଆ ତଥା ୪ଟି କାର୍ଯ୍ୟଦିବସ ବାକି ଥାଇ ଅଧିବେଶନ ଶେଷ ହୋଇଛି। ଚଳିତ ଅଧିବେଶନ ଫେବୃୟାରୀ ୨୧ରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧ ଓ ୨ୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ୩୧ ତାରିଖ ଯାଏ ଚାଲିଲା। ଫେବୃୟାରୀ ୨୪ରେ ୨୦୨୩– ୨୪ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ବଜେଟ ଉପସ୍ଥାପନ କରିଥିଲେ। ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହୋଇଥିଲା।

ଏହି ଅଧିବେଶନରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ବିଲ୍– ୨୦୨୩ ଆଗତ ହୋଇଥିଲେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ଅଚାନକ ପରିବର୍ତ୍ତନ କରାଯାଇ ଚଳିତ ସପ୍ତାହରେ ଗୃହରେ ଉପସ୍ଥାପିତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଧ୍ୟ ସରକାର ଶେଷ ମୁହୂର୍ତ୍ତରେ ଫେରାଇ ନେଇଛନ୍ତି। ଏହି ଅଧିବେଶନ ଗତ ଅଧିବେଶନ ତୁଳନାରେ ଅଧିକ ସରଗରମ ହୋଇଥିଲା। ନବ ଦାସ ହତ୍ୟାକାଣ୍ଡ, ଦାଦନ ଦୁର୍ଦ୍ଦଶା, ଆଇନଶୃଙ୍ଖଳା, ଜାଲ୍ ସାର୍ଟିଫିକେଟ, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଭଳି ଅନେକ ବିଷୟକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇଥିଲେ। ମହାନଦୀ ଇସ୍ୟୁ ଆଲୋଚନା ପାଇଁ ବିରୋଧୀ ମୋଶନ ଦେଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ଚଳିତ ଅଧିବେଶନରେ ଶ୍ୱେତପତ୍ର, ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା।

# ବ୍ୟୟ ମଞ୍ଜୁରୀ ବିଲ୍ ପାରିତ

- ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା
- ସମୟ ପୂର୍ବରୁ ଅଧିବେଶନ ବନ୍ଦ ନେଇ ଗାନ୍ଧୀମୂର୍ତ୍ତି ତଳେ ଭାଜପା ବିଧାୟକଙ୍କ ଧାରଣା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଛି। ଶୁକ୍ରବାର ଅପରାହ୍ନରେ କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିବାରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ୪ଟା ୧ ମିନିଟ୍‌ରୁ ବିଭିନ୍ନ ପର୍ଯ୍ୟାୟରେ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହାପରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଭାଜପା ସଦସ୍ୟ ପୁଣି ହଟ୍ଟଗୋଳ କରିଥିଲେ।

ବିଲ୍‌କୁ ସମର୍ଥନ କରି ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଥିଲେ, ଜନସାଧାରଣଙ୍କ ଉନ୍ନତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ତେବେ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର କେତେ ସାହାଯ୍ୟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରି ଆସୁଛନ୍ତି। ଚାଷୀଙ୍କୁ ଉପରେ ଚାଉଳ ବୋଝ ସହ ସ୍ୱାମୀନାଥନ୍ କମିଟିର ସୁପାରିଶ ଅନୁଯାୟୀ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଉନାହାନ୍ତି। ସେହିପରି ରାଜ୍ୟର ଚାଷୀଙ୍କୁ କେନ୍ଦ୍ର ଆବଶ୍ୟକ ସାର ଯୋଗାଇ ଦେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରେଲୱେ କ୍ଷେତ୍ରରେ ଓଡ଼ିଶାର ହକ୍‌କୁ ଉପେକ୍ଷା କରାଯାଉଛି ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ଶଶିଭୂଷଣ ବେହେରା କହିଛନ୍ତି, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। କେନ୍ଦ୍ର ସରକାର ରାଜ୍ୟକୁ ଆବଶ୍ୟକ ଅନୁଦାନ ନ ଦେଲେ ରାଜ୍ୟର ବିକାଶ ଜାରି ରହିବା ପାଇଁ ସରକାର ଷ୍ଟାବିଲାଇଜ୍ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଧାନକିଣାରେ କେନ୍ଦ୍ର ଓଡ଼ିଶାକୁ ଅବହେଳା କରୁଛି। ଏଥିପାଇଁ ଚଳିତ ବଜେଟରେ ରିଭଲଭିଂ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ଏହି ବଜେଟ ପାରିତ ହେଲେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସାଧନ ହେବ ବୋଲି ସେ କହିଛନ୍ତି। ☞ପୃଷ୍ଠା–୭

# ସିଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ଗିରଫ

- ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ
- ପାରାଦୀପ, କଟକ, କେନ୍ଦ୍ରାପଡ଼ାରେ ଚଢ଼ାଉ ଜାରି

**ପାରାଦୀପ,୩୧।୩(ସ୍ୱ.ପ୍ର.)**

ପାରାଦୀପ ସି ଟି ଆଣ୍ଡ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସି ଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଜଣେ ଗ୍ରାହକଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଛନ୍ତି। ପରେ ତାଙ୍କ ଅଫିସ୍‌ର ସମସ୍ତ କାଗଜପତ୍ର ଜବତ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ତାଙ୍କ ଅଫିସ ଆଲ୍‌ମିରାରୁ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖାହେବାବେଳକୁ ପାରାଦୀପ ବ୍ୟତୀତ ମହାନ୍ତିଙ୍କ କଟକ ସିଡିଏସ୍ଥିତ ଘର ଏବଂ କେନ୍ଦ୍ରାପଡା ଜିଲା କପିଳେଶ୍ୱରସ୍ଥିତ ପୈତୃକ ଘରେ ମଧ୍ୟ ଏକକାଳୀନ ଚଢ଼ାଉ ଜାରି ରହିଥିଲା। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୪/୨୩) ରୁଜୁ କରାଯାଇଛି।

# କେନାଲକୁ ଖସିଲା ବରଯାତ୍ରୀ ଗାଡ଼ି: ୭ ମୃତ

- ଗାଡ଼ି କାଚ ଭାଙ୍ଗି ଜୀବନ ବଞ୍ଚାଇଲେ ୪
- ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୩୧।୩ (ବ୍ୟୁରୋ)**

ବରଯାତ୍ରୀ ହୋଇ ଆସିଥିଲେ। ନାଚଗୀତ କରି ଖୁସି ମନାଇଲେ। କନ୍ୟାପକ୍ଷ ଘରେ ଖାଇବା ପରେ ପୁଣି ଘରକୁ ଫେରୁଥିଲେ। ହେଲେ ବାଟରେ ସତେ ଯେପରି କାଳ ସେମାନଙ୍କୁ ଛକି ରହିଥିଲା। ବୁଲାଣି ରାସ୍ତାରେ ଏକ ପୋଲ ଅତିକ୍ରମ ପୂର୍ବରୁ ବରଯାତ୍ରୀ ଧରି ଯାଉଥିବା ବୋଲେରୋଟି କେନାଲ ମଧ୍ୟକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭରଙ୍କୁ ମିଶାଇ ୭ଜଣଙ୍କ ସଲିଳ ସମାଧି ଘଟିଥିଲା। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ସମ୍ବଲପୁର ଜିଲା ଶାସନ ଥାନା ବିଶାଳଖଣ୍ଡା ଗ୍ରାମ ନିକଟରେ। ମୃତକମାନେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବଡଧରା ଗ୍ରାମର ଅଜିତ ଖମାରୀ, ଦିବ୍ୟ ଲୁହା, ସରୋଜ ସେଠ, ସୁମନ୍ତ ଭୋଇ, ସୁବ୍ରତ ଭୋଇ, ରମାକାନ୍ତ ଭୂୟାଁ ଓ ଡ୍ରାଇଭର ଭିକୁ ଭୋଇ। ଗାଡ଼ିରେ ଥିବା ଲଳିତ ଖମାରୀ, ଜୟନ୍ତ ଖମାରୀ, ଅର୍ଜ୍ଜୁନ ବେହେରା ଓ ଶ୍ରୀକାନ୍ତ ପ୍ରଧାନ ବର୍ତ୍ତିଯାଇଛନ୍ତି। ଶାସନ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା–୭



କେନାଲରେ ଉଦ୍ଧାର କାର୍ଯ୍ୟ ଜାରି।

# ରାମନବମୀ ଯାତ୍ରା ଦେଖି ଫେରୁଥିଲେ: ଦୁର୍ଘଟଣାରେ ୩ ମୃତ

**ଓଡ଼ଗାଁ,୩୧।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଓଡ଼ଗାଁ–ଭଞ୍ଜନଗର ରାସ୍ତାର ପଥରା ବୃଦ୍ଧାଶ୍ରମ ନିକଟ ମୋଡ଼ରେ ଗୁରୁବାର ବିଳମ୍ବିତ ରାତିରେ ରାମନବମୀ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ବରଗଛକୁ ବାଇକ୍ ଧକ୍କା ଦେବାରେ ୩ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ ରୋହିବାଙ୍କ ପଞ୍ଚାୟତ ମହେଶ୍ୱରପୁର ଗାଁର ମାଧବ ପ୍ରଧାନ (୨୦), ସୂର୍ଯ୍ୟକାନ୍ତ ପ୍ରଧାନ (୧୯) ଓ ରାଜେଶ ନାୟକ (୧୯)। ଅନ୍ୟପକ୍ଷେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ କରୁଛି ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ କହିଛନ୍ତି। ଏ ନେଇ ଥାନାରେ ନଂ. ୫୩/୨୩ରେ ମାମଲା ରୁଜୁ ହୋଇଛି।

ମହେଶ୍ୱରପୁର ଗାଁର ମାଧବ, ସୂର୍ଯ୍ୟକାନ୍ତ ଓ ରାଜେଶ ସ୍ଥାନୀୟ ବଜାରରେ ଖିଆପିଆ କରି ବିଳମ୍ବିତ ରାତିରେ ବାଇକ୍ (ନଂ. ଓଡି୨୫ ଏନ୍ ୩୨୭୪)ରେ ଘରକୁ ଫେରୁଥିଲେ। ତେବେ ପଥରା ବୃଦ୍ଧାଶ୍ରମ ନିକଟ ମୋଡ଼ରେ ଭାରସାମ୍ୟ ହରାଇ ବରଗଛ ସହ ବାଇକ୍ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୩ ଯୁବକ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ☞ପୃଷ୍ଠା–୭

# ସବୁଠୁ ଦାମୀ ଆପାର୍ଟମେଣ୍ଟ ୩୬୯ କୋଟିରେ ବିକ୍ରି

**ନୂଆଦିଲ୍ଲୀ, ୩୧।୩**

ଭାରତର ସବୁଠୁ ଦାମୀ ଆପାର୍ଟମେଣ୍ଟ ଭାବେ ପରିଚିତ ଦକ୍ଷିଣ ମୁମ୍ବାଇର ମାଲାବାର ହିଲ୍‌ରେ ଥିବା ବିଳାସପୂର୍ଣ୍ଣ ଟ୍ରିପ୍ଲେକ୍ସ ଆପାର୍ଟମେଣ୍ଟ ୩୬୯ କୋଟି ଟଙ୍କାରେ ବିକ୍ରି ହୋଇଛି। ଶିଳ୍ପପତି ତଥା ଫେମି କେୟାରର ପ୍ରତିଷ୍ଠାତା ଜେ.ପି. ଟାପାରିଆଙ୍କ ପରିବାର ଏହି ଆପାର୍ଟମେଣ୍ଟକୁ ମାକ୍ରୋଟେକ୍ ଡେଭେଲପର୍ସଙ୍କଠାରୁ କିଣିଛନ୍ତି। ଏହା ଲୋଧା ମାଲାବାର ୨୬, ୨୭ ଏବଂ ୨୮ତମ ଫ୍ଲୋରରେ ରହିଛି। ୧.୦୮ ଏକର ଉପରେ ନିର୍ମିତ ଏହି ଆପାର୍ଟମେଣ୍ଟ ଉଭୟ ଆରବ ସାଗର ଓ ହ୍ୟାଙ୍ଗିଙ୍ଗ ଗ୍ୟାଡେନ୍‌କୁ ସ୍ପର୍ଶ କରୁଛି। ଟ୍ରିପ୍ଲେକ୍ସର ମୋଟ କ୍ଷେତ୍ରଫଳ ୨୭,୧୬୦ ବର୍ଗଫୁଟ। ଜେ.ପି. ଟାପାରିଆ ପରିବାର ଏହାକୁ ବର୍ଗଫୁଟ୍ ପ୍ରତି ୧.୩୬ ଲକ୍ଷ ଟଙ୍କାରେ କିଣିଛନ୍ତି। ବର୍ଗଫୁଟ ହିସାବରେ ଏହା ଦେଶର ସବୁଠୁ ମହଙ୍ଗା ଆବାସିକ ଆପାର୍ଟମେଣ୍ଟ ଡିଲ୍। ଆପାର୍ଟମେଣ୍ଟ କିଣାରେ ଷ୍ଟାମ୍ପ ଡ୍ୟୁଟି ବାବଦ ଟାପାରିଆ ପରିବାର ୧୯.୦୭ କୋଟି ଟଙ୍କା ପୈଠ କରିଛନ୍ତି। କିଛିଦିନ ପୂର୍ବରୁ ବଜାଜ ଅଟୋ ଅଧ୍ୟକ୍ଷ ନିରଜ ବଜାଜ ୨୫୨.୫ କୋଟି ଟଙ୍କାରେ ଲୋଧା ଗ୍ରୁପ୍‌ଠାରୁ ଲକ୍ସୁରୀ ଟ୍ରିପ୍ଲେକ୍ସ ପେଣ୍ଟହାଉସ୍ କିଣିଥିଲେ।



# ୮୮ ବର୍ଷରେ ଓଡ଼ିଶା ଦିବସ

*କଳିଙ୍ଗ, ଉତ୍କଳ ପରେ ଓଡ଼ିଶା ନାମରେ ପରିଚିତ ଏହି ପବିତ୍ର ଭୂଖଣ୍ଡ ୧୯୩୬ ଏପ୍ରିଲ ୧ରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା । ସେବେଠାରୁ ଏହି ଦିବସକୁ ଉତ୍କଳ ଦିବସ, ଆଉ ଏବେ ଓଡ଼ିଶା ଦିବସ ଭାବେ ପାଳନ କରାଯାଉଛି । ୮୮ ବର୍ଷ ଧରି ଓଡ଼ିଶାର ଜନ୍ମଦିନ ପାଳନ କରି ସ୍ୱତନ୍ତ୍ରତାକୁ ମନେ ପକାଉଛୁ । ଖାଦ୍ୟ ହେଉ କି ବସ୍ତ୍ର, ସଂସ୍କୃତି ହେଉ କି ପରମ୍ପରା ସବୁଥିରେ ଭରି ରହିଛି ନିଆରାପଣ । ଯାହାର ଭାଷା ଅତି ମଧୁର, ଯାହାର ନୃତ୍ୟ ଓ ସଙ୍ଗୀତ ସବୁରି ମନ କିଣେ, ସେ ହେଉଛି ଓଡ଼ିଶା ଭୂଖଣ୍ଡ । ବିଭିନ୍ନ ଭାଷାଭାଷୀ, ଧର୍ମ ଓ ବର୍ଗର ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଦେଇଥିବା ଏହି ପବିତ୍ର ମାଟିର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତଙ୍କ ମୁହଁରେ ଗୋଟିଏ କଥା 'ବନ୍ଦେ ଉତ୍କଳ ଜନନୀ' ।*




### ଓଡ଼ିଆ ଭାଷାର ଉନ୍ନତି ନେଇ ସମସ୍ତେ ଚିନ୍ତା କରିବା ଉଚିତ

ଉତ୍କଳ ଦିବସ ଆମ ସମସ୍ତଙ୍କ ପାଇଁ ଏକ ପବିତ୍ର ଦିବସ । ୧୯୩୬ ଏପ୍ରିଲ ୧ରେ ଭାଷା ଭିତ୍ତିରେ ଆମ ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ହୋଇଥିଲା । ଏହି ଦିବସକୁ ମନପ୍ରାଣରେ ସ୍ମରଣ କରିବା ସହ ଏହାର ତାତ୍ପର୍ଯ୍ୟ ବୁଝିବା ଆବଶ୍ୟକ । ଓଡ଼ିଆ ଭାଷାର ଉନ୍ନତି ନେଇ ଚିନ୍ତା କରିବା ଉଚିତ୍ । କୋଟି କୋଟି ଜନମୁଖର ଭାଷା ଓଡ଼ିଆର କେବେ ବିଲୋପ ନାହିଁ । ଏହା କିଭଳି ସବୁ କ୍ଷେତ୍ରରେ ଉପଯୋଗ ହୋଇପାରିବ ସେଥିପାଇଁ ପାଦ ମିଳାଇ ଚାଲିବାକୁ ପଡ଼ିବ ।

**-ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର**

### ଆମ ଭାଷା ପାଇଁ ଆମେ ଚିନ୍ତା କରିବା ଆବଶ୍ୟକ

ସ୍ୱାଧୀନତା ପୂର୍ବରୁ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଗଠିତ ହୋଇଥିଲା । ଓଡ଼ିଆ ଭାଷା ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ମଧ୍ୟ ପାଇଛି । ଏବେ ଆମର ଦାୟିତ୍ୱବୋଧ ବଢ଼ିଛି । ଉତ୍କଳ ଦିବସରେ ସଭା ଓ ସମାରୋହରେ ସୀମିତ ନ ରହି ଆମେ ଆମ ଭାଷା ପାଇଁ ଚିନ୍ତା କରିବା ଆବଶ୍ୟକ । ଅଧିକ ବ୍ୟବହାର ହେଲେ ଭାଷା ତିଷ୍ଠି ରହିପାରିବ । ତେଣୁ ସରକାରୀ ଓ ବେସରକାରୀ ସବୁ କ୍ଷେତ୍ରରେ ଓଡ଼ିଆ ଭାଷାର କିଭଳି ବହୁଳ ବ୍ୟବହାର ହେବ ତାହା ଏହି ଦିବସର ଅନୁଚିନ୍ତା ରହୁ ।

**-ଡ. ଦେବାଶିଷ ମହାପାତ୍ର, ବରିଷ୍ଠ ଗବେଷକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର**

### ସ୍ୱତନ୍ତ୍ର ପ୍ରଦେଶ ଗଠନର ଲକ୍ଷ୍ୟ ପୂରଣ ନେଇ ଅନୁଶୀଳନ ହେଉ

ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବାର ଉଦ୍ଦେଶ୍ୟକୁ ଆମେ କେତେ ପୂରଣ କରି ପାରିଛେ ସେ କଥା ବ୍ୟକ୍ତିଗତ ସ୍ତରରେ ବୁଝିବା ଉଚିତ । ସ୍ୱତନ୍ତ୍ର ପ୍ରଦେଶ ଗଠନର ଲକ୍ଷ୍ୟ ସାଧିତ ହୋଇଛି କି ନାହିଁ ସେ ନେଇ ସମସ୍ତେ ଅନୁଶୀଳନ କରିବା ଆବଶ୍ୟକ । ରାଜନୈତିକ, ଅର୍ଥନୈତିକ, ସାମାଜିକ ସବୁ କ୍ଷେତ୍ରରେ ଆମେ କ'ଣ କରିପାରିଛେ, ଆଉ କ'ଣ ଅଭାବ ରହିଲା ସେ ନେଇ ତୃଣମୂଳ ସ୍ତରରେ ସମସ୍ତେ ଭାବିବା ଦରକାର ।

**-ତମସାରାଣୀ ଦାସ ମହାପାତ୍ର, ପୂର୍ବତନ ନିର୍ଦ୍ଦେଶିକା, ଭାଷା ପ୍ରତିଷ୍ଠାନ**

### ଯୁବପିଢ଼ି ରାଜ୍ୟର ବିକାଶ କଥା ଚିନ୍ତା କରନ୍ତୁ

ଏବେ ବି ଆମେ ଅନେକ କ୍ଷେତ୍ରରେ ପଛୁଆ ହୋଇ ରହିଯାଇଛୁ । ଯୁବପିଢ଼ିମାନେ ରାଜ୍ୟର ବିକାଶ କଥା ଚିନ୍ତା କରିବା ଆବଶ୍ୟକ । ଅଭିଭାବକମାନେ ପିଲାମାନଙ୍କୁ ଇଂଲିଶ ଶିଖାଇବା ପାଇଁ ଯେତିକି ତତ୍ପର ହେଉଛନ୍ତି ସେହିପରି ମାତୃଭାଷା ଏବଂ ଓଡ଼ିଶା ସମ୍ପର୍କରେ ଜାଣିବାକୁ ସହଯୋଗ କରିବା ଆବଶ୍ୟକ । ଭାଷାଭିତ୍ତିରେ କାହିଁକି ରାଜ୍ୟ ଗଠନ ହୋଇଛି, ତାହାର ମୂଲ୍ୟବୋଧ ବୁଝିବା ଆବଶ୍ୟକ ।

**-ଝୁମୁରି ସାହୁ, ଓଡ଼ିଆ ସ୍ନାତକୋତ୍ତର ଛାତ୍ରୀ, ଉତ୍କଳ ବିଶ୍ୱ ବିଦ୍ୟାଳୟ**

*ଉପସ୍ଥାପନା: ଶର୍ମିଷ୍ଠା ପାଣିଗ୍ରାହୀ*

# ଓଡ଼ିଆ ଲିପିର ଅଭ୍ୟୁଦୟ

ଖ୍ରୀଷ୍ଟାବ୍ଦ ଦଶମ ଓ ଏକାଦଶ ଶତାବ୍ଦୀରେ ସୋମବଂଶୀ ଶାସକ ଏବଂ କାଳକ୍ରମେ ଗଙ୍ଗ ଶାସକଙ୍କ ଅଭିଲେଖାରେ ପ୍ରତ୍ନ-ନାଗରୀ ପ୍ରଭାବ ଦେଖିବାକୁ ମିଳେ । ଏହି ସମୟରେ ଅକ୍ଷରଗୁଡ଼ିକ ବୃତ୍ତଳ ଏବଂ ପରସ୍ପର ସଂଯୁକ୍ତ । କିନ୍ତୁ ପ୍ରାୟ ୧୩ଶହ ଶତାବ୍ଦୀ ବେଳକୁ ଏହାର ପ୍ରଭାବ ଧୀରେ ଧୀରେ ଲୋପ ପାଇବାକୁ ଲାଗିଲା । ସେହି ସମୟରେ ପ୍ରତ୍ନ ଓଡ଼ିଆ ଏବଂ ଓଡ଼ିଆ ଲିପିର ଅଭ୍ୟୁଦୟ ଘଟିଲା । ଖ୍ରୀଷ୍ଟାବ୍ଦ ୧୪ଶହ ଶତାବ୍ଦୀରେ ଓଡ଼ିଆ ଭାଷା ରାଜକୀୟ ଶାସନ କାର୍ଯ୍ୟରେ ବ୍ୟବହୃତ ହେଲା । ଗଙ୍ଗ ବଂଶୀୟ ରାଜା ଚତୁର୍ଥ ନରସିଂହ ଦେବଙ୍କ କେନ୍ଦୁଲି ତାମ୍ରଶାସନ ଏବଂ ପୁରୀ ଶଙ୍କରାନନ୍ଦ ମଠର ତାମ୍ର ଶାସନ ଏହାର ପ୍ରକୃଷ୍ଟ ଉଦାହରଣ । ଖ୍ରୀଷ୍ଟାବ୍ଦ ୧୫ଶହ ଶତାବ୍ଦୀରେ ସୂର୍ଯ୍ୟ ବଂଶୀୟ ରାଜାମାନେ ଓଡ଼ିଆ ଲିପି ଓ ଭାଷାର ପ୍ରସାର ଘଟାଇଥିଲେ । ଏହି ବଂଶର ଶାସକମାନେ ଓଡ଼ିଆ ଭାଷାର ସମ୍ମାନ ଓ ଉତ୍ତରୋତ୍ତର ବୃଦ୍ଧି ଘଟାଇଥିଲେ । ଓଡ଼ିଶାର ମହାକବି ଶୁଦ୍ରମୁନି ଶାରଳା ଦାସ ଏହି ସମୟରେ ମହାଭାରତକୁ ଓଡ଼ିଆ ଭାଷାରେ ରଚନା କରିଥିଲେ ବୋଲି ରାଜ୍ୟ ସଂଗ୍ରହାଳୟର ସଂଗ୍ରହାଧ୍ୟକ୍ଷ ଡ. ଭାରତୀ ପଲ୍ କହିଛନ୍ତି ।




### ରାଜ୍ୟର ବିଭିନ୍ନ ସ୍ଥାନରୁ ମିଳିଥିବା ଲିପି

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ବଂଶୀୟ ରାଜା ଅଶୋକ କଳିଙ୍ଗ ଜୟକରି ଭୁବନେଶ୍ୱରସ୍ଥିତ ଧଉଳି ଓ ଗଞ୍ଜାମ ଜିଲାସ୍ଥିତ ଜଉଗଡ଼ଠାରେ ତାଙ୍କର ଧର୍ମ ଅନୁଶାସନ ଶିଳା ଗାତ୍ରରେ ଖୋଦନ କରାଇଥିଲେ । ଏହି ଲିପିର ଅଧିକାଂଶ ଅକ୍ଷର କୋଣ, ତ୍ରିକୋଣ ବିଶିଷ୍ଟ ଏବଂ ସରଳ ବା ଗୋଲ ରେଖାରେ ଅଙ୍କିତ ହୋଇଥିଲା । ଭୁବନେଶ୍ୱରର ଉଦୟଗିରି ପାହାଡ଼ରେ ଥିବା ହାତୀଗୁମ୍ଫାରେ ଖାରବେଳଙ୍କ ଦୀର୍ଘ ଅନୁଶାସନଟି ଖୋଦିତ ହୋଇଛି । ସେଥିରେ ଖାରବେଳଙ୍କ ରାଜତ୍ୱର ୧୩ ବର୍ଷର କାର୍ଯ୍ୟାବଳୀ ସ୍ଥାନିତ ହୋଇଛି । ଦକ୍ଷିଣ ଓଡ଼ିଶାର କଳିଙ୍ଗର ମହେନ୍ଦ୍ର ପର୍ବତର ପାରିପାର୍ଶ୍ୱିକ ଅଞ୍ଚଳରେ ମାଠର ରାଜାମାନେ ଶାସନ ବିସ୍ତାର କରିଥିଲେ । ସେମାନଙ୍କର ଆଧିପତ୍ୟ ସମୟରେ କଳିଙ୍ଗ ଲିପି ପ୍ରଚଳିତ ଥିଲା । ଏହିପରି ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ଲିପିକୁ ରାଜ୍ୟ ସଂଗ୍ରହାଳୟରେ ସୁରକ୍ଷିତ ଭାବେ ରଖାଯାଇଛି ।























































# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ୍ ୧/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Saturday, April 1/2023 | ପୃଷ୍ଠା-୧




**ରତୁରାଜଙ୍କ ଦୃଢ ବ୍ୟାଟିଂ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ଉଦ୍‌ଘାଟନୀ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସର ରତୁରାଜ ଗାଏକ୍ୱାଡ ପ୍ରଭାବୀ ୯୨ ରନ ସଂଗ୍ରହ କରିଛନ୍ତି।

୦୬

୦୫

**ପରଦାକୁ ଆସିବ ‘ସତ୍ୟପ୍ରେମ କି କଥା’**

ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡିକୁ ଦର୍ଶକ ବେଶ ପସନ୍ଦ କରନ୍ତି। ଉଭୟ ଖୁବଶୀଘ୍ର ‘ସତ୍ୟପ୍ରେମ କି କଥା’ରେ ନଜର ଆସିବେ।





ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ ଉଦ୍‌ଘାଟନ ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମଣ୍ଡାନା ନୃତ୍ୟ ପରିବେଷଣ କରୁଛନ୍ତି।

# ଆଇପିଏଲ୍ ଉଦ୍‌ଘାଟିତ

**ଅହମଦାବାଦ, ୩୧।୩**

ବହୁ ଆଡମ୍ବର ସହକାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୩ ସଂସ୍କରଣ। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ହୋଇଥିଲା ଅକର୍ଷଣୀୟ ଓ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ୧୯୯୦ ଦଶକରେ କ୍ରିକେଟ ବ୍ରଡକାଷ୍ଟିଂରେ ଲୋକପ୍ରିୟତା ଅର୍ଜନ କରିଥିବା ସୁପ୍ରସିଦ୍ଧ ଅଭିନେତ୍ରୀ ମନ୍ଦିରା ବେଦୀଙ୍କ କିଛି ବର୍ଷ ବ୍ୟବଧାନରେ ଆଇକନିକ ପ୍ରତ୍ୟାବର୍ତ୍ତନ ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମରେ ଉପସ୍ଥିତ ଭରପୁର ଦର୍ଶକଙ୍କୁ ଚକିତ କରିଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଅରଜିତ ସିଂଙ୍କ କେସରିୟା, ଚାନ୍ନା ମୋରିୟା ଏବଂ ବର୍ତ୍ତମାନର ତୁଝେ କିତ୍‌ନା ଚାହନେ ଲଗେ ହମ୍‌ଙ୍କ ଗୀତ ☞ପୃଷ୍ଠା-୫

# ନର୍ସିଂହୋମ୍‌ରେ ବିଏସ୍‌କେୱାଇ ଠକେଇ, ୨ ଗିରଫ

- ଜଣେ ରୋଗୀ ଏକସଙ୍ଗେ ୨ ନର୍ସିଂହୋମରେ ଭର୍ତ୍ତି
- ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ
- ଡାକ୍ତରଙ୍କ ଦସ୍ତଖତକୁ ଜାଲ୍ କରି କାଗଜାତ ପ୍ରସ୍ତୁତି
- ତଦନ୍ତ ଚାଲିଛି, ଆହୁରି ବଢ଼ିବ ଅଭିଯୁକ୍ତଙ୍କ ତାଲିକା

**କଟକ ଅଫିସ,୩୧।୩**

ରାଜ୍ୟ ସରକାର ଘରୋଇ ନର୍ସିଂହୋମ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ଗରିବ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗରିବ ଲୋକଙ୍କ ଅଜ୍ଞତାର ସୁଯୋଗ ନେଇ ନର୍ସିଂହୋମ୍‌ରେ ଠକେଇ କରାଯାଉଛି। ଏପରି କି ଜଣେ ରୋଗୀଙ୍କୁ ଏକସଙ୍ଗେ ଦୁଇଟି ନର୍ସିଂହୋମ୍‌ରେ ଆଡ୍‌ମିସନ କରାଇ ନର୍ସିଂହୋମ ମାଲିକ ମାଲାମାଲ ହେଉଛନ୍ତି। ଅପରପକ୍ଷରେ ବିଏସ୍‌କେୱାଇ କାର୍ଡ ନେଇ ଘରୋଇ ନର୍ସିଂହୋମ୍‌କୁ ମାଗଣାରେ ଚିକିତ୍ସା ପାଇଁ ଯାଉଥିବା ରୋଗୀ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଉଛନ୍ତି। ହେଲେ ଏ ନେଇ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ଖାତିର ନାହିଁ। ଏଭଳି ଠକେଇ ମାମଲାରେ କଟକ ମଧୁପାଟଣା ପୋଲିସ ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ର ମାଲିକ ଅଶୋକ କୁମାର ପତି(୫୫) ଓ ମ୍ୟାନେଜର ଶାନ୍ତନୁ କୁମାର ପତି(୩୯)ଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୮୩/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ବଡ଼ଗଡ଼ ବିଡିଏ କଲୋନୀର ପ୍ରଶାନ୍ତ କୁମାର ପାତ୍ରଙ୍କ ସ୍ତ୍ରୀ କୁନି ପାତ୍ରଙ୍କର କିଡ୍‌ନୀ ଷ୍ଟୋନ୍ ହୋଇଥିବାରୁ ଗତ ଫେବୃୟାରୀ ୨୧ରେ କଟକ ଗୋଶାଳା ରୋଡ୍‌ସ୍ଥିତ ଜେ.ଏମ୍. କେୟାର ହସ୍ପିଟାଲରେ ଅପରେଶନ ହୋଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଫେବୃୟାରୀ ୨୪ରେ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦେଇଥିଲେ। ହେଲେ ମାର୍ଚ୍ଚ ୬ରେ କୁନି ପୁଣି ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଶାନ୍ତ ତାଙ୍କୁ ଉକ୍ତ ନର୍ସିଂହୋମକୁ ଆଣିଥିଲେ। ଉକ୍ତ ଦିନ ଡାକ୍ତର କୁନିଙ୍କ ଚିକିତ୍ସା କରି ନ ଥିଲେ। ଫଳରେ ସେହିଦିନ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ କୁନିଙ୍କ ମୃତ୍ୟୁ ଘଟିଥିବା ପ୍ରଶାନ୍ତ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ପାଇଥିଲା। କୁନି ଜେ.ଏମ୍. କେୟାର ହସ୍ପିଟାଲରେ ଆଡ୍‌ମିଟ୍ ହୋଇ ଅପରେଶନ୍ ହୋଇଥିଲେ ବି ରେକର୍ଡ କିଛି ଅଲଗା ଥିଲା। ଉକ୍ତ ହସ୍ପିଟାଲରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ସୁବିଧା ନ ଥିବା ପୋଲିସ ତଦନ୍ତରୁ ନିଶ୍ଚିତ ହୋଇଥିଲା। ହେଲେ ଡା. ଚିନ୍ମୟ କୁମାର ସାହୁ ମୃତା ରୋଗୀଙ୍କ ବିଏସ୍‌କେୱାଇ କାର୍ଡ ସଂଗ୍ରହ କରିନେଇଥିଲେ। ପାଗାସ୍ଥିତ ଶୋଭା ନର୍ସିଂହୋମ୍‌ରେ ଫେବୃୟାରୀ ୨୨ରେ ଭର୍ତ୍ତି କରାଯାଇ ସେହିଦିନ ମୃତାଙ୍କ କିଡ୍‌ନୀ ଅପରେଶନ କରାଯାଇଥିବା ଦର୍ଶାଯାଇଥିଲା। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ଜେ.ଏମ୍. କେୟାର ହସ୍ପିଟାଲରେ ଅପରେଶନ କରିଥିବା ଡାକ୍ତର ମଧ ଶୋଭା ନର୍ସିଂହୋମ୍‌ରେ ସେଇ ସମାନ ରୋଗୀଙ୍କ ଅପରେଶନ କରିଥିବା ସେଠାକାର ରେକର୍ଡରେ ଦର୍ଶାଯାଇଛି। ଅପରେଶନ କରିଥିବା ଡାକ୍ତରଙ୍କ ଦସ୍ତଖତକୁ ଏଠାରେ ଜାଲ୍ କରି ରେକର୍ଡ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର କହିଛନ୍ତି, ଡା. ଚିନ୍ମୟ କୁମାର ସାହୁ, ଭାରତୀ ସାହୁ ନାମକ ମହିଳା ଓ ନର୍ସିଂହୋମ୍‌ର ମାଲିକ, ମ୍ୟାନେଜର ଏହି କାର୍ଯ୍ୟରେ ସାମିଲ ଅଛନ୍ତି। ଜଣେ ରୋଗୀଙ୍କୁ ଦୁଇ ଆଡ଼େ ଆଡ୍‌ମିସନ କରି ବେଆଇନ କାର୍ଯ୍ୟ କରାଯାଇଛି। ଏଭଳି ଭାବେ ଅନେକ ରୋଗୀଙ୍କୁ ଠକେଇ କରାଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଜେ. ଏମ୍. କେୟାର ହସ୍ପିଟାଲ ଓ ଶୋଭା ନର୍ସିଂହୋମ୍‌ର ଆଡ୍‌ମିସନ ରେଜିଷ୍ଟର ଏବଂ କୁନିଙ୍କ ଚିକିତ୍ସା ସମ୍ପର୍କିତ କାଗଜପତ୍ର ପୋଲିସ ଜବତ କରିଛି। ମାମଲାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

# ଆଗୁଆ ସରିଲା ବିଧାନସଭା ଅଧିବେଶନ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନ ଏପ୍ରିଲ ୬ରେ ଶେଷହେବାର ଥିଲା। ୬ଦିନ ଆଗୁଆ ତଥା ୪ଟି କାର୍ଯ୍ୟଦିବସ ବାକି ଥାଇ ଅଧିବେଶନ ଶେଷ ହୋଇଛି। ଚଳିତ ଅଧିବେଶନ ଫେବୃୟାରୀ ୨୧ରୁ ଆରମ୍ଭ ହୋଇଥିଲା। ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧ ଓ ୨ୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ୩୧ ତାରିଖ ଯାଏ ଚାଲିଲା। ଫେବୃୟାରୀ ୨୪ରେ ୨୦୨୩- ୨୪ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ବଜେଟ ଉପସ୍ଥାପନ କରିଥିଲେ। ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ପାରିତ ହୋଇଥିଲା।

ଏହି ଅଧିବେଶନରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ବିଲ୍- ୨୦୨୩ ଆଗତ ହୋଇଥିଲେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ଅଚାନକ ପରିବର୍ତ୍ତନ କରାଯାଇ ଚଳିତ ସପ୍ତାହରେ ଗୃହରେ ଉପସ୍ଥାପିତ ହୋଇଥିବା ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଧ୍ୟ ସରକାର ଶେଷ ମୁହୂର୍ତ୍ତରେ ଫେରାଇ ନେଇଛନ୍ତି। ଏହି ଅଧିବେଶନ ଗତ ଅଧିବେଶନ ତୁଳନାରେ ଅଧିକ ସରଗରମ ହୋଇଥିଲା। ନବ ଦାସ ହତ୍ୟାକାଣ୍ଡ, ଦାଦନ ଦୁର୍ଦ୍ଦଶା, ଆଇନଶୃଙ୍ଖଳା, ଜାଲ୍ ସାର୍ଟିଫିକେଟ, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଭଳି ଅନେକ ବିଷୟକୁ ନେଇ ବିରୋଧୀ ସରକାରଙ୍କୁ ଅଡୁଆରେ ପକାଇଥିଲେ। ମହାନଦୀ ଇସ୍ୟୁ ଆଲୋଚନା ପାଇଁ ବିରୋଧୀ ମୋଶନ ଦେଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ଚଳିତ ଅଧିବେଶନରେ ଶ୍ୱେତପତ୍ର, ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା।

# ସିଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ଗିରଫ

- ୮୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ
- ପାରାଦୀପ, କଟକ, କେନ୍ଦ୍ରାପଡ଼ାରେ ଚଢ଼ାଉ ଜାରି

**ପାରାଦୀପ,୩୧।୩(ସ୍ୱ.ପ୍ର.)**

ପାରାଦୀପ ସି ଟି ଆଣ୍ଡ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସି ଟି ଆଣ୍ଡ ଜିଏସ୍‌ଟି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଜଣେ ଗ୍ରାହକଙ୍କଠାରୁ ୮୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଛନ୍ତି। ପରେ ତାଙ୍କ ଅଫିସ୍‌ର ସମସ୍ତ କାଗଜପତ୍ର ଜବତ କରାଯାଇଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ତାଙ୍କ ଅଫିସ ଆଲ୍‌ମିରାରୁ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖାହେବାବେଳକୁ ପାରାଦୀପ ବ୍ୟତୀତ ମହାନ୍ତିଙ୍କ କଟକ ସିଡିଏସ୍ଥିତ ଘର ଏବଂ କେନ୍ଦ୍ରାପଡା ଜିଲା କପିଳେଶ୍ୱରସ୍ଥିତ ପୈତୃକ ଘରେ ମଧ୍ୟ ଏକକାଳୀନ ଚଢ଼ାଉ ଜାରି ରହିଥିଲା। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ.୪/୨୩) ରୁଜୁ କରାଯାଇଛି।

# କେନାଲକୁ ଖସିଲା ବରଯାତ୍ରୀ ଗାଡ଼ି: ୭ ମୃତ

- ଗାଡ଼ି କାଚ ଭାଙ୍ଗି ଜୀବନ ବଞ୍ଚାଇଲେ ୪
- ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୩୧।୩ (ବ୍ୟୁରୋ)**

ବରଯାତ୍ରୀ ହୋଇ ଆସିଥିଲେ। ନାଚଗୀତ କରି ଖୁସି ମନାଇଲେ। କନ୍ୟାପକ୍ଷ ଘରେ ଖାଇବା ପରେ ପୁଣି ଘରକୁ ଫେରୁଥିଲେ। ହେଲେ ବାଟରେ ସତେ ଯେପରି କାଳ ସେମାନଙ୍କୁ ଛକି ରହିଥିଲା। ବୁଲାଣି ରାସ୍ତାରେ ଏକ ପୋଲ ଅତିକ୍ରମ ପୂର୍ବରୁ ବରଯାତ୍ରୀ ଧରି ଯାଉଥିବା ବୋଲେରୋଟି କେନାଲ ମଧ୍ୟକୁ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭରଙ୍କୁ ମିଶାଇ ୭ଜଣଙ୍କ ସଳିଳ ସମାଧି ଘଟିଥିଲା। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ସମ୍ବଲପୁର ଜିଲା ଶାସନ ଥାନା ବିଶାଳଖିଣ୍ଡା ଗ୍ରାମ ନିକଟରେ। ମୃତକମାନେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବଡଧରା ଗ୍ରାମର ଅଜିତ ଖମାରୀ, ଦିବ୍ୟ ଲୁହା, ସରୋଜ ସେଠ, ସୁମନ୍ତ ଭୋଇ, ସୁବ୍ରତ ଭୋଇ, ରମାକାନ୍ତ ଭୂୟାଁ ଓ ଡ୍ରାଇଭର ଭିକୁ ଭୋଇ। ଗାଡ଼ିରେ ଥିବା ଲଳିତ ଖମାରୀ, ଜୟନ୍ତ ଖମାରୀ, ଅର୍ଜୁନ ବେହେରା ଓ ଶ୍ରୀକାନ୍ତ ପ୍ରଧାନ ବର୍ତ୍ତିଯାଇଛନ୍ତି। ଶାସନ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୫



କେନାଲରେ ଉଦ୍ଧାର କାର୍ଯ୍ୟ ଜାରି।

# ରାମନବମୀ ଯାତ୍ରା ଦେଖି ଫେରୁଥିଲେ: ଦୁର୍ଘଟଣାରେ ୩ ମୃତ

**ଓଡ଼ଗାଁ,୩୧।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଓଡ଼ଗାଁ-ଭଞ୍ଜନଗର ରାସ୍ତାର ପଥରା ବୃଦ୍ଧାଶ୍ରମ ନିକଟ ମୋଡ଼ରେ ଗୁରୁବାର ବିଳମ୍ବିତ ରାତିରେ ରାମନବମୀ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ବରଗଛକୁ ବାଇକ୍ ଧକ୍କା ଦେବାରେ ୩ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ ରୋହିବାଙ୍କ ପଞ୍ଚାୟତ ମହେଶ୍ୱରପୁର ଗାଁର ମାଧବ ପ୍ରଧାନ (୨୦), ସୂର୍ଯ୍ୟକାନ୍ତ ପ୍ରଧାନ (୧୯) ଓ ରାଜେଶ ନାୟକ (୧୯)। ଅନ୍ୟପକ୍ଷେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ କରୁଛି ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ କହିଛନ୍ତି। ଏ ନେଇ ଥାନାରେ ନଂ. ୫୩/୨୩ରେ ମାମଲା ରୁଜୁ ହୋଇଛି।

ମହେଶ୍ୱରପୁର ଗାଁର ମାଧବ, ସୂର୍ଯ୍ୟକାନ୍ତ ଓ ରାଜେଶ ସ୍ଥାନୀୟ ବଜାରରେ ଖିଆପିଆ କରି ବିଳମ୍ବିତ ରାତିରେ ବାଇକ୍ (ନଂ. ଓଡି୨୫ ଏନ୍ ୩୨୬୪)ରେ ଘରକୁ ଫେରୁଥିଲେ। ତେବେ ପଥରା ବୃଦ୍ଧାଶ୍ରମ ନିକଟ ମୋଡ଼ରେ ଭାରସାମ୍ୟ ହରାଇ ବରଗଛ ସହ ବାଇକ୍ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୩ ଯୁବକ ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ☞ପୃଷ୍ଠା-୫

# ବ୍ୟୟ ମଞ୍ଜୁରୀ ବିଲ୍ ପାରିତ

- ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ, କଂଗ୍ରେସ ବିଧାୟକ ଦଳ ନେତା
- ସମୟ ପୂର୍ବରୁ ଅଧିବେଶନ ବନ୍ଦ ନେଇ ଗାନ୍ଧୀମୂର୍ତ୍ତି ତଳେ ଭାଜପା ବିଧାୟକଙ୍କ ଧାରଣା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଛି। ଶୁକ୍ରବାର ଅପରାହ୍ନରେ କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିବାରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ୪ଟା ୧ ମିନିଟ୍‌ରୁ ବିଭିନ୍ନ ପର୍ଯ୍ୟାୟରେ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହାପରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଭାଜପା ସଦସ୍ୟ ପୁଣି ହଟ୍ଟଗୋଳ କରିଥିଲେ।

ବିଲ୍‌କୁ ସମର୍ଥନ କରି ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଥିଲେ, ଜନସାଧାରଣଙ୍କ ଉନ୍ନତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ତେବେ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର କେତେ ସାହାଯ୍ୟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା କରି ଆସୁଛନ୍ତି। ଚାଷୀକୂଳ ଉପରେ ଚାଉଳ ବୋଝ ସହ ସ୍ୱାମୀନାଥନ୍ କମିଟିର ସୁପାରିଶ ଅନୁଯାୟୀ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଉନାହାନ୍ତି। ସେହିପରି ରାଜ୍ୟର ଚାଷୀଙ୍କୁ କେନ୍ଦ୍ର ଆବଶ୍ୟକ ସାର ଯୋଗାଇ ଦେଉ ନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରେଲୱେ କ୍ଷେତ୍ରରେ ଓଡ଼ିଶାର ହକ୍‌କୁ ଉପେକ୍ଷା କରାଯାଉଛି ବୋଲି ସେ କହିଛନ୍ତି। ଶାସକ ଦଳ ସଦସ୍ୟ ଶଶିଭୂଷଣ ବେହେରା କହିଛନ୍ତି, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। କେନ୍ଦ୍ର ସରକାର ରାଜ୍ୟକୁ ଆବଶ୍ୟକ ଅନୁଦାନ ନ ଦେଲେ ରାଜ୍ୟର ବିକାଶ ଜାରି ରହିବା ପାଇଁ ସରକାର ଷ୍ଟାବିଲାଇଜ୍ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଧାନକିଣାରେ କେନ୍ଦ୍ର ଓଡ଼ିଶାକୁ ଅବହେଳା କରୁଛି। ଏଥିପାଇଁ ଚଳିତ ବଜେଟରେ ରିଭଲଭିଂ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ଏହି ବଜେଟ ପାରିତ ହେଲେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସାଧନ ହେବ ବୋଲି ସେ କହିଛନ୍ତି। ☞ପୃଷ୍ଠା-୫

# ସବୁଠୁ ଦାମୀ ଆପାର୍ଟମେଣ୍ଟ ୩୬୯ କୋଟିରେ ବିକ୍ରି

**ନୂଆଦିଲ୍ଲୀ, ୩୧।୩**

ଭାରତର ସବୁଠୁ ଦାମୀ ଆପାର୍ଟମେଣ୍ଟ ଭାବେ ପରିଚିତ ଦକ୍ଷିଣ ମୁମ୍ବାଇର ମାଲାବାର ହିଲ୍‌ରେ ଥିବା ବିଳାସପୂର୍ଣ୍ଣ ଟ୍ରିପ୍ଲେକ୍ସ ଆପାର୍ଟମେଣ୍ଟ ୩୬୯ କୋଟି ଟଙ୍କାରେ ବିକ୍ରି ହୋଇଛି। ଶିଳ୍ପପତି ତଥା ଫେମି କେୟାରର ପ୍ରତିଷ୍ଠାତା ଜେ.ପି. ଟାପାରିଆଙ୍କ ପରିବାର ଏହି ଆପାର୍ଟମେଣ୍ଟକୁ ମାକ୍ରୋଟେକ୍ ଡେଭେଲପର୍ସଙ୍କଠାରୁ କିଣିଛନ୍ତି। ଏହା ଲୋଧା ମାଲାବାର ୨୬, ୨୭ ଏବଂ ୨୮ତମ ଫ୍ଲୋରରେ ରହିଛି। ୧.୦୮ ଏକର ଉପରେ ନିର୍ମିତ ଏହି ଆପାର୍ଟମେଣ୍ଟ ଉଭୟ ଆରବ ସାଗର ଓ ହ୍ୟାଙ୍ଗିଙ୍ଗ ଗ୍ୟାର୍ଡେନ୍‌କୁ ସ୍ପର୍ଶ କରୁଛି। ଟ୍ରିପ୍ଲେକ୍ସର ମୋଟ କ୍ଷେତ୍ରଫଳ ୨୭,୧୬୦ ବର୍ଗଫୁଟ। ଜେ.ପି. ଟାପାରିଆ ପରିବାର ଏହାକୁ ବର୍ଗଫୁଟ୍ ପ୍ରତି ୧.୩୬ ଲକ୍ଷ ଟଙ୍କାରେ କିଣିଛନ୍ତି। ବର୍ଗଫୁଟ ହିସାବରେ ଏହା ଦେଶର ସବୁଠୁ ମହଙ୍ଗା ଆବାସିକ ଆପାର୍ଟମେଣ୍ଟ ଡିଲ୍। ଆପାର୍ଟମେଣ୍ଟ କିଣାରେ ଷ୍ଟାମ୍ପ ଡ୍ୟୁଟି ବାବଦ ଟାପାରିଆ ପରିବାର ୧୯.୦୭ କୋଟି ଟଙ୍କା ପୈଠ କରିଛନ୍ତି। କିଛିଦିନ ପୂର୍ବରୁ ବଜାଜ ଅଟୋ ଅଧ୍ୟକ୍ଷ ନିରଜ ବଜାଜ ୨୫୨.୫ କୋଟି ଟଙ୍କାରେ ଲୋଧା ଗ୍ରୁପ୍‌ଠାରୁ ଲକ୍‌ଜୁରୀ ଟ୍ରିପ୍ଲେକ୍ସ ପେଣ୍ଟହାଉସ୍ କିଣିଥିଲେ।



## ବଜ୍ରପାତରେ ବାପପୁଅଙ୍କ ସହ ୪ ଆହତ

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଶୁକ୍ରବାର ସନ୍ଧ୍ୟାରେ ଝଡତୋଫାନ ସହ ବଜ୍ରପାତ ହୋଇଥିଲା । ଉପରଝରଠାରେ ବଜ୍ରପାତରେ ବାପପୁଅଙ୍କ ସହ ୪ଜଣ ଆହତ ହୋଇଛନ୍ତି। ଗାଁରେ ରାମଲୀଳା ପାଇଁ ଭୋଜିଭାତ ରାନ୍ଧୁଥିବା ସମୟରେ ହଠାତ ଝଡତୋଫାନ ସହ ବଜ୍ରପାତ ହୋଇଥିଲା । ଏଥିରେ ସୁଦାମ ସା ଓ ତାଙ୍କ ପୁଅ ରାଜିବଙ୍କ ସହ ରଞ୍ଜନ ସାହୁ ଓ ଭଯ ସା ଆହତ ହୋଇଥିଲେ । ଆହତଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁପୁତ୍ର ମୃତ

ବେଲପାହାଡ,୩୧।୩(ଡି.ଏନ.ଏ.): ବେଲପାହାଡ ଥାନା ଜୁରାବଗା ଗାଁରେ ସାପ କାମୁଡାରେ ଜଣେ ୩ବର୍ଷର ଶିଶୁପୁତ୍ରର ଅକାଳ ମୃତ୍ୟୁ ଘଟିଛି। ମୃତକ ଶିଶୁପୁତ୍ରଙ୍କ ପିତା ଜୁରାବଗା ଗ୍ରାମ ଆର୍‌ସିପି କଲୋନୀର ରାକେଶ ମହତୋ ବୋଲି ଜଣାପିଛି। ଶୁକ୍ରବାର ସକାଳେ ଶିଶୁଟି ନିଜ ଘର ସମ୍ମୁଖରେ ଖେଳୁଥିବା ସମୟରେ ତା' ଗୋଡକୁ କିଏ କାମୁଡି ଦେଇଥିବା କଥା ବାପାଙ୍କୁ ଜଣେଇଥିଲା। ତୁରନ୍ତ ରାକେଶ ଶିଶୁପୁତ୍ରକୁ ନିକଟସ୍ଥ ଟିଆର୍‌ଏଲ୍ ଡାକ୍ତରଖାନାକୁ ଆଣିଥିଲେ। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ବେଲପାହାଡ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବେଲପାହାଡ ଥାନାରେ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚାଲୁ ରଖିଛି। ପ୍ରାଥମିକ ତଦନ୍ତରୁ ବିଶାକ୍ତ ସାପ କାମୁଡିଥିବା ଅନୁମାନ କରାଯାଉଛି।

### ଯୁବତୀଙ୍କ ଆତ୍ମହତ୍ୟା

ବ୍ରଜରାଜନଗର,୩୧।୩ (ଡି.ଏନ.ଏ.): ବ୍ରଜରଜନଗର ଥାନା ଅନ୍ତର୍ଗତ ହରିଓମ୍ ବିହାର କଲୋନୀରେ ଜଣେ ଯୁବତୀ ଘରେ ଓଢଣୀ ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୂର୍ଣ୍ଣମୀ ହରିପାଲ (୪୦)। ପୂର୍ଣ୍ଣମୀ ହୃଦ୍‌ରୋଗରେ ପୀଡିତ ହୋଇ ମାନସିକ ଚାପରେ ରହୁଥିଲେ। ସବୁଦିନ ଭଳି ସେ ଶୁକ୍ରବାର ସକାଳ ୯ଟା ସମୟରେ ତାଙ୍କ ବାପାଙ୍କୁ ଜଳଖିଆ କରି ଦେଇଥିଲେ। ତାଙ୍କ ବାପା ବାହାରେ ବସି ଜଳଖିଆ ଖାଉଥିବା ବେଳେ ସେ ଘର ଭିତରେ ଆତ୍ମହତ୍ୟା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି।

### ହାଇୱା ଧକ୍କାରେ ୨ ମୃତ, ଉତ୍ତେଜନା

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଭବାନୀପାଟଣା,୩୧।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ସାପସିଲେଟ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ହାଇୱା ଧକ୍କାରେ ୨ଜଣକର ମୃତ୍ୟୁ ଘଟିଛି। ସେମାନେ ହେଲେ ବଲାଙ୍ଗୀର ଜିଲା ଟିଟଲାଗଡ ବ୍ଲକ ଅନ୍ତର୍ଗତ କୁମୁଡା ଗ୍ରାମର ଫଗନୁ ବଗର୍ତ୍ତୀ ଓ ଅନ୍ୟ ଜଣେ ମଧ ସେହି ବ୍ଲକର ସିରୋଲ ଗ୍ରାମର ଅମର ନାଗ। ଦୁର୍ଘଟଣାରେ କୁମୁଡା ଗ୍ରାମର ଧର୍ମେନ୍ଦ୍ର ବଗର୍ତ୍ତୀ ମଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏହି ଘଟଣାକୁ ସେଠାରେ ଉତ୍ତେଜନା ଦେଖିବାକୁ ମିଳିଛି। କ୍ଷତିପୂରଣ ଦାବିରେ ସମ୍ପର୍କୀୟମାନେ ଘଟଣାସ୍ଥଳରେ ରାସ୍ତାରୋକୋ କରିଥିବା ସୂଚନା ମିଳିଛି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ନିକଟସ୍ଥ ଗ୍ରାମରୁ ବିବାହ ଭୋଜି ଖାଇ ବାଇକ୍ (ନଂ. ଓଡି୦୩ପି-୦୮୧୮)ରେ ଫଗନୁ, ଅମର ଓ ଧର୍ମେନ୍ଦ୍ର ଆସୁଥିଲେ। ସ୍ଥାନୀୟ କ୍ରଶରୁ ଆସୁଥିବା ଏକ ହାଇୱା (ନଂ.ଓଡି୦୩ଜି-୦୬୧୧) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଚଲାଉଥିବା ଫଗନୁଙ୍କ ମୃତ୍ୟୁ ହୋଇଥିବାବେଳେ ଭବାନୀପାଟଣା ନେବା ବାଟରେ ଅମରଙ୍କ ମୃତ୍ୟୁ ଘଟିଥିଲା।

# ୧୯୨୦ ବୋତଲ କଫ୍ ସିରପ୍ ଜବତ: ୫ ଗିରଫ

- ପିକ୍‌ଅପ ଭ୍ୟାନ, କାର ଓ ମୋବାଇଲ ଜବତ
- କଫ ସିରପ୍ ନିଶାରେ ବଡ଼ ର୍‍ୟାକେଟ୍ କାମ କରୁଛି

ସୋନପୁର/ତରଭା, ୩୧।୩(ନି.ପ୍ର./ଡି.ଏନ.ଏ)



ଖବରଦାତା ସମ୍ମିଳନୀରେ ଏସ୍‌ପି ଅମରେଶ କୁମାର ପଣ୍ଡା ସୂଚନା ଦେଉଛନ୍ତି।

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ଏକ ବଡ ଧରଣର ବେଆଇନ୍ କଫ ସିରପ୍ ନେଟୱାର୍କକୁ ଭେଦ କରିଛି। ଖାରୀ ନିକଟରେ ତରଭା ପୋଲିସ ଶୁକ୍ରବାର ଚଢାଉ କରି ୧୨ ପେଟି ଏସକଫ କମ୍ପାନୀର କଫ ସିରପ୍ ଜବତ କରିଛି। ପେଟିରେ ୧୦୦ମିଲିଲିଟର ବିଶିଷ୍ଟ ମୋଟ ୧୯୨୦ ବୋତଲ କଫ ସିରପ୍ ଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ। ଏହା ସହିତ ବେଆଇନ କଫ ସିରପ୍ କାରବାରରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ବଲାଡି ଗ୍ରାମର ଦେବେନ୍ଦ୍ର ପାତ୍ର(୨୬), ପୁରୀ ଜିଲା ଗୋପ ଥାନା ବେଗୁନିଆ ଗ୍ରାମର ପ୍ରଶାନ୍ତ ନାୟକ(୨୬), ନୟାଗଡ ଜିଲା ଓଡଗାଁ ଥାନା କୋମଣ୍ଡା ଗ୍ରାମର ଶୁଶାନ୍ତ ସେଠୀ(୩୨), ବଲାଙ୍ଗୀର ଜିଲା ସଇଁତଳା ଥାନା ଗଣ୍ଡାପତରାପାଲି ଗ୍ରାମର ସୁଶାନ୍ତ ଡାଙ୍ଗ(୨୩), ସଇଁତଳା ଥାନା କୁଇକେଡା ଗ୍ରାମର ଦେବାଶିଷ ଛତ୍ରିଆ(୨୪)। ଗିରଫ ଅଭିଯୁକ୍ତ ମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ, ଗୋଟିଏ ହୁଣ୍ଡାଇ ଇଓନ କାର ଓ ୫ଟି ମୋବାଇଲ ଜବତ କରାଯାଇଛି। ଏହି କଫ ସିରପ୍ ନିଶା କାରବାରରେ ବଡ ର୍‍ୟାକେଟ୍ କାମ କରୁଛି। ମାମଲାର ତଦନ୍ତ ଜାରି ରହିଥିବା ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପଶ୍ଚିମ ଓଡିଶାରେ କେତେକ କମ୍ପାନୀର କଫ ସିରପ୍‌ରେ ବ୍ୟାପକ ବେଆଇନ କାରବାର ଚାଲିଛି। ଏଥିରେ ନିଶାଥିବାରୁ ଲୋକେ ଏହାକୁ ନିଶା ଭାବେ ପିଉଛନ୍ତି। ଶସ୍ତାରେ ଏବଂ ସହଜରେ ଉପଲବ୍ଧ ହେଉଥିବା ଏହି ନିଶା ପାଇଁ ଆନ୍ତଃରାଜ୍ୟ ର୍‍ୟାକେଟ୍ କାର୍ଯ୍ୟ କରୁଛି। ଦୁଇ ସପ୍ତାହ ପୂର୍ବରୁ ବଲାଙ୍ଗୀରରେ ବଡ ଧରଣର ଚଢାଉ ହୋଇଥିଲା। ତେଣୁ ସେଠାକାର ନିଶା ବ୍ୟବସାୟୀମାନେ ବଲାଙ୍ଗୀର ଜିଲା ସୀମାକୁ ଲାଗିଥିବା ସୁବର୍ଣ୍ଣପୁର ଜିଲାର ତରଭା ଅଞ୍ଚଳରେ କଫ ସିରପ୍ ଗଚ୍ଛିତ ରଖି ସେମାନଙ୍କ ବ୍ୟବସାୟ ଚଳାଉଥିବା ପୋଲିସ ସୂଚନା ଦେଇଛି। ବ୍ୟବସାୟୀ ପ୍ରଶାନ୍ତ ଓ ସୁଶାନ୍ତ ପିକଅପ୍ ଭ୍ୟାନ୍ ନଂ ଓଡି୦୨ବିଏନ-୯୨୧୨ରେ କଫ ସିରପ୍ ଆଣି ଖାରୀ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପଛ ପାର୍ଶ୍ୱରେ ଅନଲୋଡ କରୁଥିଲେ। ବଲାଡି ଗାଁର ଦେବେନ୍ଦ୍ର ଏହି କଫ ସିରପ୍ ମଗାଇ ଥିଲେ। ଅଭିଯୁକ୍ତ ସୁଶାନ୍ତ ଓ ଦେବାଶିଷ ଏଥିରେ ସହଯୋଗ କରୁଥିଲେ ବୋଲି ଏସ୍‌ପି ପଣ୍ଡା କହିଛନ୍ତି। ଏହି ଘଟଣାରେ ଅଭିଯୁକ୍ତଙ୍କଠାରୁ ହୁଣ୍ଡାଇ ଇଓନ କାର ନଂ ଓଡି୦୩ବି-୨୨୫୫ ଜବତ କରାଯାଇଛି। ୧୦୦ମି.ଲି.ଏସ୍‌କଫ କଫ ସିରପ୍ ବୋତଲର ସର୍ବୋଚ୍ଚ ଖୁଚୁରା ଦର ୪୫ ଟଙ୍କା ଥିବା ବେଳେ ନିଶାସକ୍ତ ବ୍ୟକ୍ତିଙ୍କୁ ବ୍ୟବସାୟୀ ମାନେ ୪୦୦ ରୁ ୫୦୦ଟଙ୍କାରେ ବିକ୍ରି କରୁଛନ୍ତି ବୋଲି ଜଣାପଡିଛି। ପୋଲିସ ଏସ.ଆଇ ଆରତୀ କହଁରଙ୍କ ଅଭିଯୋଗ କ୍ରମେ ତରଭା ଥାନାରେ ୬୫/୩୧ ମୂଳେ ୨୧(ବି)/୨୯ ଏନଡିପିସି ଆକ୍ଟରେ ମାମଲା ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ଖବରଦାତା ସମ୍ମିଳନୀରେ ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ ଓ ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ୪୭୬ବୋତଲ କଫ୍ ସିରପ୍ ଜବତ, ୩ଗିରଫ



ଜବତ କଫସିରପ ଓ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ଖପ୍ରାଖୋଲ, ୩୧।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ପଡ଼ିଆବାହାଲ ପଞ୍ଚାୟତ ସାନଉଡେନ ଗାଁ ଖେଳ ପଡିଆରେ ପୋତା ଯାଇଥିବା ୪୭୬ ବୋତଲ କଫ ସିରପକୁ ଶୁକ୍ରବାର ଜବତ କରିଛି। ମାଟି ତଳେ ପୋତା ଯାଇଥିବା ଏହି କଫସିରପକୁ ପରେ ବିକ୍ରି କରାଯାଇଥାନ୍ତା। ଏହି ଘଟଣାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲରମ୍ଭା ଥାନା ଅନ୍ତର୍ଗତ ଗାଁଭଟଲି ଗ୍ରାମର ରଶ୍ମି ରଞ୍ଜନ ବରିହା ( ୨୯), ରମେଶ ବରିହା (୨୬)ଓ ଲୁହାସିଂହା ଗ୍ରାମର ଶେଷଦେବ ସେଠ। ଏମାନେ ପୂର୍ବରୁ କଫ ସିରପ କାରବାର କରୁଥିବା ପୋଲିସ ପାଖରେ ସୂଚନା ଥିବାବେଳେ ସେମାନଙ୍କୁ ଧରିବାକୁ ପୂର୍ବରୁ ପୋଲିସ ଜାଲ ବିଛାଇଥିଲ। ଏହି କାରବାରର ମୁଖ୍ୟ ଲୁହାସିଂହା ଗ୍ରାମର ସୁନିଲ ପଟେଲ ଫେରାର ଥିବା ପୋଲିସ କହିଛି। ଏ ନେ ଖପ୍ରାଖୋଲ ଥାନାରେ ଏକ ମାମଲା(୪୨/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ, ଗୋଟିଏ ବାଇକ ଓ ନଗଦ ୭ ହଜାର ୨ ଶହ ଟଙ୍କା ଜବତ କରାଯାଇଥବା ପୋଲିସ କହିଛି।

# ୨ ମାସର ଭତ୍ତା ଟଙ୍କା ଗାଏବ

ଭେଡେନ,୩୧।୩ (ଡି.ଏନ.ଏ.)

ସରକାର ଅସହାୟ ବୃଦ୍ଧାବୃଦ୍ଧ, ବିକଳାଙ୍ଗ ଏବଂ ବିଧବାମାନଙ୍କୁ ମାସିକ ୫ ଶହ ଏବଂ ୭୦ ବର୍ଷ ବୟସ ଟପିଲେ ୭ଶହ ଟଙ୍କା ଭତ୍ତା ପ୍ରଦାନର ବ୍ୟବସ୍ଥା କରିଛନ୍ତି। ବିଗତ ଦିନରେ ଏହି ଟଙ୍କା ହିତାଧିକାରୀଙ୍କ ହାତକୁ ସିଧାସଳଖ ଦିଆଯାଉଥିଲା। ଏଥିରେ ବାଟ ମାରଣା ହେଉଥିବା ଅଭିଯୋଗ ହେବାରୁ ଗତବର୍ଷ ଅକ୍ଟୋବରରୁ ହିତାଧିକାରୀମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ତେବେ ଏହି ବ୍ୟବସ୍ଥାରେ ମଧ ହିତାଧିକରୀ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଅନେକ ବୃଦ୍ଧାବୃଦ୍ଧଙ୍କ ଅଙ୍ଗୁଳିର ଟିପ ଚିହ୍ନ ଆସୁ ନ ଥିବାରୁ ସେମାନେ ମାସ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ସୁଯୋଗ ନେଇ କେତେକ କର୍ମଚାରୀ ଭତ୍ତା ଟଙ୍କା ହଡପ କରୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଭେଡ଼େନ ବ୍ଲକ ଅଞ୍ଚଳରେ ଗତ ନଭେମ୍ବର ମାସରେ ଭତ୍ତା ୫ଶହ ଓ ଶୀତବସ୍ତ୍ର ବାବଦ ୩ଶହ ଟଙ୍କା କେତେକ ହିତାଧିକାରୀଙ୍କ ପାସବୁକରେ ଜମା ହୋଇଥିଲା। ତେବେ ପରବର୍ତ୍ତୀ ଫେବୃୟାରୀ ଓ ମାର୍ଚ୍ଚ ମାସର ଭତ୍ତା ଟଙ୍କା ଜମା ହୋଇ ସାରିଥିବା ବେଳେ ଡିସେମ୍ବର ଓ ଜାନୁଆରୀ ମାସର ଟଙ୍କା ଜମା ହୋଇ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ସେମାନେ ବ୍ୟାଙ୍କ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ ସନ୍ତୋଷ ଜନକ ଉତ୍ତର ପାଇ ପାରିନାହାନ୍ତି। ଏ ସମ୍ପର୍କରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଚମରୁ ବେଶ୍ରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ମୋ ପାଖକୁ ଏମିତି କିଛି ଅଭିଯୋଗ ଆସିନାହିଁ। ଯେଉଁମାନଙ୍କ କ୍ଷେତ୍ରରେ ଏଭଳି ହୋଇଛି ସେମାନେ ନିଜ ଆଧାର କାର୍ଡ ଏବଂ ପାସ୍‌ବୁକ ମୋ ପାଖକୁ ଆଣନ୍ତୁ, କ'ଣ ହୋଇଛି ଜଣାପଡିବ ବୋଲି ବେଶ୍ରା କହିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଅଶୋକ



@ ସିକୁନ



@ ସୁବନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁରିବାହାଲ ସାର୍ଥକ ଏଜେନ୍ସିରେ ଜିଏସ୍‌ଟି ଚଢ଼ାଉ

ବଲାଙ୍ଗୀର ଅଫିସ/ମୁରିବାହାଲ, ୩୧।୩ (ଡି.ଏନ୍.ଏ)

ବଲାଙ୍ଗୀର ଜିଲା ମୁରିବାହାଲଠାରେ ଥିବା ସାର୍ଥକ ଏଜେନ୍ସିରେ ବଲାଙ୍ଗୀର ଏବଂ ଭବାନୀପାଟଣାର ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଶୁକ୍ରବାର ସକାଳୁ ଚଢ଼ାଉ ଜାରି ରହିଛି। ବଲାଙ୍ଗୀର ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ଏହି ବ୍ୟବସାୟିକ ପ୍ରତିଷ୍ଠାନର ବିଭିନ୍ନ କାଗଜପତ୍ର, ଆକାଉଣ୍ଟସ୍ ଯାଞ୍ଚ ଜାରି ରହିଛି। ଏହି ଚଢ଼ାଉରେ ଜିଏସ୍‌ଟି ୟୁନିଟ୍ ଅଧିକାରୀ ରାଜେନ୍ଦ୍ର କୁମାର ନାଏକ, ଜିତେନ୍ଦ୍ରୀୟ ବାଗ, ଶରତ ଚନ୍ଦ୍ର ସେଠ୍, କ୍ଷୀରୋଦ ମାଝି, ସରୋଜ କୁମାର ବେରିହା, ନିଳାଦ୍ରୀ ବିହାରୀ ଦଧିଆ, ନିମେଶ କୁମାର ସାହୁ, ବଲାଙ୍ଗୀର ପୋଲିସ ଟିମ୍ ସହଯୋଗ କରୁଛନ୍ତି। ଏହି ଦୋକାନରୁ ବହୁ କାଗଜପତ୍ର, ଲାପ୍‌ଟପ ଜବତ କରାଯାଇଛି। ଟ୍ୟାକ୍ସ ଫାଙ୍କି ଉପରେ ନିରୀକ୍ଷଣ ଜାରି ରହିଛି। ସବୁକିଛି ତର୍ଜମା କରାଯିବା ପରେ ଜିଏସ୍‌ଟି ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଚଢ଼ାଉ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରି ରହିପାରେ ବୋଲି କୁହାଯାଇଛି। ଚଢ଼ାଉ ସମ୍ପୂର୍ଣ୍ଣ ହେବା ପରେ ସୂଚନା ଦିଆଯିବ ବୋଲି ଅଧିକାରୀମାନେ କହିଛନ୍ତି।



ସାର୍ଥକ ଏଜେନ୍ସିରେ ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଉଛି।

# ତେଲଙ୍ଗାନାରେ ଦାଦନ ଶ୍ରମିକ ମୃତ

ଟିଟିଲାଗଡ଼, ୩୧।୩ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଶଗଡଘାଟ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିଖାଲ ଗ୍ରାମର ଡୋଲେଶ୍ୱର ମାଝି(୨୫) ଦାଦନ ଖଟିବାକୁ ତେଲଙ୍ଗାନା ରାଜ୍ୟ ସାଙ୍ଗାନାଡିର ହନୁମାନଗାଡାକୁ ଯାଇଥିଲେ। ଗୁରୁବାର ରାତିରେ ସେଠାରେ ଏକ ସଡକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। କାମ ସାରି ରାସ୍ତାରେ ଚାଲି ଚାଲି ଆସୁଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ଜୀବନ ଚାଲି ଯାଇଥିଲା। ଏପଟେ ଏକମାତ୍ର ପୁଅର ମୃତ୍ୟୁ ଖବର ପାଇ ପିତା କନ୍ଦର୍ପ ମାଝି, ମା' ଓ ସ୍ତ୍ରୀ ମ୍ରିୟମାଣ ହୋଇ ପଡିଛନ୍ତି। ମୃତ ଶ୍ରମିକ ଡୋଲେଶ୍ୱରଙ୍କ ଏକ ଚାରିବର୍ଷର ଝିଅ ଅଛି। ଶୁକ୍ରବାର ପୁଅର ମୃତ୍ୟୁ ନେଇ କନ୍ଦର୍ପ ଟିଟିଲାଗଡ ଉପଖଣ୍ଡ ଶ୍ରମ ନିରୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁଅର ମୃତଦେହ ଏଠାକୁ ଆଣିବା ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ସଇଁତଳା ବାର ସଂଘ ସମ୍ପାଦକ ଜପେଶ୍ୱର ଜାନୀ, ଶଗଡଘାଟ ନାଏବ ସରପଞ୍ଚ କିସ୍ମତ ମାଝି, ସମାଜସେବୀ ମୁକେଶ ପ୍ରଧାନୀ ଏନେଇ ଶ୍ରମ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା ସେଠାକାର ପ୍ରଶାସନକୁ ଯୋଗାଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନର ଉଦ୍ୟମକ୍ରମେ ସେଠାକାର ଅଧିକାରୀ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଏଠାକୁ ପଠାଇବା ବନ୍ଦୋବସ୍ତ କରିଥିବା ଜଣାଯାଇଛି।

# ଗଡ଼ିଲା ହରିଶଙ୍କର ଦର୍ଶନ ବସ୍

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୩୧।୩ (ଡି.ଏନ୍.ଏ)

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୁକ୍ରବାର ଜିଲାପାଳ ଚଞ୍ଚଳ ରାଣା ହରିଶଙ୍କର ଦର୍ଶନ ବସ୍‌ର ଶୁଭାରମ୍ଭ କରିଛନ୍ତି। ୨୬ ଆସନ ବିଶିଷ୍ଟ ଏହି ବାତାନୁକୁଳିତ ବସ୍ ସପ୍ତାହରେ ତିନିଦିନ ଶୁକ୍ରବାର, ଶନିବାର ଓ ରବିବାର ବଲାଙ୍ଗୀରରୁ ହରିଶଙ୍କର ଯାଇ ଦର୍ଶନ ପରେ ବଲାଙ୍ଗୀର ଫେରିବ। ବଲାଙ୍ଗୀରରୁ ଏହି ହରିଶଙ୍କର ଦର୍ଶନ ବସ୍ ସକାଳ ୭ଟା ୩୦ରୁ ବାହାରି ବଲାଙ୍ଗୀର ସହର ସ୍ଥିତ ସମଲେଶ୍ୱରୀ ମନ୍ଦିର ଦର୍ଶନ ପରେ ପାଟଣାଗଡର ସମଲେଶ୍ୱରୀ ଓ ପାଟଣେଶ୍ୱରୀ ମନ୍ଦିର ଦର୍ଶନ କରି ହରିଶଙ୍କର ଯାତ୍ରା କରିବ। ପର୍ଯ୍ୟଟକମାନେ ହରିଶଙ୍କରସ୍ଥିତ ହରିଣ ପାର୍କ ଓ ହରିଶଙ୍କର ପର୍ଯ୍ୟଟନସ୍ଥଳୀ ଦର୍ଶନ ସାରି ବଲାଙ୍ଗୀର ଫେରିବେ। ଏହି ବସ୍‌କୁ ମିଶନ ଶକ୍ତି ଅନ୍ତର୍ଗତ ପାରଣାଗଡର ଆକାଂକ୍ଷା ଶକ୍ତି ସଞ୍ଚୟିକା ମହାସଂଘ ପରିଚାଳନା କରୁଛନ୍ତି। ଏହି ବସ୍‌ରେ ଯାତ୍ରା କରିବା ନିମନ୍ତେ ପର୍ଯ୍ୟଟକମାନେ ଅଗ୍ରୀମ ଅନ୍ ଲାଇନ ଟିକେଟ ବୁକିଙ୍ଗ କରିପାରିବେ। ଟିକେଟ ବୁକିଙ୍ଗ ନିମନ୍ତେ ମୋବାଇଲ ନମ୍ବର ୯୩୪୮୫୧୯୦୫୮ରେ ମଧ ଯୋଗାଯୋଗ କରି ଅଗ୍ରୀମ ଟିକେଟ ବୁକିଙ୍ଗ କରିପାରିବେ। ଏହି ବସରେ ହରିଶଙ୍କର ଯାଇ ଫେରିବା ନିମନ୍ତେ ପ୍ରତ୍ୟେକ ଯାତ୍ରୀ ପାଇଁ ଟିକେଟ ମୂଲ୍ୟ ୨୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ହରିଶଙ୍କର ଦର୍ଶନ ବସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ୍ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରର ବୃଦ୍ଧାଶ୍ରମ ଅନ୍ତେବାସୀମାନେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ଦର୍ଶନ କରି ହରିଶଙ୍କର ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମିଶନ ଶକ୍ତି ଜିଲା ପ୍ରୋଗ୍ରାମ ସଂଯୋଜିକା ସୁମନ ଦ୍ୱିବେଦୀଙ୍କ ସମେତ ପାଟଣାଗଡ ଆକାଂକ୍ଷା ଶକ୍ତି ସଞ୍ଚୟିକା ମହାସଂଘ ସଦସ୍ୟା ଓ ମିଶନ ଶକ୍ତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏବେ ହରିଶଙ୍କର ପୀଠରେ ନବୀକରଣ କାର୍ଯ୍ୟ ଚାଲିଛି। ଆଗାମୀ ଦିନରେ ଏହି ବସ୍ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏକ ମୁଖ୍ୟ ମାଧ୍ୟମ ହେବ ବୋଲି ଜିଲାପାଳ ରାଣା କହିଛନ୍ତି। ହରିଶଙ୍କର ଦର୍ଶନ ବସଟି ହରିଶଙ୍କର ପୀଠରେ ପହଞ୍ଚିବା ପରେ ସେଠାରେ ସମସ୍ତ ଯାତ୍ରୀଙ୍କୁ ମିଶନ ଶକ୍ତି ଏବଂ ଖପ୍ରାଖୋଲ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପାଟଣାଗଡ ଉପଜିଲାପାଳ ଡ. ସେଠୀ, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମନ୍ଦିର ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।



ଅନ୍ନପୂର୍ଣ୍ଣା ବେଶରେ ମାଁ ସମଲେଶ୍ୱରୀ।



ମାଁ ଶ୍ୟାମାକାଳୀ ଦେବୀ।

**ନିଯୁକ୍ତି ପରାମର୍ଶ ଶିବିର**

ମୁରିବାହାଲ,(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ନିଯୁକ୍ତି ଓଡ଼ିଆ ପରାମର୍ଶ ମେଳା ଶୁକ୍ରବାର ମୁରିବାହାଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ସମ୍ମାନିତ ଅତିଥି ବିଡ଼ିଓ ପୂର୍ଣ୍ଣାନନ୍ଦ ପଟେଲ, ପତ୍ରପାଲି (କ )ସମିତି ସଭ୍ୟ ସନ୍ୟାସୀ ପୁଟେଲ, ଲଖନା ସମିତି ସଭ୍ୟ ଭୀମସେନ ବାଗ, ଜିପିଇଓ ଏନ.ଜେ.ଥିଓଫିଲ, ପିଏ ବୀରେନ୍ଦ୍ର ରାୟ, ଜଲା ଜିୟୋଜିତ ଅଧିକାରୀ ବି.କେ.ନାୟକ ଯୋଗ ଦେଇଥିଲେ। ଶିବିରରେ ୧୧ଟି ନିଯୁକ୍ତିଦାତା କମ୍ପାନୀ ସହ, ସରକାରୀ ଆଇଟିଆଇ ଓ ପଲିଟେକନିକ କଲେଜ ଆସିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୦୦ରୁ ଉର୍ଦ୍ଧ୍ୱ ବେକାର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ତେଲଙ୍ଗାନାରେ ଦାଦନ ଶ୍ରମିକ ମୃତ



**ଟିଟିଲାଗଡ଼, ୩୧।୩ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଶଗଡଘାଟ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିଝାଲ ଗ୍ରାମର ଡୋଲେଶ୍ୱର ମାଝି(୨୫) ଦାଦନ ଖଟିବାକୁ ତେଲଙ୍ଗାନା ରାଜ୍ୟ ସାଙ୍ଗାନାଡିର ହନୁମାନଗାଡାକୁ ଯାଇଥିଲେ। ଗୁରୁବାର ରାତିରେ ସେଠାରେ ଏକ ସଡକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। କାମ ସାରି ରାସ୍ତାରେ ଚାଲି ଚାଲି ଆସୁଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ଜୀବନ ଚାଲି ଯାଇଥିଲା। ଏପଟେ ଏକମାତ୍ର ପୁଅର ମୃତ୍ୟୁ ଖବର ପାଇ ପିତା କନ୍ଦର୍ପ ମାଝି, ମା' ଓ ସ୍ତ୍ରୀ ମ୍ରିୟମାଣ ହୋଇ ପଡିଛନ୍ତି। ମୃତ ଶ୍ରମିକ ଡୋଲେଶ୍ୱରଙ୍କ ଏକ ଚାରିବର୍ଷର ଝିଅ ଅଛି। ଶୁକ୍ରବାର ପୁଅର ମୃତ୍ୟୁ ନେଇ କନ୍ଦର୍ପ ଟିଟିଲାଗଡ ଉପଖଣ୍ଡ ଶ୍ରମ ନିରୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁଅର ମୃତଦେହ ଏଠାକୁ ଆଣିବା ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ସଇଁତଲା ବାର ସଂଘ ସମ୍ପାଦକ ଜପେଶ୍ୱର ଜାନୀ, ଶଗଡଘାଟ ନାଏବ ସରପଞ୍ଚ କିସ୍ମତ ମାଝି, ସମାଜସେବୀ ମୁକେଶ ପ୍ରଧାନୀ ଏନେଇ ଶ୍ରମ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା ସେଠାକାର ପ୍ରଶାସନକୁ ଯୋଗାଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନର ଉଦ୍ୟମକ୍ରମେ ସେଠାକାର ଅଧିକାରୀ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଏଠାକୁ ପଠାଇବା ବନ୍ଦୋବସ୍ତ କରିଥିବା ଜଣାଯାଇଛି।

### ଶ୍ରୀରାମ ନାମରେ ଗୁଞ୍ଜରିତ ହେଲା ମଧୁ ମାଧବ ତୀର୍ଥ

**କୋକସରା,୩୧।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ତଥା ମଧୁ ମାଧବ ତୀର୍ଥ କ୍ଷେତ୍ରରେ ଦୀର୍ଘ ୫୧ ବର୍ଷ ଧରି ଶ୍ରୀରାମ ନବମୀ ମହୋତ୍ସବ ଗୁଡହାଣ୍ଡି ଡୋକରାଚଞ୍ଚରା ଉନ୍ନୟନ କମିଟି ପକ୍ଷରୁ ପାଳିତ ହୋଇଆସୁଛି। ଚଳିତବର୍ଷ ମଧ ୯ ଦିନ ବ୍ୟାପି ମହୋତ୍ସବ ପାଳନ କରାଯାଉଛି। ମଧୁ ମାଧବ ତୀର୍ଥରେ ଥିବା ଶ୍ରୀରାମ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପ୍ରଥମ ଦିନରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରୀରାମଙ୍କ ଦର୍ଶନ କରିଛନ୍ତି। ଏହା ବ୍ୟତୀତ ଏହି ତୀର୍ଥ କ୍ଷେତ୍ରରେ ଥିବା ପୂଣ୍ୟକୁଣ୍ଡ, ବିଭୁତି କୁଣ୍ଡ, କଳ୍ପବଟ, ସୀତାକୁଣ୍ଡ, ଗୋକୁଣ୍ଡ ଦର୍ଶନ କରିଛନ୍ତି। ଉନ୍ନୟନ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ଦର୍ଶନ, ଅନ୍ନଭୋଗ, ପାନୀୟ ଜଳ, ପାର୍କିଂ, ବିଶ୍ରାମ ନେବା ପାଇଁ ସୁବ୍ୟବସ୍ଥା କରାଯାଇଛି। ଶ୍ରୀରାମ ନବମୀ ମହୋତ୍ସବ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ବେଳେ ଆଗକୁ ଉନ୍ନୟନ କମିଟି ପକ୍ଷରୁ ଆଧାତ୍ମିକ ପ୍ରବକ୍ତା ତଥା ସଂସ୍କୃତି ଗବେଷକ କାଳୀକୃଷ୍ଣ ସଂଘ ସ୍ୱାମୀ ଜଗଦାନନ୍ଦ ଜି ମହାରାଜ ଓ ମନ୍ମଥ ନାଥ ପଣ୍ଡା ମହାରାଜଙ୍କ ଦିବ୍ୟ ପ୍ରବଚନ ସହ ଷୋହଳ ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ରହିଛି। ଶ୍ରୀରାମ ନବମୀ ମହୋତ୍ସବ କାର୍ଯ୍ୟକ୍ରମ ଗୁଡହାଣ୍ଡି ଉନ୍ନୟନ କମିଟି କର୍ମକର୍ତ୍ତା ଓ ମହିମା, ଘଣ୍ଟିଗୁଡା ଓ ଖଲିଗଡ଼ ଗ୍ରାମର ପୁରୁଷ ମହିଳା ସ୍ୱେଚ୍ଛାସେବୀମାନେ ସହଯୋଗ କରୁଛନ୍ତି।

# ଗଡ଼ିଲା ହରିଶଙ୍କର ଦର୍ଶନ ବସ୍

**ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୩୧।୩ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶୁକ୍ରବାର ଜିଲାପାଳ ଚଞ୍ଚଳ ରାଣା ହରିଶଙ୍କର ଦର୍ଶନ ବସ୍‌ର ଶୁଭାରମ୍ଭ କରିଛନ୍ତି। ୨୬ ଆସନ ବିଶିଷ୍ଟ ଏହି ବାତାନୁକୂଳିତ ବସ୍ ସପ୍ତାହରେ ତିନିଦିନ ଶୁକ୍ରବାର, ଶନିବାର ଓ ରବିବାର ବଲାଙ୍ଗୀରରୁ ହରିଶଙ୍କର ଯାଇ ଦର୍ଶନ ପରେ ବଲାଙ୍ଗୀର ଫେରିବ। ବଲାଙ୍ଗୀରରୁ ଏହି ହରିଶଙ୍କର ଦର୍ଶନ ବସ୍ ସକାଳ ୭ଟା ୩୦ରୁ ବାହାରି ବଲାଙ୍ଗୀର ସହର ସ୍ଥିତ ସମଲେଶ୍ୱରୀ ମନ୍ଦିର ଦର୍ଶନ ପରେ ପାଟଣାଗଡର ସମଲେଶ୍ୱରୀ ଓ ପାଟଣେଶ୍ୱରୀ ମନ୍ଦିର ଦର୍ଶନ କରି ହରିଶଙ୍କର ଯାତ୍ରା କରିବ। ପର୍ଯ୍ୟଟକମାନେ ହରିଶଙ୍କରସ୍ଥିତ ହରିଣ ପାର୍କ ଓ ହରିଶଙ୍କର ପର୍ଯ୍ୟଟନସ୍ଥଳୀ ଦର୍ଶନ ସାରି ବଲାଙ୍ଗୀର ଫେରିବେ। ଏହି ବସ୍‌କୁ ମିଶନ ଶକ୍ତି ଅନ୍ତର୍ଗତ ପାରଣାଗଡର ଆକାଂକ୍ଷା ଶକ୍ତି ସଞ୍ଚୟିକା ମହାସଂଘ ପରିଚାଳନା କରୁଛନ୍ତି। ଏହି ବସ୍‌ରେ ଯାତ୍ରା କରିବା ନିମନ୍ତେ ପର୍ଯ୍ୟଟକମାନେ ଅଗ୍ରୀମ ଅନ୍‌ଲାଇନ ଟିକେଟ ବୁକିଙ୍ଗ କରିପାରିବେ। ଟିକେଟ ବୁକିଙ୍ଗ ନିମନ୍ତେ ମୋବାଇଲ ନମ୍ବର ୯୩୪୮୫୧୯୦୫୮ରେ ମଧ ଯୋଗାଯୋଗ କରି ଅଗ୍ରୀମ ଟିକେଟ ବୁକିଙ୍ଗ କରିପାରିବେ। ଏହି ବସରେ ହରିଶଙ୍କର ଯାଇ ଫେରିବା ନିମନ୍ତେ ପ୍ରତ୍ୟେକ ଯାତ୍ରୀ ପାଇଁ ଟିକେଟ ମୂଲ୍ୟ ୨୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ହରିଶଙ୍କର ଦର୍ଶନ ବସ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକ୍ ସାଲେପାଳି ଗ୍ରାମ ମଙ୍ଗଳ ପାଠାଗାରର ବୃଦ୍ଧାଶ୍ରମ ଅନ୍ତେବାସୀମାନେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ଦର୍ଶନ କରି ହରିଶଙ୍କର ଯାତ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଉପଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମିଶନ ଶକ୍ତି ଜିଲା ପ୍ରୋଗ୍ରାମ ସଂଯୋଜିକା ସୁମନ ଦ୍ୱିବେଦୀଙ୍କ ସମେତ ପାଟଣାଗଡ ଆକାଂକ୍ଷା ଶକ୍ତି ସଞ୍ଚୟିକା ମହାସଂଘ ସଦସ୍ୟା ଓ ମିଶନ ଶକ୍ତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏବେ ହରିଶଙ୍କର ପୀଠରେ ନବୀକରଣ କାର୍ଯ୍ୟ ଚାଲିଛି। ଆଗାମୀ ଦିନରେ ଏହି ବସ୍ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏକ ମୁଖ୍ୟ ମାଧ୍ୟମ ହେବ ବୋଲି ଜିଲାପାଳ ରାଣା କହିଛନ୍ତି। ଜିଲାର ପର୍ଯ୍ୟଟନ ବିକାଶ ଦିଗରେ ଆଗକୁ ଆହୁରି ଅନେକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ହରିଶଙ୍କର ଦର୍ଶନ ବସଟି ହରିଶଙ୍କର ପୀଠରେ ପହଞ୍ଚିବା ପରେ ସେଠାରେ ସମସ୍ତ ଯାତ୍ରୀଙ୍କୁ ମିଶନ ଶକ୍ତି ଏବଂ ଖପ୍ରାଖୋଲ ବ୍ଲକ୍ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପାଟଣାଗଡ ଉପଜିଲାପାଳ ଡ. ସେଠୀ, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମନ୍ଦିର ପରିଚାଳନା କମିଟିର ରୋହିତ ମେହେର, ପୂଜକ ଶଶୀ ପୂଜାରୀ, ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।



ହରିଶଙ୍କର ଦର୍ଶନ ବସ୍‌କୁ ଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ସ୍ୱତନ୍ତ୍ର ପ୍ୟାକେଜରେ ଯାତ୍ରୀମାନେ କରିବେ ହରିଶଙ୍କର ପର୍ଯ୍ୟଟନସ୍ଥଳୀ ଭ୍ରମଣ**

# ୪୭୬ବୋତଲ କଫ ସିରପ୍ ଜବତ, ୩ ଗିରଫ




ଜବତ କଫ ସିରପ୍ ଓ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

- ମାଟିତଳେ ପୋତି ରଖିଥିଲେ ଅଭିଯୁକ୍ତ
- ବାଇକ, ଟଙ୍କା ଜବତ

**ଖପ୍ରାଖୋଲ, ୩୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ପଡ଼ିଆବାହାଲ ପଞ୍ଚାୟତ ସାନଉଡେନ ଗାଁ ଖେଳ ପଡିଆରେ ପୋତା ଯାଇଥିବା ୪୭୬ ବୋତଲ କଫ ସିରପକୁ ଶୁକ୍ରବାର ଜବତ କରିଛି। ମାଟି ତଳେ ପୋତା ଯାଇଥିବା ଏହି କଫସିରପକୁ ପରେ ବିକ୍ରି କରାଯାଇଥାନ୍ତା। ଏହି ଘଟଣାରେ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲରମ୍ବା ଥାନା ଅନ୍ତର୍ଗତ ଗାଁଭଟଲି ଗ୍ରାମର ରଶ୍ମି ରଞ୍ଜନ ବରିହା ( ୨୯), ରମେଶ ବରିହା (୨୬)ଓ ଲୁହାସିଂହା ଗ୍ରାମର ଶେଷଦେବ ସେଠ। ଏମାନେ ପୂର୍ବରୁ କଫ ସିରପ କାରବାର କରୁଥିବା ପୋଲିସ ପାଖରେ ସୂଚନା ଥିବାବେଳେ ସେମାନଙ୍କୁ ଧରିବାକୁ ପୂର୍ବରୁ ପୋଲିସ ଜାଲ ବିଛାଇଥିଲା। ଏହି କାରବାରର ମୁଖ୍ୟ ଲୁହାସିଂହା ଗ୍ରାମର ସୁନିଲ ପଟେଲ ଫେରାର ଥିବା ପୋଲିସ କହିଛି। ଏ ନେ ଖପ୍ରାଖୋଲ ଥାନାରେ ଏକ ମାମଲା(୪୨/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ, ଗୋଟିଏ ବାଇକ ଓ ନଗଦ ୭ ହଜାର ୨ ଶହ ଟଙ୍କା ଜବତ କରାଯାଇଥବା ପୋଲିସ କହିଛି।

# ଅନୁକମ୍ପା ଦେଖାଇ ଦିଆଯାଇଛି ମାର୍କ

**ଲୋଇସିଂହା,୩୧।୩(ଡି.ଏନ.ଏ)**

- ଦଶମ ଫରମେଟିକ୍ ଆସେସମେଣ୍ଟ ଟେଷ୍ଟ
- ଅଭିଯୋଗ କରି ସ୍କୁଲ ଘେରିଲେ ଅଭିଭାବକ
- ପିଲାଙ୍କ ପ୍ରଦର୍ଶନ ଦେଖି ଶିକ୍ଷକ ମାର୍କ ଦେଇଛନ୍ତି: ପ୍ରଧାନ ଶିକ୍ଷକ

ରାଜ୍ୟରେ ମାଧ୍ୟମିକ ଶିକ୍ଷାବୋର୍ଡ ପରିଚାଳିତ ମାଟ୍ରିକ ପରୀକ୍ଷା ମାର୍ଚ୍ଚ ୨୦ତାରିରେ ସମ୍ପନ୍ନ ହୋଇଛି। ଏଡି ସମୟରେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଫରମେଟିକ୍ ଆସେସମେଣ୍ଟ ଟେଷ୍ଟ ପରୀକ୍ଷା। ବିଜ୍ଞାନ ବିଷୟର ଏଫଏ ୩ ଓ ଏଫଏ ୪ ପରୀକ୍ଷାରେ ଦିଆଯାଇଥିବା ମାର୍କକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ସ୍କୁଲର କେତେକ ବିଦ୍ୟାର୍ଥୀ ବିଶେଷ କରି ଛାତ୍ରୀଙ୍କୁ ଅନୁକମ୍ପା ଦେଖାଇ ଅଧିକ ମାର୍କ ଦିଆଯାଇଥିବା ଅଭିଯୋଗ କରି କେତେକ ଅଭିଭାବକ ସ୍କୁଲ ଆସି ପ୍ରଧାନଶିକ୍ଷକ ସ୍ୱାଧୀନ ପଧାନଙ୍କ ନିକଟରେ ଫେରାଦ ହୋଇଛନ୍ତି। ମାର୍କ ପ୍ରଦାନରେ ପକ୍ଷପାତିତାର ତଦନ୍ତ ଦାବି କରିଥିଲେ ଅଭିଭାବକ।

ମାଟ୍ରିକ ବୋର୍ଡ ପରୀକ୍ଷା ପୂର୍ବରୁ ତ୍ରୈମାସିକ ଫରମେଟିକ ଆସେସମେଣ୍ଟ ଟେଷ୍ଟ ପରୀକ୍ଷା ସ୍କୁଲରେ କରାଯାଇଥିଲା। ପ୍ରତ୍ୟେକ ବିଷୟରେ ୨୦ ମାର୍କର ଏଫଏ ୧, ଏଫଏ ୨, ଏଫଏ ୩, ଏଫଏ ୪ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ବିଷୟଭିତ୍ତିକ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ମାର୍କ ଦେଇଥାନ୍ତି। ହେଲେ ଉକ୍ତ ସ୍କୁଲର ବିଜ୍ଞାନ ଶିକ୍ଷକ ଏଫଏ ୩ ଓ ଏଫଏ ୪ ପରୀକ୍ଷା ପତ୍ରରେ ୨୦ମାର୍କରୁ ଅଧିକାଂଶ ଛାତ୍ରଙ୍କୁ ୫ ମାର୍କରୁ କମ୍ ଦିଆଯାଇଥିବା ଅଭିଭାବକମାନେ ଜାଣି ପ୍ରଧାନଶିକ୍ଷକଙ୍କ ଦୃଷ୍ଟିଆକର୍ଷଣ କରିଥଇଲେ। ଏପରିକି ଶ୍ରେଣୀରେ ଭଲ ପଢୁଥିବା ଛାତ୍ରଙ୍କ କ୍ଷେତ୍ରରେ ମଧ୍ୟ ଏହା ହୋଇଥିବା କୁମୁଣ୍ଡେ ଗ୍ରାମର କେତେକ ଅଭିବାବକ ପ୍ରଧାନଶିକ୍ଷକଙ୍କୁ ଭେଟି ପରୀକ୍ଷା ଖାତା ଦେଖାଇବାକୁ କହିଥିଲେ। ପରୀକ୍ଷା ଖାତା ଦେଖିବା ପରେ ନିରାଶ ହୋଇଥିଲେ ଅଭିଭାବକ। ଏହାର ସଂଶୋଧନ ପାଇଁ ପ୍ରଧାନଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ହେଲେ ମାର୍କ ଅନଲାଇନରେ ଚଢି ଯାଇଥିବାରୁ ପ୍ରଧାନଶିକ୍ଷକ ଅସହାୟତା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ପଧାନଙ୍କୁ ପଚାରିବାରୁ କହିଛନ୍ତି ଯେ, କେତେକ ଅଭିଭାବକ ସ୍କୁଲକୁ ଆସି ଅଭିଯୋଗ କରିଛନ୍ତି। ହେଲେ ପିଲାଙ୍କ ପ୍ରଦର୍ଶନ ଦେଖି ଶିକ୍ଷକ ମାର୍କ ଦେଇଥିବା ସେ କହଛନ୍ତି।

### ଆୟୁବ ଅଲ୍ଲୀ ଖାଁ ସୁନ୍ନି ଜାମା ମସ୍‌ଜିଦର ପରିଚାଳନା ନିର୍ଦ୍ଦେଶକ

**ଭବାନୀପାଟଣା,୩୧।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ସର୍ବ ପୁରାତନ ସୁନ୍ନି ଜାମା ମସଜିଦ ପରିଚାଳନା କମିଟି ପରିଚାଳନା ନିର୍ଦ୍ଦେଶକ (ଏଡମିନିଷ୍ଟ୍ରେଟର) ଭାବେ ଆୟୁବ ଅଲ୍ଲୀ ଖାଁ ନିଯୁକ୍ତ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ୱାକଫ ବୋର୍ଡ ଅଧୀନରେ ଥିବା ଏହି ଜାମା ମସଜିଦର ପରିଚାଳନା ଦାୟିତ୍ୱ ସ୍ଥାନୀୟ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମନୋନୀତ ବ୍ୟକ୍ତିମାନେ ପରିଚାଳନା କମିଟିରେ ୩ବର୍ଷ ପାଇଁ କାମ କରିଥାନ୍ତି। କିନ୍ତୁ ବର୍ତ୍ତମାନର ପରିଚାଳନା କମିଟି କାର୍ଯ୍ୟକାଳ ପୁରି ଯାଇଥିବା ଓ ନୂତନ ପରିଚାଳନା କମିଟି ଗଠନ କରିବା ପାଇଁ ୱାକଫ ବୋର୍ଡ ବାରମ୍ବାର ଜଣାଇଥିଲେ ମଧ୍ୟ ପରିଚାଳନା କମିଟି କୌଣସି ପଦକ୍ଷେପ ନ ନେଇ ଦୀର୍ଘ ବର୍ଷ ହେବ ଦାୟୀତ୍ୱରେ ରହିଛନ୍ତି। ଏଣୁ ଚଳିତ ରମଜାନ ମାସ ଓ ଇଦ ପର୍ବ ସୁଚାରୁ ରୂପେ ପାଳନ ଓ ମସଜିଦ ସମ୍ପତ୍ତି ରକ୍ଷଣାବେକ୍ଷଣ ପାଇଁ ଜିଲାର ବରିଷ୍ଠ ସାମାଜିକ କର୍ମୀ ଜନାବ ଆୟୁବ ଅଲ୍ଲୀ ଖାଁ (ସାବନ ଭାଇ)ଙ୍କୁ ଆସନ୍ତା ଛଅ ମାସ ପାଇଁ ସୁନ୍ନି ଜାମା ମସଜିଦ ଭବାନୀପାଟଣାର ଏଡମିନିଷ୍ଟ୍ରେଟର ବା ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଆୟୁବ ଅଲ୍ଲୀ ଖାଁଙ୍କ ନିଯୁକ୍ତିକୁ ନେଇ ସମଗ୍ର ଜିଲାର ସୁନ୍ନି ମୁସଲିମମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ତେବେ ୱାକାଫ ବୋର୍ଡଙ୍କ ନିଯୁକ୍ତିକୁ ନେଇ ପୁରାତନ କମିଟି ଆଜିଯାଏଁ ପରିଚାଳନା ପାଇଁ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଯୋଗୁ ଯୁବ ମୁସଲିମମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।



ଆୟୁବ ଅଲ୍ଲୀ ଖାଁ।

# ଇ-କଣ୍ଟେନ୍‌ର ବିକାଶ ପ୍ରଶିକ୍ଷଣ ଶିବିର



ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଇ-କଣ୍ଟେନ୍ ବିକାଶ ତାଲିମ କାର୍ଯ୍ୟକ୍ରମ।

**ବଲାଙ୍ଗୀର ଅଫିସ, ୩୧।୩**

ବଲାଙ୍ଗୀର ଜିଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ଠାରେ ଇ-କଣ୍ଟେନ୍‌ର ବିକାଶ ଉପରେ ୪ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୧୪ଟି ବ୍ଲକ୍‌ର ୨୮ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ଗ୍ରହଣ କରୁଛନ୍ତି। ଡିଆଇଇଟି ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ କାର୍ଯ୍ୟକ୍ରମ ସଂଯୋଜକ ତଥା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଗଣେଶ ପ୍ରସାଦ ଜେନା, ସହସଂଯୋଜକ ତଥା ଶିକ୍ଷକ ପ୍ରଶିକ୍ଷକ ଅଳକା ଶାମଲ ତାଲିମ ପ୍ରଦାନ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ପାଠ୍ୟଖସଡାକୁ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କରିବା ଉଦ୍ଦେଶ୍ୟରେ ଏହାକୁ ଇ-କଣ୍ଟେନ୍ କିଭଳି କରାଯାଇପାରିବ ସେନେଇ ତାଲିମ ଦିଆଯାଉଛି। କୌଣସି ପାଠ୍ୟପୁସ୍ତକର ବିଷୟକୁ ଡିଜିଟାଲ ଫର୍ମାଟରେ ଆକର୍ଷଣୀୟ କରି ସଜାଇବା ଏବଂ କିଭଳି ତାକୁ ଇଣ୍ଟରନେଟ ଜରିଆରେ ପୁଣି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ଉପରେ ତାଲିମ ପ୍ରଦାନ କରାଯାଉଛି। ତାଲିମ କାର୍ଯ୍ୟକ୍ରମରେ ସାଧନ କର୍ମୀ ପଞ୍ଚାନନ ଭୋଇ, ରୂପେଶ ଗୌଡ, ଶୁଭାକର ବେହେରା ବିଶେଷ ସହଯୋଗ କରୁଛନ୍ତି।

# ମୁରିବାହାଲ ସାର୍ଥକ ଏଜେନ୍ସିରେ ଜିଏସ୍‌ଟି ଚଢ଼ାଉ

**ବଲାଙ୍ଗୀର ଅଫିସ/ମୁରିବାହାଲ, ୩୧।୩ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ମୁରିବାହାଲଠାରେ ଥିବା ସାର୍ଥକ ଏଜେନ୍ସିରେ ବଲାଙ୍ଗୀର ଏବଂ ଭବାନୀପାଟଣାର ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଶୁକ୍ରବାର ସକାଳୁ ଚଢ଼ାଉ ଜାରି ରହିଛି। ବଲାଙ୍ଗୀର ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ଏହି ବ୍ୟବସାୟିକ ପ୍ରତିଷ୍ଠାନର ବିଭିନ୍ନ କାଗଜପତ୍ର, ଆକାଉଣ୍ଟସ୍ ଯାଞ୍ଚ ଜାରି ରହିଛି। ଏହି ଚଢ଼ାଉରେ ଜିଏସ୍‌ଟି ୟୁନିଟ୍ ଅଧିକାରୀ ରାଜେନ୍ଦ୍ର କୁମାର ନାଏକ, ଜିତେନ୍ଦ୍ରୀୟ ବାଗ, ଶରତ ଚନ୍ଦ୍ର ସେଠ୍, କ୍ଷୀରୋଦ ମାଝି, ସରୋଜ କୁମାର ବେରିହା, ନିଳାଦ୍ରୀ ବିହାରୀ ଦଧିଆ, ନିମେଶ କୁମାର ସାହୁ, ବଲାଙ୍ଗୀର ପୋଲିସ ଟିମ୍ ସହଯୋଗ କରୁଛନ୍ତି। ଏହି ଦୋକାନରୁ ବହୁ କାଗଜପତ୍ର, ଲାପ୍‌ଟପ ଜବତ କରାଯାଇଛି। ଟ୍ୟାକ୍ସ ଫାଙ୍କି ଉପରେ ନିରୀକ୍ଷଣ ଜାରି ରହିଛି। ସବୁକିଛି ତର୍ଜମା କରାଯିବା ପରେ ଜିଏସ୍‌ଟି ଆକ୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ ଚଢ଼ାଉ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜାରି ରହିପାରେ ବୋଲି କୁହାଯାଇଛି। ଚଢ଼ାଉ ସମ୍ପୂର୍ଣ୍ଣ ହେବା ପରେ ସୂଚନା ଦିଆଯିବ ବୋଲି ଅଧିକାରୀମାନେ କହିଛନ୍ତି।



ସାର୍ଥକ ଏଜେନ୍ସିରେ ସିଟି ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଉଛି।

### କେସିଙ୍ଗା ମହାବିଦ୍ୟାଳୟରେ ଯୁବ କାର୍ଯ୍ୟକ୍ରମ

**କେସିଙ୍ଗା,୩୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଯୁବ-୨୦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଛାତ୍ରୀଛାତ୍ରଙ୍କୁ ତାଙ୍କର ପ୍ରତିଭା, ସାମର୍ଥ୍ୟ ଏବଂ ଶକ୍ତିର ସଦ ବ୍ୟବହାର ପୂର୍ବକ ରାଷ୍ଟ୍ର ଗଠନରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଆହ୍ୱାନ କରିଥିଲେ। ପ୍ରାଧ୍ୟାପକ ରାଜେଶ କୁମାର ଅଗ୍ରୱାଲ ଏବଂ ଅଧ୍ୟାପକ ହେମନ୍ତ କୁମାର ମାଝି ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ଯୁବ ଶକ୍ତି ହିଁ ଭବିଷ୍ୟତ ପାଇଁ ଏକମାତ୍ର ପାଥେୟ ବୋଲି ମତ ପ୍ରକାଶ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଭୁପେନ୍ଦ୍ର ମଙ୍ଗରାଜ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ବୈଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଇଓଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ



ବିଡିଓଙ୍କୁ ଫେରାଦ ପାଇ ଆସିଥିବା ଜାରମୁଣ୍ଡା ପଞ୍ଚାୟତର ଜନ ପ୍ରତିନିଧି।

**ଲୋଇସିଂହା,୩୧।୩(ଡି.ଏନ.ଏ.)**

**ଝାରମୁଣ୍ଡା ପଞ୍ଚାୟତ**

ବଲାଙ୍ଗିର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କ ମନମୁଖୀ କାର୍ଯ୍ୟ ସହ ବହୁ ସମୟ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବାର ପ୍ରତିବାଦ କରିଛନ୍ତି ପଞ୍ଚାୟତ ପ୍ରତିନିଧି। ଏ ନେଇ ସେମାନେ ଶୁକ୍ରବାର ବିଡିଓ ଆକାଶ ରଞ୍ଜନ ସାହୁଙ୍କ ନିକଟରେ ଫେରାଦ ହୋଇଛନ୍ତି। ନାଏକ ସରପଞ୍ଚ ହରିବଲ ମେହେରଙ୍କ ନେତୃତ୍ୱରେ ଯାଇଥିବା ୱାର୍ଡ ସଭ୍ୟାସଭ୍ୟ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଜୟ କୁମାର ହୋତାଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରଛନ୍ତି। ଝାରମୁଣ୍ଡା ପଞ୍ଚାୟତରେ ପିଇଓ ଭାବେ ଆନନ୍ଦ ପାତ୍ର କାର୍ଯ୍ୟ କରୁଛନ୍ତି। ହେଲେ ସେ ଗତ ଜାନୁୟାରୀ ୨୬ତାରିଖଠାରୁ କାର୍ଯ୍ୟାଳୟ ଆସୁନାହାନ୍ତି। ଏଥିଯୋଗୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବ୍ୟାହତ ହେଉଛି। ପିଇଓଙ୍କ ବଦଳି ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଗତ ଜାନୁୟାରୀ ମାସରୁ ବ୍ଲକ ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି। ହେଲେ ଏଦିଗରେ ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହନ କରା ନ ଗଲେ ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ଚେତାବନୀ ଦେଇଛନ୍ତି।

# ସରକାରୀ ପୃଷ୍ଠପୋଷକତାରେ ଜାଲ୍ ସାର୍ଟିଫିକେଟ୍ କାରବାର

**ବଲାଙ୍ଗୀର ଅଫିସ, ୩୧।୩**

- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ
- ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ଅସାମ୍ବିଧାନିକ

ବଲାଙ୍ଗୀର ଜିଲାର ଜାଲ ସାର୍ଟିଫିକେଟ ରାକେଟର ପର୍ଦ୍ଦାଫାଶ ଘଟଣା ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଏହି କାରବାରରେ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ପୋଲିସ ୧୯ ଜଣ ଅଭିଯୁକ୍ତଙ୍କ ବରୋଧରେ ପୋଲିସ ମାମଲା ରୁଜୁ କରି ଗିରଫ କରିଛି। ଏହି ଜାଲ ସାର୍ଟିଫିକେଟ ମାମଲାକୁ ନେଇ ଜିଲା କଂଗ୍ରେସ କମିଟି ଏକ ଖବରଦାତା ସମ୍ମିଳନୀ କରି ବିଜେଡି ସରକାର ବିରୋଧରେ ଗୁରୁତର ଅଭିଯୋଗ ଆଣିଛି। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ଅଭିଯୋଗ କରିଛନ୍ତି ଯେ, ସରକାରୀ ପୃଷ୍ଠପୋଷକତାରେ ଜିଲାରେ ଜାଲ ସାର୍ଟିଫିକେଟ ରାକେଟ୍ ଚାଲିଥିଲା। ମୁଖ୍ୟ ଅଭିଯୁକ୍ତ ମିଶ୍ର ଶାସକ ଦଳର ଅନେକ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବରିଷ୍ଠ ନେତା, ପୂର୍ବତନ ସାଂସଦଙ୍କ ସହ ସମ୍ପର୍କରେ ରହିଥିଲେ ଏବଂ ଅକ୍ଲେଶରେ ଏହି କାରବାର ଜାରି ରଖିଥିଲେ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଫଟୋରେ ଅଭିଯୁକ୍ତ ମିଶ୍ର ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମପି କଳିକେଶ ନାରାୟଣ ସିଂଦେଓଙ୍କ ପାଖଲୋକ ଥିବା ସ୍ପଷ୍ଟ ହୋଇଛି ବୋଲି କହିଥିଲେ। ଏହାସହିତ ଅଭିଯୁକ୍ତ ବିଜେଡି ଆଟି ସେଲ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗ ଆଣିଛନ୍ତି। ଗତ ପ୍ରାୟ ୨୫ ବର୍ଷ ହେଲା ଅଭିଯୁକ୍ତ ମିଶ୍ର ଏକ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି। କାହା ଦୟାରେ ସେ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଜିଲାପାଳ ଗରିବ ଲୋକଙ୍କୁ ସରକାରୀ ଜମିରୁ ବେଦଖଲ କରୁଥିବାବେଳେ ଜଣେ ଅଭିଯୁକ୍ତଙ୍କୁ କିଭଳି ସରକାରୀ ଘର ଦିଆଯିବା ଜାଣିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ତୁରନ୍ତ ଅଭିଯୁକ୍ତ ମିଶ୍ରଙ୍କୁ ସରକାରୀ ଘରରୁ ବାହାର କରାଯାଉ ବୋଲି ସେ ଦାବି କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଜିଲା ସଭାପତି ବେହେରାଙ୍କୁ ଅଭିଯୁକ୍ତ ମିଶ୍ରଙ୍କ ସହ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଓ ତାଙ୍କ ବଡପୁଅ ଆଡଭୋକେଟ ଅମରେନ୍ଦ୍ର ମିଶ୍ରଙ୍କ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ସମ୍ପର୍କରେ ପଚାରିବାରୁ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯିବାବେଳେ ସେ କାର୍ଯ୍ୟକ୍ରମରେ ଅଭିଯୁକ୍ତ ମିଶ୍ର ମଧ ଅତିଥି ଥିବାରୁ ସେଇ ଫଟୋ ରହିଛି। ଏହା ସହିତ ଅନ୍ୟ ଏକ ଫଟୋରେ ବିଧାୟକଙ୍କ ପୁଅ ଅମରେନ୍ଦ୍ରଙ୍କ ଯେଉଁ ଫଟୋ ଭାଇରାଲ ହୋଇଛି ସେଥିରେ ଅଭିଯୁକ୍ତ ମିଶ୍ର ତାଙ୍କ ପାଖରେ ଠିଆ ନହୋଇ ବଲାଙ୍ଗୀର ମାଟିର ଜଣେ ସ୍ୱନାମଧନ୍ୟ ବ୍ୟକ୍ତିତ୍ୱଙ୍କ ସହ ସେ ଫଟୋ ଦେଉଥିବା ଦେଖାଯାଇଛି। ଏଥିରେ ବିଧାୟକ ଓ ତାଙ୍କ ପୁଅଙ୍କ କୌଣସି ସମ୍ପର୍କ ଅଭିଯୁକ୍ତ ମିଶ୍ରଙ୍କ ସହ ପ୍ରମାଣିତ ହେଉନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷେ କିଛିବର୍ଷ ପୂର୍ବରୁ ଯେଉଁ ସିଲେଇ ମେଶିନ୍ ଏମପି ବାଣ୍ଟୁ ଥିଲେ ସେହି କମ୍ପାନୀର କିଛି ସିଲେଇ ମେଶିନ୍ ଅଭିଯୁକ୍ତଙ୍କ କୋଚିଂ ସେଣ୍ଟରରୁ ବାହାରିଛି ବୋଲି ଜିଲା କଂଗ୍ରେସ ସଭାପତି ବେହେରା କହିଥିଲେ। ଏହି ଖବରଦାତାରେ ସମ୍ମିଳନୀରେ ଜାତୀୟ ସ୍ତର ନେତା ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତାକୁ ରଦ୍ଦ କରାଯିବା ଆଇନସଙ୍ଗତ ନୁହେଁ ବୋଲି କଂଗ୍ରେସ ପର୍ଯ୍ୟବେକ୍ଷକ ଅନନ୍ତ ଶୟନ ପାଢ଼ୀ, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଟାଉନ ସଭାପତି ବୁଲୁ ଦାନୀ, ଅସିତ ମିଶ୍ର, କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଅଜୟ ବାଲି ଉପସ୍ଥିତ ଥିଲେ।




ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

**ରାମଜୀ ମନ୍ଦିରରେ ରାମନବମୀ ମହୋତ୍ସବ**

ପଦ୍ମପୁର (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁରର ଶ୍ରୀରାମଜୀ ମନ୍ଦିରରେ ଶ୍ରୀରାମଙ୍କ ଜନ୍ମ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଦ୍ୱାରା ଆୟୋଜିତ ଉତ୍ସବରେ ପ୍ରବଚକ ଜଗଦାନନ୍ଦ ମିଶ୍ର ପ୍ରବଚନ ଦେଇଥିଲେ। ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଓ ଧ୍ୱଜା ଅବରୋହଣ ପରେ ସନ୍ଧ୍ୟା ୬ଟାରେ ଶ୍ରୀରାମସେନା ପକ୍ଷରୁ ଆଧାତ୍ମିକ ଶୋଭାଯାତ୍ରା ଓ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଅନନ୍ତ ସାହୁ ଓ ତାଙ୍କ ସ୍ତ୍ରୀ ରାତାରାଣୀ ସାହୁ ପୂଜାକର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ ବୋଲି କମିଟି ସଭାପତି ବସନ୍ତ ସାହୁ ଜଣାଇଛନ୍ତି।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ ଅନ୍ନପୂର୍ଣ୍ଣା ବେଶ



**ବରଗଡ଼ ଅଫିସ,୩୧।୩:** ଚୈତ୍ର ଶୁକ୍ଳପକ୍ଷ ମହାଦଶମୀ ଅବସରରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କୁ ଶୁକ୍ରବାର ଅନ୍ନପୂର୍ଣ୍ଣା ବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହିତ ମାଁ ସମଲେଶ୍ୱରୀଙ୍କ ଚୈତ୍ର ନବରାତ୍ର ପୂଜା ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଥିଲା। ଦିନ ୯ଟା ୧୦ମିନିଟରୁ ଚଣ୍ଡୀହୋମ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ପୂର୍ଣ୍ଣାହୂତି ହୋଇଥିଲା। ପରେ ଆରତୀ, ପୁଷ୍ପାଞ୍ଜଳି ସହିତ ସାମୂହିକ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଦେବୀଙ୍କୁ ଦର୍ଶନ କରିବା ସହିତ ମାଁଙ୍କ ଆଶିଷ ଲାଭ କରିଥିଲେ। ଆସନ୍ତା ୬ତାରିଖ ଗୁରୁବାର ଚୈତ୍ର ପୂର୍ଣ୍ଣିମା ତିଥିରେ ମାଁ ସମଲେଶ୍ୱରୀଙ୍କ ବାର୍ଷିକ ସ୍ନାନ ଉତ୍ସବ ଜଳାଭିଷେକ ଅନୁଷ୍ଠିତ ହେବା ସହିତ ମହାଭୋଗ ଅର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ପ୍ରାତଃ ୪ଟା ୧୮ମିନିଟରେ ଦେବୀଙ୍କ ମହାସ୍ନାନ ପୂର୍ବକ ଉପଚାର ଏବଂ ପ୍ରାତଃ ୫ଟା ୧୦ମିନିଟରୁ ଭକ୍ତମାନଙ୍କ ଦ୍ୱାରା ଶୀତଳଧାରା ଅର୍ପଣ କାର୍ଯ୍ୟକ୍ରମ ହେବ ବୋଲି ବରଗଡ଼ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି।

### ବାସନ୍ତିକ ନବରାତ୍ର ପୂଜା ସମ୍ପନ୍ନ



**ବରଗଡ଼ ଅଫିସ,୩୧।୩:** ବରଗଡ଼ ସ୍ଥିତ ମାଁ ଶ୍ୟାମାକାଳୀ ମନ୍ଦିରରେ ଗୁରୁବାର ବାସନ୍ତୀକ ନବଦିନାତ୍ମକ ପୂଜା ସମ୍ପନ୍ନ ହୋଇଛି। ସକାଳେ ମହାନବମୀ ବିହିତ ପୂଜା ହେବା ପରେ ନବକୁମାରୀ ପୂଜା ହୋଇଥିଲା। ଏହାପରେ ରାମଜନ୍ମ ତଥା ରାମନବମୀ ପୂଜା ହୋଇଥିଲା। କାନ୍ତା ପ୍ରସାଦ ସାହୁ ସପତ୍ନୀକ କର୍ତ୍ତାକାର୍ଯ୍ୟ ତୁଲାଇଥିଲେ। ସେହିପରି ସନ୍ଧ୍ୟାରେ ଚଣ୍ଡୀହୋମ ହୋଇ ରାତ୍ରିରେ ପୂର୍ଣ୍ଣାହୂତି ହୋଇଥିଲା। ଏଥିରେ ଓମ୍‌ପ୍ରକାଶ ଅଗ୍ରୱାଲ ସପତ୍ନୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିରରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

### ବରଗଡ଼ରେ ପୋଷଣ ପକ୍ଷ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୩୧।୩:** ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପୋଷଣ ପକ୍ଷ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଷଣ ପକ୍ଷ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଚାରୁବାଳା ରଥ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିବାବେଳେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଜିଲାପାଳ ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ। ଜିଲାର ବିଭିନ୍ନ ବ୍ଲକର ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

### ଭୋଗମଣ୍ଡପ ପାଇଁ ଭୂମିପୂଜନ

**ପାଇକମାଳ, ୩୧।୩(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ରାସ୍ତାରେ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ଭୋଗମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରକୁ ଜମି ଦାନ କରିଥିବା ଶରତ ଚନ୍ଦ୍ର ସାହୁ ଭୂମିପୂଜନ ପାଇଁ ଶୁଭ ଦେଇଥିଲେ। ପୂଜକ ଭାବେ ଶିଶିର କୁମାର ମିଶ୍ର ଓ ମନ୍ଦିର ପୂଜକ ଉଦ୍ଧବ ପ୍ରଧାନ ରୀତିନୀତି ଅନୁସାରେ ପୂଜାପାଠ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଭୋଗ ମଣ୍ଡପ ନିର୍ମାଣ ପାଇଁ ନିଜସ୍ୱ ପାଣ୍ଠିରୁ ୨୫ଲକ୍ଷ ଟଙ୍କା ଦାନ କରିଥିଲେ। ଏହି ମହୋତ୍ସବରେ ଡା. ଅରୁପା ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ।

# ପର୍ଯ୍ୟଟନ ବିଭାଗ ସୂଚନା ଫଳକକୁ ନେଇ ଚର୍ଚ୍ଚା

**ସୋନପୁର,୩୧।୩(ନି.ପ୍ର.)**




ଶୈବ ପୀଠ ସୂଚନା ଫଳକରେ ମା' ପଞ୍ଚରଥ, ମା' ସୁବର୍ଣ୍ଣମେରୁ, ମା' ରାମେଶ୍ୱର ଟେମ୍ପୁଲ ଲେଖାଯାଇଛି।

ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନସ୍ଥଳ ଓ ମନ୍ଦିର ସମ୍ପର୍କରେ ବାହାରୁ ଆସୁଥିବା ଜନସାଧାରଣଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଯାଉଛି। ଏଥିରେ ଓଡିଶା ପର୍ଯ୍ୟଟନର ଲୋଗୋ ସହ ପ୍ରମୁଖ ଛକ ସ୍ଥାନରୁ ପର୍ଯ୍ୟଟନ ସ୍ଥଳୀ ଓ ମନ୍ଦିରର ଦୂରତା ସମ୍ପର୍କରେ ଉଲ୍ଲେଖ ରହୁଛି। ସୂଚନା ଫଳକରେ ପର୍ଯ୍ୟଟନସ୍ଥଳୀର ଫଟୋ ମଧ୍ୟ ରହୁଛି। ତେବେ ଶୁକ୍ରବାର ପର୍ଯ୍ୟଟନ ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲାରେ ଲାଗିଥିବା ସୂଚନା ଫଳକ କୁ ନେଇ ବିବାଦ ସୃଷ୍ଟି ହୋଇଛି। ସହରର ପ୍ରସିଦ୍ଧ ଶୈବ ପୀଠ ସୁବର୍ଣ୍ଣମେରୁ, ରାମେଶ୍ୱର ଓ ପଞ୍ଚରଥଙ୍କୁ ମା'ଙ୍କ ପୀଠ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ଦର୍ଶାଯାଇଛି। ସେହିପରି ଜିଲାର ଇଷ୍ଟ ଦେବତା ସୁବର୍ଣ୍ଣମେରୁ ମନ୍ଦିରକୁ ସୁବର୍ଣ୍ଣପୁର ମନ୍ଦିର ଲେଖାଯାଇଛି। ବୁଦ୍ଧିଜୀବୀ ମହଲରେ ଏଥି ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ତ୍ରୁଟିପୂର୍ଣ୍ଣ ଲେଖାକୁ ନେଇ ପର୍ଯ୍ୟଟନ ବିଭାଗ ଲୋକହସା ହୋଇଛି।

ସୁବର୍ଣ୍ଣପୁର ଜିଲାରେ ୭ଟି ପର୍ଯ୍ୟଟନସ୍ଥଳୀ ରହିଛି। ସେହିଭଳି ଅନେକ ମନ୍ଦିର ଓ ଦର୍ଶନୀୟ ସ୍ଥାନ ଅଛି। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଅବଗତି ପାଇଁ ପର୍ଯ୍ୟଟନ ବିଭାଗ ରାସ୍ତାରେ ଓ ମନ୍ଦିର ସମ୍ମୁଖରେ ସୂଚନା ଫଳକ ଲଗାଇବା ପାଇଁ ନିଷ୍ପତ୍ତି ନେଇଛି। ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏଥିପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ସୁବର୍ଣ୍ଣପୁର ଜିଲାର ୨୮ଟି ସ୍ଥାନରେ ସୂଚନା ଫଳକ ଲଗାଇବା ପାଇଁ ଭୁବନେଶ୍ୱରର କ୍ରିପା ନାମକ ସଂସ୍ଥା ଟେଣ୍ଡର ପାଇଛି। ଉକ୍ତ ସଂସ୍ଥା ଜିଲା ପର୍ଯ୍ୟଟନ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସୂଚନା ଫଳକରେ ନିର୍ଭୁଲ ତଥ୍ୟ ଦେବା କଥା। ମାତ୍ର ଏଥିରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି। ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବତା ସୁବର୍ଣ୍ଣମେରୁଙ୍କ ମନ୍ଦିର ସମ୍ମୁଖରେ ଓଡିଆରେ ଶ୍ରୀ ସୁବର୍ଣ୍ଣମେରୁ ମନ୍ଦିର ଓ ଇଂଲିଶରେ ମା' ସୁବର୍ଣ୍ଣମେରୁ ଟେମ୍ପୁଲ ଲେଖାଯାଇଛି। ଜିଲା ନିୟୋଜନ କାର୍ଯ୍ୟାଳୟ ଛକରେ ଓଡିଆରେ ସୁବର୍ଣ୍ଣମେରୁ ମନ୍ଦିର ଓ ଇଂରାଜୀରେ ଶ୍ରୀ ସୁବର୍ଣ୍ଣପୁର ଟେମ୍ପୁଲ ଲେଖାଯାଇଛି। ରାମେଶ୍ୱର ଶୈବ୍ରପୀଠ ସମ୍ମୁଖରେ ଓଡିଆରେ ଶ୍ରୀ ରାମେଶ୍ୱର ମନ୍ଦିର ଓ ଇଂଲିଶରେ ମା'ରାମେଶ୍ୱର ଟେମ୍ପୁଲ ଲେଖାଯାଇଛି। ସହର ମଧ୍ୟ ଭାଗରେ ଥିବା ପଞ୍ଚରଥ ଶୈବପୀଠ ସମ୍ମୁଖରେ ଓଡିଆରେ ଶ୍ରୀପଞ୍ଚରଥ ମନ୍ଦିର ଓ ଇଂଲିଶରେ ମା' ପଞ୍ଚରଥ ଟେମ୍ପୁଲ ଲେଖାଯାଇଛି। ଶିବଙ୍କୁ ମା' ବୋଲି ଲେଖା ଯାଇଥିବାରୁ ବିଭାଗୀୟ ଅଧିକାରୀଙ୍କ ଜ୍ଞାନକୁ ନେଇ ପ୍ରଶ୍ନ ଉଠିଛି। ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିବାଦକୁ ଦେଖି ତୃଟି ସଂଶୋଧନ କରିବାକୁ ଜିଲାପାଳ ଅବୋଲି ସୁନିଲ ନରୱଣେ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ଦଳେଇଙ୍କୁ ପଚାରିବାରୁ ସୂଚନା ଫଳକରେ ନିର୍ଭୁଲ ତଥ୍ୟ ଦେବା ପାଇଁ କୁହାଯାଇଥିଲା। ମାତ୍ର ଉକ୍ତ ସଂସ୍ଥା କାହାକୁ ନ ଜଣାଇ ତ୍ରୁଟିପୂର୍ଣ୍ଣ ସୂଚନା ଫଳକ ଲଗାଇଥିବା ଅଭିଯୋଗ ହୋଇଛି। ଯଥାଶୀଘ୍ର ତ୍ରୁଟି ସୁଧାରିବାକୁ ପରାମର୍ଶ ଦିଆଯାଇଛି। ତେବେ ଜିଲାରେ ଗତ ୬ ବର୍ଷ ଧରି ପର୍ଯ୍ୟଟନ ଅଧିକାରୀ ନାହାନ୍ତି। ବଲାଙ୍ଗୀର ଜିଲା ପର୍ଯ୍ୟଟନ ଅଧିକାରୀ ଏଠାରେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ତେଣୁ ଏଭଳି ତୃଟି ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

**ତ୍ରୁଟି ସଂଶୋଧନ କରାଯିବ : ଜିଲାପାଳ**
■ଶିବଙ୍କୁ ମା' ଲେଖିଲେ

# ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର



ଜନସମ୍ପର୍କ ଶିବିରରେ ଉପସ୍ଥିତ ଜନସାଧାରଣ।

**ପାଇକମାଳ/ପଦ୍ମପୁର,୩୧।୩(ଡି.ଏନ.ଏ.)**

ସିଆର୍‌ପିଏଫ୍ ୧୮୯ ବ୍ୟାଟାଲିୟନର ଭାରପ୍ରାପ୍ତ କମାଣ୍ଡାଣ୍ଟ ଧୀରଜ କୁମାରଙ୍କ ନିର୍ଦ୍ଦେଶକ୍ରମେ ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡିଆରେ ଜନସର୍ମ୍ପକ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସିଆର୍‌ପିଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାଜୀବ କୁମାର ମୁଖ୍ୟ ଅତିଥି, ମିଠାପାଲି ସମିତି ସଭ୍ୟା ରମଳା ଲୁହାର, ହାଇସ୍କୁଲ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, କୌଶଲ୍ୟା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପାଇକମାଳ, ଜର୍ଜଗଡ, ମିଠାପାଲି, ବଇଦପାଲି, କୋକନରା, କର୍ଲ୍ଲାମାଲ, କଟାପଡା, ମାହାରପଡା, କେନ୍ଦୁଭଟ୍ଟା ଆଦି ଗ୍ରାମରୁ ଆସିଥିବା ୧୬୫ଜଣ ଗରିବ ମହିଳା ପୁରୁଷଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ବରତୁଣ୍ଡାଠାରେ ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ର କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଭିକ ଏକ୍ସନ ପ୍ରୋଗ୍ରାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳାଥର, ଚେରେଙ୍ଗାଝାଞ୍ଜି, ଭୁରୁଆମୁଣ୍ଡା, ଖରାମାଲ, ନୂଆଡିହି, ଜାମସେଟ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ। ଆର୍ଥିକ ଅନଗ୍ରସର ମହିଳା ପୁରୁଷଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ସରେଇକେଲାଠାରେ ସିଆର୍‌ପିଏଫ୍ ତରଫରୁ ସିଭିକ ଆକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇନ୍ସପେକ୍ଟର ପି. ଲିମସଙ୍ଗ ଏଥିରେ ସଭାପତିତ୍ୱ କରିଥିଲେ। ସରପଞ୍ଚ ଉପେନ୍ଦ୍ର ପଟେଲ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ସୈନିକ ଲଳିତ ପ୍ରଧାନ, ଖବରଦାତା ରମେଶ ବାରିକ, ଲଖମରା ସରପଞ୍ଚ ସୁବାଷ ଝଗରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାକୁ ପ୍ରୟାସରତ ସିଆର୍‌ପିଏଫ୍‌କୁ ସହଯୋଗ କରିବା ପାଇଁ ଅତିଥିମାନେ ନିବେଦନ କରିଥିଲେ। ଏହି ଅବସରରେ ୧୬୫ ଜଣ ଆର୍ଥିକ ଅନଗ୍ରସର ଜନସାଧାରଣଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଇନ୍ସପେକ୍ଟର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ମାସର ଭତ୍ତା ଟଙ୍କା ଗାଏବ

**ଭେଡେନ,୩୧।୩ (ଡି.ଏନ.ଏ.)**

ସରକାର ଅସହାୟ ବୃଦ୍ଧାବୃଦ୍ଧ, ବିକଳାଙ୍ଗ ଏବଂ ବିଧବାମାନଙ୍କୁ ମାସିକ ୫ ଶହ ଏବଂ ୭୦ ବର୍ଷ ବୟସ ଟପିଲେ ୭ଶହ ଟଙ୍କା ଭତ୍ତା ପ୍ରଦାନର ବ୍ୟବସ୍ଥା କରିଛନ୍ତି। ବିଗତ ଦିନରେ ଏହି ଟଙ୍କା ହିତାଧିକାରୀଙ୍କ ହାତକୁ ସିଧାସଳଖ ଦିଆଯାଉଥିଲା। ଏଥିରେ ବାଟ ମାରଣା ହେଉଥିବା ଅଭିଯୋଗ ହେବାରୁ ଗତବର୍ଷ ଅକ୍ଟୋବରରୁ ହିତାଧିକାରୀମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ତେବେ ଏହି ବ୍ୟବସ୍ଥାରେ ମଧ୍ୟ ହିତାଧିକରୀ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଅନେକ ବୃଦ୍ଧାବୃଦ୍ଧଙ୍କ ଅଙ୍ଗୁଳିର ଟିପ ଚିହ୍ନ ଆସୁ ନ ଥିବାରୁ ସେମାନେ ମାସ ମାସ ଧରି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ସୁଯୋଗ ନେଇ କେତେକ କର୍ମଚାରୀ ଭତ୍ତା ଟଙ୍କା ହଡପ କରୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଭେଡ଼େନ ବ୍ଲକ ଅଞ୍ଚଳରେ ଗତ ନଭେମ୍ବର ମାସରେ ଭତ୍ତା ୫ଶହ ଓ ଶୀତବସ୍ତ୍ର ବାବଦ ୩ଶହ ଟଙ୍କା କେତେକ ହିତାଧିକାରୀଙ୍କ ପାସବୁକରେ ଜମା ହୋଇଥିଲା। ତେବେ ପରବର୍ତ୍ତୀ ଫେବୃୟାରୀ ଓ ମାର୍ଚ୍ଚ ମାସର ଭତ୍ତା ଟଙ୍କା ଜମା ହୋଇ ସାରିଥିବା ବେଳେ ଡିସେମ୍ବର ଓ ଜାନୁଆରୀ ମାସର ଟଙ୍କା ଜମା ହୋଇ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ ସେମାନେ ବ୍ୟାଙ୍କ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ ସନ୍ତୋଷ ଜନକ ଉତ୍ତର ପାଇ ପାରିନାହାନ୍ତି। ଏ ସମ୍ପର୍କରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଚମରୁ ବେଶ୍ରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ, ମୋ ପାଖକୁ ଏମିତି କିଛି ଅଭିଯୋଗ ଆସିନାହିଁ। ଯେଉଁମାନଙ୍କ କ୍ଷେତ୍ରରେ ଏଭଳି ହୋଇଛି ସେମାନେ ନିଜ ଆଧାର କାର୍ଡ ଏବଂ ପାସ୍‌ବୁକ ମୋ ପାଖକୁ ଆଣନ୍ତୁ, କ'ଣ ହୋଇଛି ଜଣାପଡିବ ବୋଲି ବେଶ୍ରା କହିଥିଲେ।

# ରୁଷୁଡ଼ା ପ୍ୟାକ୍ସର ବାର୍ଷିକ ସାଧାରଣ ସଭା



ରୁଷୁଡା ପ୍ୟାକ୍ସର ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥିଗଣ।

**ଭେଡେନ,୩୧।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ରୁଷୁଡା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ୟାକ୍ସ ସଭାପତି ସୁରେନ୍ଦ୍ର କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ, ବରଗଡ ଜିଲା ସହକାରୀ ସମବାୟ ନିବନ୍ଧକ ଅଶୋକ କୁମାର ସାହୁ, ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ରୋହିତ କୁମାର ମେହେର, ଆର୍‌ସିଏମ୍‌ଏସ୍ ସଭାପତି ସୂଜିତ ପଣ୍ଡା, ଏସ୍‌ଡିସିସି ବ୍ୟାଙ୍କ ସଭାପତି ସାନନ୍ଦ କରନ, ସଂକ୍ରୀଡା ସଭାପତି ସୁବ୍ରତ ଚାନ୍ଦ, ପପଙ୍ଗା ସରପଞ୍ଚ ସସ୍ମିତା ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସିତ ବାବୁ, ଜନାର୍ଦ୍ଦନ ଦାଶ, ସତ୍ୟ ଗୁରାଣ୍ଡି, ସୁବୋଧ ଦୋରାଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପ୍ୟାକ୍ସ ସମ୍ପାଦକ ଗଙ୍ଗାଧର ଗରିଆ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଚୈତନ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋହେଲା,୩୧।୩(ଡି.ଏନ.ଏ.)**



ସୋହେଲା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ସାହୁଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି, ଟଙ୍କଧର ଝାଙ୍କର, ଏବିଇଓ ଗୋଲାପ ଚାନ୍ଦ ମିଶ୍ର, ମୋତିଲାଲ ନନ୍ଦ, ମନୋହର ଉଟି, ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ରାୟ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହିନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ଦିଲ୍ଲୀପ, ବିଶେଷ, ଆୟୁଷ, ହିତେଶ ସ୍ୱାଗତ ସଙ୍ଗୀତ ଗାଇଥିଲେ। ସହକର୍ମୀ ମହିମା ସାହୁ, ରାଜୀବ କାସେର, ଜ୍ୟୋସ୍ନାରାଣୀ ବରିହା, ଅଭିପ୍ସା ଜେନା, ବବିତା ନାୟକ, କୁଳମଣି ସାହୁ, ଅରବିନ୍ଦ ରାଉତରାୟ, ସନ୍ତୋଷ ପଧାନ, ସିଦ୍ଧାନ୍ତ ବାରିକ ପ୍ରଧାନଶିକ୍ଷକ ସାହୁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସହକାରୀ ଶିକ୍ଷକ ପ୍ରିୟଦର୍ଶୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଣାପ୍ରତାପ ସ୍କୁଲରେ ଶହୀଦ ଦିବସ

**ବରଗଡ଼ ଅଫିସ୍,୩୧।୩**

ବରଗଡ଼ ରାଣାପ୍ରତାପ ସ୍କୁଲରେ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବରଗଡ଼ ବ୍ଲକ ଖଣ୍ଡହତା ଗ୍ରାମର ଶହୀଦ ରଞ୍ଜନ ଦାଶଙ୍କ ସପ୍ତମ ପୂଣ୍ୟତିଥିକୁ ଶହୀଦ ଦିବସ ଭାବେ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହୀଦଙ୍କ ଫଟୋଚିତ୍ରରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ରଥଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଶହୀଦଙ୍କ ସ୍ମୃତିଚାରଣ କରିବା ସହିତ ଦେଶସେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ

**ବିନିକା,୩୧।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୌମ୍ୟରଞ୍ଜନ କ୍ଷେତି ଏଥଇରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟ ଷଷ୍ଠଶ୍ରେଣୀ ଅଭିଭାବକ ସମ୍ମିଳନୀରେ ସିଦ୍ଧାର୍ଥ ଜୁନିଅର କଲେଜ ଅଧ୍ୟକ୍ଷା ରେଖା ପ୍ରଧାନ, ଦିତୀୟ ପର୍ଯ୍ୟାୟ ସପ୍ତମ ଶ୍ରେଣୀ ଅଭିଭାବକ ସମ୍ମିଳନୀରେ ଏବିଇଓ ହେମାସାଗର କାଲସେ ଅତିଥିଭାବେ ଯୋଗଦେଇ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଅପରାହ୍ନ ୨ ଟାରେ ଅନୁଷ୍ଠିତ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ସମ୍ମିଳନୀରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ଫଳାଫଳ, ରଖିଥିବା ମାର୍କ ଉପରେ ତର୍ଜମା କରାଯାଇଥିଲା। ଏଥିସହ ୨୦୨୩-୨୪ ଶିକ୍ଷାବର୍ଷରେ ହେବାକୁ ଥିବା ବିଭିନ୍ନ ଯୋଜନା, ଛାତ୍ରୀଛାତ୍ରଙ୍କ ନିରାପତ୍ତା ଆଦି ଉପରେ ଆଲୋଚନା କରାଯାଇଥିଲା। ଅଭିଭାବକଙ୍କୁ ନେଇ ପୃଥକ ଶ୍ରେଣୀ ନିମନ୍ତେ ସଭାପତି ମନୋନୀତ କରାଯାଇଥିଲା। ଷଷ୍ଠ ଶ୍ରେଣୀ ପାଇଁ ଅର୍ଜୁନ ପଲିତା, ସପ୍ତମ ଶ୍ରେଣୀ ଶାନ୍ତନୁ ପଣ୍ଡା ଓ ଅଷ୍ଟମ ଶ୍ରେଣୀ ପାଇଁ ସନ୍ତୋଷ କୁମାର ପଣ୍ଡାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି।

# ଅନ୍ତର୍ନିହିତ ଗୁଣାବଳୀ ବିକାଶରେ ବିଜେତା ସହାୟକ

**ବରଗଡ଼ ଅଫିସ୍,୩୧।୩**



ବିଜେତା କାର୍ଯ୍ୟକ୍ରମରେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଜେତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ସଂଯୋଜକ ମନୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ଏବଂ ଅବଲୁପ୍ତ ଧୀଶକ୍ତିର ବିକାଶ ସାଧନରେ ବିଜେତା କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ଜିଲାପାଳ ନିଜ ବକ୍ତବ୍ୟରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ୧୨ବ୍ଲକରେ ହୋଇଥିବା ୧୫ ପ୍ରତିଯୋଗିତାର ୨୫୦ଜଣ ମନୋନୀତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଶଙ୍କର ପଟ୍ଟନାୟକ, ସୁଶୀଳା ନାୟାର, ଗୋପାଳ ମିଶ୍ର, ଅନିରୁଦ୍ଧ ପାଇକ, ବିରେନ୍ଦ୍ର ନନ୍ଦ, ଅଜିତ ମିଶ୍ର, ମନୋଜ ଜେନା, ରୋଜାଲିନ ମିଶ୍ର, ପଦ୍ମଜା ପତି, ମାନସ ଶତପଥି, ଲକ୍ଷ୍ମୀ ଶାହା ପ୍ରମୁଖ ବିଚାରକ ଭାବେ ଯୋଗଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ସେବାଶ୍ରୀ ଭୋଇ, ଶିକ୍ଷକ ଡୋଲାମଣି ଶତପଥି, ପରିତୋଷ ବେହେରା, ଗୋପୀନାଥ ପ୍ରଧାନ, ଗୋବିନ୍ଦ ସେଠ, ସଦାନନ୍ଦ ଜାଲ ପ୍ରମୁଖ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଜିଲାସ୍ତରୀୟ ବିଜେତା କାର୍ଯ୍ୟକ୍ରମ**

## ଆମ ପୋଲିସ ସମିତି ବୈଠକ

**ଡୁଙ୍ଗୁରିପାଲି, ୩୧।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସଆଇ ଟଙ୍କଧର ଛତ୍ରିଆ, ଏଏସଆଇ ଗ୍ଲୋରିଆ କାଣ୍ଡୁଲନା, ଏଏସ ଆଇ ମୋହନ ବରିହା ଉପସ୍ଥିତ ଥିଲେ। ଡୁଙ୍ଗୁରିପାଲି ସହରରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା ଦୂର କରିବା, ରାସ୍ତାରୁ ପାର୍କିଂ ହଟାଇବା, ଅଭିଯୋଗ ନେଇ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲ। ରାଜ୍ୟରେ ଦୁର୍ଘଟଣା ରୋକିବାକୁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଥିବା ନେଇ ପରିବହନ ବିଭାଗ ଏନଫୋର୍ସମେଣ୍ଟ ଟିମ ତଥା ଜିଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସର ମିଳିତ ସହଯୋଗରେ ସପ୍ତାହବ୍ୟାପୀ ଯାନବାହାନ ଯାଞ୍ଚ ତଥା ସଚେତନତା ସୃଷ୍ଟି କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ। ବାଲ୍ୟ ବିବାହକୁ ରୋକିବା ଉପରେ ପ୍ରତି ଗାଁରେ ସଚେତନତା ଆଣିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୋଲିସ ଓ ଜନ ସାଧାରଣଙ୍କ ସମନ୍ୱୟରେ ଏହି ସବୁ ଲକ୍ଷ୍ୟକୁ ହାସଲ କରାଯାଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

## ଚାଷୀ ସ୍ୱାର୍ଥକୁ ଗୁରୁତ୍ୱ

**ଭେଡେନ ସମବାୟ ସମିତି ବୈଠକ**

**ଭେଡେନ,୩୧।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ବସେଇକେଲା ବାଲିଯାତ୍ରା ପଡିଆ ସ୍ଥିତ ବୀର ସୁରେନ୍ଦ୍ର ସାଏ ଜ୍ଞାନମଣ୍ଡପଠାରେ ଭେଡେନ ସମବାୟ ସମିତିର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ହରିଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ସମବାୟ ବ୍ୟାଙ୍କ ଅଧିକାରୀ ସମୀର ପଧାନ, ସମିତିର ନିର୍ଦ୍ଦେଶକ ଭାରତୀ ମେହେର, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, କିଶୋର ରାୟ, ବଳରାମ ବିଶ୍ୱାଳ, ସରୋଜ ପଧାନ, ଉତ୍ତର ପଧାନ, ସତ୍ୟ ରଥ, ଗୌର ଦନ୍ତା, ଭୁବନେଶ୍ୱର ସେଠ, ସୁଦର୍ଶନ ବେହେରା, ସୁବଳ ପଧାନ, ସୁନୀତା କର୍ମୀ, ଜୟନାରାୟଣ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ସମିତିର ସମ୍ପାଦକ ଅଙ୍କୁର ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାରେ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ଗୋଟିଏ ସମିତି ଗଠନ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ପ୍ରସ୍ତାବ ଗୃହୀତ ହୋଇଥିଲା।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଅମରପାଲି, ୩୧।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ୟୁ.ପିଏସର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବିଶି ଅବସର ଗ୍ରହଣ କରିଛନ୍ତି। ଶୁକ୍ରବାର ବିଦ୍ୟାଳୟ ପରିସରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସମସ୍ତ ସହକାରୀ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହି ଚାକିରୀ କାଳ ମଧ୍ୟରେ ବିତେଇଥିବା ଦିନର ସ୍ମୃତିଚାରଣ କରିଥିଲେ। ବିଶି ୩୨ ବର୍ଷର ଚାକିରୀ ଜୀବନ ମଧ୍ୟରେ ବିଭିନ୍ନ ସ୍କୁଲରେ ସହକାରୀ ଶିକ୍ଷକରୁ ପ୍ରଧାନ ଶିକ୍ଷକ ଯାଏ କାର୍ଯ୍ୟ କରିଥିଲେ। କେନଝରିଆପାଲି ୟୁ.ପି.ସ୍କୁଲରୁ ଅବସର ଗ୍ରହଣ କରିଛନ୍ତି।

## ଶକ୍ତି ସଂରକ୍ଷଣ ଉପରେ ସଚେତନତା ସଭା

ରାଜଗାଙ୍ଗପୁର (ଡି.ଏନ.ଏ.): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ମ୍ୟୁନିସିପାଲ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଦିନ ଶକ୍ତି ସଂରକ୍ଷଣ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ତିର୍କୀ ସଭାପତିତ୍ୱ କରିଥିଲେ । ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ତଥା ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟୁତ ଶକ୍ତି, ଜଳ ଶକ୍ତି ଆଦିକୁ କିପରି ସଠିକ ବିନିଯୋଗ କରି ଏହାର ଅପଚୟକୁ ରୋକାଯିବ ସେ ନେଇ ଆଲୋଚନା କରିଥିଲେ ।

## ସଂକ୍ଷେପରେ

### ସ୍କୁଲ ବସ୍ ଧକ୍କାରେ ସିକ୍ୟୁରିଟି ଗାର୍ଡ ମୃତ

**ରାଉରକେଲା ଅଫିସ,୩୧।୩:** ରାଉରକେଲା ରିଂରୋଡ୍ ଅଭିଜ୍ଞାନ ଛକ ନିକଟରେ ଏକ ସ୍କୁଲ ବସ୍ ଧକ୍କା ଦେବାରୁ ଶୁକ୍ରବାର ସକାଳେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୈକୁଣ୍ଠ ବାରିକ(୪୨)। ପୋଲିସ ଏ ନେଇ ଏକ ମାମଲା (ନଂ.୫୧।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସେକ୍ଟର-୩ ଥାନା ଅନ୍ତର୍ଗତ ବଲାଙ୍ଗୀର ବସ୍ତିର ବୈକୁଣ୍ଠ ଶାରଳା ସିକ୍ୟୁରିଟି ପ୍ରାଇଭେଟ ଲିମିଟେଡରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ସେ ଶୁକ୍ରବାର ସକାଳ ୬ଟାରେ ଏକ ବାଇକ୍ (ନଂ.ଓଡି୩୧ଏ/୬୬୩୬) ଯୋଗେ ବିପିୟୁଟିକୁ 'ଏ' ସିଫ୍ଟ ଡ୍ୟୁଟି କରିବାକୁ ଯାଉଥିଲେ। ଏହି ସମୟରେ ସେଣ୍ଟ୍ ପଲ୍ ସ୍କୁଲର ବସ୍ (ନଂ.ଓଡ଼ି୧୪ଜି/୫୯୯୦) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବୈକୁଣ୍ଠଙ୍କୁ ଇସ୍ପାତ ଆଇଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଛେଣ୍ଡ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ମୃତ ବୈକୁଣ୍ଠଙ୍କ ପରିବାର ଲୋକେ ଆଇଜିଏଚ୍ ସମ୍ମୁଖରେ କ୍ଷତିପୂରଣ ଦାବି କରିଥିବା ଜଣାପଡିଛି।

### ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା ଅଫିସ,୩୧।୩:** ଗଞ୍ଜେଇ ଚାଲାଣ ଅଭିଯୋଗରେ ରାଉରକେଲା ଆରପିଏଫ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାପସି ଅଞ୍ଚଳର ରମାକାନ୍ତ ଭୋଇ(୨୬) ଓ ବଲାଙ୍ଗୀରର ରାଜେଶ ଭୋଇ(୨୧)। ସେମାନଙ୍କଠାରୁ ଦୁଇଟି ଅଖାଜରିରେ ୨୦ କେଜି ୮୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

### ପାନୀୟ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

**ଦେବଗଡ,୩୧।୩(ଡି.ଏନ.ଏ.):** ବାରକୋଟ ବ୍ଲକ କଲା ଗ୍ରାମପଞ୍ଚାୟତର ବିଭିନ୍ନ ୱାର୍ଡକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ନିମନ୍ତେ ଶୁକ୍ରବାର ପାନୀୟ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ୱାର୍ଡ ନମ୍ବର ୧, ୨, ୩ ଓ ୫ର ବାସିନ୍ଦାଙ୍କୁ ଏହି ପ୍ରକଳ୍ପରୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଏହାକୁ କଲା ଗ୍ରାମପଞ୍ଚାୟତ ସରପଞ୍ଚ ତଥା ଦେବଗଡ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ଫିତାକାଟି ଉଦ୍‌ଘାଟନ କରିଥିଲେ।

### ଗଣତନ୍ତ୍ର ପ୍ରତି ବିପଦ

**ସୁନ୍ଦରଗଡ,୩୧।୩(ଡି.ଏନ.ଏ.):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦ କରାଯାଇ ତାଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ କରାଯାଇଛି। ଯାହାକି ଗଣତନ୍ତ୍ର ପ୍ରତି ବିପଦ ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ ଓ ସୁନ୍ଦରଗଡ ଜିଲା ପର୍ଯ୍ୟବେକ୍ଷକ ରବି ରାୟ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଆଦାନୀ ପ୍ରସଙ୍ଗ ଉତ୍‌ଥାପନ କରିବାର ମାସକ ମଧ୍ୟରେ ଏହି ଦଣ୍ଡାଦେଶ ଶୁଣାଯାଇଛି। ଏଭଳି ସ୍ଥିତିରେ ଓଡ଼ିଶାର ଶାସନ କ୍ଷମତାରେ ଥିବା ବିଜେଡି ଚୁପ କାହିଁକି ରହିଛନ୍ତି ବୋଲି ଜିଲା କଂଗ୍ରେସ ନେତୃବୃନ୍ଦ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ନିମାଇଁ ଚରଣ ନାଏକ, ନାରୀନେତ୍ରୀ ଅମିତା ବିଶ୍ୱାଳ, ନିର୍ମଳ ନାଏବ, ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପିଇ ଇସ୍ପାତ ସ୍କୁଲର ୧୩ ଛାତ୍ରୀଛାତ୍ର ଅସୁସ୍ଥ

**ରାଉରକେଲା ଅଫିସ,୩୧।୩**


ଆରଜିଏଚ୍‌ରେ ଅସୁସ୍ଥ ପିଲାଙ୍କ ଚିକିତ୍ସା କରାଯାଉଛି।

ରାଉରକେଲା ଇସ୍ପାତ ବିଦ୍ୟାଳୟର ୧୩ଜଣ ଛାତ୍ରୀଛାତ୍ର ପାଣି ପିଇ ଶୁକ୍ରବାର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଆଇଜିଏଚ୍ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଚିକିତ୍ସା ପରେ ସମସ୍ତ ଅସୁସ୍ଥ ଛାତ୍ରୀଛାତ୍ର ସୁସ୍ଥ ଥିବା ଜଣାପଡିଛି। ସୂଚନା ଅନୁସାରେ, ଶୁକ୍ରବାର ମଧ୍ୟାହ୍ନ ବିରତି ସମୟରେ ପିଲାମାନେ ନିଜ ଘରୁ ଆଣିଥିବା ଖାଦ୍ୟ ଖାଇସାରି ପାଣି ପିଇବାର ଅଧଘଣ୍ଟା ପରେ ୧୩ଜଣ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ପେଟ ମୋଡିବା, ମୁଣ୍ଡ ବିନ୍ଧିବା ଓ କାଶ ଆରମ୍ଭ ହୋଇଥିଲା। ପିଲାମାନେ ଅସୁସ୍ଥ ହେବା ଜାଣି ସେମାନଙ୍କୁ ତୁରନ୍ତ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ହସ୍ପିଟାଲରେ ପହଞ୍ଚି ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ ସମ୍ପର୍କରେ ଆର୍‌ଏସ୍‌ପିର ପିଆର୍‌ଓ ଶଶାଙ୍କ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେମାନଙ୍କୁ ଚିକିତ୍ସା କରିବା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ପିଲାମାନଙ୍କ ଅସୁସ୍ଥ ହେବାର କାରଣ ଅନୁଧ୍ୟାନ କରାଯାଉଛି ବୋଲି ପଟ୍ଟନାୟକ କହିଥିଲେ।

# ଆଜିଠୁ ରାଉରକେଲାର ୬ ନୂଆ ରୁଟ୍‌ରେ ଚାଲିବ ମୋ ବସ୍

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ)**

ଶନିବାର ଓଡ଼ିଶା ଦିବସଠାରୁ ରାଉରକେଲାର ୬ଟି ନୂଆ ରୁଟ୍‌ରେ 'ମୋ ବସ୍' ଚଳାଚଳର ଶୁଭାରମ୍ଭ ହେବ। କ୍ରୁଟ୍‌ର ସୂଚନାନୁସାରେ, ରୁଟ୍ ନଂ.୧୧୦ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-କାଲୁଙ୍ଗା (ଭାୟା ରଘୁନାଥପଲ୍ଲୀ), ରୁଟ୍ ନଂ.୧୧୩ରେ ରାଉରକେଲା ନୂଆ ବସଷ୍ଟାଣ୍ଡ୍-ଉସ୍ରା (ଭାୟା ଏନ୍‌ଏଚ୍), ରୁଟ୍ ନଂ.୧୧୪ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ନୂଆଗାଁ (ଭାୟା ହାତୀବାରି), ରୁଟ୍ ନଂ.୧୧୫ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ପୋତାବ (ଭାୟା ହାତୀବାରି), ରୁଟ୍ ନଂ.୧୧୬ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ଲୋରାମ୍ (ଭାୟା-ଏନ୍‌ଆଇଟି, ଜଗଦା ଛକ, ଖୁଟାଗାଁ, ସୋରଡ଼ା), ରୁଟ୍ ନଂ.୧୧୭ରେ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ୍-ଜରେଇକେଲା (ଭାୟା-ବଣ୍ଡମୁଣ୍ଡା, ବିସ୍ରା) ମଧ୍ୟରେ ନୂତନ ମୋ ବସ୍ ସେବା ଆରମ୍ଭ ହେବ। ଏ ସମ୍ପର୍କରେ କ୍ରୁଟ୍‌ର ଏମ୍‌ଡି ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି, ରାଉରକେଲାର ନାଗରିକଙ୍କଠାରୁ ବହୁ ସଂଖ୍ୟାରେ ଅନୁରୋଧ ପାଇବା ପରେ କ୍ରୁଟ୍ ପକ୍ଷରୁ ଏସବୁ ନୂଆ ରୁଟ୍‌ର ଶୁଭାରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହରରେ ମୋ ବସ୍‌କୁ ଗମନାଗମନର ସବୁଠୁ ପସନ୍ଦର ମାଧ୍ୟମରେ ପରିଣତ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। ସେହିପରି ନୂଆ ରୁଟ୍ ଦ୍ୱାରା ରାଉରକେଲାର ଲୋକମାନେ ଉପକୃତ ହେବେ ବୋଲି କ୍ରୁଟ୍ ଜିଏମ୍ ଦୀପ୍ତି ମହାପାତ୍ର କହିଛନ୍ତି।

# ରାସ୍ତାରେ ଝାଡୁ ମାରିଲେ ରାଜଗାଙ୍ଗପୁର ପୌରାଧ୍ୟକ୍ଷା


ଝାଡୁ ମାରିବା ପାଇଁ ବାହାରିଥିବା ପୌରାଧ୍ୟକ୍ଷା ଓ ଅନ୍ୟମାନେ।

**ରାଜଗାଙ୍ଗପୁର,୩୧।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ଶୁକ୍ରବାର ଦିନ ସକାଳେ ଝାଡୁ ମାରି ସହରର ମୁଖ୍ୟ ରାସ୍ତାକୁ ସଫା କରୁଥିବାର ଦେଖାଯାଇଥିଲା । ଗୁରୁବାର ସନ୍ଧ୍ୟାରେ ରାଜଗାଙ୍ଗପୁର ସହରରେ ରାମନବମୀ ଉପଲକ୍ଷେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ଯୋଗୁ ସହର ରାସ୍ତାରେ ଆବର୍ଜନା ପଡି ରହିଥିଲା । ତେଣୁ ସକାଳୁ ପୌରଧ୍ୟକ୍ଷା ମାଧୁରୀ ଓ ତାଙ୍କ ସହଯୋଗୀମାନେ ସଫେଇ କର୍ମଚାରୀଙ୍କୁ ଅପେକ୍ଷା ନ କରି ଝାଡୁ ଧରି ରାସ୍ତା ସଫା କରିବାରେ ଲାଗି ଯାଇଥିଲେ। ଏହି ଖବର ସହରରେ ଚର୍ଚ୍ଚାର ବିଷୟ ହୋଇଛି ।

# ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ ପାଳିତ

**ରାଉରକେଲା ଅଫିସ,୩୧।୩**


ଉଦିତନଗର ଛକରେ ଟ୍ରାନ୍ସଜେଣ୍ଡରଙ୍କ ସହ ପ୍ରଶାସନିକ ଅଧିକାରୀଗଣ।

ରାଉରକେଲାରେ ଶୁକ୍ରବାର ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାର ୫୦ଜଣ ଟ୍ରାନ୍ସଜେଣ୍ଡର ଅଂଶଗ୍ରହଣ କରିଥିଲେ। ପୁରୁଷ ନାରୀର ଦୋଛକିରେ ସାମାଜିକ ଅପନିନ୍ଦା ଓ ବାସନ୍ଦ କଟକଣା ମଧ୍ୟରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ଯୋଜନା ସେମାନଙ୍କ ବାସ୍ତବିକ ସ୍ୱପ୍ନକୁ ସାକାର କରୁଥିବା ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ଜନସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ଉଦିତନଗର ସ୍ଥିତ ଆଇଟିଡିଏ ସଭାଗୃହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ସୁନ୍ଦରଗଡ ଜିଲା ସାମାଜିକ ସୁରକ୍ଷା ବିଭାଗ, ସାଥୀ ସଂସ୍ଥା ସୌଜନ୍ୟରେ ଟ୍ରାନ୍ସଜେଣ୍ଡରମାନଙ୍କ ଅସ୍ତିତ୍ୱ ଓ ଜୀବନଶୈଳୀରେ ସର୍ବାଙ୍ଗୀନ ଉନ୍ନତି ପାଇଁ ସାମାଜିକ ଓ ଆର୍ଥିକ ବିକାଶ ସାଧନ ନେଇ ବୈଠକ ହୋଇଥିଲା। ବୈଠକରେ ପାନପୋଷ ଅତିରିକ୍ତ ଜିଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ହୋତା, ମଣ୍ଡଳସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ମିନି ତାଣ୍ଡିଆ, ସାଥୀ ସଂସ୍ଥାର ସହ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ଜିଲା ଟ୍ରାନ୍ସଜେଣ୍ଡର ସଭାପତି ଜୋୟା ତ୍ରିପାଠୀ ଏବଂ କୋଷାଧ୍ୟକ୍ଷ ପ୍ରିନସେସ୍ ପ୍ରମୁଖ ଯୋଗଦେଇ ଟ୍ରାନ୍ସଜେଣ୍ଡରଙ୍କ ଉନ୍ନତି ପାଇଁ ଥିବା ଆଇନଗତ ଅଧିକାର, ସରକାରୀ ନୀତି, କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

# ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

**ଲହୁଣୀପଡା,୩୧।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ଖୁଣ୍ଟଗାଁ ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ଜଣେ ଯୁବତୀ ବିବାହ କରି ଉଦାହରଣ ସୃଷ୍ଟି କରିବା ସହିତ ସରକାରୀ ପ୍ରୋତ୍ସାହନ ପାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଖୁଣ୍ଟଗାଁ ଗ୍ରାମର ଦିବ୍ୟାଙ୍ଗ ଅଞ୍ଜନ ନାୟକ (୪୦)ଙ୍କୁ ଟିକାୟତପାଲି ଥାନା ଅନ୍ତର୍ଗତ ସରସରା ବଲାଙ୍ଗ ଗ୍ରାମର ସାଗରୀ ବଡ଼ନାଏକ ଗତ ୨୦୨୧ ମସିହାରେ ବିବାହ କରିଥିଲେ। ଏବେ ସେମାନଙ୍କର ଏକ ସନ୍ତାନ ଅଛି। ଦିବ୍ୟାଙ୍ଗ ପୁଅ କିମ୍ବା ଝିଅକୁ ବିବାହ କଲେ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ଦିଆଯିବାର ବ୍ୟବସ୍ଥା ରହିଛି । ଏଣୁ ପ୍ରୋତ୍ସାହନ ରାଶି ପାଇବା ପାଇଁ ଏହି ଦମ୍ପତି ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ । ତଦ୍‌ନୁଯାୟୀ ଜିଲା କାର୍ଯ୍ୟାଳୟ ତରଫରୁ ଏହି ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ନିକଟରେ ଉକ୍ତ ଦମ୍ପତିଙ୍କୁ ଲହୁଣୀପଡା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅନୁରାଗ ମିଶ୍ର ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର, ସୁଶିଳା ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମାହାନ୍ତଙ୍କ ଉପସ୍ଥିତରେ ଅଢ଼େଇ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ଏହା ଲହୁଣୀପଡା ବ୍ଲକରେ ପ୍ରଥମ ବୋଲି କୁହାଯାଉଛି।

# ଆନ୍ଦୋଳନ ଜୋରଦାର କରିବ କଂଗ୍ରେସ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

**ଦେବଗଡ,୩୧।୩(ଡି.ଏନ.ଏ.)**

### ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ପ୍ରସଙ୍ଗ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦ ପ୍ରସଙ୍ଗରେ ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ପୌରାଞ୍ଚଳର ଏକ ଘରୋଇ ହୋଟେଲ ପରିସରରେ ହୋଇଥିବା ସମ୍ମିଳନୀରେ ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ବିରେନ କୁମାର ସେନାପତି ଯୋଗଦେଇ ଭାଜପା ଉପରେ ବର୍ଷିଥିଲେ। ସେ କହିଥିଲେ, ଭାଜପା ସରକାର ବିଚଳିତ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ଅନେକ ଅପରାଧରେ ସାମିଲ ଥିବା ମନ୍ତ୍ରୀ ଓ ଏମ୍‌ପି ଭାଜପା ସରକାରରେ ରହିଛନ୍ତି। ମାତ୍ର ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଉନି ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ଆଦାନୀ ଗ୍ରୁପ୍ ଓ ମୋଦିଙ୍କ ସମ୍ପର୍କ କଥା ଯେତେବେଳେ ଉଠାଇଲେ ଭାଜପା ସରକାର ବିଚଳିତ ହୋଇ ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟ ସଭ୍ୟ ପଦ ରଦ୍ଦ ପାଇଁ ଯୋଜନା ଆରମ୍ଭ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଗାମୀ ଦିନରେ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବ ବୋଲି ସେନାପତି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଜିଲା ଏସ୍‌ସି ସେଲ୍ ସଭାପତି ମଞ୍ଜୁଳ ନାଏକ, ଜିଲା ସମ୍ପାଦକ ବିନୋଦ ବିହାରୀ ନାୟକ, କ୍ଷିତିଶ କୁମାର ପ୍ରଧାନ, ପୂର୍ବତନ ନଗରପାଳ ନେତ୍ରାନନ୍ଦ ସାମଲ, ପୂର୍ବତନ ଉପନଗରପାଳ ବସନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ଯୁବନେତା ଅମରଜିତ ବାର୍ଲା ପ୍ରମୁଖ ମଞ୍ଚାସୀନ ଥିଲେ ।

# ଆଖଡ଼ା ଶୋଭାଯାତ୍ରା

**କୁଆଁରମୁଣ୍ଡା,୩୧।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡାରେ ରାମନବମୀ ଉପଲକ୍ଷେ ଆଖଡା ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି । କୁଆଁରମୁଣ୍ଡା ପୁରୁଣା ବସ୍ତିରେ ଥିବା ହନୁମାନ ମନ୍ଦିରରୁ ଗୁରୁବାର ସନ୍ଧ୍ୟାରେ ପତାକା ଧରି ଭକ୍ତମାନେ ଏକ ବିରାଟ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ । ଜୟ ଶ୍ରୀରାମ ଓ ଜୟ ହନୁମାନଙ୍କ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ବିଭିନ୍ନ ସ୍ଥାନରେ ବଦାନ୍ୟ ବ୍ୟକ୍ତି ଓ ସଂଗଠନଗୁଡିକ ଶୋଭାଯାତ୍ରାକାରୀମାନଙ୍କୁ ଦହି ସରବତ ପ୍ରଦାନ କରିଥିଲେ । କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଶାନ୍ତିଶୃଖଂଳା ରକ୍ଷା କରିଥିଲେ ।

# ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକ


ଜିଲାସ୍ତରୀୟ ବୈଠକରେ ସମସ୍ତ ଅମଲା ସଂଘର ସଭ୍ୟ ଓ କର୍ମକର୍ତ୍ତା।

**ସୁନ୍ଦରଗଡ,୩୧।୩(ଡି.ଏନ୍.ଏ.)**

### କର୍ମକର୍ତ୍ତା ନିର୍ବାଚନ

ରାଜ୍ୟ ମିଳିତ ଅମଲା ସଂଘର ଆହ୍ୱାନକ୍ରମେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଏକ ବୈଠକ ଗୁରୁବାର ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲା ରାଜସ୍ୱ ଅମଲା ସଂଘର ସଂପାଦକ ଦେବେନ୍ଦ୍ର କୁମାର ପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବୈଠକରେ ରାଜସ୍ୱ ଅମଲା ସଂଘର ସଭାପତି ସୁଧାଂଶୁ ଶେଖର ମହାପାତ୍ର ତାଙ୍କ ବକ୍ତବ୍ୟରେ ମିଶନ ଗ୍ରେଡ୍ ପେ ୪୨୦୦/– ଟଙ୍କା କନିଷ୍ଠ ଅମଲାମାନଙ୍କର ନ୍ୟାର୍ଯ୍ୟ ଦାବି ବିଷୟରେ ଆଲୋଚନା କରିଥିଲେ । ଓଡିଶା ଅମଲା ସଂଘ ସୁନ୍ଦରଗଡ ଶାଖା ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର କହିଥିଲେ, ଗତ ୨୦୧୭ ମସିହାରୁ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହୋଇଥିଲେ ମଧ୍ୟ ସରକାର ଜିଲାସ୍ତରୀୟ ଅମଲାମାନଙ୍କର ଗ୍ରେଡ-ପେ ବୃଦ୍ଧି ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ସରକାରଙ୍କୁ ଚେତାବନୀ ଦେଇଥିଲେ । ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଅମଲା ଉପସ୍ଥିତ ଥିଲେ। ଉପସ୍ଥିତ ସଭ୍ୟାସଭ୍ୟମାନଙ୍କର ସର୍ବସମ୍ମତି କ୍ରମେ ସୁଧାଂଶୁ ଶେଖର ମହାପାତ୍ରଙ୍କୁ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା । ଏଥିସହିତ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ଆବାହକ, ସଞ୍ଜୀବ କୁମାର ପଟେଲ କୋଷାଧ୍ୟକ୍ଷ ଓ ପ୍ରଦୀପ କୁମାର ବହିଦାରଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି । ଏହି କ୍ରମରେ ୧୦ ଜଣିଆ ସକ୍ରିୟ ମହିଳା ଟିମ୍ ମଧ୍ୟ ଗଠନ କରାଯାଇଛି । ଅମଲା ସଂଘର ବରିଷ୍ଠ ସଦସ୍ୟ ଓମ ପ୍ରକାଶ ମିଶ୍ର, କୌତୁକ ମେହେର, ବିଭୂତି ଧର , ଶୁଭାଶୀଷ ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାପାତ୍ର , ନିରଞ୍ଜନ ଭିଁଶାଁଲ , କୃଷ୍ଣଚନ୍ଦ୍ର ବେହେରା, ପ୍ରବୀଣ ରାୟ , ରଣଜିତ ପୋଦ, ପ୍ରଭାସ ନାଏକ, ଧର୍ମଜିତ ସାହୁ , ସୌମ୍ୟରଞ୍ଜନ କର , ସଞ୍ଜୀବ ପୃଷେଠ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# ବଡ଼ଗାଁ ରାମଲୀଳା ଯାତ୍ରା ଆରମ୍ଭ

**ବଡ଼ଗାଁ,୩୧।୩(ଡି.ଏନ.ଏ.)**


ରାମଲୀଳା ଯାତ୍ରାର ଏକ ଝଲକ।

ସୁନ୍ଦରଗଡ ଜିଲା ବଡ଼ଗାଁର ମୁକ୍ତ ମଞ୍ଚରେ ପ୍ରସିଦ୍ଧ ରାମଲୀଳା ଯାତ୍ରା ଗୁରୁବାର ରାତିରେ ଆରମ୍ଭ ହୋଇଛି। ପ୍ରଥମ ରଜନୀରେ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମ ମଞ୍ଚସ୍ଥ ହୋଇଥିଲା ବେଳେ ଶୁକ୍ରବାର ରାତିରେ ତାଡକାସୁର ବଧ ମଞ୍ଚସ୍ଥ ହୋଇଛି। ପୌରାଣିକ କଥା ଅନୁଯାୟୀ, ପୃଥିବୀ ପୃଷ୍ଠରେ ପାପ ଭାର ବଢ଼ିଯିବାରୁ ତାକୁ ଲାଘବ କରିବା ପାଇଁ କ୍ଷିତି ବ୍ରହ୍ମାଙ୍କୁ ଜଣାଇଲେ। ବ୍ରହ୍ମା ଏ ବିଷୟରେ ବିଷ୍ଣୁଙ୍କୁ ଜଣାଇବାରୁ ବିଷ୍ଣୁ ରାଜା ଦଶରଥଙ୍କ ଘରେ ଜନ୍ମ ନେବେ ପ୍ରତିଶ୍ରୁତି ଦେଲେ। ସେପଟେ ରାଜା ଦଶରଥ ସନ୍ତାନ ପାଇବା ନିମନ୍ତେ ରୁଷ୍ୟଶୃଙ୍ଗ ମୁନିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କଲେ। ଯଜ୍ଞର ଚରୁ ଅନ୍ନ ତିନି ରାଣୀଙ୍କୁ ଖାଇବାକୁ ଦେବାରୁ ପୁତ୍ର ସନ୍ତାନ ଜନ୍ମ ନେଲେ। ରାମାୟଣର ଏହି କଥାବସ୍ତୁକୁ ଗ୍ରାମର କଳାକାରମାନେ ସୁଆଙ୍ଗ ଶୈଳୀରେ ଅଭିନୟ କରି ପରିବେଷଣ କରିଥିଲେ। ରୁଷ୍ୟଶୃଙ୍ଗ ମୁନି, କ୍ଷିତି, ଯମ, ବିଷ୍ଣୁ, ଲକ୍ଷ୍ମୀ, ସରସ୍ୱତୀ, ଦଶରଥ, ଶିବ, ଚନ୍ଦ୍ର ଦେବତା, ସୂର୍ଯ୍ୟ ଦେବତା ଭୂମିକାରେ ଯଥାକ୍ରମେ ସୋନୁ ପାଣିଗ୍ରାହୀ, ଆକାଶ ପୃଷ୍ଟି, ସିପନ ହୋତା, ଓମ ତ୍ରିପାଠୀ, ଚନ୍ଦନ ପୃଷେଟ, ଚନ୍ଦନ ମିଶିର, ଦିବ୍ୟ ପୃଷେଟ, ଓଁକାର କର, ଟିକୁ ପୃଷେଟ, ବୀର ପଶାୟତ ଅଭିନୟ କରିଥିଲେ। ସାତଖଣ୍ଡ ରାମାୟଣକୁ ଗାୟନ ଓ ବିଭିନ୍ନ ଚରିତ୍ରକୁ ସୁଆଙ୍ଗ ଶୈଳୀରେ ଅଭିନୟ କରାଯାଇଥାଏ। ରାମଲୀଳା ଯାତ୍ରାରେ ରାମାୟଣର ମୁଖ୍ୟ ଗାୟକ ବିଭୂତି ଭୂଷଣ ନାୟକଙ୍କ ସହିତ ଅର୍ଜୁନ ନାୟକ, ଗୌରାଙ୍ଗ ନାଏକ, ଅଚ୍ୟୁତ ସାହୁ, ଲାଲିନ୍ଦ୍ର ସା, ଜୟରାମ ପୃଷେଟ ଗାୟନ ଦାୟିତ୍ୱ ତୁଲାଉଥିବା ଜଣାପଡିଛି । ସେହିପରି ରୁପସଜ୍ଜା ଓ ପରିପାଟୀ ଦାୟିତ୍ୱ ଶ୍ରୀକାନ୍ତ ବେହେରା, ଏସ.ପୃଷେଟ, ରାହୁଲ ସା, ତୁଳା ପୃଷେଟ, ଅଶୋକ ପଶାୟତ ଓ ସ୍ୱାଧୀନ ପୃଷେଟ ତୁଲାଉଛନ୍ତି।

# ଅସହାୟଙ୍କ ବନ୍ଧୁ ଟିମ୍ ଶ୍ମଶାନ ବନ୍ଧୁ

### ୩୧ ମାସରେ ୮୦୦ ଶବଦାହ

**ସୁନ୍ଦରଗଡ,୩୧।୩(ଡି.ଏନ.ଏ.)**


ଶ୍ମଶାନ ଘାଟରେ ପ୍ରଶାସନିକ ଅଧିକାରୀ, ଜିଲା ପରିଷଦ ଅଧ୍ୟକ୍ଷା ଓ ଅନ୍ୟମାନେ।

ଗୁରୁବାର ଥିଲା ପବିତ୍ର ରାମନବମୀ । ଏହି ଉପଲକ୍ଷେ ସହର ଠାରୁ ଗ୍ରାମାଞ୍ଚଳ ହୋଇ ଉଠିଥିଲା ଉତ୍ସବମୁଖର । ବିଭିନ୍ନ ରାମମନ୍ଦିର, ହନୁମାନ ମନ୍ଦିର ଓ ଘରେ ଘରେ ପୂଜା ପାର୍ବଣର ମାହୋଲ । କିନ୍ତୁ ଏସବୁକୁ ପଛ କରି ସୁନ୍ଦରଗଡ ଇବ୍‌ନଦୀ ସ୍ୱର୍ଗଦ୍ୱାର ଶ୍ମଶାନରେ ଜଣେ ଅପରିଚିତ ମୃତକଙ୍କ ଅନ୍ତିମ ସଂସ୍କାର ପାଇଁ ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ ଆଗେଇ ଆସିଥିବା ଦେଖିବାକୁ ମିଳିଥିଲା। ଏହାକୁ ମିଶାଇ ଲଗାତାର ୩୧ ମାସ ଭିତରେ ୮୦୦ ମୃତକଙ୍କ ଅନ୍ତିମସଂସ୍କାର କରି ରେକର୍ଡ ସ୍ଥାପନ କରିଛି ସୁନ୍ଦରଗଡର ଟିମ୍ ଶ୍ମଶାନ ବନ୍ଧୁ। ଟିମ୍ ଶ୍ମଶାନ ବନ୍ଧୁର ମନୋବଳ ବଢାଇବା ଓ ଉତ୍ସାହିତ କରିବାକୁ ସ୍ୱର୍ଗଦ୍ୱାର ଶ୍ମଶାନଘାଟକୁ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ଶେଖର ବେହେରାଙ୍କ ସମେତ ଟାଉନ ଥାନା ଅଧିକାରୀ ସୁଶାନ୍ତ ପରିଡା ଉପସ୍ଥିତ ରହି ମୃତକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହିତ ଟିମ୍ ଶ୍ମଶାନ ବନ୍ଧୁଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଟିମ୍ କୋଭିଡର ତିନୋଟି ଯାକ ଲହରରେ ମୋଟ ୪୩୫ ଜଣ କୋଭିଡ ସଂକ୍ରମିତ ମୃତକଙ୍କ ନିଃଶୁଳ୍କ ଶବସଂସ୍କାର କରିଥିବା ଜଣାଯାଇଛି । ଏଥିସହିତ ଜିଲାର ବିଭିନ୍ନ ବୃଦ୍ଧାଶ୍ରମରେ ରହି ଆସୁଥିବା ଅନ୍ତେବାସୀଙ୍କ ସହିତ ଆଶ୍ରୟଗୃହରେ ରହୁଥିବା ମାନସିକ ଅନଗ୍ରସର ମହିଳାମାନଙ୍କର ପରଲୋକ ଘଟିଲେ ତଥା ପୋଲିସ ଜବତ କରୁଥିବା ଅପରିଚିତ ମୃତ ବ୍ୟକ୍ତି, ଜିଆରପି ଟ୍ରେନ ଲାଇନରୁ ଉଦ୍ଧାର କରୁଥିବା ମୃତକ କିମ୍ବା ହସ୍ପିଟାଲରେ କେହି ଛାଡି ଚାଲି ଯାଇଥିବା ଅସହାୟ ମୃତବ୍ୟକ୍ତିମାନଙ୍କର ସମ୍ମାନର ସହିତ ଶେଷକୃତ୍ୟ କାର୍ଯ୍ୟ ଟିମ୍ ଶ୍ମଶାନ ବନ୍ଧୁ ବର୍ଷ ବର୍ଷ ଧରି କରି ଆସୁଛନ୍ତି। ଟିମ୍ ଶ୍ମଶାନ ବନ୍ଧୁ ରାଜଗାଙ୍ଗପୁର ରେଲବାଇ ପୋଲିସ ଦ୍ୱାରା ଗତ ୫ ଦିନ ପୂର୍ବରୁ କାଂଶବାହାଲ ରାଜଗାଙ୍ଗପୁର ରେଳ ଲାଇନ ପାର୍ଶ୍ୱରୁ ଉଦ୍ଧାର କରାଯାଇଥିବା ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କର ଗୁରୁବାର ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏହି ବ୍ୟକ୍ତିଙ୍କର କେହି ଦାବିଦାର ନ ଆସିବାରୁ ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ପରେ ୯୬ ଘଣ୍ଟା ସଂରକ୍ଷିତ ରଖାଯାଇଥିଲା। ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ଶ୍ମଶାନ ବନ୍ଧୁଙ୍କୁ ଶବସଂସ୍କାର କରିବା ସକାଶେ ରେଳବାଇ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଥିଲା। ସଦସ୍ୟମାନେ ମହାପ୍ରୟାଣ ଗାଡି ଯୋଗେ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ଆଣି ଶେଷକୃତ ସମ୍ପନ୍ନ କରିଥିଲେ।

**ତାଡକା ବଧ ଓ ଶିବ ଧନୁ ଭଗ୍ନ ନାଟକ ମଞ୍ଚସ୍ଥ**

ବାଉଁଶୁଣୀ (ଡି.ଏନ.ଏ.): ଶ୍ରୀରାମ ଲୀଳା ନାଟ୍ୟ ସଂସଦ ବାଉଁଶୁଣୀ ଛକ ଦ୍ୱାରା ୫୭ ତମ ଶ୍ରୀରାମ ଲୀଳା ମହୋତ୍ସବର ଦ୍ୱିତୀୟ ରଜନୀରେ ତାଡକା ବଧ ଓ ଶିବଧନୁ ଭଗ୍ନ ନାଟକ ମଞ୍ଚସ୍ଥ ହୋଇଥିଲା । ରାଜା ଜନକ ପଣ କରିଥିଲେ, ଯିଏ ଶିବଧନୁ ଭଗ୍ନ କରିବ ସେ ସାତାଙ୍କୁ ତାଙ୍କ ସହିତ ବିବାହ ଦେବେ । ଲକ୍ଷେ ରାଜାଙ୍କ ମେଳରେ ପ୍ରଭୁ ରାମଚନ୍ଦ୍ର ଶିବଧନୁ ଭଗ୍ନ କରି ଜନକ ନନ୍ଦିନୀ ସୀତାଙ୍କୁ ବିବାହ କରିଥିଲେ । ଏହି ନାଟକରେ ରାମ ଭୂମିକାରେ ଛବିଲ, ଲକ୍ଷ୍ମଣ ଭୂମିକାରେ ଗିରି ମେହେର, ବିଶ୍ୱାମିତ୍ର ହଳଧର ଦନାୟକ, ଜନକ ରଘୁନାଥ ମେହେର, ବଶିଷ୍ଠ ପ୍ରହ୍ଲାଦ ମେହେର, ଶତ୍ରୁଘ୍ନ ଜୟନ୍ତ ମେହେର , ସୀତା ଭୂମିକାରେ ପୀତାମ୍ବର ମେହେରଙ୍କ ଅଭିନୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା ।

# ୧୯୨୦ ବୋତଲ କଫ ସିରପ୍ ଜବତ : ୫ ଗିରଫ ଘଟଣାର ପର୍ଦ୍ଦା ହଟାଇପାରୁନି ପୋଲିସ

## ବୌଦ୍ଧ ରାମଲୀଳାର ଦ୍ୱିତୀୟ ଦିବସରେ ବାଲ୍ୟଲୀଳା

ବୌଦ୍ଧ,୩୧।୩(ସ୍ୱ.ପ୍ର.)

ବୌଦ୍ଧର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ଦିନ। ଗୁରୁବାର ରାମନବମୀ ଅବସରରେ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ପରେ ଅନୁଷ୍ଠାନର ବ୍ରତୀମାନଙ୍କ ଦ୍ୱାରା ରାମଜନ୍ମ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରଦର୍ଶିତ କରାଯାଇଥିଲା। ସୂର୍ଯ୍ୟବଂଶୀ ରାଜା ଦଶରଥଙ୍କ ତିନି ରାଣୀଙ୍କ ଗର୍ଭରୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ସମେତ ତିନି ଭାଇ ଭରତ,ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ଜନ୍ମ ପରେ ଅଯୋଧ୍ୟାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଚାରି ଭାଇଙ୍କ ବାଲ୍ୟ ଲୀଳାର ଚରିତ୍ର ଅନୁଷ୍ଠାନର ବ୍ରତୀ କଳାକାରମାନେ ନିଖୁଣ ଭାବରେ ପ୍ରଦର୍ଶିତ କରିଥିଲେ। ଦ୍ୱିତୀୟ ଦିବସର ନାଟକ ବାଲ୍ୟଲୀଳା ସହିତ ସୀତା ସ୍ୱୟମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ନାଟକରେ ଶ୍ରୀରାମ ଚରିତ୍ରରେ ମାନସ ମିଶ୍ର, ଲକ୍ଷ୍ମଣ ଭୂମିକାରେ ମନୋରଞ୍ଜନ ମିଶ୍ର, ଦଶରଥ ସୁଦୀପ୍ତ ଦେଓ, କୌଶଲ୍ୟା ଜଗଦୀଶ ବାରିକ, କୈକେୟୀ ମୁକେଶ ପ୍ରଧାନ ଓ ସୁମନ୍ତ ମନ୍ତ୍ରୀ ଭୂମିକାରେ ଅଭିନୟ କରିଥିଲେ । ତୃତୀୟ ଦିବସରେ ମୁକ୍ତ ମଞ୍ଚରେ ସହରର ବୁଢ଼ୁପାଲି ଗ୍ରାମଠାରେ ସୀତା ସ୍ୱୟମ୍ବର ଅନୁଷ୍ଠିତ ହେବ ବୋଲି ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।

- ପିକ୍‌ଅପ ଭ୍ୟାନ, କାର ଓ ମୋବାଇଲ ଜବତ
- କଫ ସିରପ୍ ନିଶାରେ ବଡ ର୍‍ୟାକେଟ୍ କାମ କରୁଛି

ସୋନପୁର/ତରଭା,୩୧।୩ (ନି.ପ୍ର./ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ଏକ ବଡ ଧରଣର ବେଆଇନ୍ କଫ ସିରପ୍ ନେଟୱାର୍କକୁ ଭେଦ କରିଛି। ଖାରୀ ନିକଟରେ ତରଭା ପୋଲିସ ଶୁକ୍ରବାର ଚଢାଉ କରି ୧୨ ପେଟି ଏସକଫ କମ୍ପାନୀର କଫ ସିରପ୍ ଜବତ କରିଛି। ପେଟିରେ ୧୦୦ମିଲିଲିଟର ବିଶିଷ୍ଟ ମୋଟ ୧୯୨୦ ବୋତଲ କଫ ସିରପ୍ ଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ। ଏହା ସହିତ ବେଆଇନ କଫ ସିରପ୍ କାରବାରରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ବଲାଡି ଗ୍ରାମର ଦେବେନ୍ଦ୍ର ପାତ୍ର(୨୬), ପୁରୀ ଜିଲା ଗୋପ ଥାନା ବେଗୁନିଆ ଗ୍ରାମର ପ୍ରଶାନ୍ତ ନାୟକ(୨୬), ନୟାଗଡ ଜିଲା ଓଡଗାଁ ଥାନା କୋମଣ୍ଡା ଗ୍ରାମର ଶୁଶାନ୍ତ ସେଠୀ(୩୨), ବଲାଙ୍ଗୀର ଜିଲା ସଇଁତଳା ଥାନା ଗଣ୍ଡାପତରାପାଲି ଗ୍ରାମର ସୁଶାନ୍ତ ଡାଙ୍ଗ(୨୩), ସଇଁତଳା ଥାନା କୁଇକେଡା ଗ୍ରାମର ଦେବାଶିଷ ଛତ୍ରିଆ(୨୪)। ଗିରଫ ଅଭିଯୁକ୍ତ ମାନଙ୍କଠାରୁ ଗୋଟିଏ ପିକଅପ୍ ଭ୍ୟାନ, ଗୋଟିଏ ହୁଣ୍ଡାଇ ଇଓନ କାର ଓ ୫ଟି ମୋବାଇଲ ଜବତ କରାଯାଇଛି। ଏହି କଫ ସିରପ୍ ନିଶା କାରବାରରେ ବଡ ର୍‍ୟାକେଟ୍ କାମ କରୁଛି। ମାମଲାର ତଦନ୍ତ ଜାରି ରହିଥିବା ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ପଶ୍ଚିମ ଓଡିଶାରେ କେତେକ କମ୍ପାନୀର କଫ ସିରପ୍‌ରେ ବ୍ୟାପକ ବେଆଇନ କାରବାର ଚାଲିଛି। ଏଥିରେ ନିଶାଥିବାରୁ ଲୋକେ ଏହାକୁ ନିଶା ଭାବେ ପିଉଛନ୍ତି। ଶସ୍ତାରେ ଏବଂ ସହଜରେ ଉପଲବ୍ଧ ହେଉଥିବା ଏହି ନିଶା ପାଇଁ ଆନ୍ତଃରାଜ୍ୟ ର୍‍ୟାକେଟ୍ କାର୍ଯ୍ୟ କରୁଛି। ଦୁଇ ସପ୍ତାହ ପୂର୍ବରୁ ବଲାଙ୍ଗୀରରେ ବଡ ଧରଣର ଚଢାଉ ହୋଇଥିଲା । ତେଣୁ ସେଠାକାର ନିଶା ବ୍ୟବସାୟୀମାନେ ବଲାଙ୍ଗୀର ଜିଲା ସୀମାକୁ ଲାଗିଥିବା ସୁବର୍ଣ୍ଣପୁର ଜିଲାର ତରଭା ଅଞ୍ଚଳରେ କଫ ସିରପ୍ ଗଚ୍ଛିତ ରଖି ସେମାନଙ୍କ ବ୍ୟବସାୟ ଚଳାଉଥିବା ପୋଲିସ ସୂଚନା ଦେଇଛି। ବ୍ୟବସାୟୀ ପ୍ରଶାନ୍ତ ଓ ସୁଶାନ୍ତ ପିକଅପ୍ ଭ୍ୟାନ୍ ନଂ ଓଡି୦୨ବିଏନ-୯୨୧୨ରେ କଫ ସିରପ୍ ଆଣି ଖାରୀ ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପଛ ପାର୍ଶ୍ୱରେ ଅନଲୋଡ କରୁଥିଲେ। ବଲାଡି ଗାଁର ଦେବେନ୍ଦ୍ର ଏହି କଫ ସିରପ୍ ମଗାଇ ଥିଲେ। ଅଭିଯୁକ୍ତ ସୁଶାନ୍ତ ଓ ଦେବାଶିଷ ଏଥିରେ ସହଯୋଗ କରୁଥିଲେ ବୋଲି ଏସ୍‌ପି ପଣ୍ଡା କହିଛନ୍ତି । ଏହି ଘଟଣାରେ ଅଭିଯୁକ୍ତଙ୍କଠାରୁ ହୁଣ୍ଡାଇ ଇଓନ କାର ନଂ ଓଡି୦୩ବି-୨୨୫୫ ଜବତ କରାଯାଇଛି । ୧୦୦ମି.ଲି.ଏସ୍‌କଫ କଫ ସିରପ୍ ବୋତଲର ସର୍ବୋଚ୍ଚ ଖୁଚୁରା ଦର ୪୫ ଟଙ୍କା ଥିବା ବେଳେ ନିଶାସକ୍ତ ବ୍ୟକ୍ତିଙ୍କୁ ବ୍ୟବସାୟୀ ମାନେ ୪୦୦ ରୁ ୫୦୦ଟଙ୍କାରେ ବିକ୍ରି କରୁଛନ୍ତି ବୋଲି ଜଣାପଡିଛି। ପୋଲିସ ଏସ.ଆଇ ଆରତୀ କହଁରଙ୍କ ଅଭିଯୋଗ କ୍ରମେ ତରଭା ଥାନାରେ ୬୫/୩୧ ମୂଳେ ୨୧(ବି)/୨୯ ଏନଡିପିସି ଆକ୍ଟରେ ମାମଲା ରୁଜୁ ହୋଇଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ଖବରଦାତା ସମ୍ମିଳନୀରେ ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ଓ ତରଭା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଏସ୍‌ପି ଅମରେଶ କୁମାର ପଣ୍ଡା ସୂଚନା ଦେଉଛନ୍ତି ।

ବୌଦ୍ଧ,୩୧।୩(ସ୍ୱ.ପ୍ର.)

## ଦୁଇ ବନ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣା

- ଘଟଣାରେ ପୋଲିସ ଉପରକୁ ଅଙ୍ଗୁଳି ଉଠାଇଛନ୍ତି ଓଡିଶା ଅଣ ଗେଜେଟେଡ ବନସେବା ସଂଘର ରାଜ୍ୟ ସଭାପତି

ବୌଦ୍ଧ ବନଖଣ୍ଡ ଅଧୀନସ୍ଥ ଖଲିଆପାଲି ଛକରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ବନ ବିଭାଗ ଗାଡି ଉପରକୁ ଗୁଳିମାଡ କରାଯାଇଥିଲା । ଏହି ଗାଡିରେ ଏସିଏଫଙ୍କ ସମେତ ଆଠ ଜଣ ବନ କର୍ମଚାରୀ ବସିଥିଲେ। ଗୁଳିମାଡ ଯୋଗୁ ଦୁଇଜଣ ବନ କର୍ମଚାରୀ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାର ୩ ଦିନ ବିତିଥିଲେ ମଧ୍ୟ ପୋଲିସ ଘଟଣାର ପର୍ଦ୍ଦାଫାସ କରି ପାରିନାହିଁ। ଗୁଳିମାଡ ଘଟଣା ଜିଲାରେ ଏକ ପ୍ରମୁଖ ଘଟଣା ହୋଇଥିବା ବେଳେ ଏପଟେ ଗୁରୁବାର ଦିନ ସୋସିଆଲ ମିଡିଆରେ ଓଡିଶା ଅଣଗେଜେଟେଡ ବନ ସେବା ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ଏକ ପୋଷ୍ଟ କରି ସେ ସିଧା ପୋଲିସ ଉପରକୁ ଅଙ୍ଗୁଳି ଉଠାଇଛନ୍ତି । ସୋସିଆଲ ମିଡିଆରେ ଏହି ଗୁଳିମାଡ କୌଣସି ଦୁର୍ବୃତ୍ତ ନୁହେଁ, ପୋଲିସ କର୍ମଚାରୀ ଏହି କାଣ୍ଡ ଭିଆଇଛନ୍ତି ବୋଲି ଲେଖିଛନ୍ତି । କ'ଣ ତାଙ୍କର ଉଦ୍ଦେଶ୍ୟ, କାହିଁକି ଏଭଳି କଲେ ଏହା ତଦନ୍ତସାପେକ୍ଷ ବୋଲି ଲେଖିଛନ୍ତି। ହେଲେ ବୌଦ୍ଧ ପୋଲିସ ବିରୋଧରେ ନିଜେ ସେମାନେ କ'ଣ ତଦନ୍ତ କରିବେ ବୋଲି ସେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଯାହାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି । ସୋସିଆଲ ମିଡିଆରେ ପାତ୍ରଙ୍କ ଅଭିଯୋଗରେ କିଛିଟା ସତ୍ୟାସତ୍ୟ ଥିବା ନେଇ ସାଧାରଣରେ ମଧ୍ୟ ଚର୍ଚ୍ଚା ହେଉଛି ।

ପାତ୍ର ଅଭିଯୋଗ କରିଛନ୍ତି, ଘଟଣା ରାତିରେ ପଲସର ଓ ଆପାଚିରେ ଚାରି ଜଣ ପୋଲିସ କର୍ମଚାରୀ ଡିଉଟି କରୁଥିବା ବେଳେ ବାରକୋଡାଠାରେ ୩ ଜଣ ବନ କର୍ମଚାରୀଙ୍କ ସହିତ ଭେଟଘାଟ ହୋଇଥିଲା । ଏହାର କିଛି ସମୟ ପରେ ଖଲିଆପାଲି ଛକ ଠାରେ ବନ ବିଭାଗର ଗାଡି ଉପରକୁ ଗୁଳିମାଡ ହୋଇଥିଲା ବୋଲି ସେ କହିଛନ୍ତି । ଏଥିସହିତ ଶୁକ୍ରବାର ସନ୍ଧ୍ୟାରେ ଓଡିଶା ଅଣଗେଜେଟେଡ ବନ ସେବା ସଂଘର ଜୋନାଲ କାର୍ଯ୍ୟକାରୀ କମିଟି ବୈଠକ ବାମଣ୍ଡା ନର୍ସରୀଠାରେ ବସିଥିବା ଜଣାପଡିଛି । ବୈଠକ ପରେ ସେମାନଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା କଣ ରହିବ ସେ ନେଇ ସୂଚନା ଦିଆଯିବ ବୋଲି ରାଜ୍ୟ ସଂଘର ସଭାପତି ପାତ୍ର କହିଛନ୍ତି । ଘଟଣାସ୍ଥଳରେ ପଡିଥିବା ଖୋକାକୁ ନେଇ ଲୋକଙ୍କ ମଧ୍ୟରେ ପୋଲିସ ଉପରେ ସନ୍ଦେହ ଦୃଢ ହେବା ସହ ପୋଲିସର କାର୍ଯ୍ୟକୁ ନେଇ ଅଙ୍ଗୁଳି ଉଠୁଛି। ଏହି ଘଟଣାକୁ ନେଇ ବନ ସଂଘ ପକ୍ଷରୁ କଠୋର ନିଷ୍ପତ୍ତି ନିଆଯାଇପାରେ। ଏପରିକି ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଭବିଷ୍ୟତରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ମଧ୍ୟ କରିବାର ସମ୍ଭାବନା ଦେଖାଦେଇଛି। କୁଆଡେ ବନ କର୍ମଚାରୀମାନେ ଗାଡିର ନମ୍ବର ଜାଣିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ଏନେଇ ବୌଦ୍ଧ ଥାନା ଅଧିକାରୀ ତଦନ୍ତ ଚାଲିଥିବା ନେଇ ସୂଚନା ଦେଇଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି।

# ଦେଶରେ ଗଣତନ୍ତ୍ର ଅସୁରକ୍ଷିତ




କଂଗ୍ରେସର ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ନେତା ।

ବୌଦ୍ଧ,୩୧।୩(ସ୍ୱ.ପ୍ର.)

## ବୌଦ୍ଧରେ କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ କେନ୍ଦ୍ରର କ୍ଷମତାସୀନ ଭାଜପା ସରକାର ଷଡଯନ୍ତ୍ର କରି ତାଙ୍କର ଲୋକସଭା ସଦସ୍ୟତା ରଦ୍ଦ କରିଥିବା ଜିଲା କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଶୁକ୍ରବାର ଦିନ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ପ୍ରବକ୍ତା ବରିଷ୍ଠ ଆଇନଜୀବୀ ନିଶିକାନ୍ତ ମିଶ୍ର ଯୋଗଦେଇ ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତା ରଦ୍ଦ କରାଯାଇଥିବାରୁ ଏହାର ଘୋର ନିନ୍ଦା କରିବା ସହିତ ବର୍ତ୍ତମାନ ଦେଶର ଗଣତନ୍ତ୍ର ଅସୁରକ୍ଷିତ ବୋଲି ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ କେନ୍ଦ୍ରରେ ଭାଜପାର ସ୍ୱେଚ୍ଛାଚାରିତା ଏବଂ ରାଜ୍ୟରେ ବିଜେଡିର ନୀରବତା ଗଣତନ୍ତ୍ର ପାଇଁ ବିପଦ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସର ଜିଲା ପର୍ଯ୍ୟବେକ୍ଷକ ବିସ୍ମୟ ମହାପାତ୍ର, ଜିଲା ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଗଣେଶ ପ୍ରସାଦ ଅଗ୍ରୱାଲା ଓ ଜିଲା ଉପସଭାପତି ସମରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


**कार्यपालक अभियंता का कार्यालय, ग्रामीण विकास विशेष प्रमंडल, पलामू।**

**ई–निविदा आमंत्रण सूचना**

ई– निविदा सूचना संख्या – **EE/RDSD/PALAMAU-28/2022-23**

1.कार्य की विस्तृत विवरणी:–

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पलामू जिला के हरिहरगंज प्रखण्ड अन्तर्गत कुलहिया पंचायत के ग्राम लादीवादी–बरवाडीह पथ पर बतरे नदी पर पुल निर्माण। | 44449696.00 | 889000.00 | 10000.00 | 18 माह। |
| 2 | पलामू जिला के हुसैनाबाद प्रखण्ड अन्तर्गत झरगाड़ा उत्तरी ग्राम में सुवरदह नदी पर पुल निर्माण। | 33203400.00 | 664100.00 | 10000.00 | 18 माह। |
| 3 | पलामू जिला के प्रखण्ड मनातू अन्तर्गत करैला से मधेया पथ में जिंजोई नदी पर पुल निर्माण। | 31003772.00 | 620100.00 | 10000.00 | 18 माह। |
| 4 | पलामू जिला के प्रखण्ड मनातू अन्तर्गत तिलो से मनातू पथ में जमुआ नदी पर पुल निर्माण। | 31003772.00 | 620100.00 | 10000.00 | 18 माह। |
| 5 | पलामू जिला के प्रखण्ड पाण्डु अन्तर्गत ग्राम महुगावां तथा सामुदायिक स्वास्थ्य केन्द्र करमडीह के बीच बांकी नदी पर पुल निर्माण। | 48193196.00 | 964000.00 | 10000.00 | 18 माह। |
| 6 | पलामू जिला के प्रखण्ड पाण्डु अन्तर्गत ग्राम नेउरी मैदान तथा पोखरी के बीच बांकी नदी पर पुल निर्माण। | 56119854.00 | 1123000.00 | 10000.00 | 24 माह। |
| 7 | पलामू जिला के प्रखण्ड पाटन अन्तर्गत ग्राम–सतौवा में देवी मंदिर के पास बेलाही नदी पर पुल निर्माण। | 32690600.00 | 654000.00 | 10000.00 | 18 माह। |
| 8 | पलामू जिला के प्रखण्ड छतरपुर अनतर्गत ग्राम+पंचायत–हुटुकदाग के ग्राम संगरी में बटाने नदी पर पुल निर्माण। | 32483500.00 | 650000.00 | 10000.00 | 18 माह। |
| 9 | पलामू जिला के प्रखण्ड तरहसी अन्तर्गत गोईन्दी के धनकी मनाठी के पास सतनदिया नदी पर पुल निर्माण। | 34094996.00 | 682000.00 | 10000.00 | 18 माह। |
| 10 | पलामू जिला के प्रखण्ड नीलाम्बर–पिताम्बरपुर अन्तर्गत पंचायत–जामुडीह के ग्राम–बौराखाड़ से अमवाखुर्द को जोड़ने वाला पिरी नदी पर पुल निर्माण। | 28868000.00 | 577500.00 | 10000.00 | 18 माह। |
| 11 | पलामू जिला के प्रखण्ड–पाटन अन्तर्गत पंचायत–सगुना के ग्राम नवादा में जिंजोई नदी पर पुल निर्माण। | 40731800.00 | 815000.00 | 10000.00 | 18 माह। |

2. वेबसाइट में निविदा प्रकाशन की तिथि – 10.04.2023
3. ई–निविदा प्राप्ति की तिथि एवं समय – दिनांक 10.04.2023 से दिनांक 24.04.2023 को अपराह्न 5.00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय 25.04.2023 अपराह्न 05.00 बजे तक।
5. निविदा शुल्क एवं अग्रधन की राशि जमा करने का स्थानः–
   i. ग्रामीण विकास विशेष प्रमण्डल, पलामू/जिला नियंत्रण कक्ष, पलामू।
   ii. ग्रामीण विकास विशेष अंचल, पलामू/जिला नियंत्रण कक्ष, पलामू।
   iii. e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ०एफ०पी० भवन धुर्वा, राँची।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान– e-procurement cell, मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ०एफ०पी० भवन धुर्वा, राँची।
8. निविदा खोलने की तिथि एवं समय–26.04.2023 अपराह्न 2.00 बजे।
9. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण विकास विशेष प्रमण्डल, पलामू।
10. ई–निविदा प्रकोष्ठ को दूरभाष सं०–9304798195 (संबंधित कार्यपालक अभियंता का दूरभाष नम्बर)
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, पलामू के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पलामू।

PR 293942 (Rural Development) 22-23 (D)



**BIJU PATTANAIK FILM & TV.INSTITUTE OF ODISHA,**
(An Autonomous Institution of Government of Odisha)
Tel No. 0671-2413968, email : misbpftio@gmail.com

No. CAD-5333 — No. 457 Dt.28.03.2023

**CONTRACTUAL APPOINTMENT**

Applications are invited from the eligible candidates for different teaching and non teaching posts purely on **contractual basis.** The **contractual engagement** will confer no right to claim the post on regular basis. For details visit **www.bpftio.org**

**Authority reserves the right to cancel advertisement and the entire process of selection without assigning any reason thereof.**

Sd/- Director

OIPR-11058/11/0025/2223



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-5326 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1775/RE/OSIC Dt.28.03.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work "Supply and installation of LED Street light at Madhusudan Setu over Mahanadi River along with all infrastructure including comprehensive AMC (Excluding warranty period) for a period of 5 years". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0175/2223



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-5341 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1852/RE/OSIC Dt.31.03.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of **"Supply and installation of different types of Machine in different GPs of Koraput District".** Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0178/2223



**OFFICE OF THE MUNICIPALITY, KENDRAPARA**

No. 2061 Dt.: 28.03.2023

**E-PROCUREMENT NOTICE**

**Bid Identification No. 09/KM 2022-23**

No. C-2779: The Executive Officer, Kendrapara Municipality on behalf of Kendrapara Municipal Council, Kendrapara invites percentage wise double cover bids for execution of Civil work as detailed in the DTCN from Govt. Registered Civil Contractor's having valid contractor licence, PAN, GST and other as per DTCN upload **https:/tendersodisha.gov.in** portal and bidders should submit bids as per their eligibility criteria shown in DTCN.

1. Total No. of work for which tender invited - 1 No.
2. Place of Execution - In Kendrapara Municipal area.
3. Estimated cost of work - Rs.56,77,043/- including GST
4. Eligible class of contractor - Govt. registered contractors as per OPWD code.
5. The bid documents will be available in the website from 11.00 A.M. on Dt.30.03.2023 to 5 P.M. Dt.10.04.2023 for online bidding.
6. The technical bid documents will be opened at 11.00 A.M. on Dt.11.04.2023 and financial bid on Dt.12.04.2023 at 12 P.M.
7. The bidder has to participate in online bidding only. Further details can be seen from the e-procurement portal **https://www.tendersodisha.gov.in**.

**Sd./- Executive Officer**
**Kendrapara Municipality**

OIPR-13185/11/0010/2223



**BOARD OF REVENUE, ODISHA, CUTTACK**
(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)
(E-mail: exam2.bor@gmail.com / exam.bor@gmail.com)
File No. V-01/2023-187/Exam. Dated: 31.03.2023

**NOTIFICATION**

No. F-499: It is hereby notified for general information that the 1st Half Yearly Departmental Examination of Officers, 2023 conducted by the Board of Revenue for all Departments of Govt. of Odisha will be held centrally in 1st fortnight of June at Cuttack.

Online applications are hereby invited from the prospective officers through the Proforma application to be made available in the Board's website **(boardodisha.nic.in)** w.e.f. 3rd April 2023. The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure - I)

The candidates are required to furnish application through Online only. No offline applications will be entertained. The link for submission of application online shall be made available from 03.04.2023 (Monday) to 04.05.2023 (Thursday).

(Note: 04.05.2023 is the last date for the submission of online application).

The detailed programme of the examination schedule (both Written & Viva-Voce) will be notified later on

**DOCUMENTS TO BE UPLOADED:**

- Candidates must upload recent coloured passport size photo and scanned signature as per the instruction mentioned in Annexure - I.
- The forwarding letter duly signed or approved by the head of office must be uploaded. (If the head of office is an examinee, his/her application should duly be approved by the next Higher Authority).
- No application without forwarding letter shall be entertained.
- The officers, who want to be exempted from passing of ODIA in the Departmental Examination, should upload their HSC/equivalent certificate. (Note: ODIA in M.E. Standard will not be considered for exemption)
- No need to upload HSC/Equivalent Certificate, if you have already been exempted by this office.

**No candidate shall be allowed into the Examination Hall without ADMIT CARD**. Candidates are advised to check updates on Baord's website regularly for latest updates like programme of the 1st Half Yearly Departmental Examination of Officers, 2023 and availability of Admit Card.

The officers under training at the Gopabandhu Academy of Administration, Bhubanewar/ Madhusudan Das Regional Academy of Financial Management (MDRAFM), Bhubaneswar/any other institution should submit their application in the above manner through their Academy/ Institute.

**For answering the written papers "with books", the officers will be allowed to use only Bare Acts and Rules brought by them. No other reference material shall be alowed inside the Examination Hall.**

Any candidate found including in any kind of malpractice during examination shall be debarred from appearing in the Departmental Examination for the next three years. Besides she/he shall also be recommended for Departmental action.

**IMPORTANT INSTRUCTIONS FOR CANDIDATES**

- No candidate shall be allowed into the Examination Hall without ADMIT CARD.
- MOBILE PHONES & other electronic gadgets ar strictly prohibited inside the Examination Hall.
- Candidate must carry "Any one of the original and valid Photo Identification Proof issued by the Government".
- Candidates can download their Admit Cards by logging into Board's website **"boardodisha.nic.in"** 1 week before the scheduled date of the Examination, which will be notified later on.
- For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.

By orders of Member, Board of Revenue, Odisha, Cuttack
**Sd./- Secretary**
**Board of Revenue, Odisha, Cuttack**

OIPR-24002/11/0019/2223



**GOVT. OF ODISHA**
**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, CUTTACK**
At/PO: NAYABAZAR, DISTRICT: CUTTACK-753004
Phone No. (0671)-2952638 E-mail ID:- eeagril.cuttack@gmail.com

**e-Procurement Notice: Dated 28.03.2023**

**Bid Identification No.: 02/2022-23 of EE (AGRIL) Agril.Engg.Division, Cuttack**

**No. L-181:-** The Executive Engineer (Agril.), Agril. Engg. Division, Cuttack, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "**www.tendersodisha.gov.in**", for the following works in the district of **Cuttack** as detailed below:

| Sl. No. | Nos. of the work/nature of work for which Tender invited | Approximate Estimated cost put to Tender (Excluding G.S.T.) (Rs. lakh) | Cost of Bid Documents (in Rs.) | Approximately EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 2 Nos. (Two) cluster shallow tube well/Riverlift project | Vary from Rs.12.64 lakh to Rs.19.11 lakh | Rs.6000.00 for each project | 1% of the Estimated work Value Put to Tender | C & D With Valid Electrical Licence | 120 Days |

**1. Date & Time of availability of bid document in the portal : 04.04.2023 at 10.00 AM to 17.04.2023, 5.00 PM**
**2. Last date / Time for receipt of bids in the portal : 17.04.2023 upto 5.30 PM**
**3. Date of submission of original bid documents in Tender Box : 04.04.2023, 10.00 AM to 18.04.2023 up to 5.00 PM**
**4. Date & Time of opening of original Documents & Verification – 19.04.2023 at 11.30 A.M**
**5. Date & time of opening of Online bids: 19.04.2023 at 3.00PM onwards.**

The Bidders have to participate in **ONLINE bidding only** in the e- Procurement website: **https://tendersodisha.gov.in with matching class DSC**. Any addendum / corrigendum / cancellation of tender /other details of the DTCN can also be seen in the said website. Authority reserve the right to reject/accept any or all of the tenders, increase/decrease the quantities of works without assigning any reasons thereof.

OIPR-01447/11/0003/2223 — Sd./- Executive Engineer (Agril.), Agril. Engg. Division, Cuttack

# କେଳି ମାଉସୀ

## ଗଳ୍ପ

**ବିପ୍ଳବ**

ଢିଁକେଲୁ ହେବାକୁ ଗୋଟିଏ ବାଡ଼ି ବାକି ଥିଲା ଖେଳ ବନ୍ଦ ହେଇଗଲା। କିଏ ଯାଇ ନଡ଼ାଗଦା ପଛ ପଟେ, କିଏ ବୋଡି ଘର ଭିତରେ, କିଏ ସରମଞ୍ଜିଆ ଗଛ ସନ୍ଧିରେ ଲୁଚିଗଲେ। ମୁଁ ଯାଇ କଇଁଚୋକୁଡ଼ି ନଟି ଭିତରେ ପଶିଗଲି। କାଠିବାଡ଼ି ସେମିତି ପଡ଼ିଥାଏ। ଛାତି ଥରୁଥାଏ। କ'ଣ ଅଛି ଆଜି ଭାଗ୍ୟରେ! କୁରୁଛତ୍ର ମାଡ଼ ଜାଣ।

ମୋର କ'ଣ ଦୋଷ? ମୁଁ ତ କାଠି ପିଟି ଦେଲାବେଳକୁ କେଳି ମାଉସୀ ରତନି ନୂଆବୋଉଙ୍କ ବାରିପଟୁ ଅଚାନକ ବାହାରି ଆସିଲା। ଆଉ ମୋ' କାଠିଟା ଯାଇ ତାଙ୍କ ମୁଣ୍ଡରେ ଠାଇକିନା ବାଜିଲା।

ମୁଁ ନଟି ଭିତରୁ ଦେଖିଲି ମାଉସୀ ମୁଣ୍ଡକୁ ଚାପି ତଳେ ସେମିତି ବସିଥାଏ। ତା' ମୁଣ୍ଡ ଫାଟିଚି କି ନାଇଁ କେଜାଣି ମୋତେ ଦିଶୁ ନଥିଲା। ବୀଣା ଖୁଡ଼ୀ ବାରିପଟକୁ ଗାଈ ପାଇଁ ପାଳ ଭିଡ଼ିବାକୁ ଆସିଥିଲା। ମାଉସୀ ବସିଥିବା ଦେଖି ଚିଲେଇ ଉଠିଲା। ପାଖ ପଡ଼ିଶା ଘରୁ ସର ଖୁଡ଼ୀ, ଚଞ୍ଚ ନାନୀ, ପଦି ବଡ଼ବୋଉ, ମୋ' ବୋଉହେରିକା ଧାଇଁ ଆସିଲେ।

– କେତେ ରକତ ବୋହିଯାଉଚି ଲୋ, ଆଲୋ କ'ଣ ହେଲା, କ'ଣ ହେଲା ବୋଲି ସବୁ ହୋହଲ୍ଲା କଲେ। ମୁଁ ଅବିକା କ'ଣ କରିବି?

ଦେଖିଲି ସମସ୍ତେ କେଳି ମାଉସୀକୁ ଘେରି ଯାଇଛନ୍ତି। ଏଇ ସୁଯୋଗରେ ଖସିଯିବା ବୁଦ୍ଧିମାନର କାମ। ପାଟିରେ ପାଣି ଗାମୁଛା ଚାପି ମୋ' ହୁଗୁଳା ପ୍ୟାଣ୍ଟକୁ ବାଁ ହାତରେ ମୁଠେଇ ଏକମୁହାଁ ହେଇ ନଦୀବନ୍ଧ ଆଡ଼େ ଦଉଡ଼ିଲି। ଖଣ୍ଡେ ବାଟ ଯାଇ ଦେଖିଲି କେହି ଉଠିନାହାନ୍ତି କେଳି ମାଉସୀ ପାଖରୁ।

ରକ୍ଷା ଅଛି।

ମୋତେ ଦୋଷୀ ଦୋଷୀ ଲାଗୁଥିଲା। ଛ' କି ସାତ ଦିନଯାଏ କେଳି ମାଉସୀ ଆଉ ମାଛ କି ଶୁଖୁଆ ବିକି ଆଣିଲାନି। ଆମ ସାଇ ନୁହେଁ, ଗାଁରେ ମାଉସୀକୁ ଦେଖିଲିନି। ମୁଁ ବି କାହାକୁ ଆଉ ସେ କଥା ଭୟରେ ପଚାରିଲି ନାହିଁ। ସେ ପ୍ରାୟ ସବୁଦିନ ମାଛ ହେଉ କି ଶୁଖୁଆ ପସରା ଧରି ଆସେ। ବାଉଁଶର ଗୋଟିଏ ବଡ଼ ବୋଝ, ଆଉ ମାଛ ତଉଲିବା ପାଇଁ ଗୋଟିଏ ବିଶାକାଠି– ଏତିକି ତା'ର ସମ୍ବଳ। ବୋଉ ସବୁଦିନ ତା'ଠାରୁ ଚୂନାମାଛ ହେଉ କି ବଡ଼ମାଛ କିମ୍ବା ଶୁଖୁଆ ରଖେ। କେବଳ ଅମାବାସ୍ୟା, ସଂକ୍ରାନ୍ତି କି ଗୁରୁବାର ହେଇଥିଲେ ମନା କରିଦିଏ। କେତେବେଳେ ଧାନ, କେତେବେଳେ ଚାଉଳ ଦେଇଦିଏ।



ଆମର ଚଷାଘର। କେଳି ମାଉସୀ କେଉଟ ଘର। ପାଖ ଗିରିଗିରା ସାହିରେ ତା' ଘର। ବୋଉର ନିଜ ଭଉଣୀ ନ ହେଇଥିଲେ ବି ଆମେ ତାକୁ ମାଉସୀ ଡାକୁ। ଖାଲି ଆମ ଘରେ ନୁହେଁ, ଗାଁସାରା ପିଲାଏ ବି କେଳି ମାଉସୀ ବୋଲି ଡାକନ୍ତି।

ବୋଉ କୋଉ କାଳୁ ମରିହଜି ଗଲାଣି। ଗାଁ ଘର ଛପର ନ ହେଇ ଆଟୁ ଭୁଶୁଡ଼ି ପଡ଼ିଲାଣି। ବାପ ଗୋସେଁବାପ ଅମଳ ଡିହରେ ସେମିତି ଠିଆ ହେଇଛି ଜରାଜୀର୍ଣ୍ଣ ଘର। ସିଆଡ଼େ ଯାଇ ବୁଲି ଆସିବାକୁ ବେଳ ନାହିଁ। ଇଚ୍ଛାଶକ୍ତି ବି ନାହିଁ। ଭାଇ ଭାଗ ବଣ୍ଟାକୁଣ୍ଟାକୁ ନେଇ ହିସାବ ଛିଡ଼ିପାରୁନି। ପିଲାମାନେ ସେ ସବୁ କନ୍ଧମାଳିଆ ଘରେ ରହିବାକୁ ଆଗ୍ରହ ପ୍ରକାଶ ନ କରିବାରୁ ଏବେ ସବୁ ସହରର ସ୍ଥାୟୀ ବାସିନ୍ଦା। ଭାଇ ଭାଗ ପାଇଁ ଦିନେ ଗଞ୍ଜା ଲଢ଼େଇ ହେଉଥିଲା, ଆଜି ସେ ଡିହ ପରିତ୍ୟକ୍ତ। ଜମିବାଡ଼ିରୁ କ'ଣ ଆୟ ହେଉଚି କ'ଣ ନ ହେଉଚି ସେ ସବୁ ବୁଝିବା ପାଇଁ କାହାର ଆଗ୍ରହ ନାହିଁ। ପିଲାଦିନେ ସେଇ ସବୁ ଜମିର ଫସଲ ଖାଇ ଆମେ ଭାଇ ଭଉଣୀ ମଣିଷ ହୋଇଥିଲୁ। ସମୟ ସହିତ ସବୁ ବଦଳିଗଲା ଯେମିତି! ଗାଁ କଥା ମନେପଡ଼ିଲେ ମନେପଡ଼ନ୍ତି ବାପା, ବୋଉ, ହସିଲା ଖେଳିଲା ଶୈଶବ। ଆଖି ଲୁହରେ ଓଦା ହୋଇଯାଏ। ଆଜି ଗାଁ ପୁଣି ମନେପଡ଼ିଲା।

ଆଜି ଖବରକାଗଜମାନଙ୍କରେ ମୁଖ୍ୟ ପ୍ରସଙ୍ଗ କେଳି ମାଉସୀ। ବୋହୂକୁ ଯୌତୁକ ନିର୍ଯାତନା କେଶ୍‌ରେ ଗିରଫ ହୋଇ ଜେଲରେ।

ମାଉସୀକୁ ଏବେ କେତେ ବର୍ଷ ହେବ!

ଅନେକ ବର୍ଷ ହେବ ଗାଁକୁ ଯାଇନି। କେଳି ମାଉସୀକୁ ବି ଦେଖିନି। ସେଇ ଦିନର ଘଟଣା ପରେ ମୋର କେଳି ମାଉସୀ ପ୍ରତି ମନ ଭିତରେ ଯେମିତି ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଚି। ଆଜି ସବୁ ସ୍ମୃତି ଜୀବନ୍ତ ହେଇଉଠିଲା।

ଗାଁରେ ଥିବା ସାଙ୍ଗମାନଙ୍କର ମୋବାଇଲ୍ ନମ୍ବର ନଥିଲା। ଆମ ପିଲାଦିନେ କୋଉ ଫୋନ୍ କଥାବାର୍ତ୍ତା ଥିଲା ଯେ ନମ୍ବର ଆସିବ? ପିଲାମାନେ ତ ପ୍ରଥମରୁ ସହରରେ। କାହାର ଗୋଟେ ନମ୍ବର ଯୋଗାଡ଼ କରିବାକୁ ହେବ ଭାବି ଚିନ୍ତାରେ ପଡ଼ିଗଲି ମୁଁ।

ଆରେ ଏବେ ତ ସରପଞ୍ଚ ଇଲେକ୍‌ସନ ଯାଇଚି। ଗିରିଗିରା ସାଇର ଚକରା ବୋହୂ ଭୋଟ୍‌ରେ ଠିଆ ହେଇଥିଲା। ସେ ଫୋନ୍ କରିଥିଲା ଭୋଟ୍ ସମୟରେ। ତା' ନମ୍ବରଟା ଡାଏରୀରେ ଲେଖି ରଖିଥିଲି।

ମୁଁ ତରତର ହୋଇ ଡାଏରୀ ଖୋଜିଲି। ଡ୍ରେସିଂ ଟେବୁଲ୍ ଡାହାଣ ପଟ ଡ୍ର ଭିତରେ ଡାଏରୀ ଥିଲା। ଆଣି ଦେଖିଲି ନମ୍ବରଟି ଲେଖା ହେଇଛି।

ଯାହା ହଉ ଦୁଇଥର ରିଂ ହେବା ପରେ ଚକରା ପୁଅ ଫୋନ୍ ଉଠେଇଲା। ମୋ' ପରିଚୟ ଦେବା ପରେ ଚିହ୍ନିପାରିଲା। ମୁଁ କେଳି ମାଉସୀ କଥା ପଚାରିଲି। ସେ ଯାହା କହିଲା ମୁଁ ଶୁଣି କାଠ ହେଇଗଲି।

ଖବରକାଗଜରେ କେଳି ମାଉସୀ ବିଷୟରେ ଯାହା ବାହାରିଛି ସବୁ ସତ।

ମାଉସୀ ତା' ବୋହୂକୁ ନିର୍ଯାତନା ଦେବାଟା ସତ ନୁହେଁ, କିନ୍ତୁ ମାଉସୀକୁ ପୋଲିସ ବାନ୍ଧି ନେବା କଥା ସତ। ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା। ଏବେକାର ମା'ମାନେ କେତେ ହିନକପାଳୀ! ନା ତାଙ୍କୁ ଭଲ ଶାଶୁ ମିଳିଲା ନା ଭଲ ବୋହୂ!

ଘରେ କାହାକୁ କିଛି ନ କହି ଗାଡ଼ି ନିଜେ ଡ୍ରାଇଭିଂ କରି ଗାଁକୁ ଚାଲିଲି। ବିଚାର ବ୍ୟବସ୍ଥା ପରକୀୟା ପ୍ରୀତିକୁ ଆଇନସମ୍ମତ କରିଦେଲା ପରେ ଆମ ସଭ୍ୟତା ଆଉ ସଂସ୍କୃତିର ମୂଳ ଦୋହଲି ଯାଇଛି ଯେମିତି! ନହେଲେ କ'ଣ ଅଶୀ କି ପଞ୍ଚାଅଶୀ ବର୍ଷର କେଳି ମାଉସୀ ଆଜି ମିଛ ନିର୍ଯାତନା ଅଭିଯୋଗରେ ହାଜତରେ ଥାଆନ୍ତା! ତା' ବୋହୂର କୁଆଡ଼େ ଅନ୍ୟ ପୁରୁଷ ସହ ପାପ ସମ୍ପର୍କ ଥିବା ବିଷୟରେ ମାଉସୀ ଜାଣିଦେଲା। ତା'ର ଫଳ ଇଏ। ପୋଲିସ ବି ବାଡ଼ ହେଇ ଫସଲ ଖାଇ ଚାଲିଛି। ସାମାନ୍ୟତମ ବିବେକ ବି ଖଟେଇ ନାହିଁ। ଏତେ ବୟସର ଲୋକଟିଏ କି ପ୍ରକାର ନିର୍ଯାତନା ଦେଇପାରିବ! ବିକ୍ରି ହେଇ ଯାଇଥିବା ମୁଣ୍ଡର ବିବେକ କୁଆଡୁ ବା ଆସିବ? ମୁଁ କେତେ ବୋକା ସତେ! କେଳି ମାଉସୀ ପୁଅ ବି ବଡ଼ ଅଜବ। ନା ନିଜେ କିଛି ରୋଜଗାର କରେ ନା ସ୍ତ୍ରୀ ପିଲାଙ୍କ ପାଇଁ ଭାତ ଯୋଗାଡ଼ କରେ! ସ୍ତ୍ରୀ ଚୋରା ଦେଶୀମଦ ବିକ୍ରି କରି ତାକୁ ପୋଷେ। ସେ ଅହରହ ମାଲ୍ ପିଇ ଚୁର୍।

ଥାନା ସାମ୍ନା ଗେଟ୍‌ର ଟିକେ କଡ଼କୁ ଗାଡ଼ି ଲଗେଇଲି। ଓ.ଆଇ.ସି. ସାମ୍ନାରେ ଜାମିନ ପେପର ରଖିଦେଇ ମାଉସୀ ପାଖକୁ ଦଉଡ଼ିଗଲି। ମୋ' କାଠିବାଡ଼ି ମାଡ଼ରେ ଯା' ତାଲୁ ଫାଟି ଆଁ କରିଥିଲା, ଆଉ ମୁଁ ଜାଣି ବି ଯିଏ ନିରବ ଥିଲା, ସେ କ'ଣ କେବେ କାହା ପ୍ରତି ଅବିଚାର କରିପାରେ!

ଲୋଚାକୋଚା ଚମ। କାଶତଣ୍ଡୀ ଫୁଲ ପରି ବହଳ ଧଳାବୁଟି। ମୁହଁକୁ ଆଣ୍ଠୁ ଭିତରେ ପୂରେଇ ବସିଚି କେଳି ମାଉସୀ।

ମୁଁ ଯାଇ ତା' କାନ୍ଧରେ ହାତ ଥୋଇଲି। ଯେମିତି କାହା ଅପେକ୍ଷାରେ ଥିଲା ସେ।

ମୁଁ ମାଉସୀକୁ ଜାବୁଡ଼ି ଧରି କାନ୍ଦି ପକେଇଲି। ସେ ମୋ' ଛାତିରେ ମୁହଁ ଜାକି ବଡ଼ ବିକଳ ସ୍ୱରରେ କହିଲା– ବା'ରେ ତୋ' ବୋହୂ ନାଁରେ ଆଉ କିଛି କହିବିନି। ମୋତେ ଏଠୁ ନେଇଯା'। ରାତିରେ ବହୁତ ଶୀତ ହଉଚି। ସହି ପାରୁନି। ମରିଯିବିରେ।

ମୋ' ଛାତି ବଡୁରୁଥିଲା। ନୂଆ ନେସା ହେଇଥିବା ମାଟିକାନ୍ଥ ପରି ଯେମିତି ଭୁଶୁଡ଼ି ପଡ଼ିବ!

ମୁଁ ଜାଣି ସାରିଥିଲି କେଳି ମାଉସୀ ବୟସର ସାୟାହ୍ନରେ ତା'ର ଦୃଷ୍ଟିଶକ୍ତି ହରେଇ ସାରିଛି। ଆଉ ମୋତେ ତା' ପୁଅ ଭାବୁଚି। ପଢ଼ିଥିଲି ମା' ନ ଦେଖିଲେ ମାଉସୀ ଦେଖ। କେଳି ମାଉସୀ ଏବେ ମୋ' ବୋଉ ପରି ଦିଶୁଥିଲା। ମୋ' ଛାତି ଫଟେଇ ବିକଳ ସ୍ୱରଟିଏ ବାହାରି ଆସିଲା– 'ବୋଉ'।

ମୋ: ୯୪୩୭୪୬୮୦୧୬

## ବରଗଛ

**ଲଘୁଗଳ୍ପ**

**ଦୀପକ କୁମାର ମହାନ୍ତି**

ସେ ବରଗଛ ମୂଳେ ବସିଥିଲା। ଉପର ବରଗଛରେ ପତ୍ରଟିଏ ନ ଥିଲା। ତା' ଜୀବନରେ ଗ୍ରୀଷ୍ମ ଋତୁ ପରି ଗଛ ବି ଆଜି ପତ୍ରଝଡ଼ା ଦେଇ ଥୁଣ୍ଟା ପାଲଟିଯାଇଛି।



ଦିନ ଥିଲା ସେହି ବରଗଛ ଫୁଲ ଫଳରେ ଭର୍ତ୍ତି ହୋଇଥିଲା। କିଚିରି ମିଚିରି ହୋଇ ଚଢ଼େଇ ବସା ବାନ୍ଧିଥିଲେ। ସମସ୍ତେ ପସନ୍ଦ କରୁଥିଲେ। ପଥିକମାନଙ୍କ ଗହଳି ଲାଗି ରହିଥିଲା। ଆଜି କିନ୍ତୁ ଚଢ଼େଇମାନଙ୍କ ସେ ଶବ୍ଦ ନାହିଁ କି ବାଟୋଇମାନଙ୍କ କୋଳାହଳ ନାହିଁ। ହଠାତ୍ ତା' ବାଟ ଦେଇ କୋକେଇରେ ଶବଟି ଗଲାବେଳେ ପ୍ରକୃତିସ୍ଥ ହୋଇ ସେ ଆଡ଼କୁ ଚାହିଁଲା। ଶବ ପଛେ ପଛେ ବାଜା ବଜାଇ ନିଶାସକ୍ତ ଯୁବକମାନେ ନାଚୁଥିଲେ।

କିଏ ଚାଲିଗଲା? କାହାର ଡକରା ଆସିଲା? ସେ ପଚାରିଲା। ଯୁବକଟି ତା' ପାଖକୁ ଆସି କହିଲା– ଆର ସାହିର ନିଧି ବୁଢ଼ା। ପୁଅର ଗଞ୍ଜଣା ସହି ନ ପାରି କାଲିରାତିରେ ଦଉଡ଼ି ଦେଇଦେଲା। ଯା' ପରେ ତୋ' ପାଳି।

ମଦ ନିଶାରେ ଚୂର୍ ଥିବା ପୁଅ ଆଡ଼କୁ ଅନାଇ ସେ ଭାବୁଥିଲା, ବାବୁରେ! ଏଇଟା ଖୁସିର ବେଳ ନୁହଁ। ସମସ୍ତଙ୍କ ଜୀବନରେ ବସନ୍ତ ପରେ ପରେ ଗ୍ରୀଷ୍ମ ଆସେ। ତୋର ଆଜି ବସନ୍ତ ଋତୁ। ଗ୍ରୀଷ୍ମ ଆସିବ। ତୁ ବି ଦିନେ ଏଇ ବରଗଛ ପରି ପତ୍ରଝଡ଼ା ଦେବୁ। ଗଛ ସିନା ଋତୁ ସହ ବଦଳେ, ମଣିଷ କିନ୍ତୁ ମଶାଣିକୁ ଯାଇ ପୁଣି ଆଉ ଗୋଟେ ଜନ୍ମର ଋତୁଚକ୍ରକୁ ଅପେକ୍ଷା କରେ।

ମୋ: ୯୪୩୮୩୨୯୦୫୯

## କାଳକାଳକୁ

**"ଜଣେ ଭଲ ଲୋକର ଜୀବନର ସର୍ବୋତ୍ତମ ଅଂଶ ହେଉଛି ତା' ଦୟା ଓ ପ୍ରେମର ସାନସାନ, ନାମହୀନ, ବିସ୍ମୃତ ଘଟଣାବଳୀ।"**

**– ଉଇଲିୟମ୍ ୱାର୍ଡସୱର୍ଥ**



**ଉଇଲିୟମ୍ ୱାର୍ଡସୱର୍ଥ**ଙ୍କ ଜନ୍ମ ୭ ଏପ୍ରିଲ ୧୭୭୦ରେ ଓ ପରଲୋକ ୨୩ ଏପ୍ରିଲ ୧୮୫୦ରେ, ଇଂଲଣ୍ଡରେ। ସାମୁଏଲ୍ ଟେଲର୍ କୋଲେରିଜ୍‌ଙ୍କ ସହ ମିଶି ସେ ଇଂଲିଶ୍ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର ଆରମ୍ଭ କରିଥିଲେ। ଦୁହିଁଙ୍କର ମିଳିତ ରଚନା "Lyrical Ballads" ୧୭୯୮ରେ ପ୍ରକାଶ ପାଇଥିଲା। ୱାର୍ଡସୱର୍ଥଙ୍କ ଅନ୍ୟତମ ପ୍ରମୁଖ ଗ୍ରନ୍ଥ "The Prelude" ହେଉଛି ଆଂଶିକ ଭାବେ ତାଙ୍କ ଆତ୍ମଜୀବନୀ, ଯାହା ପାଠକ ମହଲରେ ବହୁ ଆଦୃତ। ସେ ଲେଖକମାନଙ୍କୁ କହନ୍ତି: "ତୁମେ ତୁମ କାଗଜକୁ ତମ ହୃଦୟର ସ୍ପନ୍ଦନରେ ପୂର୍ଣ୍ଣ କର।"

## ପୁସ୍ତକ ପରିଚୟ

### କଳ୍ପନାର ବାସ୍ତବତା





**ଲେଖକ:** ବିଜୟ ନାୟକ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୫୦/-

ମୋଟ ୨୨ଟି ପ୍ରବନ୍ଧ ଆଲୋଚ୍ୟ ସଂକଳନରେ ସ୍ଥାନିତ, ଯେଉଁଗୁଡ଼ିକ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି ବୋଲି ଲେଖକ ଉଲ୍ଲେଖ କରିଛନ୍ତି। ପୁସ୍ତକର ପ୍ରଥମ ପ୍ରବନ୍ଧ 'ବାସ୍ତବତାର କଳ୍ପନା ଓ କଳ୍ପନାର ବାସ୍ତବତା'ରେ ହିବ୍ରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ହାରାରିଙ୍କ ମତ ଉଦ୍ଧାର କରି ବିଜୟ ଲେଖିଛନ୍ତି: "ମଣିଷ ସ୍ଥୂଳ ବାସ୍ତବତାରେ ବସବାସ କରେ, କଳ୍ପିତ ବାସ୍ତବତାରେ ବଞ୍ଚେ, ଦୃଶ୍ୟମାନ ପୃଥିବୀ ସ୍ଥୂଳ ବାସ୍ତବତାର ପୃଥିବୀ। x x କିନ୍ତୁ ମଣିଷ ବଞ୍ଚିରହିବା ପାଇଁ ପାଣି ପବନ ବ୍ୟତୀତ ଆଉ କିଛି ଲୋଡ଼ା। ସେହି 'ଆଉ କିଛି' ମଣିଷର କଳ୍ପନାପ୍ରସୂତ। ତାହା ହିଁ କଳ୍ପିତ ବାସ୍ତବତା।" ବହିଟିରେ ବିଭିନ୍ନ ବିଷୟକ ପ୍ରବନ୍ଧ ରହିଛି। ଗାନ୍ଧିଜୀ, ସୁଭାଷ ବୋଷ, ମଧୁସୂଦନ, ଗୋପବନ୍ଧୁ, ଓବାମା ଓ କସ୍ତୁରବାଙ୍କ ଭଳି ମହତ୍ ନେତୃବର୍ଗର ମନୀଷୀମାନଙ୍କ ସମ୍ପର୍କରେ ବହୁ ତଥ୍ୟନିଷ୍ଠ ଆଲେଖ୍ୟ ସାଙ୍ଗକୁ ଲେଖକଙ୍କ ନିଜସ୍ୱ ମନୋଭୂମିର ପରିପ୍ରକାଶ ପାଠକେ ଏଥିରେ ଦେଖିବାକୁ ପାଇବେ। ପ୍ରବନ୍ଧଗୁଡ଼ିକର ଉପସ୍ଥାପନା ଶୃଙ୍ଖଳିତ ଓ ଭାଷା ସରଳ ତଥା ଭାବଗର୍ଭୀ ହୋଇଥିବାରୁ ବହିଟିର କାଂକ୍ଷିତ ପାଠକ କେବଳ ବୁଦ୍ଧିଜୀବୀ ହେବେ ନାହିଁ, ସାଧାରଣ ବର୍ଗର ପାଠକମାନେ ବି ଏଥିରୁ ଜ୍ଞାନଗର୍ଭୀ ଆମୋଦ ଉଠାଇ ପାରିବେ।

### କିନ୍ତୁ କନକ





**ଲେଖକ:** କେଶବ ଚନ୍ଦ୍ର ରାଉତରାୟ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୧୨୦/-

ମୂଳତଃ କଥାକାର ହୋଇଥିଲେ ବି ଜୀବନ ଓ ଜଗତର ଆଖିଦେଖା ଅନୁଭବକୁ ନେଇ କେଶବ ଚନ୍ଦ୍ର ଯେତେବେଳେ ନାଟକଟିଏ ଲେଖିବସନ୍ତି, ତାହା ଖାଲି ମଞ୍ଚର ନ ହୋଇ ମଞ୍ଚତଳର ଦର୍ଶକଙ୍କର ସମୂହ-ଅନୁଭୂତି ହୋଇଉଠେ। 'ପ୍ରାକ୍ କଥନ'ରେ ଲେଖକ ଲେଖିଛନ୍ତି: "ଜୀବନର ପ୍ରତ୍ୟେକ ଅଂଶରେ ନାଟକୀୟତା ଆତ୍ମଗୋପନ କରିଛି।" ଏହା କେବଳ ଏକ ଉକ୍ତି ନୁହେଁ, ଏହି ଉକ୍ତିର ସଫଳତା ଆଲୋଚ୍ୟ ନାଟକରେ ଆମୂଳଚୂଳ ପରିଲକ୍ଷିତ ହୁଏ। ନାଟକର ଚରିତ୍ର ଭିତରେ ଏକାକାର ହୋଇଯିବା ଜଣେ ସଫଳ ନାଟ୍ୟକାର ପକ୍ଷେ ସବୁଠୁଁ ବଡ଼କଥା। ନାଟକର ଯେକୌଣସି ଚରିତ୍ର ଯଥା: ନଚାଳି ବୁଢ଼ା, ଚୌଧୁରୀ ସାଆନ୍ତ, କନକ, ଯମୁନା, ପୀତବାସ, ମାଲୁଆ, ମଙ୍ଗୁ ପାଢ଼ୀ, ହେଁସରା ବୋଉ, ସାହୁକାର ବୋହୂ, ବିଟୁଆ ମା' ଓ ଫଲମା ସାମୁଲ ଆଦି ଚରିତ୍ରଗୁଡ଼ିକ କେଉଁ ଗଛରୁ ଫଳନ୍ତି ନାହିଁ, ଆମ ଆତଯାତର ପୃଥିବୀ ଭିତରେ ବଞ୍ଚନ୍ତି ଓ ଜୀବନକୁ ସାମ୍ନା କରନ୍ତି। ସୁତରାଂ 'କିନ୍ତୁ କନକ' ନାଟକଟି ହେଉଛି ଜୀବନର ଜୀବନ୍ତ ଅଭିନୟ। ନାଟକର ସଂଳାପଗୁଡ଼ିକ ଦର୍ଶକଙ୍କୁ ନାଟକଟି ସହ ଆମୂଳଚୂଳ ଯେ ଯୋଡ଼ି ରଖିବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଇଚ୍ଛାହୁଏ

**ରମାକାନ୍ତ ଦାସ**

ଇଚ୍ଛାହୁଏ...
ପୁଣିଥରେ ଫେରିଯିବାକୁ
ସେ ଅତୀତ ପାଖକୁ
ପୁଣିଥରେ ଜିଇବାକୁ
ସେ ଅତୀତ ସହିତ
ପୁଣି ଥରେ ହଜିଯିବାକୁ
ସେଇ ପୁରୁଣା ରାସ୍ତାରେ
ଯେଉଁ ରାସ୍ତାରେ ଥିଲେ
ତୁମେ, ମୁଁ ଓ ଆମ ପ୍ରେମ
ନେହୁରା ହୋଇ ଅଟକେଇ ଦିଅନ୍ତି
ସମୟକୁ ସେଇ ରାସ୍ତାରେ
ପୁଣିଥରେ ତୁମ ପ୍ରେମର
ରଙ୍ଗ ବୋଳନ୍ତି
ମୋ' ହୃଦୟ କାନ୍‌ଭାସରେ
ପୁଣିଥରେ ଚାଲନ୍ତି
ତୁମ ହାତରେ ହାତ ରଖି।

ଫେରିପାରନ୍ତି କି ଥରେ!
ସେଇ ପୁରୁଣା ଦିନକୁ
ପ୍ରତିଦିନ ରୁହନ୍ତି ତୁମ ଅପେକ୍ଷାରେ
ନିଜକୁ ବାନ୍ଧି ରଖନ୍ତି
ତୁମ ପ୍ରେମର ବଳୟ ମଧ୍ୟରେ
ଚାହିଁଲେ ବି ମୁଁ ଫେରିପାରେନି
ସେଇ ପୁରୁଣା ଦିନକୁ
ଭାବେ, ମୁଁ ଆଜି ନିରୋଳାରେ ବସି
କାହିଁଗଲା ସେ ଦିନ?
କାହିଁଗଲା ସେ ସମୟ?
କ'ଣ ବଦଳିଗଲା?
ମୁଁ ଜାଣିପାରେନି
ତୁମେ, ମୁଁ ନା ସମୟ!

ମୋ: ୯୬୬୮୮୧୫୩୬୯

### ନାରୀ ଅନନ୍ୟା

**ଅନସୂୟା ପଣ୍ଡା**

ମୋ ଆଗରେ ହାରିଯାଏ
ସମାଜର ନାଲିଆଖି
ସେ ଭାବିବାଠାରୁ ଊର୍ଦ୍ଧ୍ୱରେ
ମୁଁ କାଳୀ ହୋଇ
ବିଦାରି ପାରେ କାଳରାତ୍ରି
ତିଆରି ପାରେ ସ୍ୱର୍ଗର ଅମରାବତୀ।
ସୃଷ୍ଟିର ଆରମ୍ଭରୁ
ମୋ ଦେହରେ କାରିଗରି
ମୁଁ ବଦଳେ ସତେ ଯେମିତି
ମୋ ମନଟା ତିଆରି ହେଇଛି
ଭିନ୍ନଭିନ୍ନ ଧାତୁରେ
ପରସ୍ତ ପରସ୍ତ କରି।

ମୋହର ମହୁରେ ମୁଁ ତିଆରିପାରେ
ଜହ୍ନରାତିରେ କୁଳୁକୁଳୁ ଛାତି
ମଧୁମିତାର ଗପରେ ଆଣିପାରେ
ଫଗୁଣର ମତୁଆଲା ମଧୁଗୀତି
ମୁଁ ସୃଷ୍ଟିକର୍ତ୍ତାଙ୍କର
ନିଖୁଣ ତାରକସି କାମରେ
ଅନନ୍ୟା ଅତୁଳନୀୟା
ବିଶେଷ ସ୍ଥାପତ୍ୟ।

ଲୁହରେ ଲହୁରେ ଅଣୁଅଣୁ ବିମୁଗ୍ଧ
ଛନ୍ଦ ତାଳ ସ୍ୱର ଆପଣାପଣରେ
ତୋଳୁଥାନ୍ତି ସର୍ବବ୍ୟାପିନୀ ହିଲ୍ଲୋଳ
ସମୟକୁ କରିଦିଏ ରହସ୍ୟମୟ
ରସାଳ ରମଣୀୟ ରାଗର ସମାହାର।

ମୋ: ୯୪୩୯୨୧୧୯୭୧

### 'ଭଗ୍ନାଂଶ'

**ସଂଜୀବ କୁମାର ଦାଶ**

ମନ ଆଇନାର
ଭଙ୍ଗା ଟୁକୁଡ଼ା ସ୍ମୃତିର ବିକ୍ଷିପ୍ତ କାଚସବୁ,
ଭାବନାର ଦିଗନ୍ତରେ କରିଛି ପାଥେୟ,
ଝଲସୁଛି ସେଠି, ସେଦିନର
ସୁନେଲି ସକାଳ କିରଣ,
ଜୋଛନାର ସୁରା ପିଇ ଉଚ୍ଛନ୍ନ ଜହ୍ନ,
ଡେଇଁ ଡେଇଁ କରୁଛି ପ୍ରବାସ,
ଅଳସେଇ ଉଙ୍କିମାରୁଛି ବିଗତ,
ସେଇ ଘଞ୍ଚ ବନାନୀର
ସବୁଜିମା ଭିତରେ,
ଅପ୍ରତ୍ୟାଶିତ ଭ୍ରମରର
ମଧୁର ଆଳାପ...

ମନ୍ଦିର ଗାତ୍ରରେ ଦେଖ,
କୋଉ ଯୁଗର ବିଖଣ୍ଡିତ
ପ୍ରସ୍ତର ରୂପସୀ,
ତା'ର କଟା ନାସାଗ୍ର,
କିୟତ୍ ସ୍ତନଯୁଗଳ,
ଅବା ଭଗ୍ନ ଅଙ୍ଗୁରୀୟ,
ତଥାପି ସେ ନିତମ୍ବିନୀ, ଅପରୂପା,
ଅନୁନୟୀ ନାୟିକା, ନମ୍ରନିବେଦିତା,
ଭାବତଟସ୍ଥ, ଦେଖଣାହାରି, ଉଲ୍ଲସିତ,
ସମ୍ମୋହିତ ପ୍ରାଣଧାରେ
ଲାଖିଛି ମାନସୀ,
ତନ୍ନତନ୍ନ ଖୋଜେ ଇତିହାସ...

ନିଜ ରାସ୍ତାରେ ଚାଲୁଛି ଜଗତ,
କାହା କୁହାବୋଲାକୁ ପରତେ ନାଇଁ,
କଟା ଗଛଗଣ୍ଡି ଉପରେ
ସୁଲୁସୁଲୁ ହଲୁଛି,
କତିପୟ କଅଁଳ ପଲ୍ଲବ,
ଆହୁରି ଜୀବନର ଦୁର୍ବାର ଆଶା,
ଶେଷନୁହେଁ ଏଠି ଖାଲି
ପ୍ରାପ୍ତିର ପ୍ରତିଷ୍ଠା,
ବନ୍ଧୁର ପଥାତିକ୍ରମଣରେ
ବିକ୍ରାନ୍ତିର ଦିବ୍ୟତା,
ସମୟର ଗଣିତ ଖେଳରେ,
ପୂର୍ଣ୍ଣତା, ଯଦିଓ ସ୍ୱାଭାବିକ,
ତଥାପି ଅପରିହାର୍ଯ୍ୟ,
ଅସୁମାରି ଭଗ୍ନାଂଶ...

ମୋ: ୯୪୩୭୭୩୯୫୭୭

## ଆତ୍ମୀୟତା

**ବିଶେଷ ଗଳ୍ପ**

**ସୁଦର୍ଶନ ମହାପାତ୍ର**

ସବୁ ମାନ ଅଭିମାନ ଭୁଲି ବଡ଼ଭାଇଙ୍କ ପୁଅ ଆକାଶ ଆସିଥିଲା ତାଙ୍କୁ ଗାଆଁକୁ ପାଛୋଟି ନେବା ପାଇଁ। କେତେ ସୁନ୍ଦର ସଂସ୍କାର ପିଲାଙ୍କୁ ଦେଇଛନ୍ତି ବଡ଼ଭାଇ! ଅପୂର୍ବ ବାବୁ କ'ଣ କରିବେ କିଛି ବୁଝିପାରୁ ନଥିଲେ। ଯେଉଁ ପୁଅ କଥାରେ ସେ ବଡ଼ଭାଇଙ୍କ ଠାରୁ ନିଜ ଭାଗ ସମ୍ପତ୍ତି ବିନିମୟର ପଇସା ମାଗି ଆଣିଥିଲେ ସେଇ ପୁଅ ଦ୍ୱାରା ସେମାନେ ଆଜି ଉପେକ୍ଷିତ। ପୁଅ ନାମରେ କିଣା ଯାଇଥିବା ଘରେ ଆଜି ବାପା ବୋଉଙ୍କ ପାଇଁ ସ୍ଥାନ ନାହିଁ। ପତ୍ନୀ ନିଜେ ପୁତୁରାମାନଙ୍କୁ ସବୁ କଥା କହି ଡକେଇଛନ୍ତି ବୋଲି ଅପୂର୍ବ ବାବୁ ବୁଝି ପାରିଲେ ଅନାୟାସରେ।

ଠିକ୍ ସମୟରେ ଗାଡ଼ି ପହଞ୍ଚି ଯାଇଥିଲା ଗାଆଁରେ। ଦୁଇ ବର୍ଷ ପରେ ସତେଯେମିତି ଉତ୍ସବଟିଏ ପାଳନ ହେଉଛି ଘରେ। ସମସ୍ତଙ୍କ ମୁହଁରେ ଖୁସିର ତରଙ୍ଗ ଖେଳିଯାଉଛି। ଆମ ଜେଜେ, ଜେଜେମା' କହି ଦୁଇଟିଯାକ ଛୁଆ ଲୋଟି ପଡ଼ିଲେଣି ସେମାନଙ୍କ ଉପରେ। ଓଃ, କି ଶାନ୍ତି! କାଖେଇ, କୁଣ୍ଢେଇ ଗେଲ କରି ଅଳକା ସତେକି ହଜିଗଲେଣି ସେ ଉତ୍ସବରେ। ବୋହୂ ପାଦ ଛୁଇଁ ଉଠୁଉଠୁ ତାଗିଦ୍ ଗଲା ପିଲାମାନଙ୍କୁ –"ଜେଜେ, ଜେଜେମା'ଙ୍କୁ ଏବେ ଟିକେ ବସିବାକୁ ଦିଅ। ଏମିତି କାହିଁକି ହେଉଚ। ଏଇଠି ସେ ଏବେ ସବୁଦିନ ତୁମମାନଙ୍କ ପାଖରେ ରହିବେ।"

ଅପୂର୍ବ ବାବୁ ନିରେଖି ଦେଖିଲେ ବାଡ଼ି ପଟକୁ। ଆକାଶ ବୋଧହୁଏ ବୁଝିଗଲା ତାଙ୍କ କଥା। "ଆମେ ପୁରୁଣା ମାଟି ଘର ଜାଗାରେ ଚାରି ବଖରା କୋଠାଘର କରିଛୁ। ହେଲେ ବାପା ରହୁଥିବା ସେଇ ଘରକୁ ମୁଁ ଭାଙ୍ଗି ନାହିଁ। ବାପା ନାହିଁ କରିଥିଲେ ସେ ଘର ଭାଙ୍ଗିବା ପାଇଁ। ସେଇ ଘରେ ଖାଲି ଖଟଟିଏ ପଡ଼ିଛି। ପିଲାମାନେ ସେଇଠି ପଢ଼ାପଢ଼ି କରନ୍ତି, ଖେଳନ୍ତି।" ସେଇ ଘରଆଡ଼କୁ ଚାଲିଲେ ଅପୂର୍ବ ବାବୁ।

"ଜାଣିଲୁ ଆକାଶ, ଏଇ ଘରେ ଆମ ଦୁଇ ଭାଇଙ୍କର ଜନ୍ମ। ଦେଖୁନୁ ବୋଉ ତିଆରି କରିଥିବା ଦୁଇଟିଯାକ ଷଠିଘର ଏବେବି ଅତୁଟ ଅଛି। ଏଇ ଘରେ ହିଁ ମୁଁ ରହିବି। ପିଲାମାନଙ୍କ ସାଙ୍ଗରେ ଖେଳିବି, ସେମାନଙ୍କୁ ପାଠ ପଢ଼େଇବି, ମୋ' ସମୟ ଖୁସିରେ କଟିଯିବ।"

"ନା, ଛୁଆ ବାପା। ସେଇ ପଟ କୋଠାଘରେ ତୁମେ ରହିବ ବୋଲି ଆମେ ଠିକ୍ କରିଛୁ। ସେଇ ଘରଟା ଟିକିଏ ବଡ଼ ଅଛି, ଝର୍କା ସେପଟେ ବଗିଚାଟା ଅଛି। ତୁମକୁ ଭଲ ଲାଗିବ। ତୁମେ ଏ ମାଟିଘରେ ରହିଲେ ଲୋକେ କ'ଣ କହିବେ?"

ଅପୂର୍ବ ବାବୁ ବସି ତୁଳନା କରୁଥିଲେ ନିଜ ପୁଅ ଅର୍ଣ୍ଣବକୁ ବଡ଼ଭାଇଙ୍କ ପୁଅ ଆକାଶ ସହିତ। ଜଣେ ଶିକ୍ଷିତ ନିହାତି ସ୍ୱାର୍ଥପର ହୋଇ ମାଆ ବାପାଙ୍କୁ ହତାଦର କରୁଥିବା ବେଳେ ଆଉ ଜଣେ ବେଶି ପାଠଶାଠ ପଢ଼ି ନ ଥିବା ପୁଅ କେତେ ମାର୍ଜିତ, କେତେ ବିବେକବାନ୍!

"ବାପା ବୋଉ ମୋତେ କେତେଥର ଗୋଟିଏ କଥା କହୁଥିଲେ। ଛୁଆବାପା ତୁମର ଭାରି ସାଧାରଣ। ନିର୍ମାୟାଟା। ସେ ଆମର ବଡ଼ପୁଅ। ତା' ଅସୁବିଧାରେ ତୁ ନିଶ୍ଚୟ ଠିଆହେବୁ। ଆଜି ସେମାନେ ସିନା ନାହାନ୍ତି, ହେଲେ ଛୁଆବାପା, ଛୁଆବୋଉ ଥାଉଁଥାଉଁ ମୁଁ ବାପା ମା' ଛେଉଣ୍ଡ ହୋଇ କାହିଁକି ରହିବି!" ଆକାଶ କଥାରେ ଅପୂର୍ବ ବାବୁଙ୍କ ଆଖିରେ ଲୁହ ଟଳମଳ କରୁଥିଲା।

"ଛୁଆବୋଉ ତାଙ୍କର ସୁନା ଚୁଡ଼ି ଏବଂ କାନଫୁଲକୁ ମୋତେ ବାଧ୍ୟକରି ପିନ୍ଧେଇ ଦେଇଛନ୍ତି ଛୁଆ ବାପା।" ନମସ୍କାର କରି ଉଠିଲା ବେଳକୁ ସେଦିନ କହିଲା ବୋହୂ। ଅପୂର୍ବ ବାବୁଙ୍କ ମୁହଁରେ ବହୁତ ଦିନ ପରେ ଯେମିତି ଖୁସିର ଝଲକଟିଏ ଖେଳିଗଲା!

ମୋ: ୯୪୩୮୧୭୫୫୪୨



# କେଳି ମାଉସୀ

## ଗଳ୍ପ
### ବିପ୍ଳବ

ଢିଁ କେଲୁ ହେବାକୁ ଗୋଟିଏ ବାଡ଼ି ବାକି ଥିଲା ଖେଳ ବନ୍ଦ ହେଇଗଲା। କିଏ ଯାଇ ନଡ଼ାଗଦା ପଛ ପଟେ, କିଏ ବୋଡି ଘର ଭିତରେ, କିଏ ସରମଞ୍ଜିଆ ଗଛ ସନ୍ଧିରେ ଲୁଚିଗଲେ। ମୁଁ ଯାଇ କଇଁଚିକାକୁଡ଼ି ନଟି ଭିତରେ ପଶିଗଲି। କାଠିବାଡ଼ି ସେମିତି ପଡ଼ିଥାଏ। ଛାତି ଥରୁଥାଏ। କ'ଣ ଅଛି ଆଜି ଭାଗ୍ୟରେ! କୁରୁଛତ୍ର ମାଡ଼ ଜାଣ।

ମୋର କ'ଣ ଦୋଷ? ମୁଁ ତ କାଠି ପିଟି ଦେଲାବେଳକୁ କେଳି ମାଉସୀ ରତନି ନୂଆବୋଉଙ୍କ ବାରିପଟୁ ଅଚାନକ ବାହାରି ଆସିଲା। ଆଉ ମୋ' କାଠିଟା ଯାଇ ତାଙ୍କ ମୁଣ୍ଡରେ ଠାଇକିନା ବାଜିଲା।

ମୁଁ ନଟି ଭିତରୁ ଦେଖିଲି ମାଉସୀ ମୁଣ୍ଡକୁ ଚାପି ତଳେ ସେମିତି ବସିଥାଏ। ତା' ମୁଣ୍ଡ ଫାଟିଚି କି ନାଇଁ କେଜାଣି ମୋତେ ଦିଶୁ ନଥିଲା। ବୀଣା ଖୁଡ଼ୀ ବାରିପଟକୁ ଗାଈ ପାଇଁ ପାଳ ଭିଡ଼ିବାକୁ ଆସିଥିଲା। ମାଉସୀ ବସିଥିବା ଦେଖି ଚିଲେଇ ଉଠିଲା। ପାଖ ପଡ଼ିଶା ଘରୁ ସର ଖୁଡ଼ୀ, ଚଞ୍ଚ ନାନୀ, ପଦି ବଡ଼ବୋଉ, ମୋ' ବୋଉହେରିକା ଧାଇଁ ଆସିଲେ।

– କେତେ ରକତ ବୋହିଯାଉଚି ଲୋ, ଆଲୋ କ'ଣ ହେଲା, କ'ଣ ହେଲା ବୋଲି ସବୁ ହୋହଲ୍ଲା କଲେ। ମୁଁ ଅବିକା କ'ଣ କରିବି?

ଦେଖିଲି ସମସ୍ତେ କେଳି ମାଉସୀକୁ ଘେରି ଯାଇଛନ୍ତି। ଏଇ ସୁଯୋଗରେ ଖସିଯିବା ବୁଦ୍ଧିମାନର କାମ। ପାଟିରେ ପାଣି ଗାମୁଛା ଚାପି ମୋ' ହୁଗୁଳା ପ୍ୟାଣ୍ଟକୁ ବାଁ ହାତରେ ମୁଠେଇ ଏକମୁହାଁ ହେଇ ନଦୀବନ୍ଧ ଆଡ଼େ ଦଉଡ଼ିଲି। ଖଣ୍ଡେ ବାଟ ଯାଇ ଦେଖିଲି କେହି ଉଠିନାହାନ୍ତି କେଳି ମାଉସୀ ପାଖରୁ।

ରକ୍ଷା ଅଛି।

ମୋତେ ଦୋଷୀ ଦୋଷୀ ଲାଗୁଥିଲା। ଛ' କି ସାତ ଦିନଯାଏ କେଳି ମାଉସୀ ଆଉ ମାଛ କି ଶୁଖୁଆ ବିକି ଆଣିଲାନି। ଆମ ସାଇ ନୁହେଁ, ଗାଁରେ ମାଉସୀକୁ ଦେଖିଲିନି। ମୁଁ ବି କାହାକୁ ଆଉ ସେ କଥା ଭୟରେ ପଚାରିଲି ନାହିଁ। ସେ ପ୍ରାୟ ସବୁଦିନ ମାଛ ହେଉ କି ଶୁଖୁଆ ପସରା ଧରି ଆସେ। ବାଉଁଶର ଗୋଟିଏ ବଡ଼ ବୋଝ, ଆଉ ମାଛ ତଉଲିବା ପାଇଁ ଗୋଟିଏ ବିଶାକାଠି– ଏତିକି ତା'ର ସମ୍ବଳ। ବୋଉ ସବୁଦିନ ତା'ଠାରୁ ଚୂନାମାଛ ହେଉ କି ବଡ଼ମାଛ କିମ୍ବା ଶୁଖୁଆ ରଖେ। କେବଳ ଅମାବାସ୍ୟା, ସଂକ୍ରାନ୍ତି କି ଗୁରୁବାର ହେଇଥିଲେ ମନା କରିଦିଏ। କେତେବେଳେ ଧାନ, କେତେବେଳେ ଚାଉଳ ଦେଇଦିଏ।



ଆମର ଚଷାଘର। କେଳି ମାଉସୀ କେଉଟ ଘର। ପାଖ ଗିରିଗିରା ସାହିରେ ତା' ଘର। ବୋଉର ନିଜ ଭଉଣୀ ନ ହେଇଥିଲେ ବି ଆମେ ତାକୁ ମାଉସୀ ଡାକୁ। ଖାଲି ଆମ ଘରେ ନୁହେଁ, ଗାଁସାରା ପିଲାଏ ବି କେଳି ମାଉସୀ ବୋଲି ଡାକନ୍ତି।

ବୋଉ କୋଉ କାଳୁ ମରିହଜି ଗଲାଣି। ଗାଁ ଘର ଛପର ନ ହେଇ ଆଟୁ ଭୁଶୁଡ଼ି ପଡ଼ିଲାଣି। ବାପ ଗୋସିଁବାପ ଅମଳ ଡିହରେ ସେମିତି ଠିଆ ହେଇଛି ଜରାଜୀର୍ଣ୍ଣ ଘର। ସିଆଡ଼େ ଯାଇ ବୁଲି ଆସିବାକୁ ବେଳ ନାହିଁ। ଇଚ୍ଛାଶକ୍ତି ବି ନାହିଁ। ଭାଇ ଭାଗ ବଣ୍ଟାକୁଣ୍ଟାକୁ ନେଇ ହିସାବ ଛିଡ଼ିପାରୁନି। ପିଲାମାନେ ସେ ସବୁ କନ୍ଧମାଳିଆ ଘରେ ରହିବାକୁ ଆଗ୍ରହ ପ୍ରକାଶ ନ କରିବାରୁ ଏବେ ସବୁ ସହରର ସ୍ଥାୟୀ ବାସିନ୍ଦା। ଭାଇ ଭାଗ ପାଇଁ ଦିନେ ଗଞ୍ଜା ଲଢ଼େଇ ହେଉଥିଲା, ଆଜି ସେ ଡିହ ପରିତ୍ୟକ୍ତ। ଜମିବାଡ଼ିରୁ କ'ଣ ଆୟ ହେଉଚି କ'ଣ ନ ହେଉଚି ସେ ସବୁ ବୁଝିବା ପାଇଁ କାହାର ଆଗ୍ରହ ନାହିଁ। ପିଲାଦିନେ ସେଇ ସବୁ ଜମିର ଫସଲ ଖାଇ ଆମେ ଭାଇ ଭଉଣୀ ମଣିଷ ହୋଇଥିଲୁ। ସମୟ ସହିତ ସବୁ ବଦଳିଗଲା ଯେମିତି! ଗାଁ କଥା ମନେପଡ଼ିଲେ ମନେପଡ଼ନ୍ତି ବାପା, ବୋଉ, ହସିଲା ଖେଳିଲା ଶୈଶବ। ଆଖି ଲୁହରେ ଓଦା ହୋଇଯାଏ। ଆଜି ଗାଁ ପୁଣି ମନେପଡ଼ିଲା।

ଆଜି ଖବରକାଗଜମାନଙ୍କରେ ମୁଖ୍ୟ ପ୍ରସଙ୍ଗ କେଳି ମାଉସୀ। ବୋହୂକୁ ଯୌତୁକ ନିର୍ଯାତନା କେଶ୍‌ରେ ଗିରଫ ହୋଇ ଜେଲରେ।

ମାଉସୀକୁ ଏବେ କେତେ ବର୍ଷ ହେବ!

ଅନେକ ବର୍ଷ ହେବ ଗାଁକୁ ଯାଇନି। କେଳି ମାଉସୀକୁ ବି ଦେଖିନି। ସେଇ ଦିନର ଘଟଣା ପରେ ମୋର କେଳି ମାଉସୀ ପ୍ରତି ମନ ଭିତରେ ଯେମିତି ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଚି। ଆଜି ସବୁ ସ୍ମୃତି ଜୀବନ୍ତ ହେଇଉଠିଲା।

ଗାଁରେ ଥିବା ସାଙ୍ଗମାନଙ୍କର ମୋବାଇଲ୍ ନମ୍ବର ନଥିଲା। ଆମ ପିଲାଦିନେ କୋଉ ଫୋନ୍ କଥାବାର୍ତ୍ତା ଥିଲା ଯେ ନମ୍ବର ଆସିବ? ପିଲାମାନେ ତ ପ୍ରଥମରୁ ସହରରେ। କାହାର ଗୋଟେ ନମ୍ବର ଯୋଗାଡ଼ କରିବାକୁ ହେବ ଭାବି ଚିନ୍ତାରେ ପଡ଼ିଗଲି ମୁଁ।

ଆରେ ଏବେ ତ ସରପଞ୍ଚ ଇଲେକ୍‌ସନ ଯାଇଚି। ଗିରିଗିରା ସାଇର ଚକରା ବୋହୂ ଭୋଟ୍‌ରେ ଠିଆ ହେଇଥିଲା। ସେ ଫୋନ୍ କରିଥିଲା ଭୋଟ୍ ସମୟରେ। ତା' ନମ୍ବରଟା ଡାଏରୀରେ ଲେଖି ରଖିଥିଲି।

ମୁଁ ତରତର ହୋଇ ଡାଏରୀ ଖୋଜିଲି। ଡ୍ରେସିଂ ଟେବୁଲ୍ ଡାହାଣ ପଟ ଡ୍ର ଭିତରେ ଡାଏରୀ ଥିଲା। ଆଣି ଦେଖିଲି ନମ୍ବରଟି ଲେଖା ହେଇଛି।

ଯାହା ହଉ ଦୁଇଥର ରିଂ ହେବା ପରେ ଚକରା ପୁଅ ଫୋନ୍ ଉଠେଇଲା। ମୋ' ପରିଚୟ ଦେବା ପରେ ଚିହ୍ନିପାରିଲା। ମୁଁ କେଳି ମାଉସୀ କଥା ପଚାରିଲି। ସେ ଯାହା କହିଲା ମୁଁ ଶୁଣି କାଠ ହେଇଗଲି।

ଖବରକାଗଜରେ କେଳି ମାଉସୀ ବିଷୟରେ ଯାହା ବାହାରିଛି ସବୁ ସତ।

ମାଉସୀ ତା' ବୋହୂକୁ ନିର୍ଯାତନା ଦେବାଟା ସତ ନୁହେଁ, କିନ୍ତୁ ମାଉସୀକୁ ପୋଲିସ ବାନ୍ଧି ନେବା କଥା ସତ। ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା। ଏବେକାର ମା'ମାନେ କେତେ ହିନକପାଳୀ! ନା ତାଙ୍କୁ ଭଲ ଶାଶୁ ମିଳିଲା ନା ଭଲ ବୋହୂ!

ଘରେ କାହାକୁ କିଛି ନ କହି ଗାଡ଼ି ନିଜେ ଡ୍ରାଇଭିଂ କରି ଗାଁକୁ ଚାଲିଲି। ବିଚାର ବ୍ୟବସ୍ଥା ପରକୀୟା ପ୍ରୀତିକୁ ଆଇନସମ୍ମତ କରିଦେଲା ପରେ ଆମ ସଭ୍ୟତା ଆଉ ସଂସ୍କୃତିର ମୂଳ ଦୋହଲି ଯାଇଛି ଯେମିତି! ନହେଲେ କ'ଣ ଅଶୀ କି ପଞ୍ଚାଅଶୀ ବର୍ଷର କେଳି ମାଉସୀ ଆଜି ମିଛ ନିର୍ଯାତନା ଅଭିଯୋଗରେ ହାଜତରେ ଥାଆନ୍ତା! ତା' ବୋହୂର କୁଆଡ଼େ ଅନ୍ୟ ପୁରୁଷ ସହ ପାପ ସମ୍ପର୍କ ଥିବା ବିଷୟରେ ମାଉସୀ ଜାଣିଦେଲା। ତା'ର ଫଳ ଇଏ। ପୋଲିସ ବି ବାଡ଼ ହେଇ ଫସଲ ଖାଇ ଚାଲିଛି। ସାମାନ୍ୟତମ ବିବେକ ବି ଖଟେଇ ନାହିଁ। ଏତେ ବୟସର ଲୋକଟିଏ କି ପ୍ରକାର ନିର୍ଯାତନା ଦେଇପାରିବ! ବିକ୍ରି ହେଇ ଯାଇଥିବା ମୁଣ୍ଡର ବିବେକ କୁଆଡୁ ବା ଆସିବ? ମୁଁ କେତେ ବୋକା ସତେ! କେଳି ମାଉସୀ ପୁଅ ବି ବଡ଼ ଅଜବ। ନା ନିଜେ କିଛି ରୋଜଗାର କରେ ନା ସ୍ତ୍ରୀ ପିଲାଙ୍କ ପାଇଁ ଭାତ ଯୋଗାଡ଼ କରେ! ସ୍ତ୍ରୀ ଚୋରା ଦେଶୀମଦ ବିକ୍ରି କରି ତାକୁ ପୋଷେ। ସେ ଅହରହ ମାଲ୍ ପିଇ ଚୁର୍।

ଥାନା ସାମ୍ନା ଗେଟ୍‌ର ଟିକେ କଡ଼କୁ ଗାଡ଼ି ଲଗେଇଲି। ଓ.ଆଇ.ସି. ସାମ୍ନାରେ ଜାମିନ ପେପର ରଖିଦେଇ ମାଉସୀ ପାଖକୁ ଦଉଡ଼ିଗଲି। ମୋ' କାଠିବାଡ଼ି ମାଡ଼ରେ ଯା' ତାଳୁ ଫାଟି ଆଁ କରିଥିଲା, ଆଉ ମୁଁ ଜାଣି ବି ଯିଏ ନିରବ ଥିଲା, ସେ କ'ଣ କେବେ କାହା ପ୍ରତି ଅବିଚାର କରିପାରେ!

ଲୋଚାକୋଚା ଚମ। କାଶତଣ୍ଡୀ ଫୁଲ ପରି ବହଳ ଧଳାଚୁଟି। ମୁହଁକୁ ଆଣ୍ଠୁ ଭିତରେ ପୂରେଇ ବସିଚି କେଳି ମାଉସୀ।

ମୁଁ ଯାଇ ତା' କାନ୍ଧରେ ହାତ ଥୋଇଲି। ଯେମିତି କାହା ଅପେକ୍ଷାରେ ଥିଲା ସେ।

ମୁଁ ମାଉସୀକୁ ଜାବୁଡ଼ି ଧରି କାନ୍ଦି ପକେଇଲି। ସେ ମୋ' ଛାତିରେ ମୁହଁ ଜାକି ବଡ଼ ବିକଳ ସ୍ୱରରେ କହିଲା– ବା'ରେ ତୋ' ବୋହୂ ନାଁରେ ଆଉ କିଛି କହିବିନି। ମୋତେ ଏଠୁ ନେଇଯା'। ରାତିରେ ବହୁତ ଶୀତ ହଉଚି। ସହି ପାରୁନି। ମରିଯିବିରେ।

ମୋ' ଛାତି ବତୁରୁ ଥିଲା। ନୂଆ ନେସା ହେଇଥିବା ମାଟିକାନ୍ଥ ପରି ଯେମିତି ଭୁଶୁଡ଼ି ପଡ଼ିବ!

ମୁଁ ଜାଣି ସାରିଥିଲି କେଳି ମାଉସୀ ବୟସର ସାୟାହ୍ନରେ ତା'ର ଦୃଷ୍ଟିଶକ୍ତି ହରେଇ ସାରିଛି। ଆଉ ମୋତେ ତା' ପୁଅ ଭାବୁଚି। ପଢ଼ିଥିଲି ମା' ନ ଦେଖିଲେ ମାଉସୀ ଦେଖ। କେଳି ମାଉସୀ ଏବେ ମୋ' ବୋଉ ପରି ଦିଶୁଥିଲା। ମୋ' ଛାତି ଫଟେଇ ବିକଳ ସ୍ୱରଟିଏ ବାହାରି ଆସିଲା– 'ବୋଉ'।

ମୋ: ୯୪୩୭୪୬୮୦୧୬

---

# ବରଗଛ

## ଲଘୁଗଳ୍ପ
### ଦୀପକ କୁମାର ମହାନ୍ତି

ସେ ବରଗଛ ମୂଳେ ବସିଥିଲା। ଉପର ବରଗଛରେ ପତ୍ରଟିଏ ନ ଥିଲା। ତା' ଜୀବନରେ ଗ୍ରୀଷ୍ମ ଋତୁ ପରି ଗଛ ବି ଆଜି ପତ୍ରଝଡ଼ା ଦେଇ ଥୁଣ୍ଟା ପାଲଟିଯାଇଛି।



ଦିନ ଥିଲା ସେହି ବରଗଛ ଫୁଲ ଫଳରେ ଭର୍ତ୍ତି ହୋଇଥିଲା। କିଚିରି ମିଚିରି ହୋଇ ଚଢ଼େଇ ବସା ବାନ୍ଧିଥିଲେ। ସମସ୍ତେ ପସନ୍ଦ କରୁଥିଲେ। ପଥିକମାନଙ୍କ ଗହଳି ଲାଗି ରହିଥିଲା। ଆଜି କିନ୍ତୁ ଚଢ଼େଇମାନଙ୍କ ସେ ଶବ୍ଦ ନାହିଁ କି ବାଟୋଇମାନଙ୍କ କୋଳାହଳ ନାହିଁ। ହଠାତ୍ ତା' ବାଟ ଦେଇ କୋକେଇରେ ଶବଟି ଗଲାବେଳେ ପ୍ରକୃତିସ୍ଥ ହୋଇ ସେ ଆଡ଼କୁ ଚାହିଁଲା। ଶବ ପଛେ ପଛେ ବାଜା ବଜାଇ ନିଶାସକ୍ତ ଯୁବକମାନେ ନାଚୁଥିଲେ।

କିଏ ଚାଲିଗଲା? କାହାର ଡକରା ଆସିଲା? ସେ ପଚାରିଲା। ଯୁବକଟି ତା' ପାଖକୁ ଆସି କହିଲା– ଆର ସାହିର ନିଧି ବୁଢ଼ା। ପୁଅର ଗଞ୍ଜଣା ସହି ନ ପାରି କାଲିରାତିରେ ଦଉଡ଼ି ଦେଇଦେଲା। ଯା' ପରେ ତୋ' ପାଳି।

ମଦ ନିଶାରେ ଚୂର୍ ଥିବା ପୁଅ ଆଡ଼କୁ ଅନାଇ ସେ ଭାବୁଥିଲା, ବାବୁରେ! ଏଇଟା ଖୁସିର ବେଳ ନୁହଁ। ସମସ୍ତଙ୍କ ଜୀବନରେ ବସନ୍ତ ପରେ ପରେ ଗ୍ରୀଷ୍ମ ଆସେ। ତୋର ଆଜି ବସନ୍ତ ଋତୁ। ଗ୍ରୀଷ୍ମ ଆସିବ। ତୁ ବି ଦିନେ ଏଇ ବରଗଛ ପରି ପତ୍ରଝଡ଼ା ଦେବୁ। ଗଛ ସିନା ଋତୁ ସହ ବଦଳେ, ମଣିଷ କିନ୍ତୁ ମଶାଣିକୁ ଯାଇ ପୁଣି ଆଉ ଗୋଟେ ଜନ୍ମର ଋତୁଚକ୍ରକୁ ଅପେକ୍ଷା କରେ।

ମୋ: ୯୪୩୮୩୨୯୦୫୯

---

## କାଳକାଳକୁ

"ଜଣେ ଭଲ ଲୋକର ଜୀବନର ସର୍ବୋତ୍ତମ ଅଂଶ ହେଉଛି ତା' ଦୟା ଓ ପ୍ରେମର ସାନସାନ, ନାମହୀନ, ବିସ୍ମୃତ ଘଟଣାବଳୀ।"
– ଉଇଲିୟମ୍ ୱାର୍ଡସ୍‌ୱର୍ଥ



**ଉଇଲିୟମ୍ ୱାର୍ଡସ୍‌ୱର୍ଥଙ୍କ** ଜନ୍ମ ୭ ଏପ୍ରିଲ ୧୭୭୦ରେ ଓ ପରଲୋକ ୨୩ ଏପ୍ରିଲ ୧୮୫୦ରେ, ଇଂଲଣ୍ଡରେ। ସାମୁଏଲ୍ ଟେଲର୍ କୋଲେରିଜ୍‌ଙ୍କ ସହ ମିଶି ସେ ଇଂଲିଶ୍ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର ଆରମ୍ଭ କରିଥିଲେ। ଦୁହିଁଙ୍କର ମିଳିତ ରଚନା "Lyrical Ballads" ୧୭୯୮ରେ ପ୍ରକାଶ ପାଇଥିଲା। ୱାର୍ଡସ୍‌ୱର୍ଥଙ୍କ ଅନ୍ୟତମ ପ୍ରମୁଖ ଗ୍ରନ୍ଥ "The Prelude" ହେଉଛି ଆଂଶିକ ଭାବେ ତାଙ୍କ ଆତ୍ମଜୀବନୀ, ଯାହା ପାଠକ ମହଲରେ ବହୁ ଆଦୃତ। ସେ ଲେଖକମାନଙ୍କୁ କହନ୍ତି: "ତୁମେ ତୁମ କାଗଜକୁ ତମ ହୃଦୟର ସ୍ପନ୍ଦନରେ ପୂର୍ଣ୍ଣ କର।"

---

## ପୁସ୍ତକ ପରିଚୟ

### କଳ୍ପନାର ବାସ୍ତବତା




**ଲେଖକ:** ବିଜୟ ନାୟକ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୫୦/–

ମୋଟ ୨୨ଟି ପ୍ରବନ୍ଧ ଆଲୋଚ୍ୟ ସଂକଳନରେ ସ୍ଥାନିତ, ଯେଉଁଗୁଡ଼ିକ ପୂର୍ବରୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି ବୋଲି ଲେଖକ ଉଲ୍ଲେଖ କରିଛନ୍ତି। ପୁସ୍ତକର ପ୍ରଥମ ପ୍ରବନ୍ଧ 'ବାସ୍ତବତାର କଳ୍ପନା ଓ କଳ୍ପନାର ବାସ୍ତବତା'ରେ ହିବ୍ରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ହାରାରିଙ୍କ ମତ ଉଦ୍ଧାର କରି ବିଜୟ ଲେଖିଛନ୍ତି: "ମଣିଷ ସ୍ଥୂଳ ବାସ୍ତବତାରେ ବସବାସ କରେ, କଳ୍ପିତ ବାସ୍ତବତାରେ ବଞ୍ଚେ, ଦୃଶ୍ୟମାନ ପୃଥିବୀ ସ୍ଥୂଳ ବାସ୍ତବତାର ପୃଥିବୀ। x x କିନ୍ତୁ ମଣିଷ ବଞ୍ଚିରହିବା ପାଇଁ ପାଣି ପବନ ବ୍ୟତୀତ ଆଉ କିଛି ଲୋଡ଼ା। ସେହି 'ଆଉ କିଛି' ମଣିଷର କଳ୍ପନାପ୍ରସୂତ। ତାହା ହିଁ କଳ୍ପିତ ବାସ୍ତବତା।" ବହିଟିରେ ବିଭିନ୍ନ ବିଷୟକ ପ୍ରବନ୍ଧ ରହିଛି। ଗାନ୍ଧିଜୀ, ସୁଭାଷ ବୋଷ, ମଧୁସୂଦନ, ଗୋପବନ୍ଧୁ, ଓବାମା ଓ କସ୍ତୁରବାଙ୍କ ଭଳି ମହତ୍ ନେତୃବର୍ଗର ମନୀଷୀମାନଙ୍କ ସମ୍ପର୍କରେ ବହୁ ତଥ୍ୟନିଷ୍ଠ ଆଲେଖ୍ୟ ସାଙ୍ଗକୁ ଲେଖକଙ୍କ ନିଜସ୍ୱ ମନୋଭୂମିର ପରିପ୍ରକାଶ ପାଠକେ ଏଥିରେ ଦେଖିବାକୁ ପାଇବେ। ପ୍ରବନ୍ଧଗୁଡ଼ିକର ଉପସ୍ଥାପନା ଶୃଙ୍ଖଳିତ ଓ ଭାଷା ସରଳ ତଥା ଭାବଗର୍ଭୀ ହୋଇଥିବାରୁ ବହିଟିର କାଂକ୍ଷିତ ପାଠକ କେବଳ ବୁଦ୍ଧିଜୀବୀ ହେବେ ନାହିଁ, ସାଧାରଣ ବର୍ଗର ପାଠକମାନେ ବି ଏଥିରୁ ଜ୍ଞାନଗର୍ଭୀ ଆମୋଦ ଉଠାଇ ପାରିବେ।

### କିନ୍ତୁ କନକ




**ଲେଖକ:** କେଶବ ଚନ୍ଦ୍ର ରାଉତରାୟ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୧୨୦/–

ମୂଳତଃ କଥାକାର ହୋଇଥିଲେ ବି ଜୀବନ ଓ ଜଗତର ଆଖିଦେଖା ଅନୁଭବକୁ ନେଇ କେଶବ ଚନ୍ଦ୍ର ଯେତେବେଳେ ନାଟକଟିଏ ଲେଖିବସନ୍ତି, ତାହା ଖାଲି ମଞ୍ଚର ନ ହୋଇ ମଞ୍ଚତଳର ଦର୍ଶକଙ୍କର ସମୂହ-ଅନୁଭୂତି ହୋଇଉଠେ। 'ପ୍ରାକ୍ କଥନ'ରେ ଲେଖକ ଲେଖିଛନ୍ତି: "ଜୀବନର ପ୍ରତ୍ୟେକ ଅଂଶରେ ନାଟକୀୟତା ଆତ୍ମଗୋପନ କରିଛି।" ଏହା କେବଳ ଏକ ଉକ୍ତି ନୁହେଁ, ଏହି ଉକ୍ତିର ସଫଳତା ଆଲୋଚ୍ୟ ନାଟକରେ ଆମୂଳଚୂଳ ପରିଲକ୍ଷିତ ହୁଏ। ନାଟକର ଚରିତ୍ର ଭିତରେ ଏକାକାର ହୋଇଯିବା ଜଣେ ସଫଳ ନାଟ୍ୟକାର ପକ୍ଷେ ସବୁଠୁଁ ବଡ଼କଥା। ନାଟକର ଯେକୌଣସି ଚରିତ୍ର ଯଥା: ନଚାଳି ବୁଢ଼ା, ଚୌଧୁରୀ ସାଆନ୍ତ, କନକ, ଯମୁନା, ପୀତବାସ, ମାଲୁଆ, ମଙ୍ଗୁ ପାଢ଼ୀ, ହେଁସରା ବୋଉ, ସାହୁକାର ବୋହୂ, ବିଚୁଆ ମା' ଓ ଫଲମା ସାମୁଲ ଆଦି ଚରିତ୍ରଗୁଡ଼ିକ କେଉଁ ଗଛରୁ ଫଳନ୍ତି ନାହିଁ, ଆମ ଆତଯାତର ପୃଥିବୀ ଭିତରେ ବଞ୍ଚନ୍ତି ଓ ଜୀବନକୁ ସାମ୍ନା କରନ୍ତି। ସୁତରାଂ 'କିନ୍ତୁ କନକ' ନାଟକଟି ହେଉଛି ଜୀବନର ଜୀବନ୍ତ ଅଭିନୟ। ନାଟକର ସଂଳାପଗୁଡ଼ିକ ଦର୍ଶକଙ୍କୁ ନାଟକଟି ସହ ଆମୂଳଚୂଳ ଯେ ଯୋଡ଼ି ରଖିବ, ଏଥିରେ ସନ୍ଦେହ ନାହିଁ।

---

## କବିତା

### ଇଚ୍ଛାହୁଏ
**ରମାକାନ୍ତ ଦାସ**

ଇଚ୍ଛାହୁଏ...
ପୁଣିଥରେ ଫେରିଯିବାକୁ
ସେ ଅତୀତ ପାଖକୁ
ପୁଣିଥରେ ଜିଇବାକୁ
ସେ ଅତୀତ ସହିତ
ପୁଣି ଥରେ ହଜିଯିବାକୁ
ସେଇ ପୁରୁଣା ରାସ୍ତାରେ
ଯେଉଁ ରାସ୍ତାରେ ଥିଲେ
ତୁମେ, ମୁଁ ଓ ଆମ ପ୍ରେମ
ନେହୁରା ହୋଇ ଅଟକେଇ ଦିଅନ୍ତି
ସମୟକୁ ସେଇ ରାସ୍ତାରେ
ପୁଣିଥରେ ତୁମ ପ୍ରେମର
ରଙ୍ଗ ବୋଳନ୍ତି
ମୋ' ହୃଦୟ କାନ୍‌ଭାସରେ
ପୁଣିଥରେ ଚାଲନ୍ତି
ତୁମ ହାତରେ ହାତ ରଖି।

ଫେରିପାରନ୍ତି କି ଥରେ!
ସେଇ ପୁରୁଣା ଦିନକୁ
ପ୍ରତିଦିନ ରୁହନ୍ତି ତୁମ ଅପେକ୍ଷାରେ
ନିଜକୁ ବାନ୍ଧି ରଖନ୍ତି
ତୁମ ପ୍ରେମର ବଳୟ ମଧ୍ୟରେ
ଚାହିଁଲେ ବି ମୁଁ ଫେରିପାରେନି
ସେଇ ପୁରୁଣା ଦିନକୁ
ଭାବେ, ମୁଁ ଆଜି ନିରୋଳାରେ ବସି
କାହିଁଗଲା ସେ ଦିନ?
କାହିଁଗଲା ସେ ସମୟ?
କ'ଣ ବଦଳିଗଲା?
ମୁଁ ଜାଣିପାରେନି
ତୁମେ, ମୁଁ ନା ସମୟ!

ମୋ: ୯୬୬୮୧୫୩୬୯

### ନାରୀ ଅନନ୍ୟା
**ଅନସୂୟା ପଣ୍ଡା**

ମୋ ଆଗରେ ହାରିଯାଏ
ସମାଜର ନାଲିଆଖି
ସେ ଭାବିବାଠାରୁ ଉର୍ଦ୍ଧ୍ୱରେ
ମୁଁ କାଳୀ ହୋଇ
ବିଦାରି ପାରେ କାଳରାତ୍ରି
ତିଆରି ପାରେ ସ୍ୱର୍ଗର ଅମରାବତୀ।
ସୃଷ୍ଟିର ଆରମ୍ଭରୁ
ମୋ ଦେହରେ କାରିଗରି
ମୁଁ ବଦଳେ ସତେ ଯେମିତି
ମୋ ମନଟା ତିଆରି ହେଇଛି
ଭିନ୍ନଭିନ୍ନ ଧାତୁରେ
ପରସ୍ତ ପରସ୍ତ କରି।

ମୋହର ମହୁରେ ମୁଁ ତିଆରିପାରେ
ଜହ୍ନରାତିରେ କୁଳୁକୁଳୁ ଛାତି
ମଧୁମିତାର ଗପରେ ଆଣିପାରେ
ଫଗୁଣର ମତୁଆଲା ମଧୁଗୀତି
ମୁଁ ସୃଷ୍ଟିକର୍ତ୍ତାଙ୍କର
ନିଖୁଣ ତାରକସି କାମରେ
ଅନନ୍ୟା ଅତୁଳନୀୟା
ବିଶେଷ ସ୍ଥାପତ୍ୟ।

ଲୁହରେ ଲହୁରେ ଅଣୁଅଣୁ ବିମୁଗ୍ଧ
ଛନ୍ଦ ତାଳ ସ୍ୱର ଆପଣାପଣରେ
ତୋଳୁଥାନ୍ତି ସର୍ବବ୍ୟାପିନୀ ହିଲ୍ଲୋଳ
ସମୟକୁ କରିଦିଏ ରହସ୍ୟମୟ
ରସାଳ ରମଣୀୟ ରାଗର ସମାହାର।

ମୋ: ୯୪୩୯୨୧୧୯୭୧

### 'ଭଗ୍ନାଂଶ'
**ସଂଜୀବ କୁମାର ଦାଶ**

ମନ ଆଇନାର
ଭଙ୍ଗା ଟୁକୁଡ଼ା ସ୍ମୃତିର ବିକ୍ଷିପ୍ତ କାଚସବୁ,
ଭାବନାର ଦିଗନ୍ତରେ କରିଛି ପାଥେୟ,
ଝଲସୁଛି ସେଠି, ସେଦିନର
ସୁନେଲି ସକାଳ କିରଣ,
ଜୋଛନାର ସୁରା ପିଇ ଉଚ୍ଛନ୍ନ ଜହ୍ନ,
ଡେଇଁ ଡେଇଁ କରୁଛି ପ୍ରବାସ,
ଅଳସେଇ ଉଙ୍କିମାରୁଛି ବିଗତ,
ସେଇ ଘଞ୍ଚ ବନାନୀର
ସବୁଜିମା ଭିତରେ,
ଅପ୍ରତ୍ୟାଶିତ ଭ୍ରମରର
ମଧୁର ଆଳାପ...

ମନ୍ଦିର ଗାତ୍ରରେ ଦେଖ,
କୋଉ ଯୁଗର ବିଖଣ୍ଡିତ
ପ୍ରସ୍ତର ରୂପସୀ,
ତା'ର କଟା ନାସାଗ୍ର,
କିୟତ୍ ସ୍ତନଯୁଗଳ,
ଅବା ଭଗ୍ନ ଅଙ୍ଗୁରୀୟ,
ତଥାପି ସେ ନିତମ୍ବିନୀ, ଅପରୂପା,
ଅନୁନୟୀ ନାୟିକା, ନମ୍ରନିବେଦିତା,
ଭାବତଟସ୍ଥ, ଦେଖଣାହାରି, ଉଲ୍ଲସିତ,
ସମ୍ମୋହିତ ପ୍ରାଣଧାରେ
ଲାଖିଛି ମାନସୀ,
ତନ୍ନତନ୍ନ ଖୋଜେ ଇତିହାସ...

ନିଜ ରାସ୍ତାରେ ଚାଲୁଛି ଜଗତ,
କାହା କୁହାବୋଲାକୁ ପରତେ ନାଇଁ,
କଟା ଗଛଗଣ୍ଡି ଉପରେ
ସୁଲୁସୁଲୁ ହଲୁଛି,
କତିପୟ କଅଁଳ ପଲ୍ଲବ,
ଆହୁରି ଜୀବନର ଦୁର୍ବାର ଆଶା,
ଶେଷନୁହେଁ ଏଠି ଖାଲି
ପ୍ରାପ୍ତିର ପ୍ରତିଷ୍ଠା,
ବନ୍ଧୁର ପଥାତିକ୍ରମଣରେ
ବିକ୍ରାନ୍ତିର ଦିବ୍ୟତା,
ସମୟର ଗଣିତ ଖେଳରେ,
ପୂର୍ଣ୍ଣତା, ଯଦିଓ ସ୍ୱାଭାବିକ,
ତଥାପି ଅପରିହାର୍ଯ୍ୟ,
ଅସୁମାରି ଭଗ୍ନାଂଶ...

ମୋ: ୯୪୩୭୭୩୯୫୭୭

---

# ଆତ୍ମୀୟତା

## ବିଶେଷ ଗଳ୍ପ
### ସୁଦର୍ଶନ ମହାପାତ୍ର

ସବୁ ମାନ ଅଭିମାନ ଭୁଲି ବଡ଼ଭାଇଙ୍କ ପୁଅ ଆକାଶ ଆସିଥିଲା ତାଙ୍କୁ ଗାଆଁକୁ ପାଛୋଟି ନେବା ପାଇଁ। କେତେ ସୁନ୍ଦର ସଂସ୍କାର ପିଲାଙ୍କୁ ଦେଇଛନ୍ତି ବଡ଼ଭାଇ! ଅପୂର୍ବ ବାବୁ କ'ଣ କରିବେ କିଛି ବୁଝିପାରୁ ନଥିଲେ। ଯେଉଁ ପୁଅ କଥାରେ ସେ ବଡ଼ଭାଇଙ୍କ ଠାରୁ ନିଜ ଭାଗ ସମ୍ପତ୍ତି ବିନିମୟର ପଇସା ମାଗି ଆଣିଥିଲେ ସେଇ ପୁଅ ଦ୍ୱାରା ସେମାନେ ଆଜି ଉପେକ୍ଷିତ। ପୁଅ ନାମରେ କିଣା ଯାଇଥିବା ଘରେ ଆଜି ବାପା ବୋଉଙ୍କ ପାଇଁ ସ୍ଥାନ ନାହିଁ। ପତ୍ନୀ ନିଜେ ପୁତୁରାମାନଙ୍କୁ ସବୁ କଥା କହି ଡକେଇଛନ୍ତି ବୋଲି ଅପୂର୍ବ ବାବୁ ବୁଝି ପାରିଲେ ଅନାୟାସରେ।

ଠିକ୍ ସମୟରେ ଗାଡ଼ି ପହଞ୍ଚି ଯାଇଥିଲା ଗାଆଁରେ। ଦୁଇ ବର୍ଷ ପରେ ସତେଯେମିତି ଉତ୍ସବଟିଏ ପାଳନ ହେଉଛି ଘରେ। ସମସ୍ତଙ୍କ ମୁହଁରେ ଖୁସିର ତରଙ୍ଗ ଖେଳିଯାଉଛି। ଆମ ଜେଜେ, ଜେଜେମା' କହି ଦୁଇଟିଯାକ ଛୁଆ ଲୋଟି ପଡ଼ିଲେଣି ସେମାନଙ୍କ ଉପରେ। ଓଃ, କି ଶାନ୍ତି! କାଖେଇ, କୁଣ୍ଢେଇ ଗେଲ କରି ଅଳକା ସତେକି ହଜିଗଲେଣି ସେ ଉତ୍ସବରେ। ବୋହୂ ପାଦ ଛୁଇଁ ଉଠୁଉଠୁ ତାଗିଦ୍ ଗଲା ପିଲାମାନଙ୍କୁ –"ଜେଜେ, ଜେଜେମା'ଙ୍କୁ ଏବେ ଟିକେ ବସିବାକୁ ଦିଅ। ଏମିତି କାହିଁକି ହେଉଚ। ଏଇଠି ସେ ଏବେ ସବୁଦିନ ତୁମମାନଙ୍କ ପାଖରେ ରହିବେ।"

ଅପୂର୍ବ ବାବୁ ନିରେଖି ଦେଖିଲେ ବାଡ଼ି ପଟକୁ। ଆକାଶ ବୋଧହୁଏ ବୁଝିଗଲା ତାଙ୍କ କଥା। "ଆମେ ପୁରୁଣା ମାଟି ଘର ଜାଗାରେ ଚାରି ବଖରା କୋଠାଘର କରିଛୁ। ହେଲେ ବାପା ରହୁଥିବା ସେଇ ଘରକୁ ମୁଁ ଭାଙ୍ଗି ନାହିଁ। ବାପା ନାହିଁ କରିଥିଲେ ସେ ଘର ଭାଙ୍ଗିବା ପାଇଁ। ସେଇ ଘରେ ଖାଲି ଖଟଟିଏ ପଡ଼ିଛି। ପିଲାମାନେ ସେଇଠି ପଢ଼ାପଢ଼ି କରନ୍ତି, ଖେଳନ୍ତି।" ସେଇ ଘରଆଡ଼କୁ ଚାଲିଲେ ଅପୂର୍ବ ବାବୁ।

"ଜାଣିଲୁ ଆକାଶ, ଏଇ ଘରେ ଆମ ଦୁଇ ଭାଇଙ୍କର ଜନ୍ମ। ଦେଖୁନୁ ବୋଉ ତିଆରି କରିଥିବା ଦୁଇଟିଯାକ ଷଠିଘର ଏବେବି ଅତୁଟ ଅଛି। ଏଇ ଘରେ ହିଁ ମୁଁ ରହିବି। ପିଲାମାନଙ୍କ ସାଙ୍ଗରେ ଖେଳିବି, ସେମାନଙ୍କୁ ପାଠ ପଢ଼େଇବି, ମୋ' ସମୟ ଖୁସିରେ କଟିଯିବ।"

"ନା, ଛୁଆ ବାପା। ସେଇ ପଟ କୋଠାଘରେ ତୁମେ ରହିବ ବୋଲି ଆମେ ଠିକ୍ କରିଛୁ। ସେଇ ଘରଟା ଟିକିଏ ବଡ଼ ଅଛି, ଝର୍କା ସେପଟେ ବଗିଚାଟା ଅଛି। ତୁମକୁ ଭଲ ଲାଗିବ। ତୁମେ ଏ ମାଟିଘରେ ରହିଲେ ଲୋକେ କ'ଣ କହିବେ?"

ଅପୂର୍ବ ବାବୁ ବସି ତୁଳନା କରୁଥିଲେ ନିଜ ପୁଅ ଅର୍ଣ୍ଣବକୁ ବଡ଼ଭାଇଙ୍କ ପୁଅ ଆକାଶ ସହିତ। ଜଣେ ଶିକ୍ଷିତ ନିହାତି ସ୍ୱାର୍ଥପର ହୋଇ ମାଆ ବାପାଙ୍କୁ ହତାଦର କରୁଥିବା ବେଳେ ଆଉ ଜଣେ ବେଶି ପାଠଶାଠ ପଢ଼ି ନ ଥିବା ପୁଅ କେତେ ମାର୍ଜିତ, କେତେ ବିବେକବାନ୍!

"ବାପା ବୋଉ ମୋତେ କେତେଥର ଗୋଟିଏ କଥା କହୁଥିଲେ। ଛୁଆବାପା ତୁମର ଭାରି ସାଧାରଣ। ନିର୍ମାୟାଟା। ସେ ଆମର ବଡ଼ପୁଅ। ତା' ଅସୁବିଧାରେ ତୁ ନିଶ୍ଚୟ ଠିଆହେବୁ। ଆଜି ସେମାନେ ସିନା ନାହାନ୍ତି, ହେଲେ ଛୁଆବାପା, ଛୁଆବୋଉ ଥାଉଁଥାଉଁ ମୁଁ ବାପା ମା' ଛେଉଣ୍ଡ ହୋଇ କାହିଁକି ରହିବି!" ଆକାଶ କଥାରେ ଅପୂର୍ବ ବାବୁଙ୍କ ଆଖିରେ ଲୁହ ଟଳମଳ କରୁଥିଲା।

"ଛୁଆବୋଉ ତାଙ୍କର ସୁନା ଚୁଡ଼ି ଏବଂ କାନଫୁଲକୁ ମୋତେ ବାଧକରି ପିନ୍ଧେଇ ଦେଇଛନ୍ତି ଛୁଆ ବାପା।" ନମସ୍କାର କରି ଉଠିଲା ବେଳକୁ ସେଦିନ କହିଲା ବୋହୂ। ଅପୂର୍ବ ବାବୁଙ୍କ ମୁହଁରେ ବହୁତ ଦିନ ପରେ ଯେମିତି ଖୁସିର ଝଲକଟିଏ ଖେଳିଗଲା!

ମୋ: ୯୪୩୮୧୭୫୫୪୨



## ପ୍ରଥମ ପୃଷ୍ଠାରୁ...

### ଆଇପିଏଲ୍...

ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅରଜିତ୍‌ଙ୍କ ପରେ ଅଭିନେତ୍ରୀ ତମନ୍ନା ଭାଟିଆଙ୍କ ନୃତ୍ୟ ଏବଂ ଶେଷରେ ଫିଲ୍ମ ଅଭିନେତ୍ରୀ ରଶ୍ମିକା ମନ୍ଦାନ୍ନାଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆମୋଦିତ କରିଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମ ଶେଷରେ ଜୟ ଶାହା ଓ ଅରୁଣ ଧୁମଲଙ୍କ ସହ ଏମ୍.ଏସ୍ ଧୋନୀ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଦଳର ଅଧିନାୟକ ମାନେ ରଥାକୃତିର ଯାନରେ ପ୍ରବେଶ କରିଥିଲେ। ପାଣ୍ଡ୍ୟାଙ୍କ ହାତରେ ଟ୍ରଫି ରହିଥିଲା। ସେମାନଙ୍କର ଏକ ମିଳିତ ଫଟୋ ଉତ୍ତୋଳନ ସହ ଉଦ୍‌ଯାପନୀ ଉତ୍ସବ ସମାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୮ ପରେ ପ୍ରଥମ ଥର ଆଇପିଏଲ୍ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା।

### କେନାଲକୁ ଖସିଲା...

ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଟୁଇଟର ମାଧ୍ୟମରେ ସମବେଦନା ଜଣାଇଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ମୁତାବକ ଗୁରୁବାର ସନ୍ଧ୍ୟାରେ ଶାସନ ଥାନା ପରମାଣପୁର ଗ୍ରାମକୁ ଝାରସୁଗୁଡ଼ା ଜିଲା ବଡ଼ଧରା ଗ୍ରାମରୁ ବରଯାତ୍ରୀ ଆସିଥିଲେ। ବୋଲେରୋ ନମ୍ବର ଓଆର୍‌୧୫ଆର୍-୮୫୭୫ରେ ୧୧ଜଣ ବରଯାତ୍ରୀ ଆସିଥିଲେ। ସେମାନେ ଶୋଭାଯାତ୍ରା କରି ଖାଇବା ପରେ ରାତି ପ୍ରାୟ ଅଢ଼େଇଟାରେ ଘରକୁ ଫେରୁଥିଲେ। ପରମାଣପୁରଠାରୁ ବାହାରି କେନାଲ ରାସ୍ତା ଦେଇ ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାକୁ ଆସୁଥିଲେ। ବିଶାଳଖଣ୍ଡା ଗ୍ରାମ ନିକଟରେ ଏକ ବୁଲାଣି ରହିଛି। ଏହି ବୁଲାଣି ସମ୍ପର୍କରେ ଡ୍ରାଇଭର ଭିକୁ ଜାଣି ନ ଥିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଡିଭାଇଡର ଭାଙ୍ଗି କେନାଲ ଭିତରକୁ ଓଲଟିପଡ଼ିଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ପାଣିରେ ବୁଡ଼ିଯାଇଥିବାବେଳେ ୪ଜଣ କାଚ ଭାଙ୍ଗି ଜୀବନ ବଞ୍ଚାଇଥିଲେ। ହେଲେ ଅନ୍ୟ ୭ଜଣ ପାଣିରେ ବୁଡି ପ୍ରାଣ ହରାଇଥିଲେ। ଖବର ପାଇ ଶାସନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ରାତିଅଧିଆ ପାଣି ଭିତରୁ ସେମାନେ ବୋଲେରୋକୁ ବାହାର କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଓ ୪ ଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ବୁଲାଣି ରାସ୍ତା ଓ ରାତି ହୋଇଥିବାରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆର୍‌ଟିଓ ସହିତ ଯୋଗାଯୋଗ କରାଯାଉଛି। ଗାଡ଼ିରେ କିଛି ଯାନ୍ତ୍ରିକ ତ୍ରୁଟି ଥିଲା କି ନାହିଁ ସେ ନେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

### ରାମନବମୀ...

ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୂର୍ଯ୍ୟକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶ ଓ ମାଧବଙ୍କ ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ଡାକ୍ତର ଅନ୍ୟ ୨ ଆହତଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ୩ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି। ଗାଁରେ ଶୋକାକୁଳ ପରିବେଶରେ ୩ ମୃତଦେହକୁ ସଂସ୍କାର କରାଯାଇଛି। ରାମନବମୀ ଯାତ୍ରା ଓ ଦଣ୍ଡପର୍ବକୁ ନେଇ ଗାଁଠୁ ସହର ଉତ୍ସବ ମୁଖର ହୋଇ ଉଠିଥିବାବେଳେ ମହେଶ୍ୱରପୁର ଗାଁରେ ୩ ଯୁବକଙ୍କ ମୃତ୍ୟୁ ଘଟଣା ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି।

### ବ୍ୟୟ ମଞ୍ଜୁରୀ...

ବ୍ୟୟ ମଞ୍ଜୁରୀ ବିଲ୍‌କୁ ବିରୋଧ କରି ଭାଜପା ଓ କଂଗ୍ରେସ ସଦସ୍ୟମାନେ କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ଆଲୋଚନାର ଉତ୍ତର ରଖି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ବଜେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଓ ମୋ ସରକାରର ସଫଳ ରୂପାୟନ ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ହୋଇଛି। ମହାଲେଖାକାରଙ୍କଠାରୁ ମିଳିଥିବା ହିସାବ ଅନୁଯାୟୀ ୨୦୨୩ ଫେବୃୟାରୀ ସୁଦ୍ଧା ରାଜ୍ୟର ଋଣଭାର ରାଜ୍ୟ ଜିଡିପିର ୧୧.୨୫% ରହିଛି। ୨୦୦୫-୦୬ ପରଠାରୁ ଆମେ କ୍ରମାଗତ ଭାବେ ରାଜସ୍ୱ ବଳକା ସ୍ଥିତି ବଜାୟ ରଖିଛୁ ଏବଂ ସମସ୍ତ ଋଣ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେଉଛି ବୋଲି ମନ୍ତ୍ରୀ କହିଥିଲେ। ଏହାପରେ ବିଲ୍‌କୁ ଗୃହର ଅନୁମୋଦନ ମିଳିଥିଲା।

ଏହାପରେ ବାଚସ୍ପତି ୧୦ଟି କମିଟି ସଦସ୍ୟ ଏବଂ ଅଧ୍ୟକ୍ଷଙ୍କ ନାଁ ଘୋଷଣା କରିଥିଲେ। ସେହିପରି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ବିଭିନ୍ନ କମିଟି ସମ୍ପର୍କରେ ଘୋଷଣା କରାଯାଇଥିଲା। ପୋଲାଭରମ୍ ପ୍ରକଳ୍ପ ଲାଗି ଓଡ଼ିଶାର ବହୁ କ୍ଷତି ହୋଇଥିବାବେଳେ ଏନେଇ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ସେହିପରି ସୀମା ସମସ୍ୟା ନେଇ ମଧ୍ୟ ଏକ କମିଟି ଗଠନ ହୋଇଛି। ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗରେ ଗଠିତ କମିଟିର ସଦସ୍ୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ଆଲୋଚନା କରିବେ। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ସବୁ ଦଳର ସଦସ୍ୟ ଦେଢ଼ମାସ ହେବ ନିଜ ନିର୍ବାଚନମଣ୍ଡଳୀକୁ ଯାଇପାରୁ ନ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ସରିଥିବାରୁ ଏବଂ ବଜେଟ୍‌କୁ ମଞ୍ଜୁରୀ ମିଳିସାରିଥିବାରୁ ଗୃହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରିବାକୁ ପ୍ରସ୍ତାବ ଦେଇଥିଲେ। ପଦ୍ମନାଭ ବେହେରା, ଶଶିଭୂଷଣ ବେହେରା, ଭୁପିନ୍ଦର ସିଂହ, ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ନିରଞ୍ଜନ ପୂଜାରୀ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହାପରେ ବିରୋଧୀ ସଦସ୍ୟଙ୍କୁ ବୁଝାଇ ଗୃହକୁ ଆଣିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିଥିବାବେଳେ ଭାଜପା ସଦସ୍ୟମାନେ ରାଜି ହୋଇ ନ ଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଜେଟ୍ ଅଧିବେଶନ ସୁରୁଖୁରୁରେ ଚାଲିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ଯୋଗୁ ଧନ୍ୟବାଦ ଦେଇଥିଲେ। ଏହାପରେ ଗୃହରେ ସବୁ ସଦସ୍ୟ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସମୟ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋଚନା ନ କରି ଏବଂ ୩ଟି ବିଲ୍ ପ୍ରତ୍ୟାହାର କରିନିଆଯିବାକୁ ବିରୋଧ କରି ବିଧାନସଭା ଗାନ୍ଧୀମୂର୍ତ୍ତି ତଳେ ୧୫ ମିନିଟ୍ ଲାଗି ଭାଜପା ବିଧାୟକମାନେ ଧାରଣାରେ ବସିଥିଲେ।

# ଅବସର ନେଲେ ମୋନା ଶର୍ମା, ନିକୁଞ୍ଜ ସୁନ୍ଦରାୟ

## ସତ୍ୟବ୍ରତ ସାହୁ, ଚିତ୍ରା ଅରୁମୁଗମ୍‌ଙ୍କୁ ମିଳିଲା ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାର ୨ ଅଧିକାରୀ ତଥା ବରିଷ୍ଠ ଆଇଏଏସ୍ ଅଫିସର ମୋନା ଶର୍ମା ଓ ନିକୁଞ୍ଜ ସୁନ୍ଦରାୟ ଶୁକ୍ରବାର ସରକାରୀ ଚାକିରିରୁ ଅବସର ନେଇଛନ୍ତି। ମୋନା ଶର୍ମା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବାବେଳେ ନିକୁଞ୍ଜ ସୁନ୍ଦରାୟ ସାଧାରଣ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ଏହି ୨ ବରିଷ୍ଠ ଆଇଏଏସ୍ ଅଫିସରଙ୍କ ଅବସର ପରେ ରାଜ୍ୟ ସରକାର ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ଓ ଚିତ୍ରା ଅରୁମୁଗମ୍‌ଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୧ ବ୍ୟାଚ୍ ବରିଷ୍ଠ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସତ୍ୟବ୍ରତ ସାହୁ ଏବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ସେ ଅତିରିକ୍ତ ଦାୟିତ୍ୱ ଭାବେ ସ୍ୱତନ୍ତ୍ର ରିଲିଫ କମିଶନର ଓ ରାଜ୍ୟ ଓଡ଼ିଆ ଭାଷା ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ଚିତ୍ରା ଅରୁମୁଗମ ଏବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଅତିରିକ୍ତ ଭାବେ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ନ୍ୟସ୍ତ କରାଗଲା।

# ଆଜି ଚାଷୀ ପାଇବେ କାଳିଆ ଟଙ୍କା

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଉତ୍କଳ ଦିବସରେ ଚାଷୀମାନଙ୍କୁ କାଳିଆ କିସ୍ତି ଅର୍ଥ ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଚାଡିବେ। ଭିଡିଓ କନଫରେନ୍ସିଂ ଜରିଆରେ ୫୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ। ତେବେ ଝାରସୁଗୁଡା ଉପନିର୍ବାଚନ ପାଇଁ ଜିଲାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ସେଠାକାର ହିତାଧିକାରୀ ବାଦ୍ ପଡିବେ। ନିର୍ବାଚନ ଆଚରଣବିଧି ସମୟ ଶେଷ ହେବାପରେ ସେମାନଙ୍କୁ କାଳିଆ ଟଙ୍କା ମିଳିବ। ୨୦୧୮ରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ଲାଗି କାଳିଆ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀଙ୍କ ଆକାଉଣ୍ଟକୁ ପ୍ରତ୍ୟେକ ବର୍ଷ ଦୁଇଥର କିସ୍ତି ଟଙ୍କା ପ୍ରଦାନ କରାଯାଉଛି। ରାଜ୍ୟ ବଜେଟ୍‌ରେ ଏଥିଲାଗି ସ୍ୱତନ୍ତ୍ର ବ୍ୟୟବରାଦ ମଧ୍ୟ କରାଯାଇଛି। ରାଜ୍ୟର ୧୪ ଲକ୍ଷ ଭୂମିହୀନ ଓ ୫୩ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ସହାୟତା ପ୍ରଦାନ ଲାଗି ବ୍ୟବସ୍ଥା ହୋଇଛି।











## ଫୁର୍‌ସତ

# କାର୍ତ୍ତିକ-କିଆରାଙ୍କ ୱେଡିଂ ଭିଡିଓ ଲିକ୍



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ଓ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡିକୁ ଦର୍ଶକେ ବେଶ ପସନ୍ଦ କରନ୍ତି। ଏମାନେ ବଡ ପରଦାରେ ପୁଣିଥରେ ଜଲୱା ଦେଖାଇବାକୁ ପ୍ରସ୍ତୁତ ହୋଇ ଗଲେଣି। କିଆରା ଓ କାର୍ତ୍ତିକ ଖୁବଶୀଘ୍ର ମୁଭି ସତ୍ୟପ୍ରେମ କି କଥାରେ ନଜର ଆସିବେ। ଏବେ ମୁଭିର ଶୁଟିଂ ସେଟରୁ ଏକ ସିନ୍ ଲିକ ହୋଇଛି। ସତ୍ୟପ୍ରେମ କି କଥାରୁ କାର୍ତ୍ତିକ ଓ କିଆରାଙ୍କ ୱେଡିଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି ଏହି ଯୋଡି ମଣ୍ଡପରେ ସାତ ଫେରା ନେଉଛନ୍ତି। ଏମାନେ ଖୁବ ଇମୋଶନାଲ ଦେଖାଯାଉଛନ୍ତି। ଭିଡିଓରେ କାର୍ତ୍ତିକ ସେରୱାନି ସହ ପଗଡି ପିନ୍ଧିଥିବା ବେଳେ କିଆରା ଲେହେଙ୍ଗାରେ ଖୁବ ସୁନ୍ଦର ଲାଗୁଛନ୍ତି। ଏହାସହ କିଆରା ଲାଲ ଦୁପଟ୍ଟା ବି ପିନ୍ଧିଛନ୍ତି। ଫିଲ୍ମର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମ ଦେଖିବାକୁ ଉତ୍ସାହ ବଢି ଯାଇଛି।

ସୂଚନା ମୁତାବକ ମୁଭି ସତ୍ୟପ୍ରେମ କି କଥାର ନିର୍ଦ୍ଦେଶକ ହେଉଛନ୍ତି ସମିର ବିଦ୍ୱାଂଶ। ସେ ନ୍ୟାଶନାଲ ଆୱାର୍ଡ ୱିନିଂ ମରାଠି ମୁଭି ଆନନ୍ଦି ଗୋପାଳ ପାଇଁ ବେଶ ପରିଚିତ। ଏବେ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ମୁଭି ୨୯ ଜୁନରେ ରିଲିଜ ହେବ। ଏହି ମୁଭି ମାଧ୍ୟମରେ ସମିର ବଲିଉଡ ନିର୍ଦ୍ଦେଶନାରେ ଡେବ୍ୟୁ କରିଛନ୍ତି। ପ୍ରଥମେ ଏହି ମୁଭିର ନାମ ସତ୍ୟନାରାୟଣ କି କଥା ଥିବା ବେଳେ ପରେ ଏହାକୁ ପରିବର୍ତ୍ତନ କରି ସତ୍ୟପ୍ରେମ କି କଥା କରାଯାଇଛି। କାର୍ତ୍ତିକ ଓ କିଆରା ଏହା ପୂର୍ବରୁ ମୁଭି ଭୁଲ ଭୁଲେୟା ୨ରେ ଏକାଠି ନଜର ଆସିଥିଲେ।











# ୧୦ବର୍ଷ ପରେ ହେଲା ଦଶାହ କର୍ମ




ଅସମନଙ୍କ ପୁଅ ଓ ସମ୍ପର୍କୀୟ ଦଶାହ କର୍ମ ସାରି ଫେରୁଛନ୍ତି।

ଧୋଡ୍ରା, ୩୧।୩(ଡି.ଏନ୍.ଏ.)

ଦଶବର୍ଷ ହେଲା ଦାଦନ ଖଟିବାକୁ ଯାଇ ଫେରିନାହାନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧାମନାଗୁଡ଼ା ପଞ୍ଚାୟତ ସଦର ଗାଁର ଅସମନ କଲାର। ଦୀର୍ଘ ଦିନ ଧରି ଅପେକ୍ଷା କରିବା ପରେ ଫେରିବାର ଆଶା ଛାଡ଼ି ସ୍ତ୍ରୀ ଭଗବତୀ ହାତରୁ ଶଙ୍ଖା ଓ ମୁଣ୍ଡରୁ ସିନ୍ଦୂର ପୋଛି ଦେଇଛନ୍ତି। ପରିବାର ଲୋକେ ଶୁକ୍ରବାର ଅସମନଙ୍କ ଦଶାହ କର୍ମ କରିଛନ୍ତି।

ଧାମନାଗୁଡ଼ାର ଅସମନଙ୍କର ସ୍ତ୍ରୀ ଭଗବତୀ, ୨ ପୁଅ ଏବଂ ୫ଟି ଝିଅ। କାମ ନ ମିଳିବାରୁ ପେଟକୁ ଦାନା ଯୋଗାଇବା ପାଇଁ ୨୦୧୩ରେ ଶାଳକ ମଙ୍ଗରା କଲାରଙ୍କ ସହ ଦାଦନ ଖଟିବାକୁ ଘରୁ ବାହାରିଥିଲେ। ଉଭୟେ ପ୍ରଥମେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଯାଇଥିଲେ। ସେଠାରୁ ଅସମନଙ୍କୁ କାମ ଯୋଗାଉଥିବା ମାଲିକ ଆସି ନେଇଗଲେ। ସେହି ଦିନଠାରୁ ଅସମନଙ୍କ ସହ ମଙ୍ଗରାଙ୍କ ଦେଖା ସାକ୍ଷାତ ହୋଇନାହିଁ। ପରେ ମଙ୍ଗରା ସେଠାରୁ ଫେରି ଆସିଥିଲେ ଏବଂ ଅସମନଙ୍କ କିଛି ଖୋଜ ଖବର ନ ଥିବା କହିଥିଲେ। ବାରମ୍ବାର ଅସମନଙ୍କୁ ଖୋଜିବାକୁ ଯିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଘଟଣାର ୩ବର୍ଷ ପରେ ଡାବୁଗାଁ ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଏହା ମଧ୍ୟରେ ୧୦ବର୍ଷ ବିତିଗଲା। ୧୦ ବର୍ଷ ପରେ ପୁଣିଥରେ ଅସମନଙ୍କୁ ଖୋଜି ଆଣିବାକୁ ମଙ୍ଗରାଙ୍କୁ କୁହାଯାଇଥିଲା। ସେ କିନ୍ତୁ ଖୋଜି ପାରିବେ ନାହିଁ ବୋଲି ସ୍ପଷ୍ଟଭାବେ କହିଥିଲେ। ପରେ ଅସମନଙ୍କ ପରିବାର ପକ୍ଷରୁ ତାଙ୍କ ସମାଜର ସଭା ବସିଥିଲା। ନିଖୋଜର ୧୦ ବର୍ଷ ବିତିଯାଇଥିବାରୁ ଅସମନଙ୍କୁ ମୃତ ଭାବି ତାଙ୍କର ଦଶାହ କାର୍ଯ୍ୟ କରାଯିବ। ଯଦି ଭବିଷ୍ୟତରେ ଅସମନ ଘରକୁ ଫେରିଆସନ୍ତି ତା'ହେଲେ ଭଗବତୀଙ୍କ ସହ ତାଙ୍କର ପୁନଃ ବିବାହ କରାଯିବ ବୋଲି ସମାଜ ପକ୍ଷରୁ ନିଷ୍ପତ୍ତି ନିଆଗଲା। ଉକ୍ତ ନିଷ୍ପତ୍ତି ଅନୁଯାୟୀ, ଶୁକ୍ରବାର ଅସମନଙ୍କ ଦଶାହ କାର୍ଯ୍ୟ କରାଯାଇଛି।









ପ୍ରଥମ ପୃଷ୍ଠାରୁ...

## ଆଇପିଏଲ୍...

ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅରିଜିତ୍‌ଙ୍କ ପରେ ଅଭିନେତ୍ରୀ ତମନା ଭାଟିଆଙ୍କ ନୃତ୍ୟ ଏବଂ ଶେଷରେ ଫିଲ୍ମ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆମୋଦିତ କରିଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମ ଶେଷରେ ଜୟ ଶାହା ଓ ଅରୁଣ ଧୁମଲଙ୍କ ସହ ଏମ୍.ଏସ୍ ଧୋନୀ ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଦଳର ଅଧିନାୟକ ମାନେ ରଥାକୃତିର ଯାନରେ ପ୍ରବେଶ କରିଥିଲେ। ପାଣ୍ଡ୍ୟାଙ୍କ ହାତରେ ଟ୍ରଫି ରହିଥିଲା। ସେମାନଙ୍କର ଏକ ମିଳିତ ଫଟୋ ଉତ୍ତୋଳନ ପରେ ଉଦ୍‌ଘାଟନୀ ଉତ୍ସବ ସମାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ୨୦୧୮ ପରେ ପ୍ରଥମ ଥର ଆଇପିଏଲ୍ ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା।

## କେନାଲକୁ ଖସିଲା...

ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ମୁତାବକ ଗୁରୁବାର ସନ୍ଧ୍ୟାରେ ଶାସନ ଥାନା ପରମାଣପୁର ଗ୍ରାମକୁ ଝାରସୁଗୁଡ଼ା ଜିଲ୍ଲା ବଡ଼ଧରା ଗ୍ରାମରୁ ବରଯାତ୍ରୀ ଆସିଥିଲେ। ବୋଲେରୋ ନମ୍ବର ଓଆର୧୫ଆର୍-୮୫୭୫ରେ ୧୧ଜଣ ବରଯାତ୍ରୀ ଆସିଥିଲେ। ସେମାନେ ଶୋଭାଯାତ୍ରା କରି ଖାଇବା ପରେ ରାତି ପ୍ରାୟ ଅଢ଼େଇଟାରେ ଘରକୁ ଫେରୁଥିଲେ। ପରମାଣପୁରଠାରୁ ବାହାରି କେନାଲ ରାସ୍ତା ଦେଇ ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାକୁ ଆସୁଥିଲେ। ବିଶାଳଖଣ୍ଡା ଗ୍ରାମ ନିକଟରେ ଏକ ବୁଲାଣି ରହିଛି। ଏହି ବୁଲାଣି ସମ୍ପର୍କରେ ଡ୍ରାଇଭର ଭିଜୁ ଜାଣି ନ ଥିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଡିଭାଇଡର ଭାଙ୍ଗି କେନାଲ ଭିତରକୁ ଓଲଟିପଡ଼ିଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ପାଣିରେ ବୁଡ଼ିଯାଇଥିବାବେଳେ ୪ଜଣ କାଚ ଭାଙ୍ଗି ଜୀବନ ବଞ୍ଚାଇଥିଲେ। ହେଲେ ଅନ୍ୟ ୭ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଖବର ପାଇ ଶାସନ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ରାତିଅଧିଆ ପାଣି ଭିତରୁ ସେମାନେ ବୋଲେରୋକୁ ବାହାର କରିଥିଲେ। ଗ୍ରାମୀଣ ଲୋକଙ୍କ ଅଭିଯୋଗକ୍ରମେ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଶେଷକରି ବାଇକ୍ ଓ ୪ ଚକିଆ ଯାନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ବୁଲାଣି ରାସ୍ତା ଓ ରାତି ହୋଇଥିବାରୁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆର୍‌ଟିଓ ସହିତ ଯୋଗାଯୋଗ କରାଯାଉଛି। ଗାଡ଼ିରେ କିଛି ଯାନ୍ତ୍ରିକ ତ୍ରୁଟି ଥିଲା କି ନାହିଁ ସେ ନେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ରାମନବମୀ...

ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ରାକେଶ ଓ ମାଧବଙ୍କ ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ଡାକ୍ତର ଅନ୍ୟ ୨ ଆହତଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ୩ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି। ଗାଁରେ ଶୋକାକୁଳ ପରିବେଶରେ ୩ ମୃତଦେହକୁ ସଂସ୍କାର କରାଯାଇଛି। ରାମନବମୀ ଯାତ୍ରା ଓ ଦଣ୍ଡପର୍ବକୁ ନେଇ ଗାଁଠୁ ସହର ଉତ୍ସବ ମୁଖର ହୋଇ ଉଠିଥିବାବେଳେ ମହେଶ୍ୱରପୁର ଗାଁରେ ୩ ଯୁବକଙ୍କ ମୃତ୍ୟୁ ଘଟଣା ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି।

## ବ୍ୟୟ ମଞ୍ଜୁରୀ...

ବ୍ୟୟ ମଞ୍ଜୁରୀ ବିଲ୍‌କୁ ବିରୋଧ କରି ଭାଜପା ଓ କଂଗ୍ରେସ ସଦସ୍ୟମାନେ କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ଆଲୋଚନାର ଉତ୍ତର ରଖି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହଛନ୍ତି, ବଜେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଓ ମୋ ସରକାରର ସଫଳ ରୂପାୟନ ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ହୋଇଛି। ମହାଲେଖାକାରଙ୍କଠାରୁ ମିଳିଥିବା ହିସାବ ଅନୁଯାୟୀ ୨୦୨୩ ଫେବୃୟାରୀ ସୁଦ୍ଧା ରାଜ୍ୟର ଋଣଭାର ରାଜ୍ୟ ଜିଡିପିର ୧୧.୨୫% ରହିଛି। ୨୦୦୫-୦୬ ପରଠାରୁ ଆମେ କ୍ରମାଗତ ଭାବେ ରାଜସ୍ୱ ବଳକା ସ୍ଥିତି ବଜାୟ ରଖିଛୁ ଏବଂ ସମସ୍ତ ଋଣ ପୁଞ୍ଜି ଖର୍ଚ୍ଚ ପାଇଁ ବ୍ୟବହୃତ ହେଉଛି ବୋଲି ମନ୍ତ୍ରୀ କହିଥିଲେ। ଏହାପରେ ବିଲ୍‌କୁ ଗୃହର ଅନୁମୋଦନ ମିଳିଥିଲା।

ଏହାପରେ ବାଚସ୍ପତି ୧୦ଟି କମିଟି ସଦସ୍ୟ ଏବଂ ଅଧ୍ୟକ୍ଷଙ୍କ ନାଁ ଘୋଷଣା କରିଥିଲେ। ସେହିପରି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ବିଭିନ୍ନ କମିଟି ସମ୍ପର୍କରେ ଘୋଷଣା କରାଯାଇଥିଲା। ପୋଲାଭରମ୍ ପ୍ରକଳ୍ପ ଲାଗି ଓଡ଼ିଶାର ବହୁ କ୍ଷତି ହୋଇଥିବାବେଳେ ଏନେଇ ଏକ କମିଟି ଗଠନ ହୋଇଛି। ଉକ୍ତ କମିଟି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ପ୍ରସ୍ତାବ ପାରିତ ହୋଇଛି। ସେହିପରି ସୀମା ସମସ୍ୟା ନେଇ ମଧ୍ୟ ଏକ କମିଟି ଗଠନ ହୋଇଛି। ଏମ୍‌ଏସ୍‌ପି ବୃଦ୍ଧି ପ୍ରସଙ୍ଗରେ ଗଠିତ କମିଟିର ସଦସ୍ୟମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ଆଲୋଚନା କରିବେ। ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ସବୁ ଦଳର ସଦସ୍ୟ ଦେଢ଼ମାସ ହେବ ନିଜ ନିର୍ବାଚନମଣ୍ଡଳୀକୁ ଯାଇପାରୁ ନ ଥିବାବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ସରିଥିବାରୁ ଏବଂ ବଜେଟ୍‌କୁ ମଞ୍ଜୁରୀ ମିଳିସାରିଥିବାରୁ ଗୃହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରିବାକୁ ପ୍ରସ୍ତାବ ଦେଇଥିଲେ। ପଦ୍ମନାଭ ବେହେରା, ଶଶିଭୂଷଣ ବେହେରା, ଭୁପିନ୍ଦର ସିଂହ, ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ନିରଞ୍ଜନ ପୂଜାରୀ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହାପରେ ବିରୋଧୀ ସଦସ୍ୟଙ୍କୁ ବୁଝାଇ ଗୃହକୁ ଆଣିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ଗୃହକୁ ଫେରିଥିବାବେଳେ ଭାଜପା ସଦସ୍ୟମାନେ ରାଜି ହୋଇ ନ ଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଜେଟ୍ ଅଧିବେଶନ ସୁରୁଖୁରୁରେ ଚାଲିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ଯୋଗୁ ଧନ୍ୟବାଦ ଦେଇଥିଲେ। ଏହାପରେ ଗୃହରେ ସବୁ ସଦସ୍ୟ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ସମୟ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋଚନା ନ କରି ଏବଂ ୩ଟି ବିଲ୍ ପ୍ରତ୍ୟାହାର କରିନିଆଯିବାକୁ ବିରୋଧ କରି ବିଧାନସଭା ଗାନ୍ଧୀମୂର୍ତ୍ତି ତଳେ ୧୫ ମିନିଟ୍ ଲାଗି ଭାଜପା ବିଧାୟକମାନେ ଧାରଣାରେ ବସିଥିଲେ।

# ଅବସର ନେଲେ ମୋନା ଶର୍ମା, ନିକୁଞ୍ଜ ସୁନ୍ଦରାୟ

### ସତ୍ୟବ୍ରତ ସାହୁ, ଚିତ୍ରା ଅରୁମୁଗମ୍‌ଙ୍କୁ ମିଳିଲା ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାର ୨ ଅଧିକାରୀ ତଥା ବରିଷ୍ଠ ଆଇଏଏସ୍ ଅଫିସର ମୋନା ଶର୍ମା ଓ ନିକୁଞ୍ଜ ସୁନ୍ଦରାୟ ଶୁକ୍ରବାର ସରକାରୀ ଚାକିରିରୁ ଅବସର ନେଇଛନ୍ତି। ମୋନା ଶର୍ମା ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବାବେଳେ ନିକୁଞ୍ଜ ସୁନ୍ଦରାୟ ସାଧାରଣ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ଏହି ୨ ବରିଷ୍ଠ ଆଇଏଏସ୍ ଅଫିସରଙ୍କ ଅବସର ପରେ ରାଜ୍ୟ ସରକାର ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ଓ ଚିତ୍ରା ଅରୁମୁଗମ୍‌ଙ୍କୁ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୧ ବ୍ୟାଚ୍ ବରିଷ୍ଠ ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସତ୍ୟବ୍ରତ ସାହୁ ଏବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ସେ ଅତିରିକ୍ତ ଦାୟିତ୍ୱ ଭାବେ ସ୍ୱତନ୍ତ୍ର ରିଲିଫ କମିଶନର ଓ ରାଜ୍ୟ ଓଡ଼ିଆ ଭାଷା ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ଚିତ୍ରା ଅରୁମୁଗମ ଏବେ ଯୋଜନା ଓ ସଂଯୋଜନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ଅତିରିକ୍ତ ଭାବେ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ନ୍ୟସ୍ତ କରାଗଲା।

# ଆଜି ଚାଷୀ ପାଇବେ କାଳିଆ ଟଙ୍କା

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଉତ୍କଳ ଦିବସରେ ଚାଷୀମାନଙ୍କୁ କାଳିଆ କିସ୍ତି ଅର୍ଥ ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଚାଡିବେ। ଭିଡିଓ କନଫରେନ୍ସିଂ ଜରିଆରେ ୫୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ। ତେବେ ଝାରସୁଗୁଡା ଉପନିର୍ବାଚନ ପାଇଁ ଜିଲାରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ସେଠାକାର ହିତାଧିକାରୀ ବାଦ୍ ପଡିବେ। ନିର୍ବାଚନ ଆଚରଣବିଧି ସମୟ ଶେଷ ହେବାପରେ ସେମାନଙ୍କୁ କାଳିଆ ଟଙ୍କା ମିଳିବ। ୨୦୧୮ରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ଲାଗି କାଳିଆ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଚାଷୀଙ୍କ ଆକାଉଣ୍ଟକୁ ପ୍ରତ୍ୟେକ ବର୍ଷ ଦୁଇଥର କିସ୍ତି ଟଙ୍କା ପ୍ରଦାନ କରାଯାଉଛି। ରାଜ୍ୟ ବଜେଟ୍‌ରେ ଏଥିଲାଗି ସ୍ୱତନ୍ତ୍ର ବ୍ୟୟବରାଦ ମଧ୍ୟ କରାଯାଇଛି। ରାଜ୍ୟର ୧୪ ଲକ୍ଷ ଭୂମିହୀନ ଓ ୫୩ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ସହାୟତା ପ୍ରଦାନ ଲାଗି ବ୍ୟବସ୍ଥା ହୋଇଛି।













## ଫୁରସତ

# କାର୍ତ୍ତିକ-କିଆରାଙ୍କ ୱେଡିଂ ଭିଡିଓ ଲିକ୍



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ ଓ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡିକୁ ଦର୍ଶକେ ବେଶ ପସନ୍ଦ କରନ୍ତି। ଏମାନେ ବଡ ପରଦାରେ ପୁଣିଥରେ ଜଲୱା ଦେଖାଇବାକୁ ପ୍ରସ୍ତୁତ ହୋଇ ଗଲେଣି। କିଆରା ଓ କାର୍ତ୍ତିକ ଖୁବଶୀଘ୍ର ମୁଭି ସତ୍ୟପ୍ରେମ କି କଥାରେ ନଜର ଆସିବେ। ଏବେ ମୁଭିର ଶୁଟିଂ ସେଟରୁ ଏକ ସିନ୍ ଲିକ ହୋଇଛି। ସତ୍ୟପ୍ରେମ କି କଥାରୁ କାର୍ତ୍ତିକ ଓ କିଆରାଙ୍କ ୱେଡିଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି ଏହି ଯୋଡି ମଣ୍ଡପରେ ସାତ ଫେରା ନେଉଛନ୍ତି। ଏମାନେ ଖୁବ ଇମୋଶନାଲ ଦେଖାଯାଉଛନ୍ତି। ଭିଡିଓରେ କାର୍ତ୍ତିକ ସେରୱାନି ସହ ପଗଡି ପିନ୍ଧିଥିବା ବେଳେ କିଆରା ଲେହେଙ୍ଗାରେ ଖୁବ ସୁନ୍ଦର ଲାଗୁଛନ୍ତି। ଏହାସହ କିଆରା ଲାଲ ଦୁପଟ୍ଟା ବି ପିନ୍ଧିଛନ୍ତି। ଫିଲ୍ମର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମ ଦେଖିବାକୁ ଉତ୍ସାହ ବଢି ଯାଇଛି।

ସୂଚନା ମୁତାବକ ମୁଭି ସତ୍ୟପ୍ରେମ କି କଥାର ନିର୍ଦ୍ଦେଶକ ହେଉଛନ୍ତି ସମିର ବିଦ୍ୱାଂଶ। ସେ ନ୍ୟାଶନାଲ ଆୱାର୍ଡ ୱିନିଂ ମରାଠି ମୁଭି ଆନନ୍ଦି ଗୋପାଳ ପାଇଁ ବେଶ ପରିଚିତ। ଏବେ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ମୁଭି ୨୯ ଜୁନରେ ରିଲିଜ ହେବ। ଏହି ମୁଭି ମାଧ୍ୟମରେ ସମିର ବଲିଉଡ ନିର୍ଦ୍ଦେଶନାରେ ଡେବ୍ୟୁ କରିଛନ୍ତି। ପ୍ରଥମେ ଏହି ମୁଭିର ନାମ ସତ୍ୟନାରାୟଣ କି କଥା ଥିବା ବେଳେ ପରେ ଏହାକୁ ପରିବର୍ତ୍ତନ କରି ସତ୍ୟପ୍ରେମ କି କଥା କରାଯାଇଛି। କାର୍ତ୍ତିକ ଓ କିଆରା ଏହା ପୂର୍ବରୁ ମୁଭି ଭୁଲ ଭୁଲେୟା ୨ରେ ଏକାଠି ନଜର ଆସିଥିଲେ।

# ୧୦ବର୍ଷ ପରେ ହେଲା ଦଶାହ କର୍ମ




ଅସମନଙ୍କ ପୁଅ ଓ ସମ୍ପର୍କୀୟ ଦଶାହ କର୍ମ ସାରି ଫେରୁଛନ୍ତି।

ଧୋଡ୍ରା, ୩୧।୩(ଡି.ଏନ୍.ଏ.)

ଦଶବର୍ଷ ହେଲା ଦାଦନ ଖଟିବାକୁ ଯାଇ ଫେରିନାହାନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧାମନାଗୁଡ଼ା ପଞ୍ଚାୟତ ସଦର ଗାଁର ଅସମନ କଲାର। ଦୀର୍ଘ ଦିନ ଧରି ଅପେକ୍ଷା କରିବା ପରେ ଫେରିବାର ଆଶା ଛାଡ଼ି ସ୍ତ୍ରୀ ଭଗବତୀ ହାତରୁ ଶଙ୍ଖା ଓ ମୁଣ୍ଡରୁ ସିନ୍ଦୂର ପୋଛି ଦେଇଛନ୍ତି। ପରିବାର ଲୋକେ ଶୁକ୍ରବାର ଅସମନଙ୍କ ଦଶାହ କର୍ମ କରିଛନ୍ତି।

ଧାମନାଗୁଡ଼ାର ଅସମନଙ୍କର ସ୍ତ୍ରୀ ଭଗବତୀ, ୨ ପୁଅ ଏବଂ ୫ଟି ଝିଅ। କାମ ନ ମିଳିବାରୁ ପେଟକୁ ଦାନା ଯୋଗାଇବା ପାଇଁ ୨୦୧୩ରେ ଶାଳକ ମଙ୍ଗରା କଲାରଙ୍କ ସହ ଦାଦନ ଖଟିବାକୁ ଘରୁ ବାହାରିଥିଲେ। ଉଭୟେ ପ୍ରଥମେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଯାଇଥିଲେ। ସେଠାରୁ ଅସମନଙ୍କୁ କାମ ଯୋଗାଉଥିବା ମାଲିକ ଆସି ନେଇଗଲେ। ସେହି ଦିନଠାରୁ ଅସମନଙ୍କ ସହ ମଙ୍ଗରାଙ୍କ ଦେଖା ସାକ୍ଷାତ ହୋଇନାହିଁ। ପରେ ମଙ୍ଗରା ସେଠାରୁ ଫେରି ଆସିଥିଲେ ଏବଂ ଅସମନଙ୍କ କିଛି ଖୋଜ ଖବର ନ ଥିବା କହିଥିଲେ। ବାରମ୍ବାର ଅସମନଙ୍କୁ ଖୋଜିବାକୁ ଯିବା ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିଲା ନାହିଁ। ପରବର୍ତ୍ତୀ ସମୟରେ ଘଟଣାର ୩ବର୍ଷ ପରେ ଡାବୁଗାଁ ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଏହା ମଧ୍ୟରେ ୧୦ବର୍ଷ ବିତିଗଲା। ୧୦ ବର୍ଷ ପରେ ପୁଣିଥରେ ଅସମନକୁ ଖୋଜି ଆଣିବାକୁ ମଙ୍ଗରାଙ୍କୁ କୁହାଯାଇଥିଲା। ସେ କିନ୍ତୁ ଖୋଜି ପାରିବେ ନାହିଁ ବୋଲି ସ୍ପଷ୍ଟଭାବେ କହିଥିଲେ। ପରେ ଅସମନଙ୍କ ପରିବାର ପକ୍ଷରୁ ତାଙ୍କ ସମାଜର ସଭା ବସିଥିଲା। ନିଖୋଜର ୧୦ ବର୍ଷ ବିତିଯାଇଥିବାରୁ ଅସମନଙ୍କୁ ମୃତ ଭାବି ତାଙ୍କର ଦଶାହ କାର୍ଯ୍ୟ କରାଯିବ। ଯଦି ଭବିଷ୍ୟତରେ ଅସମନ ଘରକୁ ଫେରିଆସନ୍ତି ତା'ହେଲେ ଭଗବତୀଙ୍କ ସହ ତାଙ୍କର ପୁନଃ ବିବାହ କରାଯିବ ବୋଲି ସମାଜ ପକ୍ଷରୁ ନିଷ୍ପତ୍ତି ନିଆଗଲା। ଉକ୍ତ ନିଷ୍ପତ୍ତି ଅନୁଯାୟୀ, ଶୁକ୍ରବାର ଅସମନଙ୍କ ଦଶାହ କାର୍ଯ୍ୟ କରାଯାଇଛି।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com  ପୃଷ୍ଠା ୮  Press Regd. No. R.N. 21326/74 Postal Regd. No. BN/42/21-23.  ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩  Bhubaneswar,  Saturday, April 1/ 2023



ନୃତ୍ୟ ଅବସରରେ ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ।



ଅରିଜିତ ସିଂଙ୍କ ସଙ୍ଗୀତ ପରିବେଷଣ।



ଅହମଦାବାଦରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ ବିସିସିଆଇ କର୍ମକର୍ତ୍ତା, ଦୁଇ ଦଳର ଅଧିନାୟକ ଓ କଳାକାରମାନେ।



ଆଲୋକରେ ଉଦ୍‌ଭାସିତ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ।

# ଚେନ୍ନାଇର ସମ୍ମାନଜନକ ସ୍କୋର

**ଅହମଦାବାଦ, ୩୧।୩**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହୋଇଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଛି।

## ଗାଏକ୍ୱାଡ୍‌ଙ୍କ ଦୃଢ଼ ବ୍ୟାଟିଂ

ଟସ୍‌ଜିତ ଗୁଜରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଚେନ୍ନାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଦଳୀୟ ସ୍କୋର ୧୪ ଥିବାବେଳେ ଡେଭନ କନ୍‌ୱେ (୧) ଆଉଟ ହୋଇଯିବାରୁ ଚେନ୍ନାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଋତୁରାଜ ଗାଏକ୍ୱାଡ୍ ଓ ମୋଇନ୍ ଅଲୀ ଦ୍ୱିତୀୟ ଉଇକେଟରେ ୨୨ ବଲ୍‌ରୁ ୩୬ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ନିଜ ଇନିଂସ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିବା ମୋଇନ୍ କିନ୍ତୁ ୧୭ ବଲ୍‌ରୁ ୨୩ (୪ ଚୌକା, ୧ ଛକା) ରନ କରିଥିବାବେଳେ ଆଉଟ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ଗୋଟିଏ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଅନ୍ୟ ପଟରେ ଋତୁରାଜ ଲଢ଼ୁଆ ବ୍ୟାଟିଂ ଜାରି ରଖି ଚେନ୍ନାଇକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ।



ଶଟ୍ ଖେଳିବା ଅବସରରେ ଋତୁରାଜ ଗାଏକ୍ୱାଡ୍।

ବେନ୍ ଷ୍ଟୋକ୍ସ ୭ ଓ ଅମ୍ବାତି ରାୟୁଡୁ ୧୨ ରନ କରି ଆଉଟ ହୋଇଥିଲେ ହେଁ ଚେନ୍ନାଇ ରନ୍‌ହାର ବିଶେଷ ପ୍ରଭାବିତ ହୋଇ ନ ଥିଲା। ୪ର୍ଥ ଉଇକେଟରେ ଋତୁରାଜ ଓ ରାୟୁଡୁ ସର୍ବାଧିକ ୫୧ ରନର ଭାଗୀଦାରି ଗଢ଼ିଥିଲେ। ଶତକର ନିକଟତର ହୋଇଥିବା ଋତୁରାଜ ୯୨ ରନ କରିଥିବାବେଳେ ଆଲଜାରି ଜୋସେଫଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଜୋସେଫ ୟର୍କର ମିସ୍ କରିଥିଲେ ହେଁ ଫୁଲ୍‌ଟସ୍ ବଲ୍‌ରୁ ଋତୁରାଜଙ୍କ ପ୍ରାଇଜ୍ ଉଇକେଟ ପାଇଥିଲେ। ଲଙ୍ଗ୍‌ଅନ୍‌ରେ କ୍ୟାଚ ଧରିଥିଲେ ଶୁବମନ ଗିଲ୍। ଗାଏକ୍ୱାଡ୍ ରିଭ୍ୟୁ ନେଇଥିଲେ ହେଁ କିଛି ଫାଇଦା ହୋଇ ନ ଥିଲା। ଶିବମ୍ ଦୁବେ ଧିମା ଇନିଂସ ଖେଳି ୧୮ ବଲ୍‌ରୁ ମାତ୍ର ୧୯ ରନ କରିବାକୁ ସକ୍ଷମ ହୋଇଥିବାବେଳେ ରବୀନ୍ଦ୍ର ଜାଡେଜା ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଦୀର୍ଘଦିନପରେ ପୁଣି ଚମତ୍କାର ଫିନିଶ୍ କରିଥିଲେ ମହେନ୍ଦ୍ର ସିଂ ଧୋନୀ। ସେ ୭ ବଲ୍‌ରୁ ୧ ଚୌକା ଓ ୧ ଛକା ସହାୟତାରେ ୧୪ ରନକରି ଅପରାଜିତ ରହିଥିଲେ। ଗୁଜରାଟ ଦଳ ପକ୍ଷରୁ ମହମ୍ମଦ ଶାମି, ରଶିଦ ଖାଁ ଓ ଆଲଜାରି ଜୋସେଫ ୨ଟି ଲେଖାଏ ଏବଂ ଜୋଶୁଆ ଲିଟଲ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୭୮/୭ (ଋତୁରାଜ ଗାଏକ୍ୱାଡ-୯୨, ମୋଇନ ଅଲୀ-୨୩, ମହମ୍ମଦ ଶାମି-୨/୨୯, ରଶିଦ ଖାଁ-୨/୨୬, ଆଲଜାରି ଜୋସେଫ-୨/୩୩, ଜୋଶୁଆ ଲିଟଲ-୧/୪୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ କୋଲକାତା**
ସ୍ଥାନ:ମୋହାଲି,
ସମୟ: ଅପରାହ୍ନ ୩.୩୦

**ଲକ୍ଷ୍ନୌ ବନାମ ଦିଲ୍ଲୀ**
ସ୍ଥାନ: ଲକ୍ଷ୍ନୌ,
ସମୟ: ରାତି ୭.୩୦

# କୋରାପୁଟରେ ୧୭ ବର୍ଷରୁ କମ୍ ବାଳିକା, ଓପନ୍ ଚେସ୍

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ପ୍ରତିଯୋଗିତା ଏପ୍ରିଲ୍ ୮ ଓ ୯ରେ କୋରାପୁଟର ସର୍ବଦୟା କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍, କୋରାପୁଟ ଜିଲା ଚେସ୍ ଆସୋସିଏଶନ୍ ଓ କଳିଙ୍ଗ ସ୍ପୋର୍ଟ୍ସ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ୨୦୦୬ ଜାନୁୟାରୀ ୧ କିମ୍ବା ତା'ପରେ ଜନ୍ମିତ ଖେଳାଳି ଉପରୋକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ୪୫ ମିନିଟ୍ + ୩୦ ସେକେଣ୍ଡ ଟାଇମ୍ ଫର୍ମାଟରେ ଏହି ପ୍ରତିଯୋଗିତା ଖେଳାଯିବ। ଉଭୟ ଓପନ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଜଣ ଏବଂ ୮, ୧୦, ୧୨ ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଉଭୟ ଓପନ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଦୁଇ ଜଣ ଖେଳାଳି ଆସନ୍ତା ୩୩ତମ ୧୭ ବର୍ଷରୁ କମ୍ ଜାତୀୟ ଓପନ୍ ଏବଂ ବାଳିକା ଚେସ୍ ଚାମ୍ପିୟନଶିପ୍ ୨୦୨୩ ପାଇଁ ଯୋଗ୍ୟ ବିବେଚିତ ହେବେ। ଏହା ପଞ୍ଜାବର ଜଳନ୍ଧରଠାରେ ମେ' ୧ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କଳିଙ୍ଗରେ ଆଇଟିଏଫ୍ ଏସିଆନ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ

- ୧୪ ବର୍ଷରୁ କମ୍ ବର୍ଗରେ ହେବ ପ୍ରତିଯୋଗିତା
- ଭାରତରେ ପ୍ରଥମ ଥର ପାଇଁ ଏହା ଆୟୋଜନ ହେବ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ ଫେଡେରେଶନ) ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍‌ର ଫାଇନାଲ୍ସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଭାରତରେ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ ଏହାର ଆୟୋଜନ ଅଧିକାର ଓଡ଼ିଶା ପାଇଛି। ପ୍ରତିଯୋଗିତା ଏପ୍ରିଲ ୪ରୁ ୮ ଏବଂ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଥିବା ୮ ଟେନିସ କୋର୍ଟରେ ମ୍ୟାଚଗୁଡ଼ିକ ପୂର୍ବାହ୍ନ ୯ଟାରୁ ୧୨ଟା ଏବଂ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ଖେଳାଯିବ। ଭାରତ ସମେତ ହଂକଂ, ଇଣ୍ଡୋନେସିଆ, କୋରିଆ, ଭିଏତ୍‌ନାମ, କାଜାଖସ୍ତାନ, ମାଲେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ସିରିୟା, ଇରାନ, କୁଏତ୍, ମ୍ୟାନମାର, ପାକିସ୍ତାନ, ଉଜବେକିସ୍ତାନ, ତୁର୍କମେନିସ୍ତାନ, କିର୍ଗିଜସ୍ତାନ, ତାଇୱାନ ଆଦି ୧୮ଟି ଦେଶର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ ତ୍ରିପାଠୀ ପ୍ରକାଶ କରିଛନ୍ତି। ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳକରେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ବିଭିନ୍ନ ଇଭେଣ୍ଟର ପ୍ରଥମ ୩ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ଚାମ୍ପିୟନଶିପ୍ ଟ୍ରଫି ଦିଆଯିବ। ଆଇଟିଏଫ୍ ଅଫିସିଆଲ ଜୋନାଥନ ଷ୍ଟବ୍ସ ଏବଂ ଆଇଟିଏଫ୍ ରେଫରି ଟୁର୍ନାମେଣ୍ଟ ପରିଚାଳନା କରିବେ। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଓ ଟେକ୍ନିକାଲ କମିଟି ଚେୟାରମ୍ୟାନ ଶୁଭ୍ରାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ପାଇଁ ମାଗଣା ଏଣ୍ଟ୍ରି

ଟେନିସ ପ୍ରେମୀମାନେ ମାଗଣାରେ ଟୁର୍ନାମେଣ୍ଟର ବିଭିନ୍ନ ମ୍ୟାଚ ଦେଖିପାରିବେ। ଏଥିପାଇଁ ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମ ଗେଟ୍ ନମ୍ବର-୩ ନିକଟରୁ ଏଣ୍ଟ୍ରି ପାସ୍ ଓ ଗାଡ଼ି ପାଇଁ ପାସ୍ ଯୋଗାଡ଼ କରିବାକୁ ପଡ଼ିବ। କଳିଙ୍ଗ ଷ୍ଟାଡିୟମ ପରିସରରେ ଗାଡ଼ି ପାର୍କିଂ କରିବାର ବ୍ୟବସ୍ଥା କରାଯିବ। ଦର୍ଶକମାନେ ମ୍ୟାଚର ଗୋଟିଏ ଦିନ ପୂର୍ବରୁ କମ୍ପ୍ଲିମେଣ୍ଟାରି ପାସ୍ ମଧ୍ୟ www.odisha-tennis.com ୱେବସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ।




ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ ଲୋଗୋ ନିକଟରେ ଓଟିଏ କର୍ମକର୍ତ୍ତା।

# ବୁମ୍‌ରାଙ୍କ ସ୍ଥାନରେ ସନ୍ଦୀପ

**ମୁମ୍ବାଇ, ୩୧।୩ (ପି.ଟି.):** ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ପାଇଁ ଆଘାତପ୍ରାପ୍ତ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ଡାହାଣହାତୀ ଫାଷ୍ଟ ବୋଲର ସନ୍ଦୀପ ୱାରିୟରଙ୍କୁ ଦଳରେ ସାମିଲ କରିଛି। ପିଠିରେ ଇଞ୍ଜୁରି ଯୋଗୁ ବୁମ୍‌ରା ସମଗ୍ର ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ସନ୍ଦୀପ ୨୦୨୧ରେ ଭାରତ ତରଫରୁ ପ୍ରଥମ ଥର ଖେଳିବା ସୁଯୋଗ ପାଇଥିଲେ। ଘରୋଇ ଟୁର୍ନାମେଣ୍ଟରେ କିନ୍ତୁ ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ସେ ୨୦୦ ମ୍ୟାଚ ଖେଳିଛନ୍ତି। ତନ୍ମଧ୍ୟରେ ୬୯ ମ୍ୟାଚ ଟି୨୦ ଫର୍ମାଟର ରହିଛି। ସେ ତାଙ୍କ କ୍ୟାରିୟରରେ ସମସ୍ତ ଫର୍ମାଟରେ ମୋଟ ୩୬୨ ଉଇକେଟ ଅକ୍ତିଆର କରିଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ପ୍ରଥମ ମ୍ୟାଚ (ଏପ୍ରିଲ-୨) ବାଙ୍ଗାଲୋରରେ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳିବ। ଘରୋଇ ଟୁର୍ନାମେଣ୍ଟରେ ସନ୍ଦୀପ ୬୬ ପ୍ରଥମଶ୍ରେଣୀ, ୬୯ ଲିଷ୍ଟ ଏ' ଏବଂ ୬୮ ଟି୨୦ ମ୍ୟାଚ ଖେଳି ଯଥାକ୍ରମେ ୨୧୭, ୮୩ ଓ ୬୨ ଉଇକେଟ ନେଇଛନ୍ତି। ୨୦୨୧ ଜୁଲାଇରେ ସେ କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ତରଫରୁ ଅନ୍ତର୍ଜାତୀୟ ଟି୨୦ରେ ପଦାର୍ପଣ କରିଥିଲେ। ୨୦୨୦ରେ ତାମିଲନାଡ୍ରୁକୁ ଯିବା ପୂର୍ବରୁ ସେ କେରଳ ତରଫରୁ ଘରୋଇ କ୍ରିକେଟ ଖେଳୁଥିଲେ। ଚଳିତବର୍ଷ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡରେ ୨୯ବର୍ଷୀୟ ବୁମ୍‌ରାଙ୍କ ପିଠିରେ ଅସ୍ତ୍ରୋପଚାର ହୋଇଛି। ଫଳତଃ ସେ ସମଗ୍ର ଆଇପିଏଲ୍ ସହିତ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରୁ ମଧ୍ୟ ବାଦ୍ ପଡ଼ିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧/୨୦୨୩ | Bhubaneswar, | Saturday, April 1/ 2023


ନୃତ୍ୟ ଅବସରରେ ବଲିଉଡ୍ ଅଭିନେତ୍ରୀ ତମନ୍ନା ଭାଟିଆ।


ଅରିଜିତ ସିଂଙ୍କ ସଙ୍ଗୀତ ପରିବେଷଣ।



ଅହମଦାବାଦରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ସମାରୋହରେ ବିସିସିଆଇ କର୍ମକର୍ତ୍ତା, ଦୁଇ ଦଳର ଅଧିନାୟକ ଓ କଳାକାରମାନେ।


ଆଲୋକରେ ଉଦ୍‌ଭାସିତ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ।

# ଚେନ୍ନାଇର ସମ୍ମାନଜନକ ସ୍କୋର

**ଅହମଦାବାଦ, ୩୧।୩**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ସଂସ୍କରଣ ଶୁକ୍ରବାର ଆରମ୍ଭ ହୋଇଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଛି।

## ଗାଏକ୍ୱାଡ୍‌ଙ୍କ ଦୃଢ଼ ବ୍ୟାଟିଂ

ଟସ୍‌ଜିତ ଗୁଜରାଟ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଚେନ୍ନାଇକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଦଳୀୟ ସ୍କୋର ୧୪ ଥିବାବେଳେ ଡେଭନ କନ୍‌ୱେ (୧) ଆଉଟ ହୋଇଯିବାରୁ ଚେନ୍ନାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଋତୁରାଜ ଗାଏକ୍ୱାଡ୍ ଓ ମୋଇନ୍ ଅଲୀ ଦ୍ୱିତୀୟ ଉଇକେଟରେ ୨୨ ବଲ୍‌ରୁ ୩୬ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ନିଜ ଇନିଂସ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିବା ମୋଇନ୍ କିନ୍ତୁ ୧୭ ବଲ୍‌ରୁ ୨୩ (୪ ଚୌକା, ୧ ଛକା) ରନ କରିଥିବାବେଳେ ଆଉଟ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ଗୋଟିଏ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଅନ୍ୟ ପଟରେ ଋତୁରାଜ ଲଢୁଆ ବ୍ୟାଟିଂ ଜାରି ରଖି ଚେନ୍ନାଇକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ।


ଶଟ୍ ଖେଳିବା ଅବସରରେ ଋତୁରାଜ ଗାଏକ୍ୱାଡ୍।

ବେନ୍ ଷ୍ଟୋକ୍ସ ୭ ଓ ଅମ୍ବାଟି ରାୟୁଡୁ ୧୨ ରନ କରି ଆଉଟ ହୋଇଥିଲେ ହେଁ ଚେନ୍ନାଇ ରନ୍‌ହାର ବିଶେଷ ପ୍ରଭାବିତ ହୋଇ ନ ଥିଲା। ୪ର୍ଥ ଉଇକେଟରେ ଋତୁରାଜ ଓ ରାୟୁଡୁ ସର୍ବାଧିକ ୫୧ ରନର ଭାଗୀଦାରି ଗଢ଼ିଥିଲେ। ଶତକର ନିକଟତର ହୋଇଥିବା ଋତୁରାଜ ୯୨ ରନ କରିଥିବାବେଳେ ଆଲଜାରି ଜୋସେଫଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ଜୋସେଫ ୟର୍କର ମିସ୍ କରିଥିଲେ ହେଁ ଫୁଲ୍‌ଟସ୍ ବଲ୍‌ରୁ ଋତୁରାଜଙ୍କ ପ୍ରାଇଜ୍ ଉଇକେଟ ପାଇଥିଲେ। ଲଙ୍ଗ୍‌ଅନ୍‌ରେ କ୍ୟାଚ ଧରିଥିଲେ ଶୁବମନ ଗିଲ୍। ଗାଏକ୍ୱାଡ୍ ରିଭ୍ୟୁ ନେଇଥିଲେ ହେଁ କିଛି ଫାଇଦା ହୋଇ ନ ଥିଲା। ଶିବମ୍ ଦୁବେ ଧିମା ଇନିଂସ ଖେଳି ୧୮ ବଲ୍‌ରୁ ମାତ୍ର ୧୯ ରନ କରିବାକୁ ସକ୍ଷମ ହୋଇଥିବାବେଳେ ରବୀନ୍ଦ୍ର ଜାଡେଜା ମାତ୍ର ୧ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଦୀର୍ଘଦିନପରେ ପୁଣି ଚମତ୍କାର ଫିନିଶ୍ କରିଥିଲେ ମହେନ୍ଦ୍ର ସିଂ ଧୋନୀ। ସେ ୭ ବଲ୍‌ରୁ ୧ ଚୌକା ଓ ୧ ଛକା ସହାୟତାରେ ୧୪ ରନକରି ଅପରାଜିତ ରହିଥିଲେ। ଗୁଜରାଟ ଦଳ ପକ୍ଷରୁ ମହମ୍ମଦ ଶାମି, ରଶିଦ ଖାଁ ଓ ଆଲଜାରି ଜୋସେଫ ୨ଟି ଲେଖାଏ ଏବଂ ଜୋଶୁଆ ଲିଟଲ ଗୋଟିଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ପଞ୍ଜାବ ବନାମ କୋଲକାତା**
**ସ୍ଥାନ:ମୋହାଲି,**
**ସମୟ: ଅପରାହ୍ନ ୩.୩୦**

**ଲକ୍ଷ୍ନୌ ବନାମ ଦିଲ୍ଲୀ**
**ସ୍ଥାନ: ଲକ୍ଷ୍ନୌ,**
**ସମୟ: ରାତି ୭.୩୦**

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୭୮/୭ (ଋତୁରାଜ ଗାଏକ୍ୱାଡ-୯୨, ମୋଇନ ଅଲୀ-୨୩, ମହମ୍ମଦ ଶାମି-୨/୨୯, ରଶିଦ ଖାଁ-୨/୨୬, ଆଲଜାରି ଜୋସେଫ-୨/୩୩, ଜୋଶୁଆ ଲିଟଲ-୧/୪୧)।

# କୋରାପୁଟରେ ୧୭ ବର୍ଷରୁ କମ୍ ବାଳିକା, ଓପନ୍ ଚେସ୍

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ପ୍ରତିଯୋଗିତା ଏପ୍ରିଲ୍ ୮ ଓ ୯ରେ କୋରାପୁଟର ସର୍ବଦୟା କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍, କୋରାପୁଟ ଜିଲା ଚେସ୍ ଆସୋସିଏଶନ୍ ଓ କଳିଙ୍ଗ ସ୍ପୋର୍ଟ୍ସ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ୨୦୦୬ ଜାନୁୟାରୀ ୧ କିମ୍ବା ତା'ପରେ ଜନ୍ମିତ ଖେଳାଳି ଉପରୋକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ। ୪୫ ମିନିଟ୍ + ୩୦ ସେକେଣ୍ଡ ଟାଇମ୍ ଫର୍ମାଟରେ ଏହି ପ୍ରତିଯୋଗିତା ଖେଳାଯିବ। ଉଭୟ ଓପନ୍ ଓ ବାଳିକା ବର୍ଗରେ ଶ୍ରେଷ୍ଠ ୧୦ ଜଣ ଏବଂ ୮, ୧୦, ୧୨ ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଉଭୟ ଓପନ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଦୁଇ ଜଣ ଖେଳାଳି ଆସନ୍ତା ୩୩ତମ ୧୭ ବର୍ଷରୁ କମ୍ ଜାତୀୟ ଓପନ୍ ଏବଂ ବାଳିକା ଚେସ୍ ଚାମ୍ପିୟନଶିପ୍ ୨୦୨୩ ପାଇଁ ଯୋଗ୍ୟ ବିବେଚିତ ହେବେ। ଏହା ପଞ୍ଜାବର ଜଳନ୍ଧରଠାରେ ମେ' ୧ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# କଳିଙ୍ଗରେ ଆଇଟିଏଫ୍ ଏସିଆନ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ

- ୧୪ ବର୍ଷରୁ କମ୍ ବର୍ଗରେ ହେବ ପ୍ରତିଯୋଗିତା
- ଭାରତରେ ପ୍ରଥମ ଥର ପାଇଁ ଏହା ଆୟୋଜନ ହେବ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ ଫେଡେରେଶନ) ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍‌ର ଫାଇନାଲ୍ସ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଭାରତରେ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ହେଉଛି ଏବଂ ଏହାର ଆୟୋଜନ ଅଧିକାର ଓଡ଼ିଶା ପାଇଛି। ପ୍ରତିଯୋଗିତା ଏପ୍ରିଲ ୪ରୁ ୮ ଏବଂ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଥିବା ୮ ଟେନିସ କୋର୍ଟରେ ମ୍ୟାଚଗୁଡ଼ିକ ପୂର୍ବାହ୍ନ ୯ଟାରୁ ୧୨ଟା ଏବଂ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ଖେଳାଯିବ। ଭାରତ ସମେତ ହଂକଂ, ଇଣ୍ଡୋନେସିଆ, କୋରିଆ, ଭିଏତ୍‌ନାମ, କାଜାଖସ୍ତାନ, ମାଲେସିଆ, ଶ୍ରୀଲଙ୍କା, ଥାଇଲାଣ୍ଡ, ସିରିୟା, ଇରାନ, କୁଏତ୍, ମ୍ୟାନମାର, ପାକିସ୍ତାନ, ଉଜବେକିସ୍ତାନ, ତୁର୍କମେନିସ୍ତାନ, କିର୍ଗିଜସ୍ତାନ, ତାଇୱାନ ଆଦି ୧୮ଟି ଦେଶର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଟେନିସ ଆସୋସିଏଶନ ସଭାପତି ଅସିତ ତ୍ରିପାଠୀ ପ୍ରକାଶ କରିଛନ୍ତି। ବାଳିକା ସିଙ୍ଗଲ୍ସ ଓ ଡବଲ୍ସ ଏବଂ ବାଳକରେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ବିଭିନ୍ନ ଇଭେଣ୍ଟର ପ୍ରଥମ ୩ ସ୍ଥାନ ଅଧିକାର କରିବା ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ଚାମ୍ପିୟନଶିପ୍ ଟ୍ରଫି ଦିଆଯିବ। ଆଇଟିଏଫ୍ ଅଫିସିଆଲ ଜୋନାଥନ ଷ୍ଟବ୍ସ ଏବଂ ଆଇଟିଏଫ୍ ରେଫରି ଟୁର୍ନାମେଣ୍ଟ ପରିଚାଳନା କରିବେ। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଓ ଟେକ୍ନିକାଲ କମିଟି ଚେୟାରମ୍ୟାନ ଶୁଭ୍ରାଂଶୁ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଦର୍ଶକଙ୍କ ପାଇଁ ମାଗଣା ଏଣ୍ଟ୍ରି

ଟେନିସ ପ୍ରେମୀମାନେ ମାଗଣାରେ ଟୁର୍ନାମେଣ୍ଟର ବିଭିନ୍ନ ମ୍ୟାଚ ଦେଖିପାରିବେ। ଏଥିପାଇଁ ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମ ଗେଟ୍ ନମ୍ବର-୩ ନିକଟରୁ ଏଣ୍ଟ୍ରି ପାସ୍ ଓ ଗାଡ଼ି ପାଇଁ ପାସ୍ ଯୋଗାଡ଼ କରିବାକୁ ପଡ଼ିବ। କଳିଙ୍ଗ ଷ୍ଟାଡିୟମ ପରିସରରେ ଗାଡ଼ି ପାର୍କିଂ କରିବାର ବ୍ୟବସ୍ଥା କରାଯିବ। ଦର୍ଶକମାନେ ମ୍ୟାଚର ଗୋଟିଏ ଦିନ ପୂର୍ବରୁ କମ୍ପ୍ଲିମେଣ୍ଟାରି ପାସ୍ ମଧ୍ୟ www.odisha-tennis.com ୱେବସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ।



ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ ଲୋଗୋ ନିକଟରେ ଓଟିଏ କର୍ମକର୍ତ୍ତା।

# ବୁମ୍‌ରାଙ୍କ ସ୍ଥାନରେ ସନ୍ଦୀପ

**ମୁମ୍ବାଇ, ୩୧।୩ (ପି.ଟି.):** ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ପାଇଁ ଆଘାତପ୍ରାପ୍ତ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ଡାହାଣହାତୀ ଫାଷ୍ଟ ବୋଲର ସନ୍ଦୀପ ୱାରିୟରଙ୍କୁ ଦଳରେ ସାମିଲ କରିଛି। ପିଠିରେ ଇଞ୍ଜୁରି ଯୋଗୁ ବୁମ୍‌ରା ସମଗ୍ର ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ସନ୍ଦୀପ ୨୦୨୧ରେ ଭାରତ ତରଫରୁ ପ୍ରଥମ ଥର ଖେଳିବା ସୁଯୋଗ ପାଇଥିଲେ। ଘରୋଇ ଟୁର୍ନାମେଣ୍ଟରେ କିନ୍ତୁ ତାଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ସେ ୨୦୦ ମ୍ୟାଚ ଖେଳିଛନ୍ତି। ତନ୍ମଧ୍ୟରେ ୬୯ ମ୍ୟାଚ ଟି୨୦ ଫର୍ମାଟର ରହିଛି। ସେ ତାଙ୍କ କ୍ୟାରିୟରରେ ସମସ୍ତ ଫର୍ମାଟରେ ମୋଟ ୩୬୨ ଉଇକେଟ ଅକ୍ତିଆର କରିଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏହାର ପ୍ରଥମ ମ୍ୟାଚ (ଏପ୍ରିଲ-୨) ବାଙ୍ଗାଲୋରରେ ରୟାଲ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଖେଳିବ। ଘରୋଇ ଟୁର୍ନାମେଣ୍ଟରେ ସନ୍ଦୀପ ୬୬ ପ୍ରଥମଶ୍ରେଣୀ, ୬୯ ଲିଷ୍ଟ ଏ' ଏବଂ ୬୮ ଟି୨୦ ମ୍ୟାଚ ଖେଳି ଯଥାକ୍ରମେ ୨୧୭, ୮୩ ଓ ୬୨ ଉଇକେଟ ନେଇଛନ୍ତି। ୨୦୨୧ ଜୁଲାଇରେ ସେ କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ତରଫରୁ ଅନ୍ତର୍ଜାତୀୟ ଟି୨୦ରେ ପଦାର୍ପଣ କରିଥିଲେ। ୨୦୨୦ରେ ତାମିଲନାଡୁକୁ ଯିବା ପୂର୍ବରୁ ସେ କେରଳ ତରଫରୁ ଘରୋଇ କ୍ରିକେଟ ଖେଳୁଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡରେ ୨୯ବର୍ଷୀୟ ବୁମ୍‌ରାଙ୍କ ପିଠିରେ ଅସ୍ତ୍ରୋପଚାର ହୋଇଛି। ଫଳତଃ ସେ ସମଗ୍ର ଆଇପିଏଲ୍ ସହିତ ଜୁନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲୁଟିସି) ଫାଇନାଲରୁ ମଧ୍ୟ ବାଦ୍ ପଡ଼ିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ